# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୧/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, March 11/2023 | Page 16 | ₹ 7.00

୪୯ଶ ଭାଗ ୧୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 105 | ମୂଲ୍ୟ₹୭/-




**କୁମ୍ବଲେଙ୍କ ରେକର୍ଡ ଭାଙ୍ଗିଲେ ଅଶ୍ୱିନ**

ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ବର୍ଡର-ଗାଭାସ୍କର ଟ୍ରଫିରେ ସର୍ବାଧିକ ଉଇକେଟ ହାସଲରେ କିମ୍ବଦନ୍ତୀ ଅନିଲ କୁମ୍ବଲେଙ୍କ ରେକର୍ଡ ଭାଙ୍ଗିଦେଇଛନ୍ତି।

୧୬

୧୪

**ଆଲିଆଙ୍କୁ ବିଜ୍‌ନେସ୍ ଆଇଡିଆ ଦେଲେ ଝିଅ**

ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ କୁନି ଝିଅ ରାହା ବିଜ୍‌ନେସ୍ ଲାଗି ଆଇଡିଆ ଦେଉଛନ୍ତି। ସେ ଭଉଣୀ ଶାହିନଙ୍କ ସହ ମିଶି ଷ୍ଟୋରିବୁକ୍ ଲଞ୍ଚ କରିବାକୁ ଯାଉଛନ୍ତି।



# ଭାରତରେ ଏଚ୍‌୩ଏନ୍‌୨ ଇନ୍‌ଫ୍ଲୁଏଞ୍ଜା

## ୨ ମୃତ, ୫,୪୫୧ ଆକ୍ରାନ୍ତ

ନୂଆଦିଲ୍ଲୀ, ୧୦।୩

ଇନ୍‌ଫ୍ଲୁଏଞ୍ଜାର ଏଚ୍‌୩ଏନ୍‌୨ ଉପପ୍ରଜାତି ଭୂତାଣୁ ସଂକ୍ରମଣରେ ଭାରତରେ ପ୍ରଥମ ମୃତ୍ୟୁ ଘଟିଛି। କର୍ନାଟକ ଓ ହରିୟାଣାରେ ଜଣେ ଲେଖାଏ ଏହି ରୋଗରେ ପ୍ରାଣ ହରାଇଛନ୍ତି। କର୍ନାଟକର ୮୨ ବର୍ଷୀୟ ହିରେ ଗୌଡ଼ା ଏଚ୍‌୩ଏନ୍‌୨ ଭୂତାଣୁ ସଂକ୍ରମଣରେ ମାର୍ଚ୍ଚ ୧ରେ ପ୍ରାଣ ହରାଇଥିବା ହାସନ ଜିଲା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ଗୌଡ଼ା ମଧୁମେହ ଏବଂ ଉଚ୍ଚ ରକ୍ତଚାପରେ ପୀଡ଼ିତ ଥିଲେ। ତାଙ୍କୁ ଫେବୃୟାରୀ ୨୪ରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାର୍ଚ୍ଚ ୬ରେ ନମୁନା ପରୀକ୍ଷାରୁ ଇନ୍‌ଫ୍ଲୁଏଞ୍ଜା ସଂକ୍ରମଣ ସ୍ପଷ୍ଟ ହୋଇଥିଲା। ସେହିପରି ହରିୟାଣା ଜିନ୍ଦ୍ ଜିଲାର ଜଣେ ୫୬ ବର୍ଷୀୟ ଫୁସ୍‌ଫୁସ୍ କ୍ୟାନ୍‌ସର ରୋଗୀଙ୍କର ଏଚ୍‌୩ଏନ୍‌୨ ସଂକ୍ରମଣରେ ଗତ ମାସ ୮ ତାରିଖରେ ମୃତ୍ୟୁ ଘଟିଛି। ସେ ଏହି ଭୂତାଣୁରେ ସଂକ୍ରମିତ ଥିବା ଜାନୁୟାରୀ ୧୭ରେ ଜଣାପଡ଼ିଥିଲା।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସଂକ୍ରମଣ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି ଏବଂ ମାସ ଶେଷ ସୁଦ୍ଧା ଏହା ହ୍ରାସ ଘଟିବ ବୋଲି ଆଶା କରିଛି। ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ, ଗତ ଜାନୁୟାରୀ ୨ରୁ ମାର୍ଚ୍ଚ ମଧ୍ୟରେ ଦେଶରେ ୫,୪୫୧ ଜଣ ଏହି ଇନ୍‌ଫ୍ଲୁଏଞ୍ଜାରେ ସଂକ୍ରମିତ ଥିବା ରିପୋର୍ଟ ହୋଇଛି। ମାର୍ଚ୍ଚ ୯ ସୁଦ୍ଧା ୩,୦୩୮ ଜଣ ସଂକ୍ରମିତ ଥିବା ଲାବରେଟୋରି ପରୀକ୍ଷାରୁ ସ୍ପଷ୍ଟ ହୋଇଛି। ଛୋଟ ପିଲା ଏବଂ ବହୁବିଧ ରୋଗ ଥିବା ବରିଷ୍ଠ ନାଗରିକ ଇନ୍‌ଫ୍ଲୁଏଞ୍ଜା ଦ୍ୱାରା ସଂକ୍ରମିତ ହେବାର ଅଧିକ ସମ୍ଭାବନା ରହିଛି।

ଋତୁକାଳୀନ ଇନ୍‌ଫ୍ଲୁଏଞ୍ଜା ହେଉଛି ଅତ୍ୟଧିକ ଶ୍ୱାସନଳୀ ସଂକ୍ରମଣ। ସାରା ବିଶ୍ୱରେ ନିର୍ଦ୍ଦିଷ୍ଟ ଋତୁରେ ଏହି ଭୂତାଣୁ ସଂକ୍ରମଣ ବୃଦ୍ଧି ପାଇଥାଏ। ଭାରତରେ ପ୍ରତିବର୍ଷ ଦୁଇଥର ଋତୁକାଳୀନ ଇନ୍‌ଫ୍ଲୁଏଞ୍ଜା ସଂକ୍ରମଣ ଶୀର୍ଷ ଛୁଇଁଥାଏ। ତାହା ହେଲା ଜାନୁୟାରୀରୁ ମାର୍ଚ୍ଚ ଏବଂ ବର୍ଷାଋତୁ ପରବର୍ତ୍ତୀ ସମୟ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁଯାୟୀ ଇନ୍‌ଫ୍ଲୁଏଞ୍ଜା ଭୂତାଣୁ ସଂକ୍ରମଣ ଯୋଗୁ ଜ୍ୱର ଓ କାଶ ହୋଇଥାଏ। ସଂକ୍ରମଣ ବଢ଼ିଲେ ଏହା ଗୁରୁତର ନିମୋନିଆ, ଶ୍ୱାସନଳୀ ଅତ୍ୟଧିକ ସଂକ୍ରମିତ ହୋଇ ଚେତାଶୂନ୍ୟ ହେବା ସହ ମୃତ୍ୟୁ ଘଟିପାରେ। ଥଣ୍ଡା ଲାଗିବା, କାଶ, ଜ୍ୱର, ବାନ୍ତି ହେବା, ମୁଣ୍ଡ ବୁଲାଇବା, ଗଳା ଦରଜ ହେବା ଓ ଦେହ ଘୋଳାବିନ୍ଧା ହେବା ଏଚ୍‌୩ଏନ୍‌୨ ଭୂତାଣୁ ସଂକ୍ରମଣର ଲକ୍ଷଣ। କେତେକ କ୍ଷେତ୍ରରେ ପତଳା ଝାଡ଼ା, ଶର୍ଦ୍ଦି ହୋଇଥାଏ। ଶ୍ୱାସକ୍ରିୟାରେ କଷ୍ଟ, ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ କ୍ରମାଗତ ଜ୍ୱର ଲାଗିରହିଲେ ଓ ଗଳାରେ ଯନ୍ତ୍ରଣା ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ସଂକ୍ରମଣ ବୃଦ୍ଧିକୁ ନେଇ ଜନସ୍ୱାସ୍ଥ୍ୟଜନିତ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିବାବେଳେ ଏହାକୁ ରୋକିବା ଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୂରା ଦମ୍‌ରେ ଉଦ୍ୟମ ଚାଲିଛି। ଇଣ୍ଟିଗ୍ରେଟେଡ୍ ଡିଜିଜ୍ ସର୍ଭିଲାନ୍ସ ପ୍ରୋଗ୍ରାମ୍ (ଆଇଡିଏସ୍‌ପି) ନେଟ୍‌ୱର୍କ ଜରିଆରେ ସଂକ୍ରମଣ ଉପରେ ପୂରା ନଜର ରଖାଯାଇଥିବା ମନ୍ତ୍ରଣାଳୟ କହିଛି।



ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗିନିଜ ୱାର୍ଲ୍ଡ ରେକର୍ଡର ଏଡ୍‌ଜୁଡିକେଟର ରିଷି ନାଥଙ୍କଠାରୁ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି। (ରିପୋର୍ଟ: ପୃଷ୍ଠା-୩)

**ବିଧାନସଭାରେ ନବ ଝଡ଼**

**ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ** ୩

**ଆଜିର ସମ୍ପାଦକୀୟ**

**ରାୟର ପୁନର୍ବିଚାର**

## ତେଲଙ୍ଗାନାରେ ଓଡ଼ିଆ ଦାଦନଙ୍କ ଦୁର୍ଦ୍ଦଶା | ଝିଅକୁ ବନ୍ଧକ ରଖି ସ୍ୱାମୀଙ୍କ ମୃତଦେହ ଆଣିଲେ ସ୍ତ୍ରୀ

ବେଲପଡ଼ା,୧୦।୩ (ଡି.ଏନ୍.ଏ.)

ଦାଦନ ଦୁର୍ଦ୍ଦଶାର ଏକ କରୁଣ ଚିତ୍ର ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ବନମାଳ ଗ୍ରାମରେ। ଏହି ଗ୍ରାମର ଶୁକଦେବ ପରାଭୁଏ (୪୨) ଦାଦନ ଖଟିବାକୁ ତେଲଙ୍ଗାନା ଯାଇ ପ୍ରାଣ ହରାଇବା ପରେ ତାଙ୍କ ମୃତଦେହକୁ ଧରି ଗୁରୁବାର ଗାଁକୁ ଫେରିଛନ୍ତି ସ୍ତ୍ରୀ ଉଷା। ହେଲେ ଏଥିପାଇଁ ତାଙ୍କୁ ନିଜ ୧୨ ବର୍ଷର ନାବାଳିକା ଝିଅକୁ ଇଟାଭାଟି ମାଲିକଙ୍କ ପାଖରେ ବନ୍ଧକ ରଖିବାକୁ ପଡ଼ିଛି। ଏଭଳି ସମ୍ବେଦନଶୀଳ ଘଟଣା ଗଭୀର ଆଲୋଡ଼ନ ସୃଷ୍ଟି କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଶୁକଦେବ ୪ ମାସ ତଳେ ସ୍ତ୍ରୀ ଉଷା ଏବଂ ଦୁଇ ପୁଅ ଝିଅଙ୍କୁ ଧରି ଗ୍ରାମର ୨ ଜଣ ଦଲାଲଙ୍କ ଜରିଆରେ ତେଲଙ୍ଗାନାକୁ ଯାଇଥିଲେ। ଯିବା ପୂର୍ବରୁ ସେ ୬୦ ହଜାର ଟଙ୍କା ଅଗ୍ରିମ ନେଇଥିଲେ। ସେଠାକାର ଏକ ଇଟାଭାଟିରେ ତାଙ୍କୁ ନିୟୋଜିତ କରାଯାଇଥିଲା। ତେବେ ଅସ୍ୱାସ୍ଥ୍ୟକର ପରିବେଶ ଓ ଅଧିକ ପରିଶ୍ରମ ଯୋଗୁ ଶୁକଦେବଙ୍କ ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇଥିଲା। ଡାକ୍ତରଖାନା ନେଇ ଚିକିତ୍ସା କରାଇବାକୁ ସେ ଦଲାଲ ଓ ଇଟାଭାଟି ମାଲିକଙ୍କୁ ଅନୁରୋଧ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ଉପଯୁକ୍ତ ଚିକିତ୍ସା ନ ପାଇ ଗତ ୮ ତାରିଖରେ ଶୁକଦେବଙ୍କ ☞ପୃଷ୍ଠା-୪







ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୧ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### ଗୋମାଂସ ନେବା ସନ୍ଦେହରେ ପିଟି ହତ୍ୟା

**ସିୱାନ, ୧୦।୩:** ବିହାରର ସରନ୍ ଜିଲାରେ ଗୋମାଂସ ନେଉଥିବା ସନ୍ଦେହରେ ଜଣେ ୫୬ ବର୍ଷୀୟ ବ୍ୟକ୍ତିଙ୍କୁ କେତେଜଣ ପିଟି ମାରିଦେଇଛନ୍ତି। ଗତ ମଙ୍ଗଳବାର ଏହି ଭିଡ଼ହିଂସା ଘଟିଥିବାବେଳେ ପୋଲିସ ଏପର୍ଯ୍ୟନ୍ତ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ସରପଞ୍ଚ ସୁଶୀଲ ସିଂ ଅଛନ୍ତି। ମୃତ ନସିମ୍ କୁରେଶୀଙ୍କ ଘର ସିୱାନ ଜିଲାର ହାସନପୁର ଗ୍ରାମରେ। ତାଙ୍କଠାରୁ ଗୋମାଂସ ଜବତ ହୋଇଛି କି ନାହିଁ ପୋଲିସ ତାହା ସ୍ପଷ୍ଟ କରିନାହିଁ। ପୋଲିସ କହିବା ଅନୁଯାୟୀ, ନସିମ ଓ ତାଙ୍କ ପୁତୁରା ଫିରୋଜ କୁରେଶୀ ମଙ୍ଗଳବାର ସେମାନଙ୍କ ସମ୍ପର୍କୀୟଙ୍କୁ ଭେଟିବା ଲାଗି ସରନ ଜିଲାର ଜୋଗିଆ ଗ୍ରାମକୁ ଯାଉଥିଲେ। ସେମାନେ ବ୍ୟାଗ୍‌ରେ ଗୋମାଂସ ନେଉଥିବା ସନ୍ଦେହ କରି କେତେଜଣ ସେମାନଙ୍କୁ ଗାଁ ମୁଣ୍ଡରେ ଅଟକାଇଥିଲେ। ଫିରୋଜ କୌଣସି ପ୍ରକାରେ ଖସି ପଳାଇଥିବାବେଳେ ନସିମ୍‌ଙ୍କୁ ଉତ୍ତ୍ୟକ୍ତ ଲୋକେ ନିର୍ଘାତ ମାଡ଼ ମାରିବା ପରେ ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପୋଲିସ କହିଛି।

### ବିଏସ୍‌ଏଫ୍ ନିଯୁକ୍ତିରେ ପୂର୍ବତନ ଅଗ୍ନିବୀରଙ୍କ ପାଇଁ ୧୦% ସଂରକ୍ଷଣ

**ନୂଆଦିଲ୍ଲୀ, ୧୦।୩ (ପି.ଟି.):** ମହତ୍ତ୍ୱାକାଂକ୍ଷୀ ଅଗ୍ନିପଥ ଯୋଜନାକୁ ପ୍ରୋତ୍ସାହନ ସ୍ୱରୂପ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପୂର୍ବତନ ଅଗ୍ନିବୀରମାନଙ୍କ ପାଇଁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ନିଯୁକ୍ତିରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଘୋଷଣା କରିଛି। ଏଥିପାଇଁ ସର୍ବୋଚ୍ଚ ବୟସସୀମାରେ କୋହଳ କରାଯିବ। ସୀମା ସୁରକ୍ଷା ବଳ, ସାଧାରଣ ଡ୍ୟୁଟି କ୍ୟାଡର (ଅଣଗେଜେଟେଡ୍) ନିଯୁକ୍ତି ନିୟମାବଳୀ, ୨୦୧୫ରେ ସଂଶୋଧନ କରାଯାଇ ବିଜ୍ଞପ୍ତି ଜରିଆରେ ଏହି ଘୋଷଣା କରାଯାଇଛି। ଉକ୍ତ ସଂରକ୍ଷଣ ମାର୍ଚ୍ଚ ୯ରୁ କାର୍ଯ୍ୟକାରୀ ହୋଇଛି। ପ୍ରଥମ ବ୍ୟାଚ୍ ପୂର୍ବତନ ଅଗ୍ନିବୀର ପ୍ରାର୍ଥୀଙ୍କ ଲାଗି ସର୍ବୋଚ୍ଚ ବୟସସୀମାରେ ୫ ବର୍ଷ ପର୍ଯ୍ୟନ୍ତ କୋହଳ କରାଯିବ। ଅନ୍ୟ ବ୍ୟାଚ୍‌ର ପ୍ରାର୍ଥୀମାନଙ୍କ ଲାଗି ୩ ବର୍ଷ କୋହଳ କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ବିଏସ୍‌ଏଫ୍‌ରେ ଭର୍ତ୍ତି ହେବା ଲାଗି ସେମାନଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ୧୭ ବର୍ଷ ୬ ମାସରୁ ୨୧ ବର୍ଷ ବୟସ ବର୍ଗର ଯୁବକମାନଙ୍କୁ ସ୍ଥଳସେନା, ନୌସେନା ଓ ବାୟୁସେନାରେ ୪ ବର୍ଷୀୟା ଠିକା ନିଯୁକ୍ତି ଲାଗି କେନ୍ଦ୍ର ସରକାର ଗତବର୍ଷ ଜୁନ୍ ୧୪ରେ ଅଗ୍ନିପଥ ଯୋଜନା ଘୋଷଣା କରିଥିଲେ। ଏହି ଯୋଜନାରେ ନିଯୁକ୍ତ ଅଗ୍ନିବୀରମାନେ ୪ ବର୍ଷ ଚାକିରି କାଳ ପୂରଣ କରିବା ପରେ ସେମାନଙ୍କ ମଧ୍ୟରୁ ୨୫ ପ୍ରତିଶତଙ୍କୁ ନିୟମିତ କରାଯିବ। ଅବଶିଷ୍ଟ ୭୫ ପ୍ରତିଶତଙ୍କ ପାଇଁ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ, ଆସାମ ରାଇଫଲ୍ସରେ ୧୦ ପ୍ରତିଶତ ସଂରକ୍ଷଣ ରହିବ ବୋଲି ସେତେବେଳେ ଘୋଷଣା କରାଯାଇଥିଲା।

### ଗୋଶାଳାକୁ ଆର୍ଥିକ ସହାୟତା ପାଇଁ ନୀତି ଆୟୋଗର ପ୍ରସ୍ତାବ

**ନୂଆଦିଲ୍ଲୀ, ୧୦।୩(ପି.ଟି.):** ଦେଶର ଗୋଶାଳାଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇଦେବା ସହ କୃଷିରେ ବ୍ୟବହାର ପାଇଁ ଗୋବର ଏବଂ ଗୋମୂତ୍ର ପ୍ରସ୍ତୁତ ଜୈବ ସାର, ଜୈବ କୀଟନାଶକ, ମୃତ୍ତିକା ଉର୍ବରକ ସାମଗ୍ରୀ ବିକ୍ରି ବଢ଼ାଇବା ନିମନ୍ତେ ସହଯୋଗ ଲାଗି ନୀତି ଆୟୋଗ କମିଟି ଶୁକ୍ରବାର ପ୍ରସ୍ତାବ ଦେଇଛି। ଏହା ବ୍ୟତୀତ ସମସ୍ତ ଗୋଶାଳାର ଅନ୍‌ଲାଇନ ପଞ୍ଜୀକରଣ ନିମନ୍ତେ ପୋର୍ଟାଲ ସ୍ଥାପନ ପାଇଁ ନୀତି ଆୟୋଗ ସଦସ୍ୟ ରମେଶ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଟାସ୍କଫୋର୍ସ ପ୍ରସ୍ତାବ ରଖିଛି। ଗୋଶାଳାରେ ପୁଞ୍ଜିବିନିଯୋଗ ବଢ଼ାଇବା ସହ ରିହାତି ସୁଧରେ କାର୍ଯ୍ୟକାରୀ ପୁଞ୍ଜି ଯୋଗାଇଦେବାକୁ ରିପୋର୍ଟରେ କୁହାଯାଇଛି।

### ଆମେରିକା ଜାହାଜରେ ଅଜଣା ରୋଗ: ୩୦୦ ଆକ୍ରାନ୍ତ

**ୱାଶିଂଟନ, ୧୦।୩:** ଆମେରିକାର ରୁବି ପ୍ରିନ୍ସେସ୍ କ୍ରୁଜ୍ ଜାହାଜରେ ଅଜଣା ରୋଗରେ ୩୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଓ ଜାହାଜ କର୍ମଚାରୀ ଆକ୍ରାନ୍ତ ହୋଇଛନ୍ତି। ଫେବୃୟାରୀ ୨୬ରୁ ମାର୍ଚ୍ଚ ୫ ମଧ୍ୟରେ ଜାହାଜଟି ଟେକ୍ସାସ୍‌ରୁ ମେକ୍ସିକୋ ଯାଉଥିବାବେଳେ ଅଜଣା ରୋଗ ସଂକ୍ରମଣ ହୋଇଥିଲା। ଜାହାଜରେ ୨,୮୮୧ ଯାତ୍ରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୨୮୪ ଜଣ ଅସୁସ୍ଥ ହୋଇଛନ୍ତି। ସେହିପରି ୧,୧୫୯ କ୍ରିଉ ସଦସ୍ୟଙ୍କ ମଧ୍ୟରୁ ୩୪ ଜଣ ଆକ୍ରାନ୍ତ ଥିବା ଜଣାପଡ଼ିଛି। ରୋଗର କାରଣ ଜଣାପଡ଼ି ନାହିଁ।

## ମୋଦି-ଆଲବାନିସ୍ ଆଲୋଚନା: ଉଠିଲା ମନ୍ଦିର ଆକ୍ରମଣ ପ୍ରସଙ୍ଗ



**ନୂଆଦିଲ୍ଲୀ, ୧୦।୩**

ଭାରତ ଗସ୍ତରେ ଥିବା ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିସ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ବିଭିନ୍ନ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଏହି ଅବସରରେ ମୋଦି ଅଷ୍ଟ୍ରେଲିଆରେ ନିକଟରେ ହିନ୍ଦୁ ମନ୍ଦିରଗୁଡ଼ିକ ଉପରେ ହୋଇଥିବା ଆକ୍ରମଣ ପ୍ରସଙ୍ଗ ଉଠାଇଥିଲେ। ଅଷ୍ଟ୍ରେଲିଆରେ ଭାରତୀୟମାନଙ୍କ ସୁରକ୍ଷା ଓ କୁଶଳତା ସୁନିଶ୍ଚିତ କରିବା ତାଙ୍କର ପ୍ରାଥମିକତା ବୋଲି ଆଲବାନିସ୍ କହିଛନ୍ତି। ଦ୍ୱିପାକ୍ଷିକ ଆଲୋଚନା ବେଳେ ଦୁଇ ଦେଶ ମଧ୍ୟରେ କେତେକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ମନ୍ଦିର ଆକ୍ରମଣ ପ୍ରସଙ୍ଗରେ ଭାରତୀୟ ଟିମ୍ ଅଷ୍ଟ୍ରେଲିଆ ସହ ନିୟମିତ ସମ୍ପର୍କରେ ରହିବ ଏବଂ ଯଥାସମ୍ଭବ ସହଯୋଗ ଯୋଗାଇଦେବ। ଏଭଳି ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ଗୁରୁତ୍ୱପୂର୍ଣ୍ଣ ବୋଲି ମିଳିତ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତର ଜି୨୦ ଅଧ୍ୟକ୍ଷତାରେ ଅଷ୍ଟ୍ରେଲିଆର ସହଯୋଗ ପାଇଁ ମୋଦି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ବିଶ୍ୱର ଦକ୍ଷିଣ ଭାଗକୁ ନେତୃତ୍ୱ ଦେବାକୁ ଭାରତ ଅନନ୍ୟ ସ୍ଥିତିରେ ରହିଛି। ଭାରତର ନେତୃତ୍ୱ ବିନା ଜଳବାୟୁ ପରିବର୍ତ୍ତନ ଚ୍ୟାଲେଞ୍ଜର ସମାଧାନ ସମ୍ଭବ ନୁହେଁ ବୋଲି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ କହିଥିଲେ।




ଜର୍ଜିଆ ସରକାରଙ୍କ 'ଫରେନ୍ ଏଜେଣ୍ଟ ବିଲ୍' ପ୍ରତ୍ୟାହାର ଦାବିରେ ତିବ୍‌ଲିସିରେ ପାର୍ଲାମେଣ୍ଟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# କେନ୍ଦ୍ରର ସିବିଆଇ, ଇଡି ଅସ୍ତ୍ର

## ଟାର୍ଗେଟରେ ବିରୋଧୀ

**ନୂଆଦିଲ୍ଲୀ, ୧୦।୩**

ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି କେନ୍ଦ୍ରରେ କ୍ଷମତାସୀନ ହୋଇଥିବା ଭାରତୀୟ ଜନତା ପାର୍ଟି (ଭାଜପା) ବିରୋଧୀଙ୍କୁ ଟାର୍ଗେଟ ପାଇଁ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ଅଭିଯୋଗ ନୂଆ ନୁହେଁ। କିନ୍ତୁ ସମ୍ପ୍ରତି ତିନୋଟି ରାଜ୍ୟରେ କ୍ଷମତାସୀନ ଦଳର ନେତାମାନଙ୍କ ପଛରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକକାଳୀନ ଲାଗିପଡ଼ିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାରର ଦୁଇ ପୂର୍ବତନ ପ୍ରଭାବଶାଳୀ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଓ ମନୀଷ ସିସୋଡିଆ ଏବେ ତିହାର ଜେଲରେ। ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଗିରଫ ହୋଇଥିବା ସିସୋଡିଆଙ୍କୁ ଇଡି ୭ ଦିନିଆ ରିମାଣ୍ଡରେ ନେଇଛି। ଏହି ମାମଲାରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର)ଙ୍କ ଝିଅ କେ. କବିତା ମହିଳା ସଂରକ୍ଷଣ ବିଲ୍ ପାରିତ କରିବା ଦାବିରେ ନୂଆଦିଲ୍ଲୀର ଯନ୍ତରମନ୍ତରରେ ଧାରଣା ଦେଉଥିବାବେଳେ ତାଙ୍କୁ ଇଡି ଶନିବାର ଗିରଫ କରିପାରେ। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ଓ ତାଙ୍କ ସ୍ତ୍ରୀ ରାବ୍ରୀ ଦେବୀଙ୍କୁ ନିଯୁକ୍ତି ପାଇଁ ଜମି ଦୁର୍ନୀତି ମାମଲାରେ ସିବିଆଇ ଜେରା କରିବା ପରେ ଶନିବାର ଇଡି ତତ୍ପରତା ଦେଖାଇଛି। ଲାଲୁଙ୍କ ପୁଅ ତଥା ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଓ ତାଙ୍କ ସମ୍ପର୍କୀୟଙ୍କ ୧୫ଟି ସ୍ଥାନରେ ଇଡି ଚଢ଼ାଉ କରିଛି। ଏସବୁକୁ ନେଇ ଜାତୀୟ ରାଜନୀତି ଉଷ୍ମ ହୋଇଛି। କାରଣ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଦଳଗୁଡ଼ିକ ଭାଜପାର ବଡ଼ ଚ୍ୟାଲେଞ୍ଜର ଭାବେ ଉଭା ହେବା ସମ୍ଭାବନା ରହିଛି।

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସିସୋଡିଆଙ୍କୁ ଶୁକ୍ରବାର ଏକ ସ୍ଥାନୀୟ ସ୍ୱତନ୍ତ୍ର କୋର୍ଟରେ ହାଜର କରାଇଥିଲା। ସିସୋଡିଆ ଅବକାରୀ ବିଭାଗ ଦାୟିତ୍ୱରେ ଥିବାବେଳେ ୨୯୨.୮ କୋଟି ଟଙ୍କାର ଅବକାରୀ ଦୁର୍ନୀତି ହୋଇଥିବା ଏବଂ ସେ ସାଉଥ୍ ଗ୍ରୁପ୍ ଲିକର କାର୍ଟେଲଠାରୁ ୧୦୦ କୋଟି ଲାଞ୍ଚ ନେଇଥିବା ଇଡି ଦର୍ଶାଇଛି। ୨୦୨୧-୨୨ ଏକ୍ସାଇଜ୍ ପଲିସି ଦୁର୍ନୀତି ମାମଲାର ଷଡ଼ଯନ୍ତ୍ରକାରୀ ସିସୋଡିଆଙ୍କଠାରୁ ଅଧିକ ତଥ୍ୟ ହାସଲ ପାଇଁ ମାର୍ଚ୍ଚ ୧୭ ପର୍ଯ୍ୟନ୍ତ ରିମାଣ୍ଡରେ ନେବା ଲାଗି କୋର୍ଟଙ୍କୁ ନିବେଦନ କରିଥିଲା। ଜାତୀୟ ରାଜନୀତିରେ କେସିଆର୍‌ଙ୍କ ଭୂମିକା ବଢୁଥିବାବେଳେ ତାଙ୍କ ଝିଅ କେ. କବିତାଙ୍କୁ ମଧ୍ୟ ଇଡି ଏହି ମାମଲାରେ ସମନ କରିଛି। ଶନିବାର ତାଙ୍କ ବୟାନ ରେକର୍ଡ କରିବାକୁ ଡକାଯାଇଥିବା କୁହାଯାଇଛି। ତେବେ ଇଡି ତାଙ୍କୁ ମଧ୍ୟ ଗିରଫ କରିପାରେ ବୋଲି ବିଆର୍‌ଏସ୍ ପକ୍ଷରୁ ଆଶଙ୍କା ବ୍ୟକ୍ତ କରାଯାଇଛି। ଏଥିପାଇଁ କେସିଆର୍‌ଙ୍କ ପୁଅ ତଥା ତେଲଙ୍ଗାନା ମନ୍ତ୍ରୀ କେ.ଟି. ରାମାରାଓ (କେଟିଆର୍) ଜେରାବେଳେ ନିଜ ଭଉଣୀଙ୍କ ସହ ଉପସ୍ଥିତ ରହିବା ଲାଗି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଦିଲ୍ଲୀ, ଏନ୍‌ସିଆର୍ ଏବଂ ବିହାରରେ ଥିବା ଲାଲୁ, ରାବ୍ରୀଙ୍କ ଝିଅପୁଅମାନଙ୍କ ୧୫ଟି ସ୍ଥାନରେ ଇଡି ଏକକାଳୀନ ତନାଘନା କରିଛି। ପୁଅ ତେଜସ୍ୱୀ, ଦୁଇଝିଅ ରୋହିଣୀ ଆଚାର୍ଯ୍ୟ ଓ ମିସା ଭାରତୀ (ରାଜ୍ୟ ସଭା ସଦସ୍ୟା)ଙ୍କ ଘରେ ମଧ୍ୟ ଚଢ଼ାଉ ହୋଇଛି। ତେଜସ୍ୱୀ କହିଛନ୍ତି, ୨୦୨୪ ନିର୍ବାଚନ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଏପରି କରାଉଥିବେ। କିନ୍ତୁ ଏହା ତାଙ୍କୁ କିମ୍ବା ତାଙ୍କ ଦଳକୁ କିଛି ପ୍ରଭାବ ପକାଇବ ନାହିଁ। ରୋହିଣୀ କହିଛନ୍ତି, ଅସୁସ୍ଥ ବାପାଙ୍କୁ ହଇରାଣ କରିବା ପାଇଁ କେନ୍ଦ୍ରର ପଦକ୍ଷେପ ଯୋଗୁ ସେମାନଙ୍କ ଧୈର୍ଯ୍ୟଚ୍ୟୁତି ଘଟିଲାଣି। ଉଲ୍ଲେଖଯୋଗ୍ୟ, ଲାଲୁ ରେଳମନ୍ତ୍ରୀ ଥିବାବେଳେ ଆଶାୟୀଙ୍କୁ ନିଯୁକ୍ତି ଦେବା ପାଇଁ ସେମାନଙ୍କଠାରୁ ଜମି ନେଇଥିବା ଅଭିଯୋଗ ରହିଛି। ଲାଲୁ, ରାବ୍ରୀ ଓ ଅନ୍ୟ ୧୪ ଜଣଙ୍କ ବିରୋଧରେ ସିବିଆଇ ମାର୍ଚ୍ଚ ୧୫ରେ ଚାର୍ଜଶିଟ୍ ଦାଖଲ କରିଥିଲା। ଗତବର୍ଷ ସିଙ୍ଗାପୁରରେ ଲାଲୁଙ୍କ କିଡ୍‌ନୀ ପ୍ରତିରୋପଣ କରାଯାଇଥିଲା। ଏଏପି ଏମ୍‌ପି ସଞ୍ଜୟ ସିଂ କହିଛନ୍ତି, ଭାଜପା ବିରୋଧୀ ଦଳର ନେତାମାନଙ୍କୁ ଜାଣିଶୁଣି ଟାର୍ଗେଟ କରୁଛି। ଯେଉଁମାନେ ଭାଜପାରେ ସାମିଲ ହେଉଛନ୍ତି, ସେମାନଙ୍କ ମାମଲା ରଫାଦଫା କରିଦିଆଯାଉଛି। ହିମନ୍ତ ବିଶ୍ୱଶର୍ମା, ନାରାୟଣ ରାଣେ, ମୁକୁଲ ରୟ, ଶୁଭେନ୍ଦୁ ଅଧିକାରୀ ଏହାର ଉଦାହରଣ ବୋଲି ସେ କହିଛନ୍ତି। ପ୍ରକାଶ ଯେ, କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ବିରୋଧୀଙ୍କ ବିପକ୍ଷରେ ନ ଲଗାଇବା ପାଇଁ ଗତ ସପ୍ତାହରେ ୮ ରାଜନୈତିକ ଦଳର ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଥିଲେ।



କେ. କବିତା (ବିଆର୍‌ଏସ୍)



ତେଜସ୍ୱୀ ଯାଦବ (ଆର୍‌ଜେଡି)



ମନୀଷ ସିସୋଡିଆ (ଏଏପି)

## ପ୍ରାକୃତିକ ବିପର୍ଯ୍ୟୟ କ୍ଷତି ହ୍ରାସ ଲାଗି ପ୍ରଯୁକ୍ତି ବ୍ୟବହାର ଉପରେ ମୋଦିଙ୍କ ଗୁରୁତ୍ୱ

**ନୂଆଦିଲ୍ଲୀ, ୧୦।୩(ପି.ଟି.)**

ପ୍ରାକୃତିକ ବିପର୍ଯ୍ୟୟଜନିତ କ୍ଷୟକ୍ଷତି ହ୍ରାସ କରିବା ନିମନ୍ତେ ପ୍ରତିକ୍ରିୟା ପରିବର୍ତ୍ତେ ସକ୍ରିୟ ଦୃଷ୍ଟିଭଙ୍ଗୀ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱାରୋପ କରିଛନ୍ତି। ଏଥିସହିତ ବିପର୍ଯ୍ୟୟ ପରିଚାଳନାରେ ଭବିଷ୍ୟତ ପ୍ରଯୁକ୍ତିର ବ୍ୟବହାର ଉପରେ ସେ ଜୋର୍ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଶୁକ୍ରବାର ବିପର୍ଯ୍ୟୟ ବିପଦ ହ୍ରାସ ଜାତୀୟ ମଞ୍ଚ (ଏନ୍‌ପିଡିଆର୍‌ଆର୍)ର ତୃତୀୟ ଅଧିବେଶନକୁ ଉଦ୍‌ଘାଟନ କରିବା ଅବସରରେ କହିଥିଲେ, ଆମେ ପ୍ରାକୃତିକ ବିପର୍ଯ୍ୟୟକୁ ରୋକିପାରିବା ନାହିଁ, ତେବେ କ୍ଷୟକ୍ଷତି ହ୍ରାସ କରିବା ଲାଗି ବ୍ୟବସ୍ଥା ଆପଣାଇପାରିବା। ସ୍ୱାଧୀନତାର ୫ ଦଶନ୍ଧି ପରେ ମଧ୍ୟ ଦେଶରେ ବିପର୍ଯ୍ୟୟ ପରିଚାଳନା ପାଇଁ କୌଣସି ଆଇନ ନ ଥିଲା। ୨୦୦୧ କଚ୍ଛ ଭୂକମ୍ପ ପରେ ପ୍ରଥମ ରାଜ୍ୟ ଭାବେ ଗୁଜରାଟ ବିପର୍ଯ୍ୟୟ ପରିଚାଳନା ଆଇନ ଆଣିଥିଲା। ଏହାକୁ ଆଧାର କରି କେନ୍ଦ୍ର ସରକାର ୨୦୦୫ରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ଆଇନ କାର୍ଯ୍ୟକାରୀ କରିଥିଲେ। ପରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଗଠନ ହୋଇଥିଲା। ବିପର୍ଯ୍ୟୟ କ୍ଷତି ହ୍ରାସ ପାଇଁ ସ୍ଥାନୀୟ ପ୍ରଯୁକ୍ତି ଓ ସାମଗ୍ରୀର ଉନ୍ନତୀକରଣ ସହ ନୂଆ ପ୍ରଯୁକ୍ତିର ଉପଯୋଗ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



ଭାରତରେ ୨ ଜଣଙ୍କ ଜୀବନ ନେଇଥିବା ଏଚ୍‌୩ଏନ୍‌୨ ଭୂତାଣୁ ଉପରେ ସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ବାଙ୍ଗାଲୁରୁରେ ମାସ୍କ ପିନ୍ଧିଛନ୍ତି ଜଣେ ଛାତ୍ରୀ।

## ଜେହୋଭା ୱିଟ୍‌ନେସ୍ ହଲ୍‌ରେ ଗୁଳି: ୭ ନିହତ

**ହାମ୍ବର୍ଗ, ୧୦।୩**

ଜର୍ମାନୀର ହାମ୍ବର୍ଗସ୍ଥିତ ଏକ ଜେହୋଭା ୱିଟ୍‌ନେସ୍ ହଲ୍‌ରେ ଜଣେ ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୮ ଆହତ ହୋଇଛନ୍ତି, ଯାହାଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମୃତକଙ୍କ ମଧ୍ୟରେ ଜଣେ ଗର୍ଭବତୀ ମହିଳା ଅଛନ୍ତି। ନରସଂହାର କରିଥିବା ଆତତାୟୀ ହେଲେ ଜେହନୋଭା ୱିଟ୍‌ନେସ୍‌ର ଜଣେ ପୂର୍ବତନ ସଦସ୍ୟ। ପୋଲିସ ପହଞ୍ଚିବା ପୂର୍ବରୁ ସେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ତେବେ ଏହା ଏକ ଆତଙ୍କବାଦୀ ଆକ୍ରମଣ ନୁହେଁ ବୋଲି ପୋଲିସ କହିଛି। ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ ଏହାକୁ 'ବର୍ବର ହିଂସା' ବୋଲି ନିନ୍ଦା କରିଛନ୍ତି। ଜେହୋଭା ୱିଟ୍‌ନେସ୍ ହଲ୍‌ରେ ଗୁରୁବାର ରାତି ୯ଟା ୧୫ରେ ଏକ ଧର୍ମୀୟ କାର୍ଯ୍ୟକ୍ରମ ଚାଲିଥିବାବେଳେ ୩୫ ବର୍ଷୀୟ ହତ୍ୟାକାରୀ ଫିଲିପ୍ ଏଫ୍. ସେଠାକୁ ଯାଇ ନିଜ ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ଆଖିବୁଜା ୧୦୦ ରାଉଣ୍ଡ ଗୁଳି ଚଳାଇଥିଲେ। ତେବେ ସେ କାହିଁକି ଏହି ଆକ୍ରମଣ କରି ଶେଷରେ ନିଜେ ଆତ୍ମହତ୍ୟା କଲେ ସେନେଇ ପୋଲିସ କିଛି ସ୍ପଷ୍ଟ କରିପାରି ନାହିଁ।



ଆକ୍ରମଣ ପରେ ହାମ୍ବର୍ଗସ୍ଥିତ ଚର୍ଚ୍ଚ ବାହାରେ ସଶସ୍ତ୍ର ପୋଲିସ।

### ଜେହୋଭା କ'ଣ

ବାଇବେଲ୍‌ରେ ବର୍ଣ୍ଣିତ ଈଶ୍ୱରଙ୍କ ନାମକୁ ହିବ୍ରୁ ଭାଷାରେ ଜେହୋଭା କୁହାଯାଏ। ଜେହୋଭା ୱିଟ୍‌ନେସ୍ ହେଉଛି ଏକ ଅନ୍ତର୍ଜାତୀୟ ଚର୍ଚ୍ଚର ଅଂଶବିଶେଷ। ଊନବିଂଶ ଶତାବ୍ଦୀରେ ଆମେରିକାରେ ପ୍ରତିଷ୍ଠିତ ଏହି ସଂସ୍ଥାର ମୁଖ୍ୟାଳୟ ନ୍ୟୁୟର୍କରେ ରହିଛି। ବିଶ୍ୱବ୍ୟାପୀ ଏହାର ୮.୭ ନିୟୁତ ସଦସ୍ୟ ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୧,୭୦,୦୦୦ ଜଣ ଜର୍ମାନୀର। ଖ୍ରୀଷ୍ଟଧର୍ମର ଏହି ମତବାଦରେ ବିଶ୍ୱାସ କରୁଥିବା ଲୋକଙ୍କ ଧାରଣା ହେଉଛି, ଖୁବ୍‌ଶୀଘ୍ର ପୃଥିବୀର ଅନ୍ତ ଘଟିବାକୁ ଯାଉଛି।

# ଗୁମ୍ଫାରେ ରହି ଚାଷ କରୁଥିଲେ ଜିନ୍‌ପିଙ୍ଗ୍



ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ତୃତୀୟ ପାଳି ଆରମ୍ଭ ପୂର୍ବରୁ ଗ୍ରେଟ୍ ହଲ୍ ଅଫ୍ ଦି ପିପୁଲ୍ସରେ ଶପଥ ନେଉଛନ୍ତି।

## ଚାଇନା ରାଷ୍ଟ୍ରପତି ଭାବେ ତୃତୀୟ ପାଳି ଆରମ୍ଭ

**ବେଜିଂ, ୧୦।୩**

୨୦୧୨ରେ ଶି ଜିନ୍‌ପିଙ୍ଗ୍ କ୍ଷମତାକୁ ଆସିବା ପରେ ଚାଇନାର କମ୍ୟୁନିଷ୍ଟ ପାର୍ଟି ନେତା ଭାବେ ସର୍ବାଧିକ ଉଦାରବାଦୀ ହେବେ ବୋଲି କେତେଜଣ ପର୍ଯ୍ୟବେକ୍ଷକ ଭବିଷ୍ୟବାଣୀ କରିଥିଲେ। ସମ୍ଭବତଃ ଜିନ୍‌ପିଙ୍ଗ୍‌ଙ୍କ ଦୁର୍ବଳ ପାରିବାରିକ ପୃଷ୍ଠଭୂମିକୁ ଦେଖି ସେତେବେଳେ ଏପରି ଅନୁମାନ କରାଯାଇଥିଲା। କିନ୍ତୁ ସେ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ରାଷ୍ଟ୍ରପତି ଦାୟିତ୍ୱ ତୁଲାଇବା ପରେ ସବୁ ଆକଳନ ଭୁଲ୍ ପ୍ରମାଣିତ ହୋଇଛି। ମାଓ ଜେଡୋଙ୍ଗ୍‌ଙ୍କ ପରେ ଜିନ୍‌ପିଙ୍ଗ୍ ଚାଇନାର ସବୁଠୁ ଶକ୍ତିଶାଳୀ ଶାସକ ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ଏବେ କୁହାଯାଉଛି, ଜିନ୍‌ପିଙ୍ଗ୍‌ଙ୍କୁ ନେଇ ଭବିଷ୍ୟବାଣୀ କରିଥିବା ବିଶ୍ଳେଷକମାନେ ତାଙ୍କୁ ବୁଝିପାରି ନ ଥିଲେ।

ଜିନ୍‌ପିଙ୍ଗ୍ କେବେ ନିଜ ମହତ୍ତ୍ୱାକାଂକ୍ଷା ସହ ସାଲିସ କରି ନାହାନ୍ତି। ତାଙ୍କୁ ଆଧୁନିକ ଚାଇନାର ସ୍ଥପତି ବିବେଚନା କରାଯାଉଛି। ଜିନ୍‌ପିଙ୍ଗ୍‌ଙ୍କ ଜୀବନୀ ପୁସ୍ତକ ରଚୟିତା ଆଲ୍‌ଫ୍ରେଡ୍ ଏଲ୍. ଚାନ୍‌ଙ୍କ ମତରେ ତାଙ୍କୁ ନେଇ ଜନମାନସରେ ରହିଥିବା ପାରମ୍ପରିକ ଧାରଣା ଠିକ୍ ନୁହେଁ। ସେ ନିଜ ଦୂରଦୃଷ୍ଟିକୁ ନେଇ ସ୍ୱପ୍ନ ସାକାର କରିବା ପାଇଁ କ୍ଷମତାକୁ ଏକ ଅସ୍ତ୍ର ରୂପେ ବ୍ୟବହାର କରିଛନ୍ତି। ଆଉ ଜଣେ ବାୟୋଗ୍ରାଫର୍ ଆଡ୍ରିଏନ୍ ଜେଇଜେସ୍ କହିଛନ୍ତି, ଜିନ୍‌ପିଙ୍ଗ୍ ନିଜ ବ୍ୟକ୍ତିଗତ ଅଭ୍ୟୁଦୟ ପାଇଁ କେବେ ଅଭିଳାଷୀ ନ ଥିଲେ। ବାସ୍ତବରେ ସେ ଚାଇନାକୁ ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିବାକୁ ଚାହାନ୍ତି।

ମାଓଙ୍କ ଅମଳରେ ଜିନ୍‌ପିଙ୍ଗ୍‌ଙ୍କ ବାପା ଶି ଝୋଙ୍ଗ୍‌ଶୁନ୍ ଜଣେ ବିପ୍ଳବୀ ଥିଲେ, ଯିଏକି ଦେଶର ଉପପ୍ରଧାନମନ୍ତ୍ରୀ ପଦକୁ ଉନ୍ନୀତ ହୋଇଥିଲେ। ସାଂସ୍କୃତିକ ବିପ୍ଳବ ସମୟରେ ଝୋଙ୍ଗ୍‌ଶୁନ୍‌ଙ୍କ ବିରୋଧରେ ନାନା ଅଭିଯୋଗ ଅଣାଯାଇ ତାଙ୍କୁ ଓ ପରିବାରକୁ ଅକଥନୀୟ ନିର୍ଯାତନା ଦିଆଯାଇଥିଲା। ନିନ୍ଦା ଅପବାଦ ସହି ନ ପାରି ଜିନ୍‌ପିଙ୍ଗ୍‌ଙ୍କ ଜଣେ ଭଉଣୀ ଆତ୍ମହତ୍ୟା କରିଥିଲେ। ଜିନ୍‌ପିଙ୍ଗ୍‌ଙ୍କ ସହପାଠୀମାନେ ତାଙ୍କୁ ଅପମାନିତ କରୁଥିଲେ। ଜିନ୍‌ପିଙ୍ଗ୍‌ଙ୍କୁ ୧୫ ବର୍ଷ ହୋଇଥିବାବେଳେ ତାଙ୍କୁ କେନ୍ଦ୍ରୀୟ ଚାଇନାର ଶାଞ୍ଜି ପ୍ରଦେଶସ୍ଥିତ ଲିଆଙ୍ଗଜିଆହେ ଗ୍ରାମକୁ ପଠାଇ ଦିଆଯାଇଥିଲା। ସେଠାରେ ସେ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏକ ଗୁମ୍ଫାରେ ରହିବା ସହ ଚାଷ କରୁଥିଲେ। ଏଭଳି ସଂଘର୍ଷପୂର୍ଣ୍ଣ ଜୀବନ ବିତାଇବା ପରେ ଜିନ୍‌ପିଙ୍ଗ୍ ପରିପକ୍ୱ ହୋଇଥିଲେ। ସେ ଯେଉଁ ଗୁମ୍ଫାରେ ରାତ୍ରିଯାପନ କରୁଥିଲେ ତାହା ଏବେ ଏକ ପର୍ଯ୍ୟଟନସ୍ଥଳୀ ପାଲଟିଯାଇଛି। ୧୯୭୦ ଦଶକରେ ମାଓଙ୍କ ମୃତ୍ୟୁ ପରେ ଜିନ୍‌ପିଙ୍ଗ୍‌ଙ୍କ ବାପାଙ୍କୁ ପୁନଃ ଥଇଥାନ କରାଯାଇଥିଲା। ୧୯୭୪ରେ କମ୍ୟୁନିଷ୍ଟ ପାର୍ଟିର ଏକ ଗାଁ ମୁଖିଆ ଭାବେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ଜିନ୍‌ପିଙ୍ଗଙ୍କୁ ତାଙ୍କ ପ୍ରଥମ ସ୍ତ୍ରୀ କେ. ଲିଙ୍ଗ୍‌ଲିଙ୍ଗ୍ ଛାଡ଼ପତ୍ର ଦେବା ପରେ ୧୯୮୭ରେ ସେ ସୁପରଷ୍ଟାର ସିଙ୍ଗର ପେଙ୍ଗ୍ ଲିୟୁଆନ୍‌ଙ୍କୁ ବିବାହ କରିଥିଲେ।



ଲିଆଙ୍ଗଜିଆହେ ଗୁମ୍ଫା

ସେତେବେଳେ ଜିନ୍‌ପିଙ୍ଗ୍‌ଙ୍କ ତୁଳନାରେ ତାଙ୍କ ସ୍ତ୍ରୀ ଅଧିକ ପରିଚିତ ଥିଲେ। ୧୯୫୩ ଜୁନ୍ ୧୫ରେ ବେଜିଂରେ ଜନ୍ମିତ ଏହି ଅପ୍ରତିଦ୍ୱନ୍ଦ୍ୱୀ ରାଜନେତା ଶୁକ୍ରବାର ଚାଇନା ରାଷ୍ଟ୍ରପତି ଭାବେ ତୃତୀୟ ପାଳି ଆରମ୍ଭ କରିଛନ୍ତି। ନ୍ୟାଶନାଲ ପିପୁଲ୍ସ କଂଗ୍ରେସ (ଏନ୍‌ପିସି)ର ୨,୯୫୨ ଆଇନ ପ୍ରଣେତା ୬୯ ବର୍ଷୀୟ ଜିନ୍‌ପିଙ୍ଗ୍‌ଙ୍କ ଏହି ଇନିଂସ୍‌କୁ ଅନୁମୋଦନ କରିଛନ୍ତି। ବର୍ତ୍ତମାନ ସେ ଏକାଧାରରେ ଚାଇନାର ରାଷ୍ଟ୍ରପତି, ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ସୁପ୍ରିମ କମାଣ୍ଡର ଏବଂ ସର୍ବଶକ୍ତିମାନ୍ ସେଣ୍ଟ୍ରାଲ ମିଲିଟାରି କମିଶନ (ସିଏମ୍‌ସି) ଚେୟାରମ୍ୟାନ୍। ୨୦୧୮ରେ କରାଯାଇଥିବା ଏକ ସାମ୍ବିଧାନିକ ସଂଶୋଧନ ଅନୁସାରେ ଜିନ୍‌ପିଙ୍ଗ୍ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ପଦବୀରେ ରହିପାରିବେ।




# ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**

ରାଜ୍ୟରେ ଜନଜାତି ସମ୍ପ୍ରଦାୟର ଜୀବନ ଜୀବିକା ଓ ଭିତ୍ତିଭୂମିର ବିକାଶ କରିବାକୁ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ' କାର୍ଯ୍ୟକ୍ରମ ଆରମ୍ଭ କରିବେ। ଏହି ଯୋଜନାରେ ପର୍ଯ୍ୟାୟ କ୍ରମେ ୧୪ ଲକ୍ଷ ୫୦ ହଜାର ଜନଜାତି ପରିବାରକୁ ଚାଷ ଏବଂ ଆନୁଷଙ୍ଗିକ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ। ଏଥିପାଇଁ ରାଜ୍ୟ ସରକାର ୨୦୨୨-୨୩ ଆର୍ଥିକ ବର୍ଷରୁ ୨୦୨୫-୨୬ ମଧ୍ୟରେ ୫୦୦ କୋଟି ବିନିଯୋଗ କରିବେ। ଏହି ଯୋଜନାରେ ମୋଟ ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଜନଜାତି ପ୍ରତିନିଧିଙ୍କୁ ୨୬ଟି ସମନ୍ୱିତ ଜନଜାତି ବିକାଶ ସଂସ୍ଥା (ଆଇଟିଡିଏ) ମାଧ୍ୟମରେ ସହାୟତା ପ୍ରଦାନ କରାଯିବ। ଏଥିସହିତ ଜନଜାତି ହିତାଧିକାରୀଙ୍କ ଆୟ ବଢ଼ାଇବାକୁ ଉନ୍ନତମାନର ମଞ୍ଜି, ସାର ଓ ଜଳସେଚନ ସୁବିଧା କରାଯିବ। ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୧୮ଟି ପ୍ରସ୍ତାବରେ ମୋହର ମରାଯାଇଛି। ବିଧାନସଭା ଅଧିବେଶନ ଚାଲିବାରୁ କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଶୁକ୍ରବାର ଗୃହକୁ ଅବଗତ କରାଇଛନ୍ତି।

ରାଜ୍ୟ ସରକାର ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଅଧିନିୟମ-୧୯୮୨ ଏବଂ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ନିୟମ-୧୯୯୨ କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ଏଥିରେ ଅନେକ ତ୍ରୁଟିବିଚ୍ୟୁତି ଥିବାରୁ ରାଜ୍ୟ ସରକାର ଏଥିପାଇଁ ନୂଆ ଆଇନ ଆଣିବେ। ନୂତନ ଆଇନ କାର୍ଯ୍ୟକାରୀ ହେଲେ ବ୍ୟକ୍ତିଗତ ଆପାର୍ଟମେଣ୍ଟ ମାଲିକାନା ପ୍ରଦାନ କରାଯିବ। ପ୍ରସ୍ତାବିତ ଆଇନରେ ସମସ୍ତଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେବା ସହ ଆପାର୍ଟମେଣ୍ଟ ମାଲିକଙ୍କ ସମ୍ପର୍କରେ ସ୍ପଷ୍ଟ ବ୍ୟବସ୍ଥା ରହିବ। ଫଳରେ ଆପାର୍ଟମେଣ୍ଟ ମାଲିକାନାକୁ ନେଇ ଦେଖାଦେଇଥିବା ଦ୍ୱନ୍ଦ୍ୱ ଦୂର ହୋଇପାରିବ। ସୁବିଧାରେ ଘର ପାଇଁ ରେଜିଷ୍ଟ୍ରେଶନ କରି ହେବ। ବିଲ୍‌ଡରଙ୍କ ସହିତ ମଧ୍ୟ କୌଣସି ସମସ୍ୟା ରହିବ ନାହିଁ। କମନ ଏରିଆ ସହିତ ଜମିର ମାଲିକାନା ଓନର୍ ଆସୋସିଏଶନ ନାଁରେ ହିଁ ରହିବ। ଏହାଦ୍ୱାରା ବିଲ୍‌ଡର ଓ ଘର ମାଲିକଙ୍କ ମଧ୍ୟରେ ଲାଗି ରହୁଥିବା ବିବାଦର ଅନ୍ତ ହେବା ସହିତ ଘର କିଣାବିକା ସହଜରେ ହୋଇପାରିବ।

ବର୍ଷେ ହେଲା ବନ୍ଦ ଥିବା ଆପାର୍ଟମେଣ୍ଟ ରେଜିଷ୍ଟ୍ରେଶନ ପାଇଁ ପୁଣି ବାଟ ଫିଟିବ। ସେହିପରି ରାଜ୍ୟରେ ୧୩,୪୨୮ କଣ୍ଟ୍ରୋଲ ଡିଲରମାନଙ୍କର ଲାଇସେନ୍ସ ଅବଧିକୁ ଆଉ ୧ ବର୍ଷ ବୃଦ୍ଧି କରାଯାଇଛି। ଯେଉଁ ଡିଲରମାନଙ୍କ ବିରୋଧରେ କୌଣସି ଅଭିଯୋଗ ନାହିଁ, ସାଧାରଣ ବଣ୍ଟନ ବ୍ୟବସ୍ଥାର ପରିଚାଳନା ପାଇଁ ସେମାନଙ୍କ ଲାଇସେନ୍ସକୁ ୨୦୨୩ ଏପ୍ରିଲ ପହିଲାରୁ ୨୦୨୪ ମାର୍ଚ୍ଚ ୩୧ ଯାଏ ସରକାର ବୃଦ୍ଧି କରିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ଭାରତ ସରକାରଙ୍କ ଆଇଆରଟିଏସ୍‌ରୁ ମନୋଜ ମିଶ୍ରଙ୍କ ଇସ୍ତଫା ପରେ ରାଜ୍ୟ ସରକାର ତାଙ୍କୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟାର ପ୍ରମୁଖ ଶାସନ ସଚିବ ପାହ୍ୟାରେ ନିଯୁକ୍ତି ଦେଇଛନ୍ତି। ତେବେ ତାଙ୍କ ନିଯୁକ୍ତି ନେଇ ବିରୋଧୀ ଦଳ ଅନେକ ସମୟରେ ଆପତ୍ତି ଉଠାଇ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମନୋଜ ମିଶ୍ରଙ୍କ ପାଇଁ ଏକ ପ୍ରମୁଖ ସଚିବ ପଦବୀ ସୃଷ୍ଟି କରିଛନ୍ତି, ଏହାକୁ କ୍ୟାବିନେଟ ଅନୁମୋଦନ କରିଛି।

ରାଜ୍ୟରେ ସ୍ୱଳ୍ପ ସଞ୍ଚୟ କାର୍ଯ୍ୟକ୍ରମକୁ ବ୍ୟାପକ କରାଇବା ଏବଂ ଡିବିଟି ନଗଦବିହୀନ କାରବାର ଓ ଡିଜିଟାଲ ବ୍ୟୟ ବ୍ୟବସ୍ଥାର ବ୍ୟାପକ ପ୍ରଚାର ପ୍ରସାର ପାଇଁ ସ୍ୱଳ୍ପ ସଞ୍ଚୟ କ୍ୟାଡର ପୁନର୍ଗଠନ କରାଯିବ। ସେହିପରି ଓଡ଼ିଶା ମୁଖ୍ୟ ବିଭାଗୀୟ ଦପ୍ତର ଅଧିକାରୀ ଓ ସହାୟକ ନିଯୁକ୍ତି ନିୟମାବଳୀରେ ସଂଶୋଧନ କରାଯିବ। ଏହି ନୂଆ ବ୍ୟବସ୍ଥାରେ ପଦୋନ୍ନତି ମିଳିପାରିବ। ଏହି ଉଭୟ ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି।

## କ୍ୟାବିନେଟ ନିଷ୍ପତ୍ତି

- ଜନଜାତି ସମ୍ପ୍ରଦାୟକୁ ଫୋକସ
- ସାମିଲ ହେବେ ୧୪.୫ ଲକ୍ଷ ପରିବାର
- ୫୦୦ କୋଟି ବ୍ୟୟବରାଦ
- ଆସିବ ନୂଆ ଆପାର୍ଟମେଣ୍ଟ ମାଲିକାନା ଆଇନ
- କଣ୍ଟ୍ରୋଲ ଡିଲରଙ୍କ କାର୍ଯ୍ୟ ଅବଧି ୧ ବର୍ଷ ବଢ଼ିଲା
- ମନୋଜ ମିଶ୍ରଙ୍କ ପାଇଁ ସୃଷ୍ଟି ହେଲା ପ୍ରମୁଖ ସଚିବ ପଦବୀ
- ୧୮ ପ୍ରସ୍ତାବ ଉପରେ ମୋହର

# ବିଧାନସଭାରେ ନବ ଝଡ଼

## ବିରୋଧୀଙ୍କ ହଙ୍ଗାମା, ହଟ୍ଟଗୋଳ

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ହତ୍ୟାକାଣ୍ଡକୁ ମାସେରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ତଦନ୍ତର ଦିଗ କେଉଁଆଡ଼େ ଯାଉଛି ତାହା ଜଣାପଡୁ ନାହିଁ। ଏ ପର୍ଯ୍ୟନ୍ତ ହତ୍ୟାର କାରଣ ମଧ୍ୟ ଲୋକଲୋଚନକୁ ଆସିପାରିଲା ନାହିଁ। ରାଜ୍ୟ କ୍ରାଇମବ୍ରାଞ୍ଚ ଉପରେ ଭରସା ନାହିଁ। ଏହାର ତଦନ୍ତ ଭାର ସିବିଆଇକୁ ଦିଆଯାଉ ଏବଂ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ। ଏଭଳି ଦାବି କରି ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ବିଧାନସଭାରେ ହୁଲସ୍ଥୂଳ କରିଛନ୍ତି।

ଶୁକ୍ରବାରଠାରୁ ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ତେବେ ଆରମ୍ଭରୁ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡ ତଦନ୍ତକୁ ନେଇ ବିରୋଧୀ ଦଳ ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ବିରୋଧୀଙ୍କ ହୋହଲ୍ଲାରେ ବିଧାନସଭାର ଦିନତମାମ କାର୍ଯ୍ୟକ୍ରମ ବରବାଦ ହୋଇଯାଇଛି। ପ୍ରଶ୍ନୋତ୍ତର, ଶୂନ୍ୟକାଳ, ମୁଲତବୀ ଆଲୋଚନା ବାଏଁ ବାଏଁ ଉଡ଼ିଯାଇଛି। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ବିଭିନ୍ନ ପର୍ଯ୍ୟାୟରେ ଗୃହକୁ ଆସନ୍ତା ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଛନ୍ତି।

ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ବିଧାନସଭା ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ପ୍ରଶ୍ନକାଳ ଆରମ୍ଭ କରିବା ମାତ୍ରେ କଂଗ୍ରେସ ସଦସ୍ୟମାନେ ଆଇନ ଶୃଙ୍ଖଳା, ନବ ଦାସ ହତ୍ୟାକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ଭାଜପା ସଦସ୍ୟମାନେ ମଧ୍ୟ ନବ ଦାସ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି କରି ହୋହଲ୍ଲା କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବାଚସ୍ପତି ବିରୋଧୀ ଦଳ ସଭ୍ୟମାନଙ୍କୁ ଅନୁରୋଧ କରିଥିଲେ। ତେବେ ଏହାର ପ୍ରଭାବ ସେମାନଙ୍କ ଉପରେ ଆଦୌ ପଡ଼ି ନ ଥିଲା। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଶିଳ୍ପମନ୍ତ୍ରୀ ପ୍ରତାପ ଦେବଙ୍କୁ ବିଜେଡି ସଭ୍ୟ ପ୍ରଦୀପ କୁମାର ଦିଶାରୀଙ୍କ ପ୍ରଶ୍ନ ନଂ. ୨୮୧ର ଉତ୍ତର ଦେବାକୁ ଡାକିଥିଲେ। ପ୍ରଶ୍ନ ଥିଲା, କଳାହାଣ୍ଡି ଜିଲାରେ କେତୋଟି ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଅନୁମୋଦନ କରିଛନ୍ତି। ଏଥିପାଇଁ କେତେ ଟଙ୍କାର ନିବେଶ ପ୍ରସ୍ତାବ ରହିଛି। ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀରେ ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି। ମନ୍ତ୍ରୀ ଉତ୍ତରରେ କହିଥିଲେ, କଳାହାଣ୍ଡି ଜିଲାରେ ୮ଟି ବୃହତ୍ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ଅନୁମୋଦନ କରିଛନ୍ତି। ଲାଞ୍ଜିଗଡ଼ରେ ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା ପାଇଁ ବର୍ତ୍ତମାନ କୌଣସି ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷରେ ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ୧୦ଟା ୩୨ରୁ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୁଣି ବିରୋଧୀ ଦଳ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ହଟ୍ଟଗୋଳ ମଧ୍ୟରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ବିଷୟରେ ଗୃହରେ ଘୋଷଣା କରିଥିଲେ। ଏହା ପରେ ଗୃହ ସ୍ୱାଭାବିକ ନ ହେବାରୁ ବାଚସ୍ପତି ଗୃହକୁ ୧୧ଟା ୩୭ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିଥିଲା। ବାଚସ୍ପତି ଗୃହକୁ ସ୍ୱାଭାବିକ କରିବାକୁ ସର୍ବଦଳୀୟ ବୈଠକ ଡାକିଥିଲେ। ତେବେ ସର୍ବଦଳୀୟ ବୈଠକରେ କୌଣସି ସହମତି ହୋଇପାରି ନ ଥିଲା। ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ପୁଣି ହୋହଲ୍ଲା କରିଥିଲେ। ହଟ୍ଟଗୋଳ ମଧ୍ୟରେ ଗୃହରେ ବିଭିନ୍ନ ବିଭାଗର ପେପର ଉପସ୍ଥାପନ କରାଯାଇଥିଲା। ହୋହଲ୍ଲା ନ କମିବାରୁ ବାଚସ୍ପତି ବାଧ୍ୟ ହୋଇ ଗୃହକୁ ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଛନ୍ତି।

ଗୃହ ଅଚଳ ନେଇ ଶାସକ ଦଳ ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି। ବିଜେଡି ବିଧାୟକ ନୃସିଂହ ସାହୁ କହିଛନ୍ତି, ଯେଉଁ ପ୍ରସଙ୍ଗରେ ଗୃହରେ ଆଲୋଚନା ହୋଇଛି ସେ ନେଇ ଗୃହରେ ଦାବି କରିବା ଉଚିତ ନୁହେଁ। ପାଟିତୁଣ୍ଡ ଯୋଗୁ ଆମେ ଆମର ନିର୍ବାଚନମଣ୍ଡଳୀ ସମସ୍ୟା ବିଷୟ ଉତ୍ଥାପନ କରିପାରୁନାହୁଁ। ଅଯଥା ପ୍ରସଙ୍ଗରେ ଗୃହରେ ନାରାବାଜି ଯୋଗୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ବାଧାପ୍ରାପ୍ତ ହୋଇଛି।



### ଫେଲ୍ ମାରିଲା ସର୍ବଦଳୀୟ ବୈଠକ

### ସୋମବାର ଯାଏ ଗୃହ ମୁଲତବୀ

# ୩ ମହଲା ଛାତରୁ ଖସି ଛାତ୍ରୀଙ୍କ ମୃତ୍ୟୁ

**ବଡ଼ବିଲ,୧୦।୩ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ୱାର୍ଡ ନଂ. ୪ ସ୍ଥିତ ଶ୍ରୀରାମ ନଗରରେ ତିନି ମହଲା ଛାତରୁ ଖସିପଡ଼ି ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକ ଏକ ଘରୋଇ ଖଣି କମ୍ପାନୀର ଅଧିକାରୀ ସବଲ ଝାଙ୍କ ବଡ଼ ଝିଅ ରୁଚି ଝା ବୋଲି ଜଣାପଡ଼ିଛି। ସେ ସ୍ଥାନୀୟ ଏକ କଲେଜରେ ଏକାଦଶ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ତେବେ ଛାତରୁ ତଳକୁ କିପରି ଖସି ପଡ଼ିଲେ ତାହା ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଗତ ପ୍ରାୟ ଏକବର୍ଷ ହେବ ସବଲ ଝା ନିଜ ପରିବାର ସହିତ ଶ୍ରୀରାମ ନଗର ଅଞ୍ଚଳର ସଞ୍ଜୀବ ମିଶ୍ରଙ୍କ ଉପର ମହଲାରେ ଘର ଭଡ଼ା ନେଇ ରହୁଥିଲେ। ଶୁକ୍ରବାର ଅପରାହ୍ନ ପ୍ରାୟ ୪ ଟା ୨୦ରେ ରୁଚି ଛାତରୁ ୩୫ଫୁଟ ତଳକୁ ଖସିପଡ଼ିଥିଲେ। ପରିବାର ଲୋକେ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଉଦ୍ଧାରକରି ନିକଟସ୍ଥ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତଳ ମହଲାରେ ରହୁଥିବା ଘର ମାଲିକ ମିଶ୍ରଙ୍କ କହିବା ଅନୁଯାୟୀ, ସେ ଘର ଭିତରେ ଶୋଇଥିଲେ। ହଠାତ୍ ଘର ବାହାରୁ ଏକ ଶବ୍ଦ ଶୁଣି ବାହାରକୁ ଆସି ଦେଖିବା ବେଳକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରୁଚି ପଡ଼ିଥିଲେ। ବଡ଼ବିଲ ପୋଲିସ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡିୟମ ଲୋକାର୍ପଣ



ରାଉରକେଲା ଆଥ୍‌ଲେଟିକ୍ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ଅନ୍ୟମାନେ।

**ରାଉରକେଲା ଅଫିସ,୧୦।୩**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦୁଇଦିନିଆ ରାଉରକେଲା ଗସ୍ତ କରିଛନ୍ତି। ଏହି ସମୟରେ ସେ ୯୬୪ କୋଟି ଟଙ୍କାର ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ରାଉରକେଲା ବିଶ୍ରା ଛକରେ ନିର୍ମିତ ନୂତନ ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମ ସମେତ ବିର୍ସା ମୁଣ୍ଡା ସୁଇମିଂ କମ୍ପ୍ଲେକ୍ସ ଏବଂ ବହୁତଳ କାର୍ ପାର୍କିଂ ସୁବିଧାର ଉଦ୍‌ଘାଟନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶୁକ୍ରବାର ଅପରାହ୍ନ ୫ଟା ୨୦ରେ ରାଉରକେଲା ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରୁ ସେ ବିଶ୍ରା ଛକରେ ନିର୍ମିତ ବିର୍ସା ମୁଣ୍ଡା ଷ୍ଟାଡିୟମ ଅଭିମୁଖେ ବାହାରି ୫ଟା ୩୦ମିନିଟ୍‌ରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ପ୍ରଥମେ ଷ୍ଟାଡିୟମରେ ବିର୍ସା ମୁଣ୍ଡା ସୁଇମିଂ କମ୍ପ୍ଲେକ୍ସ ଏବଂ ବହୁତଳ କାର୍ ପାର୍କିଂ ସୁବିଧାର ଉଦ୍‌ଘାଟନ କରିଥିଲେ। ଏହାସହ ସେ ରାଉରକେଲାବାସୀଙ୍କ ପାଇଁ ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡିୟମକୁ ଉତ୍ସର୍ଗ କରିଥିଲେ। ଏହାପରେ ସେ ସୁନ୍ଦରଗଡ଼ ଜିଲାର ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତାଘାଟ, ପରିମଳ, କୃଷି ଏବଂ ପର୍ଯ୍ୟଟନର ବିକାଶ ପାଇଁ ୯୬୪ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୫ଟା ୪୦ ମିନିଟ୍‌ରେ ମୁଖ୍ୟମନ୍ତ୍ରୀ କାର୍ ଯୋଗେ ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମ ଅଭିମୁଖେ ଯାଇଥିଲେ।

କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ୫-ଟି ସଚିବ ଭି. କେ. ପାଣ୍ଡିଆନ, କ୍ରୀଡ଼ା ଓ ଯୁବସେବା ସଚିବ ଆର. ଭିନିଲ କ୍ରିଷ୍ଣା, ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ ମହାଜନ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ୧୦ ଏକର ଜମିରେ ୧୫୭. ୨୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂତନ ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମରେ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସହ ପ୍ରାୟ ୧୦ହଜାର ଦର୍ଶକ ଏକକାଳୀନ ଖେଳ ଉପଭୋଗ କରିପାରିବାର ବ୍ୟବସ୍ଥା ରହିଛି। ଏଠାରେ ଫୁଟବଲ ସମେତ ଟ୍ରାକ୍ ଆଣ୍ଡ ଫିଲ୍ଡ ବିଭାଗର ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇପାରିବ। ସେହିପରି ସୁଇମିଂ ପୁଲ୍‌ରେ ସନ୍ତରଣ ପ୍ରଶିକ୍ଷଣ ଦିଆଯିବା ସହ ରାଜ୍ୟ ତଥା ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେବ ବୋଲି ସୂଚନା ମିଳିଛି।

### ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତ

### ସୁନ୍ଦରଗଡ଼ ଜିଲାକୁ ୯୬୪ କୋଟି ଟଙ୍କାର ପ୍ରକଳ୍ପ ଭେଟିଦେଲେ

## ଷ୍ଟାଡିୟମକୁ ଗିନିଜ ୱାର୍ଲ୍ଡ ପ୍ରମାଣପତ୍ର ପ୍ରଦାନ

**ରାଉରକେଲା ଅଫିସ,୧୦।୩:** ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମକୁ ଗିନିଜ ୱାର୍ଲ୍ଡ ପକ୍ଷରୁ ଶୁକ୍ରବାର ପ୍ରଶଂସା ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଲଣ୍ଡନ ଗିନିଜ ୱାର୍ଲ୍ଡ ଏଡ୍‌ଜୁଡିକେଟର ରିଷି ନାଥ ଏହି ପ୍ରଶଂସାପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ହକି ଇଣ୍ଡିଆର ଅଫିସିଆଲମାନେ ଉପସ୍ଥିତ ଥିଲେ। ୨୦,୦୧୧ ଆସନ ବିଶିଷ୍ଟ ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ଓଡ଼ିଶା ସରକାରଙ୍କ ରାଜ୍ୟବାସୀଙ୍କ ପାଇଁ ଏକ ବଡ ଅବଦାନ ଏବଂ ଦେଶ ପାଇଁ ଗୌରବ ବୋଲି ଅଫିସିଆଲମାନେ କହିଥିଲେ। ପ୍ରମାଣପତ୍ର ପାଇବା ପରେ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ।



**ଆଜିର ମନ୍ତବ୍ୟ**

ଭାରତ ବଡ଼ ଭୂମିକା ନ ନେଲେ ଜଳବାୟୁ ପରିବର୍ତ୍ତନଜନିତ ଆହ୍ୱାନର ସମାଧାନ ଅସମ୍ଭବ।
-ଆଣ୍ଟୋନି ଅଲ୍‌ବାନେସ୍,ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଦିନେ କୁହୁଡ଼ି ଆସିଲା ମାଡ଼ି**
**ଅଦିନେ ମିଳିଲା ଦେଖା**
**ପର ପୁଅ ଆଣି ପୋଷା ପୁଅ କଲେ**
**କେଉଁ ପୁଅକୁ ସେ ଲେଖା ?**

ଅଦିନରେ ଘୋଟି ଆସୁଥିବା କୁହୁଡ଼ିର ଯେମିତି ସ୍ଥାୟିତ୍ୱ ନ ଥାଏ, ସେମିତି ଅଦିନରେ ଦେଖା ହେଉଥିବା ବ୍ୟକ୍ତି ସେତେଟା ଭରସାଯୋଗ୍ୟ ଓ ବିଶ୍ୱସ୍ତ ହୋଇପାରି ନ ଥାନ୍ତି। ସେହିପରି ପର କେବେ ନିଜ ରକ୍ତ ପରି ଆପଣାର ହୋଇପାରନ୍ତି ନାହିଁ। ପୋଷ୍ୟ ପୁତ୍ରର ଆନୁଗତ୍ୟ ପ୍ରତି ସନ୍ଦେହ ପ୍ରକାଶ ପାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଧକାନ୍ଧି ପାଣି ନଉତି**
**ନଣନ୍ଦ ଗୋଡ଼ରେ ବଳା**
**ଥିରି ଥିରି କରି ଆସିବୁ ଚୋର**
**ପୁଅକୁ ଝୁଣ୍ଟିବୁ ପରା।**

ବିଦେଶରେ ସ୍ୱାମୀ, ଘରେ ନଣନ୍ଦ ଓ ପୁଅ। ଏସବୁ ସତ୍ତ୍ୱେ ଚୋରା ପୀରତିରେ ମନ ବଳିଥିବା ତରୁଣୀ ସ୍ତ୍ରୀର ପରପୁରୁଷ ପ୍ରତି ଥିବା ଆବେଗ ଓ ସତର୍କତାକୁ ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୪ ରାଉଣ୍ଡ ଗୁଳି ଫୁଟାଇ ଆତଙ୍କ

### ରଙ୍ଗଖେଳକୁ ନେଇ ଦୁର୍ବୃତ୍ତଙ୍କ ଉନ୍ମତ୍ତକାଣ୍ଡ

**ସୋର, ୧୦।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଗ୍ରାମରେ ହୋଲି ଦିନ ରଙ୍ଗ ମାରିବାକୁ ବିରୋଧ କରିବାରୁ କେତେଜଣ ଯୁବକ ଖଣ୍ଡା, ତଲୱାର ଧରି ଗ୍ରାମରେ ଆତଙ୍କ ସୃଷ୍ଟି କରିବା ସହିତ ଗୁଳି ଫୁଟେଇ ଲୋକଙ୍କୁ ଭୟଭୀତ କରାଇଥିଲେ। ଏହି ଘଟଣାରେ ପୋଲିସ୍ ପହଞ୍ଚି ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ବୁଧବାର ଗ୍ରାମର ଶଶିକାନ୍ତ ଜେନା, ତାଙ୍କ ସାଙ୍ଗ ଶ୍ରୀତମ ବିଶ୍ୱାଳ ଓ ଅନ୍ୟ ଜଣେ ସାଙ୍ଗଙ୍କ ସହ ମିଶି ସେହି ଗ୍ରାମର ଜୀବନ ଦାସଙ୍କ ଘରକୁ ରଙ୍ଗ ମାରିବା ପାଇଁ ଯାଇଥିଲେ। ସେତେବେଳେ ଜୀବନ ଘରେ ନ ଥିବାରୁ ତାଙ୍କ ସ୍ତ୍ରୀଙ୍କୁ ରଙ୍ଗ ମାରିବାକୁ ତାଙ୍କର ଜଣେ ନାବାଳିକା ନଣନ୍ଦ ବିରୋଧ କରିଥିଲେ। ଏଥିରେ ସେମାନେ ଉତ୍କ୍ଷିପ୍ତ ହୋଇ ନାବାଳିକାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ଭାଉଜ ଏବଂ ଶାଶୂ ବିରୋଧ କରିବାରୁ ତାଙ୍କୁ ମଧ ମାଡ଼ ମାରି ଆହତ କରିଥିଲେ। ପଡ଼ୋଶୀମାନେ ବାହାରି ତାଙ୍କୁ ବିରୋଧ କରିବା ସହିତ ସେମାନଙ୍କୁ ଘଉଡ଼ାଇ ଦେଇଥିଲେ। ସନ୍ଧ୍ୟାରେ ଜୀବନଙ୍କ ମା' ବାସନ୍ତୀ ଦାସ ଏବଂ ଝିଅ ବୋହୂ ମିଶି ସୋର ଥାନାରେ ଏତାଲା ଦେଇଥିଲେ। ପୋଲିସ ପରଦିନ ଘଟଣାର ତଦନ୍ତ କରିବାକୁ ସମୟ ଦେଇଥିବା ବେଳେ ଥାନାକୁ ଯିବା ଘଟଣାକୁ ନେଇ ଶଶୀକାନ୍ତ ଏବଂ ତାଙ୍କର ସହଯୋଗୀମାନେ ଖଣ୍ଡା ତଲୱାର ଧରି ଗାଁ ଲୋକଙ୍କୁ ଧମକଚମକ ଦେଇଥିଲେ। ଏନେଇ ଜୀବନଙ୍କ ପରିବାର ଲୋକେ ପୁଣି ସୋର ଥାନାରେ ପହଞ୍ଚିବା ଦେଖି ଶଶିକାନ୍ତ ଏବଂ ତାଙ୍କ ୧୦/୧୫ ଜଣ ସହଯୋଗୀ ଖଣ୍ଡା ଓ ବନ୍ଧୁକ ଧରି ଲୋକଙ୍କୁ ଭୟଭୀତ କରିବା ସହିତ ତାଙ୍କ ବିରୋଧ ଏତଲା ନ ଉଠାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଗାଁ ଲୋକେ ରାତିରେ ଠେଙ୍ଗାବାଡ଼ି ଧରି ସେମାନଙ୍କୁ ପ୍ରତିରୋଧ କରିବାକୁ ଉଦ୍ୟମ କରିବାରୁ ସେମାନଙ୍କ ତରଫରୁ ୪ ରାଉଣ୍ଡ ଗୁଳି ଚାଳନା କରାଯାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ଟି ଖୋକା ଜବତ କରିଛି। ଏହି ଘଟଣାରେ ଶଶିକାନ୍ତଙ୍କ ବାପାକୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଥିବା ଦେଖାଯାଇଛି।

# ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

- **ପ୍ରଥମ ଦିନରେ ୧୯,୩୯୭ ଛାତ୍ରୀଛାତ୍ର ଅନୁପସ୍ଥିତ**
- **କପି କରି ୧୧ ପରୀକ୍ଷାର୍ଥୀ ଧରାପଡିଲେ**

କଟକ ଅଫିସ,୧୦।୩: ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ସମ୍ମେଟିଭ-୨ ବା ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ରାଜ୍ୟରେ ୫ ଲକ୍ଷ ୩୦ ହଜାର ୭୭୭ ଜଣ ଛାତ୍ରୀଛାତ୍ର ଏହି ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପାଇଁ ଫର୍ମପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଦିନରେ ୫ ଲକ୍ଷ ୧୨ ହଜାର ୬୪୪ଜଣ ମାତୃଭାଷା ବିଷୟରେ ପରୀକ୍ଷା ଦେଇଥିବାବେଳେ ୧୮,୧୩୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି। ଅନ୍ୟପକ୍ଷରେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ କପିକରି ୧୧ଜଣ ଛାତ୍ରୀଛାତ୍ର ଧରାପଡିଛନ୍ତି। ସେହିଭଳି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ଓ ସଂସ୍କୃତ ମଧ୍ୟମା ପରୀକ୍ଷା ମଧ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ନିମନ୍ତେ ୪,୧୨୩ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩,୩୮୯ଜଣ ପରୀକ୍ଷା ଦେଇଥିବାବେଳେ ୭୩୪ଜଣ ଅନୁପସ୍ଥିତ ଥିଲେ। ସଂସ୍କୃତ ମଧ୍ୟମା ପରୀକ୍ଷାରେ ୩,୫୪୬ଜଣଙ୍କ ମଧ୍ୟରୁ ୩୦୧୬ଜଣ ପରୀକ୍ଷା ଦେଇଛନ୍ତି। ୫୩୦ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ତେବେ ରାଜ୍ୟରେ ମୋଟ ୧୯, ୩୯୭ ଜଣ ପରୀକ୍ଷାର୍ଥୀ ପ୍ରଥମ ଦିନରେ ଅନୁପସ୍ଥିତ ରହିଛନ୍ତି। ଏତେ ସଂଖ୍ୟକ ପରୀକ୍ଷାର୍ଥୀ କେଉଁ କାରଣରୁ ପରୀକ୍ଷା ଦେବାକୁ ଆସିପାରିନାହାନ୍ତି ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ମାଓବାଦୀ ନେତାଙ୍କ ମା'ଙ୍କୁ କାନ୍ଧ ଦେଲା ପୋଲିସ



ଏସ୍‌ଆଇ ରାମକୃଷ୍ଣା ସହକର୍ମୀଙ୍କ ସହ ସୀତାସାଙ୍କ ମୃତଦେହ ସତ୍କାର ପାଇଁ ମଶାଣିକୁ ବୋହି ନେଉଛନ୍ତି।

**ଚିତ୍ରକୋଣ୍ଡା,୧୦।୩(ଡି.ଏନ.ଏ.)**

ମାଓବାଦୀମାନେ ସର୍ବଦା ପୋଲିସକୁ ଟାର୍ଗେଟ କରି ବିଭିନ୍ନ ହିଂସା ଘଟାଇଥାନ୍ତି। କେବେ ସଫଳ ହୋଇଥାନ୍ତି ତ କେବେ ପୋଲିସ ସେମାନଙ୍କ ଯୋଜନାକୁ ପଣ୍ଡ କରିଦେଇଥାଏ। ଏହା ସତ୍ତ୍ୱେ ପୋଲିସ ସେମାନଙ୍କ ପ୍ରତି କଠୋର ହୋଇ ନ ଥାଏ। ଆବଶ୍ୟକ ସ୍ଥଳେ ମାନବିକତାର ପରିଚୟ ଦେଇ ସହାୟତାର ହାତ ବଢ଼ାଇଥାଏ। ଏପରି ଦେଖିବାକୁ ମିଳିଛି ଚିତ୍ରକୋଣ୍ଡା ବ୍ଲକ ସୀମାନ୍ତରେ ଥିବା ସିଲେରୁ ପୋଲିସ କ୍ଷେତ୍ରରେ। କେନ୍ଦ୍ରୀୟ କମିଟିର ମାଓବାଦୀ ନେତା ଜଗନ୍ନଙ୍କ ମା' ସୀତାସାଙ୍କ ପରଲୋକ ହେବା ସମୟରେ ତାଙ୍କ ପାଖରେ କେହି ସମ୍ପର୍କୀୟ ନ ଥିବାରୁ ସିଲେରୁ ଏସ୍‌ଆଇ ରାମକୃଷ୍ଣା ଅନ୍ୟମାନଙ୍କ ସହ ନିଜେ କୋକେଇ କାନ୍ଧେଇ ମଶାଣିକୁ ନେଇ ମୃତଦେହ ସତ୍କାର କରିଥିଲେ। ଏପରି ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ଖବରରୁ ଜଣାପଡ଼ିଛି ମାଓବାଦୀ ନେତା ଜଗନ୍ନଙ୍କ ମା' ସୀତାସାଙ୍କ ଶୁକ୍ରବାର ପରଲୋକ ହୋଇଥିଲା। ଏହି ଖବର ପାଇ ମଧ ମା'ଙ୍କୁ ଶେଷ ଦର୍ଶନ କରିବାକୁ ଆସିପାରି ନ ଥିଲେ ଜଗନ୍ନ। ଏ ସମ୍ପର୍କରେ ଖବର ପାଇ ସିଲେରୁ ଥାନା ଏସ୍‌ଆଇ ରାମକୃଷ୍ଣା ସଙ୍ଗେ ସଙ୍ଗେ କମୁଲୱାଡା ଗ୍ରାମରେ ପହଞ୍ଚି ପୋଲିସ ସହକର୍ମୀଙ୍କ ସହ ନିଜେ ସୀତାସାଙ୍କ ମୃତଦେହକୁ କାନ୍ଧରେ ବୋହି ମଶାଣିକୁ ନେଇଥିଲେ। ସେଠାରେ ରୀତିନୀତି ଅନୁଯାୟୀ ସତ୍କାର କାର୍ଯ୍ୟ ସମ୍ପନ୍ନ କରିଥିଲେ। ପରେ ଅନ୍ୟାନ୍ୟ କାର୍ଯ୍ୟ ଲାଗି ଗ୍ରାମବାସୀଙ୍କ ଉପସ୍ଥିତିରେ ପରିବାରର ଅନ୍ୟମାନଙ୍କୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ପୋଲିସର ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ନୀଳାଦ୍ରି କମ୍ପ୍ଲେକ୍ସ ହ୍ୟାଣ୍ଡଲୁମ୍ ଶୋ'ରୁମ୍‌ରେ ନିଆଁ



ଘଟଣାସ୍ଥଳରେ ଏସ୍‌ପି କନୱର ବିଶାଲ ସିଂ ସ୍ଥିତି ଅନୁଧାନ କରୁଛନ୍ତି।

**ପୁରୀ ଅଫିସ, ୧୦।୩**

ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ନିଆଁ ନ ଲିଭୁଣୁ ପୁଣି ଏକ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ ଘଟିଛି। ଶୁକ୍ରବାର ସକାଳେ ନୀଳାଦ୍ରି କମ୍ପ୍ଲେକ୍ସ ପରିସରସ୍ଥ ଓଡ଼ିଶା ହ୍ୟାଣ୍ଡଲୁମ୍ ଶୋ'ରୁମ୍‌ରେ ନିଆଁ ଲାଗିଥିଲା। ତେବେ ଶୋ'ରୁମ୍ କର୍ମଚାରୀମାନେ ତୁରନ୍ତ ୧୧୨କୁ ଫୋନ୍ କରିବା ସହ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଅଗ୍ନିଶମ ବାହିନୀ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। ଫଳରେ ପୁଣି ଏକ ବଡ଼ ଧରଣର ଅଘଟଣରୁ ସମ୍ପୃକ୍ତ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବର୍ତ୍ତିଯାଇଛି। ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସଠାରୁ ମାତ୍ର ୫୦ ମିଟର ଦୂରରେ ନୀଳାଦ୍ରି କମ୍ପ୍ଲେକ୍ସ ରହିଛି। ଏ ନେଇ ଏସ୍‌ପି କନୱର ବିଶାଲ ସିଂ ସୂଚନା ଦେଇ କହିଛନ୍ତି, ଏହା ଏକ ଛୋଟ ଘଟଣା। ଶର୍ଟ ସର୍କିଟରୁ ନିଆଁ ଲାଗିଥିଲା। ତେବେ ତାହାକୁ ୫-୧୦ ମିନିଟ ମଧ୍ୟରେ ଆୟତ୍ତ କରାଯାଇଥିଲା। ଏଥିରେ କିଛି କ୍ଷୟକ୍ଷତି ହୋଇନାହିଁ। ତେଣୁ ଭୟଭୀତ ନ ହେବାକୁ କିମ୍ବା କୌଣସି ଗୁଜବରେ ବିଶ୍ୱାସ ନ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଅଛି କି ନାହିଁ ତା'ର ଯାଞ୍ଚ କରାଯିବ ବୋଲି ଏସ୍‌ପି କହିଛନ୍ତି। ପ୍ରତ୍ୟେକ ବିଲ୍ଡିଂରେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବା ସହ ଧୂଆଁ ନିଷ୍କାସନ ଲାଗି ଯଥେଷ୍ଟ ବାଟ ରଖିବାକୁ ସେଣ୍ଟ୍ରାଲ ରେଞ୍ଜ୍ ଫାୟାର ଅଫିସର ରମେଶ ଚନ୍ଦ୍ର ମାଝି ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

# ୩୬ ଘଣ୍ଟା ପରେ ଲିଭିଲା





ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସକୁ ପୋଲିସ ନିଜ ଅଧୀନକୁ ନେଇ ଜଗି ରହିଛି।

**ଲକ୍ଷ୍ମୀ ମାର୍କେଟ ଅଗ୍ନିକାଣ୍ଡ ଘଟଣା**

- ଟୁଇଟ୍ କରି ସାଧୁବାଦ ଦେଲେ ମୁଖ୍ୟମନ୍ତ୍ରୀ
- କର୍ମଚାରୀଙ୍କୁ ପୁରସ୍କୃତ କରାଯିବ: ଅଗ୍ନିଶମ ଡିଜି
- ତଦନ୍ତ ଓ କ୍ଷୟକ୍ଷତି ଆକଳନ ପାଇଁ କମିଟି ଗଠିତ
- ସରକାରୀ ସହାୟତା ପାଇଁ ଗୁହାରି କଲେ ବ୍ୟବସାୟୀ

**ପୁରୀ ଅଫିସ, ୧୦।୩**

ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ପକ୍ଷରୁ ମିଳିତ ଭାବେ ଦୀର୍ଘ ୩୬ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ମରୀଚିକୋଟ ଛକ ନିକଟସ୍ଥ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ଲାଗିଥିବା ନିଆଁ ଲିଭିଛି। ବୁଧବାର ରାତି ପ୍ରାୟ ୮ଟାରୁ ଏହି କମ୍ପ୍ଲେକ୍ସରେ ନିଆଁ ଲାଗିଥିବାବେଳେ ଶୁକ୍ରବାର ସକାଳ ପ୍ରାୟ ୧୦ଟାରେ ତାହାକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯାଇପାରିଛି। ଅଗ୍ନିକାଣ୍ଡରେ କୌଣସି ଜୀବନ ହାନି ହୋଇ ନ ଥିଲେ ମଧ ସମସ୍ତ ୪୩ ବ୍ୟବସାୟ ପ୍ରତିଷ୍ଠାନ ଜଳିଯାଇଛି। ଫଳରେ ସମ୍ପୃକ୍ତ ବ୍ୟବସାୟୀମାନଙ୍କର ବିପୁଳ ପରିମାଣର କ୍ଷତି ଘଟିଛି। ସେମାନେ ଏକପ୍ରକାର ବେସାହାରା ହୋଇପଡ଼ିଛନ୍ତି। ସେହିପରି ଏଠାକାର ସମ୍ରାଟ ହୋଟେଲରେ ରହୁଥିବା ପର୍ଯ୍ୟଟକମାନଙ୍କୁ ସୁରକ୍ଷିତ ଭାବେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିକାଣ୍ଡ ସମ୍ପର୍କରେ ପ୍ରଶାସନ ପକ୍ଷରୁ ତଦନ୍ତ ଓ କ୍ଷୟକ୍ଷତି ଆକଳନ କରାଯିବା ପାଇଁ ଏକ କମିଟି ଗଠନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ନିଆଁ ଲିଭାଇବା କାର୍ଯ୍ୟରେ ସାମିଲ ଥିବା କର୍ମଚାରୀମାନଙ୍କୁ ସାବାସି ଦେବା ସହ ସାଧୁବାଦ ଜଣାଇଛନ୍ତି। ସେହିପରି ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟାୟ ସମସ୍ତ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି। ସମ୍ପୃକ୍ତ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ପରିସରସ୍ଥ ତଳ ମହଲାରେ ଥିବା ଅମ୍ବିକା ଲୁଗା ଦୋକାନରେ ପ୍ରଥମେ ନିଆଁ ଲାଗିଥିଲା। ସଙ୍ଗେସଙ୍ଗେ ତାହା ପ୍ରଥମ ଓ ଦ୍ୱିତୀୟ ମହଲାକୁ ବ୍ୟାପିଯାଇଥିଲା। ଖବର ପାଇ ପୋଲିସ, ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଟିମ୍ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳକୁ ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯାଇପାରିଥିଲା। ତେବେ କ୍ଷତିଗ୍ରସ୍ତ ବ୍ୟବସାୟୀମାନେ କିପରି ପରିବାର ପ୍ରତିପୋଷଣ କରିବେ, ଧାରକରଜ ଶୁଝିବେ ଓ ପୁଣି ବେଉସା ସଜାଡ଼ିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଏହି ଚିନ୍ତାରେ ପୂର୍ଣ୍ଣିମା ମହାନ୍ତିଙ୍କ ସମେତ କେତେଜଣ ବ୍ୟବସାୟୀ ସଂଜ୍ଞାହୀନ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଉକ୍ତ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀଙ୍କ ଜୀବିକା ମଧ ପ୍ରଭାବିତ ହୋଇଛି। କ୍ଷତିଗ୍ରସ୍ତ ବ୍ୟବସାୟୀମାନେ ଥଇଥାନ ସହ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ନିବେଦନ କରିଛନ୍ତି। ଘଟଣାର ତଦନ୍ତ ସହ କ୍ଷୟକ୍ଷତି ଆକଳନ ପାଇଁ ପୁରୀ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ସଦର ତହସିଲଦାର, ଟାଉନ ଥାନା ଆଇଆଇସି ଏବଂ ଅଗ୍ନିଶମ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିବା ସୂଚନା ମିଳିଛି। ଏ ନେଇ ସଦର ତହସିଲଦାର କ୍ଷୀରୋଦ କୁମାର ବେହେରା କହିଛନ୍ତି, ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯାଇଛି। ତେବେ ତାପମାତ୍ରା ଅଧିକ ଥିବାରୁ ଏବଂ ଅଣନିଃଶ୍ୱାସୀ ଭଳି ପରିସ୍ଥିତି ଥିବାରୁ କମ୍ପ୍ଲେକ୍ସ ପରିସରକୁ କାହାରିକୁ ଛଡ଼ାଯାଉନାହିଁ। ପ୍ରଶାସନ ନିଜ ଅଧୀନକୁ କମ୍ପ୍ଲେସକୁ ନେଇଛି। ଶନିବାର ସ୍ଥିତି ସ୍ୱାଭାବିକ ହେଲେ ଦୋକାନୀମାନଙ୍କୁ ଭିତରକୁ ଛଡ଼ାଯିବ ଓ ସେମାନେ ସେମାନଙ୍କ ଜିନିଷ କାଢିବେ। ତେବେ ପ୍ରଶାସନ ପକ୍ଷରୁ ଇଂଜିନିୟରିଂ ଟିମ୍‌କୁ ଅନୁଧାନ ପାଇଁ କୁହାଯାଇଛି। ଟିମ୍ ଆସି ଅନୁଧାନ କରି ରିପୋର୍ଟ ଦେବା ପରେ ଯାହାକିଛି ନିଷ୍ପତ୍ତି ନିଆଯିବ। ପ୍ରାଥମିକ ପର୍ଯ୍ୟାୟରେ କ୍ଷୟକ୍ଷତି ଆକଳନ କରାଯିବ। ଏ ନେଇ ରିପୋର୍ଟ ପ୍ରସ୍ତୁତ ହେବ। ସରକାରୀ ବ୍ୟବସ୍ଥା ଅନୁଯାୟୀ ସାହାଯ୍ୟ ଯୋଗାଇ ଦିଆଯିବ। ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଥିଲା କି ନାହିଁ ତାହା ପରବର୍ତ୍ତୀ ପର୍ଯ୍ୟାୟରେ ତଦନ୍ତ କରାଯିବ। ଯଦି ନିୟମ ଉଲ୍ଲଂଘନ ହୋଇଥିବ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସହରରେ ଥିବା ବିଭିନ୍ନ ଶପିଂ କମ୍ପ୍ଲେକ୍ସର ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ ତଦନ୍ତ କରାଯିବ ବୋଲି ବେହେରା ସୂଚନା ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଝିଅକୁ ବନ୍ଧକ ରଖି ...

ମୃତ୍ୟୁ ଘଟିଥିବା ଉଷା ଅଭିଯୋଗ କରିଛନ୍ତି। ସେଠାକାର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପୋତିଦେବା ପାଇଁ ଉଦ୍ୟମ କରାଯିବା ଜାଣି ଉଷା ବହୁ କାକୁତିମିନତି ହୋଇ ନିଜ ଗ୍ରାମକୁ ଆଣିବା ପାଇଁ ଅନୁରୋଧ କରିଥିଲେ। ପରେ ଇଟାଭାଟି ମାଲିକ ଏକ ଆମ୍ବୁଲାନ୍ସ ଯୋଗେ ଗାଁକୁ ମୃତଦେହ ପଠାଇବା ବ୍ୟବସ୍ଥା କରିଥିଲେ। କିନ୍ତୁ ନିଜ ଛୋଟ ପୁଅ ପବିତ୍ର (୬) ଓ ସ୍ୱାମୀଙ୍କ ମୃତଦେହ ଧରି ଉଷା ଗାଁରେ ପହଞ୍ଚିଥିଲେ। ଶୁକଦେବଙ୍କ ଉପରେ ଟଙ୍କା ବକେୟା ରହିଥିବାରୁ ଝିଅ କୈକେୟୀଙ୍କୁ ଇଟାଭାଟି ମାଲିକ ଜବରଦସ୍ତ ବନ୍ଧକ ରଖିଥିବା ଉଷା ଗ୍ରାମବାସୀଙ୍କ ନିକଟରେ କହିଥିଲେ। ଏନେଇ ଖବର ପାଇ ସାମାଜିକ କର୍ମୀ ଡ. ଜନସନ ନାଗ, ଡିଙ୍ଗର କୁମ୍ଭାର ଶ୍ରମ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ଅତିରିକ୍ତ ଶ୍ରମ ଅଧିକାରୀ ନିରଞ୍ଜନ ଭୂୟାଁ ବନମାଳ ଗ୍ରାମରେ ପହଞ୍ଚି ଆଲୋଚନା କରିଛନ୍ତି। ଭୂୟାଁ କହିଛନ୍ତି, ଶ୍ରମ ଅଧିକାର ଆଇନ ଅନୁଯାୟୀ ମୃତକଙ୍କ ପରିବାରକୁ ସାହାଯ୍ୟ ସହଯୋଗ କରାଯିବା ସହ ବନ୍ଧକ ରହିଥିବା କୈକେୟୀଙ୍କୁ ଉଦ୍ଧାର କରାଯିବ। ସେହିପରି ବେଆଇନ ଶ୍ରମିକ ଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସ୍ଥାନୀୟ ସରପଞ୍ଚ ପ୍ରଦୀପ ବେହେରା ମୃତକଙ୍କ ପରିବାରକୁ ଭେଟି ହରିଶ୍ଚନ୍ଦ୍ର ଯୋଜନାରେ ୩୦୦୦ଟଙ୍କା ଦେଇଥିବା ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କେତୁଯୁକ୍ତ ଚନ୍ଦ୍ର ସପ୍ତମସ୍ଥ ଯୋଗୁ ଘର, ପରିବାର, ଜମିଜମା ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଯାତ୍ରା, ପ୍ରତିଯୋଗିତା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ସାଧାରଣ ବାଧାପ୍ରାପ୍ତ ହୋଇପାରେ। ନୂତନ କର୍ମାରମ୍ଭ ସକାଶେ ନିଷ୍ପତ୍ତି ନେଇପାରନ୍ତି। ଉପରିସ୍ଥଙ୍କ ଅନୁକମ୍ପା କାର୍ଯ୍ୟ ହାସଲରେ ସାହାଯ୍ୟ କରିବ।

**ବୃଷ**
କାର୍ଯ୍ୟ ହାସଲ ପରିପ୍ରେକ୍ଷୀରେ ଅନ୍ୟମାନଙ୍କୁ ମନେଇବାକୁ ଚେଷ୍ଟା କରି ସଫଳତା ପାଇବେ। ମନରେ ଉତ୍ତେଜନା ଲାଗିରହିବା ଫଳରେ ଚିଡ଼ିଚିଡ଼ା ମନୋଭାବ ପରିଲକ୍ଷିତ ହୋଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ପାଇବେ। ମାଙ୍ଗଳିକ କାମ ସକାଶେ କୌଣସି ବିଳାସ ଉପକରଣ କ୍ରୟ କରିପାରନ୍ତି।

**ମିଥୁନ**
ପାପଗ୍ରହ ମଧ୍ୟସ୍ଥ ଶୁକ୍ର ଓ ବୃହସ୍ପତି ଜନିତ ପ୍ରତିବନ୍ଧକ କାରଣରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବେ। ଭ୍ରମଣ, ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା ପାଇଁ ଦିନଟି ବହୁତ ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାରିବାରିକ ସ୍ଥିତି ପୂର୍ବପରି ଅକ୍ଷୁଣ୍ଣ ରହିବ।

**କର୍କଟ**
ରାହୁଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ଭୁଲ୍‌କାମ କରିପାରନ୍ତି। ବିତର୍କଜନିତ ପରିବାରରେ ସାଧାରଣ କଥାରୁ କଳହର ସମ୍ମୁଖୀନ ହେବାକୁ ପଡ଼ିବ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଋଣ ପରିଶୋଧକୁ କେନ୍ଦ୍ରକରି କରଜଦାତାଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ସିଂହ**
ପାରିବାରିକ ସମସ୍ୟାର ସରଳ ସମାଧାନ ସକାଶେ ଅନୁକୂଳ ପରିବେଶ ସୃଷ୍ଟିହେବ। ସ୍ୱାର୍ଥସାଧନରେ ବିଫଳତାକୁ ନେଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଜମିଜମା କିଣାବିକା ବାବଦରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**କନ୍ୟା**
ନୀଚାରୋହୀ ବୁଧଜନିତ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପାରିବାରିକ ସ୍ତରରେ ନୀରବଦ୍ରଷ୍ଟା ଭଳି କାମ କରି ପରେ ଚିନ୍ତିତ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ସୂଚନା ରହିଛି। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଆପଣଙ୍କୁ ଦୌଡ଼ିବାକୁ ପଡ଼ିପାରେ।

**ତୁଳା**
କର୍ମାଧିପ ରାଶିରେ ଥିବାରୁ ଆଜି ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହେବ। ବିଶେଷ ଭ୍ରମଣ କାରଣରୁ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କୌଣସି କାମ ହାସଲ ପାଇଁ ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ। ବିବାଦୀୟ ଘଟଣାରେ ସଫଳତା ବିଳମ୍ବରେ ପାଇବେ।

**ବିଛା**
କର୍ମାଧିପ ଅଷ୍ଟମାଧିପତି ଯୁକ୍ତ କାରଣରୁ ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ସମସ୍ୟା ଭୋଗିବେ। ପଡ଼ୋଶୀଙ୍କ ସହ ମଧୁର ସମ୍ପର୍କ ସାହାଯ୍ୟକାରୀ ହେବ।

**ଧନୁ**
ଶନି ଓ ବୁଧଙ୍କ ସଂଯୋଗ ହେତୁ ଫେରିବା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସାଂଗଠନିକ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବାର ଆଶଙ୍କା ରହିଛି।

**ମକର**
ଗୁରୁ ସହ ଶୁକ୍ରଙ୍କ ସଂଯୋଗ ହେତୁ ସବୁ ସମୟରେ ପାଖରେ ରହୁଥିବା କୌଣସି ବ୍ୟକ୍ତି ଦ୍ୱାରା କାମ ହାସଲ କରିବେ। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଭାବୁଥିବା କାମଟି ସକାଶେ ସହଯୋଗ ଆଶା ରଖିବେ କିନ୍ତୁ ବନ୍ଧୁଙ୍କୁ କହିପାରିବେ ନାହିଁ। ବିବାଦୀୟ ଘଟଣା ଅପରାହ୍ନେ ସମାଧାନ ହୋଇଯିବାର ଆଶା ରହିଛି।

**କୁମ୍ଭ**
ବ୍ୟୟାଧିପ ରାଶିସ୍ଥ ଯୋଗୁ ପରିବାରର ଖର୍ଚ୍ଚ ବୃଦ୍ଧି କାରଣରୁ ଚିନ୍ତା ପ୍ରକଟ କରିବେ। ବିଭିନ୍ନ ସମସ୍ୟାମୂଳକ କାମରେ ପ୍ରବେଶ କରି ବ୍ୟସ୍ତତା ଅନୁଭବ କରିପାରନ୍ତି। ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟ କାରଣରୁ କିମ୍ବା ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମୀନ**
ଉଚ୍ଚସ୍ଥ ଶୁକ୍ର ରାଶ୍ୟାଧିପ ସହ ଥିବାରୁ ନୂତନ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ସ୍ମରଣୀୟ ରହିବ। ବୁଝାମଣା ମାଧ୍ୟମରେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। ବଡ଼ ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ ମାନ୍ଦା ହେବ ନାହିଁ।

ଆଜି ଚୈତ୍ର କୃଷ୍ଣ ଚତୁର୍ଥୀ, ଶନିବାର, ମାର୍ଚ୍ଚ ୧୧ ତାରିଖ, ଶାସ୍ତ୍ରୀୟ ଓଡ଼ିଆଭାଷା ଦିବସ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ୧୦।୨୮ ଗତେ ଘ.୦୧।୦୭ ମଧ୍ୟେ ଶୁଭଶୁଭବେଳା। ଦିବା ଘ.୦୮।୫୯ ଗତେ ଘ.୧୦।୨୮ମଧ୍ୟେ ରାହୁକାଳ ॥

# ଓଡ଼ିଶାକୁ ସୁଭାଷ ବୋଷ ବିପର୍ଯ୍ୟୟ ପରିଚାଳନା ପୁରସ୍କାର

ଭୁବନେଶ୍ୱର,୧୦।୩(ବ୍ୟୁରୋ)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ 'ସୁଭାଷ ଚନ୍ଦ୍ର ବୋଷ ବିପର୍ଯ୍ୟୟ ପରିଚାଳନା ପୁରସ୍କାର-୨୦୨୩' ଗ୍ରହଣ କରୁଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ।

ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଓଡ଼ିଶାକୁ ସୁଭାଷ ଚନ୍ଦ୍ର ବୋଷ ବିପର୍ଯ୍ୟୟ ପରିଚାଳନା ପୁରସ୍କାର-୨୦୨୩ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ତୃତୀୟ ବିପର୍ଯ୍ୟୟ ବିପଦ ହ୍ରାସ ମଞ୍ଚ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସମ୍ମାନ ପ୍ରଦାନ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ପ୍ରଧାନମନ୍ତ୍ରୀଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀରେ କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସଡିଏମଏ)କୁ ଏହି ସମ୍ମାନ ପ୍ରଦାନ ପାଇଁ ଘୋଷଣା କରିଥିଲେ। ପୁରସ୍କାର ବାବଦରେ ୫୧ ଲକ୍ଷ ଟଙ୍କାର ଅର୍ଥ ରାଶି ସହିତ ପ୍ରମାଣ ପତ୍ର ପ୍ରଦାନ ପ୍ରଦାନ କରାଯାଇଛି। ଓଡ଼ିଶାର ବିପର୍ଯ୍ୟୟ ପରିଚାଳନାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ବାତ୍ୟାଠୁ ବନ୍ୟା ଭଳି ବିପର୍ଯ୍ୟୟ ସମୟରେ ଓଡ଼ିଶାର ପରିଚାଳନା ଖୁବ୍ ଭଲ ରହିଛି। ଲଗାତର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ହାଉସିଂ ବୋର୍ଡ, ଉନ୍ନୟନ କର୍ତ୍ତୃପକ୍ଷଙ୍କ ଲିଜ୍ ଜମିକୁ ଫ୍ରି ହୋଲ୍ଡ କରାଯିବ

ଭୁବନେଶ୍ୱର,୧୦।୩(ବ୍ୟୁରୋ)

## କ୍ୟାବିନେଟ ନିଷ୍ପତ୍ତି

- ପଞ୍ଚାୟତିରାଜ ବିଭାଗର ୩୧୪ ପଦବୀ ଉଚ୍ଛେଦ ହେବ
- ଟାଉନ ପ୍ଲାନିଂ ସ୍କିମ୍: ଜମି କିସମ ପରିବର୍ତ୍ତନ ଦେୟମୁକ୍ତ ହେବ
- ୧୦୫ ଚକବନ୍ଦୀ ଠିକା କର୍ମଚାରୀଙ୍କୁ ମିଳିବ ପ୍ରାପ୍ୟ

ବାସଗୃହ ପ୍ରକଳ୍ପ ପାଇଁ ଲିଜ୍ ସୂତ୍ରରେ ଆବଣ୍ଟିତ ଜମିକୁ ସରକାର ଫ୍ରି ହୋଲ୍ଡ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ପିପିପି ମୋଡ୍‌ରେ ବିକଶିତ ପ୍ରକଳ୍ପଗୁଡ଼ିକ ପାଇଁ ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡ ଏବଂ ଉନ୍ନୟନ କର୍ତ୍ତୃପକ୍ଷ ସପକ୍ଷରେ ଲିଜ୍ ହୋଇଥିବା ଜମି ମଧ୍ୟ ଫ୍ରି ହୋଲ୍ଡ ସ୍ଥିତିକୁ ରୂପାନ୍ତର କରାଯିବ। ଏହାଦ୍ୱାରା ଆବଣ୍ଟନଗ୍ରାହୀମାନେ ପାଇଥିବା ଘରକୁ ଭୋଗ ଦଖଲ କରିପାରିବେ। ଏହି ପ୍ରସ୍ତାବକୁ ଗୁରୁବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି।

ସେହିରପି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗରେ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସରକାର ଓଡ଼ିଶା ପଞ୍ଚାୟତିରାଜ ସେବା ବର୍ଗରେ ୩୧୪ଟି ଦ୍ୱିତୀୟ ଶ୍ରେଣୀ ପଦବୀକୁ ଉଚ୍ଛେଦ କରିବେ। ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦବୀରୁ ଯୁଗ୍ମ ନିର୍ଦ୍ଦେଶକ ପଦବୀ ପର୍ଯ୍ୟନ୍ତ ୧୦୩ଟି ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଦ ସୃଷ୍ଟି କରାଯିବ।

ଓଡ଼ିଶା ସରକାରଙ୍କ ବନ୍ଦୋବସ୍ତ ଓ ଚକବନ୍ଦୀ ସଂସ୍ଥାର ୧୦୫ ଠିକା କର୍ମଚାରୀ, ଯେଉଁମାନେ ୧୯୯୩ ଏପ୍ରିଲ ୧୨ ପୂର୍ବରୁ ନିଯୁକ୍ତି ପାଇଥିବେ ଓ ୨୦୦୫ ମାର୍ଚ୍ଚ ୧୫ ପୂର୍ବରୁ ଅବସର ଗ୍ରହଣ କରି କିମ୍ବା ମୃତ୍ୟୁ ହୋଇଥିବ, ସେମାନଙ୍କୁ ସର୍ବନିମ୍ନ ଅବସରକାଳୀନ ପ୍ରାପ୍ୟ ବା ପାରିବାରିକ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯିବ। କ୍ୟାବିନେଟ ଏହି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି।

ଓଡ଼ିଶା ଭୂସଂସ୍କାର ଆଇନ-୧୯୬୦ର ଧାରା ୭୩(ଗ) ଅନୁଯାୟୀ ଓଡ଼ିଶା ସରକାର ଟାଉନପ୍ଲାନିଂ ସ୍କିମ୍‌ଗୁଡ଼ିକ ନିମନ୍ତେ ଚାଷଜମିକୁ ଅଣଚାଷ ଉଦ୍ଦେଶ୍ୟରେ କିସମ ପରିବର୍ତ୍ତନ ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯିବ। ଓଡ଼ିଶା ପଞ୍ଚାୟତିରାଜ ଯାନ୍ତ୍ରିକ ସେବା ନିଯୁକ୍ତି ନିୟମାବଳୀ-୨୦୧୭କୁ ସଂଶୋଧନ କରାଯିବ। ଏହି ସଂଶୋଧନ ଫଳରେ ପଞ୍ଚାୟତିରାଜ କ୍ୟାଡରର ସହକାରୀ ଯନ୍ତ୍ରୀମାନଙ୍କୁସହକାରୀ ନିର୍ବାହୀ ଯନ୍ତ୍ରୀ ଗ୍ରେଡ୍‌କୁ ପଦୋନ୍ନତି ମିଳିପାରିବ। ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ସେହିପରି ବରିଷ୍ଠ ସହକାରୀ ନିବନ୍ଧକ ପଦବୀ ସୃଷ୍ଟି କରାଯିବା ସହ ରାଜ୍ୟ ସମବାୟ ସେବାରେ କାର୍ଯ୍ୟରତ ଅଧିକାରୀମାନଙ୍କ ସେବା ସର୍ତ୍ତାବଳୀକୁ ସଂଗଠିତ ଓ ପଦୋନ୍ନତିକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଓଡ଼ିଶା ସମବାୟ ସେବା(ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ନିୟମ ୧୯୭୪ର ସଂଶୋଧନ କରାଯାଇ ଓଡ଼ିଶା ସମବାୟ ସେବା( ନିଯୁକ୍ତି ଓ ସେବା ସର୍ତ୍ତାବଳୀ)-୨୦୨୩ କାର୍ଯ୍ୟକାରୀ ହେବ। ଏହାକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି।

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ତହସିଲ ଅନ୍ତର୍ଗତ ଅଁଳା ଡୋଭା ମୌଜାର ୫ ଡିସିମିଲ ଜମି ରାଇରଙ୍ଗପୁର ଗୋଶାଳା କମିଟି ଦଖଲରେ ରହିଛି। ଏହାକୁ ମାଗଣାରେ ରାଇରଙ୍ଗପୁର ଗୋଶାଳା କମିଟି ସମ୍ପାଦକଙ୍କୁ ପ୍ରଦାନ କରାଯିବ। ସେହିପରି ନୟାଗଡ଼ର ବଲାଙ୍ଗୀବନ୍ଧ ପାର୍କ ଓ ପୁଷ୍କରିଣୀ ନିର୍ମାଣ ପାଇଁ ରାଜ୍ୟ ସରକାର ଷ୍ଟାମ୍ପ ଦେୟ ଓ ପଞ୍ଜୀକରଣ ଫି' ଛାଡ଼ କରିବେ। ବୟନିକା ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ରଙ୍କୁ ରାଜ୍ୟ ସରକାର ଓଡ଼ିଶା ଲୋକସେବା ଆୟୋଗ ସଦସ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ଏହାକୁ କ୍ୟାବିନେଟ ଅନୁମୋଦନ କରିଛି।

# ଅଟେଇ ସଂରକ୍ଷିତ ଜଙ୍ଗଲରୁ ୨ ଟ୍ରାପ୍ କ୍ୟାମେରା ଚୋରି

କେନ୍ଦୁଝର/ପାଟଣା,୧୦।୩(ସ୍ୱ.ପ୍ର.)

- ବନ ବିଭାଗ ପକ୍ଷରୁ ଥାନାରେ ମାମଲା
- ମହାବଳ ବାଘ ଉପସ୍ଥିତିକୁ ନେଇ ଦ୍ୱନ୍ଦ୍ୱ



ଗଛରେ ଲାଗିଥିବା ଟ୍ରାପ୍ କ୍ୟାମେରା।

ମହାବଳ ବାଘର ଗତିବିଧି ନିରୀକ୍ଷଣ ପାଇଁ କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ଲଗାଯାଇଥିବା ୨ ଟ୍ରାପ୍ (ସିସିଟିଭି) କ୍ୟାମେରା ଚୋରିହୋଇଯାଇଛି। ଦୁଇ କ୍ୟାମେରା ରୋହିଣୀଦୁମା ଜଙ୍ଗଲରେ ଲଗାଯାଇଥିଲା। ଚୋରି ପଛରେ ସ୍ଥାନୀୟ ଲୋକ କିମ୍ବା ଶିକାରୀଙ୍କ ହାତ ଥିବା ବନ ବିଭାଗ ସନ୍ଦେହ କରୁଛି। ଚୋରି ନେଇ ପାଟଣା ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଡିଏଫ୍‌ଓ ଏଚ୍.ଡି.ଧନରାଜ କହିଛନ୍ତି।

ପ୍ରକାଶ ଯେ, କିଛିମାସ ତଳେ ପାଟଣା ବନାଞ୍ଚଳ ଅନ୍ତର୍ଗତ ଉକ୍ତ ଗ୍ରାମ ନିକଟରେ ଜଣେ ବ୍ୟକ୍ତିଙ୍କ କ୍ଷତାକ୍ତ ମୃତଦେହ ରାସ୍ତାରୁ ମିଳିବା ପରେ ବାଘ ଆତଙ୍କ ଦେଖାଦେଇଥିଲା। କିନ୍ତୁ ବାଘ ଆକ୍ରମଣ ନୁହେଁ ଏହା ଏକ ହତ୍ୟାକାଣ୍ଡ ବୋଲି ବନ ବିଭାଗ କହି ଆସୁଥିଲା। ବ୍ୟବଚ୍ଛେଦ ରିପୋର୍ଟରେ କ'ଣ ବାହାରିଲା ତାହାର ଯାଞ୍ଚ କଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ମତପ୍ରକାଶ ପାଉଛି। ଅଭିଯୋଗ ପରେ କେନ୍ଦୁଝର ବନଖଣ୍ଡର ପାଟଣା ଓ ଘଟଗାଁ ରେଞ୍ଜରେ ମହାବଳ ବାଘ ନିରୀକ୍ଷଣ ପାଇଁ ସମୁଦାୟ ୫୫ଟି ସିସିଟିଭି ବା ଟ୍ରାପ୍ କ୍ୟାମେରା ବିଭିନ୍ନ ଗଛରେ ଲଗାଯାଇଥିଲା। ସେଥି ମଧ୍ୟରୁ ଦୁଇ କ୍ୟାମେରା ମିଳୁ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ଟ୍ରାପ୍ କ୍ୟାମେରା ଲାଗିବା ଫଳରେ ଅଟେଇ ଜଙ୍ଗଲରେ ଶିକାରୀମାନଙ୍କ ଚଳପ୍ରଚଳ ଉପରେ ଅଂକୁଶ ଲାଗିଛି। ଏଣୁ ଏହି ଚୋରି ପଛରେ ଶିକାରୀ କିମ୍ବା ସ୍ଥାନୀୟ ଲୋକଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ କିଛି ଦିନ ତଳେ ମହାବଳ ବାଘର ଏକ ଫଟୋକୁ ନେଇ ବନ ବିଭାଗ ପକ୍ଷରୁ ଘଟଗାଁ ଅଞ୍ଚଳରେ ବାଘର ଉପସ୍ଥିତି ନେଇ ଦାବି କରାଯାଇଥିଲା। କିନ୍ତୁ ଅଦ୍ୟାବଧି ବାଘର ଉପସ୍ଥିତି ନେଇ କୌଣସି ସୂଚନା ମିଳୁନାହିଁ। ଏନେଇ ବନ ବିଭାଗ ଅଧିକ ସିସିଟିଭି କ୍ୟାମେରା ଲଗାଇଥିଲେ ହେଁ ବାଘର ଫଟୋ କୌଣସି କ୍ୟାମେରାରେ କଏଦ ହୋଇ ନ ଥିବା ସମସ୍ତଙ୍କୁ ଚକିତ କରିଛି। ଆଖପାଖ ଜଙ୍ଗଲରେ ବାଘର ଉପସ୍ଥିତିକୁ ନେଇ ସେଭଳି ପାରିପାର୍ଶ୍ୱିକ ପ୍ରମାଣ ଯଥା ଲୋକଙ୍କୁ ଆକ୍ରମଣ, ବାଘର ଗର୍ଜନ, ଗୋରୁ ବା ମଇଁଷିକୁ ଆକ୍ରମଣ ଆଦି ମଧ୍ୟ ମିଳୁନାହିଁ। ଏଣୁ ମହାବଳ ବାଘର ଉପସ୍ଥିତିର ସତ୍ୟତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ବାଘର କୌଣସି ଫଟୋ ଉତ୍ତୋଳନ ହୋଇ ନ ଥିବାରୁ ବାଘଟି ପୁଣି ନିଜ ବାସସ୍ଥାନକୁ ଚାଲିଯାଇଥାଇ ପାରେ ବୋଲି ବନ ବିଭାଗର ବରିଷ୍ଠ ଅଧିକାରୀମାନେ ଆଶଙ୍କା କରୁଛନ୍ତି।

# ମାନସିକ ରୋଗୀ ପାଇଲେ ନୂଆ ଜୀବନ

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ବିଏସ୍‌କେୱାଇ ଓ ଗଞ୍ଜାମ ଜିଲା ମାନସିକ ସ୍ୱାସ୍ଥ୍ୟ ଟିମ୍‌ର ମିଳିତ ପ୍ରଚେଷ୍ଟା

## ଶିକ୍ଷା ପାଇଁ ଝିଅକୁ ମିଳିଲା ସହାୟତା



ଡିସ୍‌ଚାର୍ଜ ହେବା ପୂର୍ବରୁ ଡାକ୍ତର ଓ ପରିବାର ଲୋକଙ୍କ ସହ ପ୍ରଭାସିନୀ ନାଇକ।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଏବଂ ଗଞ୍ଜାମ ଜିଲା ମାନସିକ ସ୍ୱାସ୍ଥ୍ୟ ଟିମ୍‌ର ମିଳିତ ପ୍ରଚେଷ୍ଟା ଯୋଗୁ ଜଣେ ମାନସିକ ଦିବ୍ୟାଙ୍ଗ ରୋଗୀ ସୁସ୍ଥ ହୋଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ କଇଥପୋଲି ହରିଜନ ସାହିର ପ୍ରଭାସିନୀ ନାଇକ। ସେ ମାନସିକ ରୋଗରୁ ଆରୋଗ୍ୟ ଲାଭ କରିଥିବାବେଳେ ତାଙ୍କ ଝିଅ ବର୍ଷା (୧୭ ବର୍ଷ)ଙ୍କୁ ପାଠପଢ଼ା ପାଇଁ ସରକାରୀ ସହାୟତା ମିଳିଥିବା ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଭାସିନୀ ମାନସିକ ରୋଗଗ୍ରସ୍ତ ହୋଇପଡ଼ିଥିଲେ। ତେଣୁ ନାବାଳିକା ଝିଅ ବର୍ଷାଙ୍କୁ ଘରର ସବୁ କାମଧନ୍ଦା ସହ ଖାଦ୍ୟ ଯୋଗାଡ଼, ମା'ଙ୍କର ଯତ୍ନ ଆଦି ସମସ୍ତ ଦାୟିତ୍ୱ ସମ୍ଭାଳିବାକୁ ପଡୁଥିଲା। ଆର୍ଥିକ ଦୁରବସ୍ଥା ମଧ୍ୟ ଆଉ ଏକ ବାଧକ ଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବିଏସ୍‌କେୱାଇ ଟିମ୍ ମିଶନ ମୋଡରେ କାମ ଆରମ୍ଭ କରିଥିଲା। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ, ଗଞ୍ଜାମ ଜିଲା ମାନସିକ ସ୍ୱାସ୍ଥ୍ୟ ଟିମ୍ ଓ ବେଲଗୁଣ୍ଠା କମ୍ୟୁନିଟି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଦଳଗତ ଉଦ୍ୟମ ଆରମ୍ଭ ହୋଇଥିଲା। ପ୍ରଭାସିନୀ ରହୁଥିବା ଗ୍ରାମରେ ପହଞ୍ଚି ଏହି ମିଳିତ ଟିମ ସ୍ଥାନୀୟ ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ସହାୟତାରେ ପ୍ରଭାସିନୀଙ୍କ ପରିବାର ସହ ଆଲୋଚନା କରିଥିଲା। ପରିବାରର ପୂର୍ଣ୍ଣ ସହମତିରେ ପ୍ରଭାସିନୀଙ୍କୁ ଗତ ଫେବୃୟାରୀ ୧୬ରେ ସ୍ୱତନ୍ତ୍ର ଗାଡିରେ କମ୍ୟୁନିଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ସେଠାରେ ଆବଶ୍ୟକ ଚିକିତ୍ସା ପରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଥିବା ଜିଲା ମାନସିକ ସ୍ୱାସ୍ଥ୍ୟ ଓ ନିଶା ନିବାରଣ ଚିକିତ୍ସାଳୟକୁ ନିଆଯାଇ ଉନ୍ନତ ଚିକିତ୍ସା ଆରମ୍ଭ କରାଯାଇଥିଲା। ବିଶେଷଜ୍ଞଙ୍କ ଦ୍ୱାରା ପଦ୍ଧତିଗତ ଚିକିତ୍ସା ଓ ନିରନ୍ତର ପର୍ଯ୍ୟବେକ୍ଷଣ ଯୋଗୁ ପ୍ରଭାସିନୀଙ୍କ ମାନସିକ ସ୍ଥିତିରେ ଦ୍ରୁତ ଉନ୍ନତି ଆସିଥିଲା। ଶେଷରେ ଗୁରୁବାର ପ୍ରଭାସିନୀଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ସମ୍ପୂର୍ଣ୍ଣ ଚିକିତ୍ସା ଏବଂ ଔଷଧ ଆଦି ତାଙ୍କୁ ମାଗଣାରେ ଯୋଗାଇ ଦିଆଯାଇଥିଲା। ଶୁକ୍ରବାର ମିଳିଥିବା ଖବର ଅନୁସାରେ ବର୍ତ୍ତମାନ ପ୍ରଭାସିନୀ ପ୍ରାୟ ସ୍ୱାଭାବିକ ଜୀବନ ଆରମ୍ଭ କରୁଛନ୍ତି। ବିଏସ୍‌କେୱାଇ ଏବଂ ଜିଲା ମାନସିକ ସ୍ୱାସ୍ଥ୍ୟ ଟିମ୍ ମଧ୍ୟ ତାଙ୍କ ପରିବାର ସହ ଯୋଗାଯୋଗରେ ଅଛନ୍ତି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ବର୍ଷାଙ୍କୁ ଶିକ୍ଷା ବାବଦ ଜରୁରୀ ଖର୍ଚ୍ଚ ନିମନ୍ତେ ୫ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି। 'ବୁକ ବ୍ୟାଙ୍କ'ରୁ ମାଗଣାରେ ତାଙ୍କୁ ବହି ଯୋଗାଇ ଦିଆଯାଇଛି। ବର୍ଷାଙ୍କ ଯୁକ୍ତ୨ ଶିକ୍ଷା ନିମନ୍ତେ ସମସ୍ତ ଫି' ଛାଡ଼ କରିବା ପାଇଁ ଭଞ୍ଜନଗର ଉପଜିଲାପାଳ ସମ୍ପୃକ୍ତ କଲେଜକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ମଧ୍ୟ ସାମିଲ କରାଯାଇଥିବାବେଳେ ଗ୍ରାମୀଣ ଆବାସ ଯୋଜନାରେ ସାମିଲ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି।

# ଝିଅର ମୃତଦେହ ନେଉଥିବା ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

ଦାରିଙ୍ଗବାଡ଼ି,୧୦।୩(ଡି.ଏନ୍.ଏ)

## ମା'ଙ୍କ ସମେତ ୩ ଆହତ

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ମୁଣ୍ଡାନାଜୁ ବୁଲାଣି ରାସ୍ତାରେ ଶୁକ୍ରବାର ଝିଅର ମୃତଦେହ ନେଇ ଯାଉଥିବା ଏକ ଆମ୍ବୁଲାନ୍ସ (ଓଡି ୦୨ଆର-୩୬୭୭) ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ମୃତକଙ୍କ ମା' ରାତ୍ମୀ ଭୋଇ, ଭଉଣୀ ବୀର ଭୋଇ ଓ ଭାଇ ସୁଦାମ ଭୋଇ।

ବାଲୁଗୁଡ଼ା ବ୍ଲକ ଲଣ୍ଡାଗାଁ ଗ୍ରାମର ନାଥ ଭୋଇଙ୍କ ନାବାଳିକା ଝିଅ ରଚନା ଅସୁସ୍ଥ ଥିବାରୁ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରଚନାଙ୍କ ମୃତ୍ୟୁ ଘଟିଥିଲା। ଝିଅର ମୃତଦେହ ନେଇ ପରିବାର ଲୋକେ ଲଣ୍ଡାଗାଁକୁ ଫେରୁଥିଲେ। ଏହି ସମୟରେ ରାତି ଅନିଦ୍ରା ଥିବା ଆମ୍ବୁଲାନ୍ସ ଚାଳକଙ୍କ ଆଖି ଲାଗିଯାଇଥିଲା। ଫଳରେ ଗାଡ଼ିଟି ଦାରିଙ୍ଗବାଡ଼ି ଥାନା ମୁଣ୍ଡାନାଜୁ ବୁଲାଣି ରାସ୍ତାରେ ଏକ ୱାଲ୍‌ରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦାରିଙ୍ଗବାଡ଼ି ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଅନ୍ୟ ଆମ୍ବୁଲାନ୍ସରେ ବାଲିଗୁଡ଼ା ଡାକ୍ତରଖାନାକୁ ପଠାଇଛି। ସେହିପରି ଅନ୍ୟ ଏକ ଗାଡ଼ିରେ ମୃତଦେହ ଲଣ୍ଡାଗାଁକୁ ପଠାଇଥିଲା। ଅନ୍ୟପଟେ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସକୁ ଜବତ କରିଥିବା ବେଳେ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ମହିଳା-ପୁରୁଷଙ୍କୁ ସମାନ ସୁଯୋଗ, ସମ୍ମାନ ମିଳିବା ଆବଶ୍ୟକ




ଭୁବନେଶ୍ୱର, ୧୦।୩ (ବ୍ୟୁରୋ)

ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ ଓ ଭାରତ ସରକାରଙ୍କ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ନୟାପଲ୍ଲୀସ୍ଥିତ ଆଞ୍ଚଳିକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ଲାନିଂ ଆପ୍ଲାଏଡ୍ ଇକୋନୋମିକ୍ସ ଆଣ୍ଡ୍ ଷ୍ଟାଟିଷ୍ଟିକ୍ସଠାରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ଉପମହାନିର୍ଦ୍ଦେଶକ ଶ୍ରୀନିବାସ ଉପ୍ପଲା ଅଧ୍ୟକ୍ଷତା କରି କହିଲେ, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପ୍ରଥମେ ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ଅଧିକ କର୍ତ୍ତୃତ୍ୱ ଥିଲା। ମାତ୍ର ବର୍ତ୍ତମାନ ଆମେ ସମାନତା ଆଡ଼କୁ ଗତି କରୁଛୁ। ତେଣୁ ପୁରୁଷ ଓ ମହିଳା ଉଭୟଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସମାନ ସୁଯୋଗ ଏବଂ ସମ୍ମାନ ମିଳିବା ଉଚିତ। ଉତ୍କଳ ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ନବନୀତା ରଥ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ସଶକ୍ତୀକରଣ, ଲିଙ୍ଗଗତ ଅସମାନତା ଆଦି ବିଷୟରେ ବକ୍ତବ୍ୟ ରଖିଥିଲେ। ଉପନିର୍ଦ୍ଦେଶକ ସୋମନାଥ ଜାନା ଧନ୍ୟବାଦ ଦେଇଥିଲେ।


BIJU PATTANAIK
FILM & TELEVISION INSTITUTE OF ODISHA
BOSE Campus, Cuttack-753 007
email: bpftio123@gmail.com

ADMISSION NOTICE -2023

No.CAD-5097:- Biju Pattanaik Film & Television Institute of Orissa, Cuttack is a Government owned, AICTE recognized Institute offering 4 years Degree Course (B.CAT) under BPUT (Biju Pattanaik University of Technology).

ON-LINE Application are invited for admission to the 1st year Programme in the following specializations for academic session 2023-24.

| Sl No. | Course | No. of Seats | Entry Qualification |
|---|---|---|---|
| 1. | Cinematography | 20 | Intermediate (10+2) in Science from CHSE, Odisha/ CBSE/ICSE/ Other State Board or any equivalent recognized by CHSE. |
| 2. | Sound Recording & Sound Design | 20 | |
| 3. | Film Editing | 20 | Intermediate (10+2) in Science/Arts/Commerce from CHSE, Odisha/ CBSE/ICSE/ Other State Board or any equivalent recognized by CHSE. |

Desirous candidates may apply through OJEE (www.ojee.nic.in).

The last date of submission of online Application Form is 20.03.2023.

For any Queries Contact :
8249889162, 9437069564, 9439978071

Sd/-
Director

Make your Career in
Film / TV / Radio
For Details Visit : www.bpftio.org
OIPR-11058/11/0020/2223



IDBI BANK
ଆଇଡ଼ିବିଆଇ ବ୍ୟାଙ୍କ ଲିଃ., ୧ମ ମହଲା, ଆଇଡ଼ିବିଆଇ ହାଉସ୍, ଜନପଥ, ୟୁନିଟ୍ - ୯, ଭୁବନେଶ୍ୱର-୭୫୧୦୨୨, ଫୋନ୍: ୦୬୭୪-୬୬୧୬୫୪୬, CIN: L65190MH2004GOI148838

ପରିଶିଷ୍ଟ-୪ [ରୁଲ୍ ୮(୧)]
ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍‌**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) (ସରଫେଶୀ ଆକ୍ଟ) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ କଥିତ ଆକ୍ଟ ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରି ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥରାଶି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ ତାଙ୍କର ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନ ଦର୍ଶିତ ତାରିଖରେ ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ **ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ବକେୟା ପରିମାଣ | ଡିମାଣ୍ଡ /ଦଖଲ ନୋଟିସ୍‌ର ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ମୁନରାଣୀ ଏଣ୍ଟରପ୍ରାଇଜର୍ସ, ସ୍ୱତ୍ୱାଧିକାରୀ/ବନ୍ଧକଦାତା: ଶ୍ରୀମତୀ ମୁନରାଣୀ ମହାନ୍ତି,** ସା: ୧ମ ମହଲା, ଖାତା ନଂ.: ୬୪୩/୬୪୧, ପ୍ଲଟ୍ ନଂ.: ୭୪୩/୨୯୪୪୩, ଲେଙ୍କୁଡିପଡ଼ା, ଜିଲ୍ଲା: ନୟାଗଡ଼, ଓଡ଼ିଶା - ୭୫୨୦୭୦/ **ଗ୍ୟାରେଣ୍ଟିଦାତା: ସତ୍ୟ ନାରାୟଣ ମାଝୀ,** ସା: ନିଉ ରାଜବାଟି ଲେନ୍, ତ୍ରିନାଥ ଛକ, ନୟାଗଡ଼, ଓଡ଼ିଶା - ୭୫୨୦୬୯ | ଟ.୬୦,୦୬,୭୬୦/- ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଦେୟ | ୨୯.୧୨.୨୦୨୨ / ୧୦.୦୩.୨୦୨୩ | **ଶ୍ରୀମତୀ ମୁନରାଣୀ ମହାନ୍ତି,** ସ୍ୱାମୀ: ଶ୍ରୀ ସତ୍ୟନାରାୟଣ ମାଝୀଙ୍କ ନାମରେ ଥିବା ସ୍ଥାବର ବାସୋପଯୋଗୀ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୬୫/୧୭୦୯ (କ୍ଷେତ୍ର: ଏକର୦.୦୬୫ ଡିସିମିଲି), ଖାତା ନଂ.: ୬୧୬/୩୮୮, ମୌଜା: ଅଣ୍ଡିଲୋ, ଥାନା/ଏସଆରଓ/ତହସିଲ: ବାଲିଅନ୍ତା, ଥାନା ନଂ.: ୧୪, ଖୋର୍ଦ୍ଧା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ.: ୨୫୭, ପୂର୍ବ: ସବ୍ ପ୍ଲଟ୍ ନଂ.: ୨୦୯, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୨୫୮, ସହିତ ସେଠାରେ ଥିବା ଗୃହ ଏବଂ ନିର୍ମାଣ ଏବଂ ଉକ୍ତ ସ୍ଥାନ ସହିତ ସଂଲଗ୍ନ ହୋଇଥିବା ସମସ୍ତ କଳକବ୍ଜା ଓ ଯନ୍ତ୍ରପାତି କିମ୍ବା ସ୍ଥାନ ସହିତ ସ୍ଥାୟୀ ଭାବରେ ଖୋଲା ପଡିଥିବା ଭୂ-ସଂଲଗ୍ନ ଯେକୌଣସି ଦ୍ରବ୍ୟ। |
| **ଋଣଗ୍ରହୀତା/ବନ୍ଧକଦାତା: ୧) ଶ୍ରୀ ପ୍ରଣବ କୁମାର ରୟ, ଠିକଣା-୧:** ମାର୍ଫତ୍: ହ୍ୱାଇଟ୍‌ପେପର ଇନ୍‌ଫ୍ରାଟେକ୍ ପ୍ରା. ଲିଃ., ସା: ପ୍ଲଟ୍ ନଂ.: ୫୮୪୦, ୫୨୦୮, ଗଜପତି ନଗର, ପୋ.: ସୈନିକ ସ୍କୁଲ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା - ୭୫୧୦୦୫, **ଠିକଣା-୨:** ସା: ପ୍ଲଟ୍ ନଂ.: ୨୮୯/୧୬୬୪/୬୫୯୪, ନିଳାଦ୍ରୀ ବିହାର, ସୈଳଶ୍ରୀ ବିହାର, ଭୁବନେଶ୍ୱର, ଓଡ଼ିଶା - ୭୫୧୦୨୧, **ଠିକଣା-୩:** ସା: ଫ୍ଲାଟ୍ ନଂ.: ୧୦୨, ୧ମ ମହଲା, ପ୍ରିମିୟର ଆଶିଆନା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୪/ **୨) ଶ୍ରୀମତୀ ସସ୍ମିତା ରୟ,** ସା: ଫ୍ଲାଟ୍ ନଂ.: ୧୦୨, ୧ମ ମହଲା, ପ୍ରିମିୟର ଆଶିଆନା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୪ | ଟ.୭,୧୦,୮୮୪/- ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଦେୟ | ୨୩.୧୨.୨୦୨୨ / ୦୬.୦୩.୨୦୨୩ | **ଶ୍ରୀ ପ୍ରଣବ କୁମାର ରୟ ଏବଂ ଶ୍ରୀମତୀ ସସ୍ମିତା ରୟଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୧୦୨, ୧ମ ମହଲା, ପ୍ରିମିୟର ଆଶିଆନା ହାଉସିଙ୍ଗ୍ କମ୍ପ୍ଲେକ୍ସ, ମୌଜା: ଚନ୍ଦ୍ରଶେଖରପୁର, ୟୁନିଟ୍ ନଂ.: ୪୧, ହାଲ୍ ଖାତା ନଂ.: ୩୦୦, ହାଲ୍ ପ୍ଲଟ୍ ନଂ.: ୮୪୬, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୮୪୭, ପଶ୍ଚିମ: ପଟିଆ ଗ୍ରାମର ମୌଜା ପାଟେରୀ, ଉତ୍ତର: ପଟିଆ ଗ୍ରାମର ମୌଜା ପାଟେରୀ ଏବଂ ରାସ୍ତା, ଦକ୍ଷିଣ: ପଟିଆ ଗ୍ରାମର ମୌଜା ପାଟେରୀ, ସହିତ ସେଠାରେ ଥିବା ଗୃହ ଏବଂ ନିର୍ମାଣ ଏବଂ ଉକ୍ତ ସ୍ଥାନ ସହିତ ସଂଲଗ୍ନ ହୋଇଥିବା ସମସ୍ତ କଳକବ୍ଜା ଓ ଯନ୍ତ୍ରପାତି କିମ୍ବା ସ୍ଥାନ ସହିତ ସ୍ଥାୟୀ ଭାବରେ ଖୋଲା ପଡିଥିବା ଭୂ-ସଂଲଗ୍ନ ଯେକୌଣସି ଦ୍ରବ୍ୟ। |

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୦.୦୩.୨୦୨୩
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
+2 Pass/continue (Should interest in ART n CRAFT WORK)
PROJECTRONICS
71, Lane 5, Bapuji Nagar, BBSR, Odisha
Ph.- 9776414425

URGENTLY REQUIRED
HOTEL MANAGER: (Exp. in Online Platform)
DATA ENTRY OPERATOR: (Tally & MS Office)
LEGAL ASSISTANT: (Graduate / LLB)
Contact: 9338554697

URGENT REQUIRED
FRESH / EXPERIENCED
Marketing Executive / Sales / Customer Support Engineer for M/s SIBA SHAKTI ELASTOMER
Qualification: Diploma / Degree / B.Tech.
Email CV to:
info@sibashaktielastomer.co.in

ସର୍ବସାଧାରଣ ସର୍ଭେ (କ୍ଷେତ୍ର କାର୍ଯ୍ୟ): 10th / +2 ପାସ୍ କିମ୍ବା ଫେଲ୍, ବୟସ: 20-28 ବର୍ଷ, ସ୍ମାର୍ଟ ଫୋନ୍ ଓ ବାଇକ୍ ଜରୁରୀ। ଦରମା- 15,000/- ମାସିକ + ପେଟ୍ରୋଲ + ଖାଇବା ଭତ୍ତା।
ଫୋନ୍/ WhatsApp :
9515249158



SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESERCH
Department of Empowerment of Persons with Disabilities (Divyangjan)
(Ministry of Social Justice & Empowerment, Government of India)
OLATPUR, PO - BAIROI, DIST - CUTTACK (ODISHA) - 754010

RECRUITMENT NOTICE

Applications are invited from the eligible candidates for the following posts as under:

| Sl. No. | Name of the Post | No. of Posts |
|---|---|---|
| Adv. No. AD 6B 10.01.2023 Dated 07.03.2023 | | |
| 1. | General Duty Medical Officer | 1 |
| 2. | Prosthetist & Orthotist Grade- I | 1 |
| 3. | Laboratory Technician Grade- II | 1 |
| 4. | Plaster Technician | 1 |
| Adv. No. AD 6B 19.02.2023 Dated 07.03.2023 | | |
| 1. | General Duty Medical Officer (Consultant) | 6 |
| 2. | Legal Consultant | 1 |
| 3. | Staff Nurse (Consultant) | 5 |
| 4. | Physiotherapy (Consultant) | 1 |
| 5. | Occupational Therapy (Consultant) | 1 |
| 6. | Prosthetist & Orthotist (Consultant) | 1 |
| 7. | Radiographer (Consultant) | 1 |
| 8. | Pharmacist (Consultant) | 2 |
| 9. | Laboratory Technician (Consultant) | 1 |
| 10. | Office Assistant (Consultant) | 1 |
| 11. | MTS (Skilled) - Nursing Assistant (Out Sourcing) | 4 |

The aspiring applicants fulfilling the eligibility criteria in all respect can submit their application through online mode. The online registration of application will be made available on SVNIRTAR, Cuttack official Website i.e. https://www.recruitment.svnirtar.nic.in. The link of submission of online application in respect of above said posts along with other relevant information will be activated on 14th March, 2023 For all other details, terms and conditions please log on to website www.svnirtar.nic.in.

Sd/- Director (Offg.)

ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। –ଶ୍ରୀମା



# ରାୟର ପୁନର୍ବିଚାର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟ ଶାସନ ସଚିବ ଆଲାପନ ବନ୍ଦୋପାଧ୍ୟାୟଙ୍କ ମାମଲାରେ ଗତ ବର୍ଷ ସୁପ୍ରିମକୋର୍ଟ ଦେଇଥିବା ରାୟର ପୁନର୍ବିଚାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ସମୟରେ ଶୀର୍ଷ ଅଦାଲତ ରାୟ ଦେଇଥିଲେ ଯେ, ସେଣ୍ଟ୍ରାଲ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ (ସିଏଟି) ନେଇଥିବା ନିଷ୍ପତ୍ତି ବିରୋଧରେ ଦାୟର ପିଟିଶନର ଶୁଣାଣି କରିବା ପାଇଁ କେବଳ ଦିଲ୍ଲୀ ହାଇକୋର୍ଟର ନ୍ୟାୟିକ ଅଧିକାର ରହିଛି, ଅନ୍ୟ କୌଣସି ହାଇକୋର୍ଟ ତାହା କରିପାରିବେ ନାହିଁ। ଗତବର୍ଷ ଜାନୁୟାରୀରେ ସୁପ୍ରିମକୋର୍ଟ କେନ୍ଦ୍ରର ପିଟିଶନକୁ ବିଚାର ପାଇଁ ଅନୁମତି ଦେଇଥିଲେ ଏବଂ କଲକତା ହାଇକୋର୍ଟର ରାୟକୁ ରଦ୍ଦ କରି କେନ୍ଦ୍ରର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିରୋଧରେ ଥିବା ବନ୍ଦୋପାଧ୍ୟାୟଙ୍କ ପିଟିଶନର ଶୁଣାଣିକୁ କଲିକତା ସିଏଟି ବେଞ୍ଚରୁ ଦିଲ୍ଲୀ ପ୍ରିନ୍ସିପାଲ ବେଞ୍ଚକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ସମାନ ସ୍ଥିତି ବି କେନ୍ଦ୍ର ଓ ମାଗାସେସ୍ ପୁରସ୍କାର ବିଜେତା ତଥା ଭାରତୀୟ ବନ ସେବା ଅଧିକାରୀ ସଞ୍ଜୀବ ଚତୁର୍ବେଦୀଙ୍କ ମଧ୍ୟରେ ନ୍ୟାୟିକ ଲଢ଼େଇରେ ଦେଖାଯାଇଥିଲା। କିନ୍ତୁ ପ୍ରିନ୍ସିପାଲ ସିଏଟି ବେଞ୍ଚର ରାୟକୁ ଉତ୍ତରାଖଣ୍ଡ ହାଇକୋର୍ଟ ରଦ୍ଦ କରି ମାମଲାକୁ ଆଲ୍ଲାହାବାଦ ବେଞ୍ଚରୁ ନିଜ ନିକଟକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଗତ ବର୍ଷର ସୁପ୍ରିମକୋର୍ଟଙ୍କ ରାୟକୁ ଦୃଷ୍ଟିରେ ରଖି କେନ୍ଦ୍ର ହାଇକୋର୍ଟର ନ୍ୟାୟିକ କ୍ଷମତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହି ପରିପ୍ରେକ୍ଷୀରେ ଯେହେତୁ ଅର୍ଡରକୁ ଚ୍ୟାଲେଞ୍ଜ କରିବା ପାଇଁ ଦୂର ସ୍ଥାନରୁ କର୍ମଚାରୀମାନେ ଦିଲ୍ଲୀ ଆସିବାରେ ଅସୁବିଧାର ସମ୍ମୁଖୀନ ହେବେ, ସେଥିପାଇଁ ସୁପ୍ରିମକୋର୍ଟ ଗତ ବର୍ଷର ରାୟ ଉପରେ ପୁନର୍ବିଚାର କରିବାକୁ ରାଜି ହୋଇଛନ୍ତି। ସମସ୍ତ ୨୫ଟି ହାଇକୋର୍ଟର ସମାନ ଭାବେ ବିଚାର କରିବାର କ୍ଷମତା ରହିଛି ଏବଂ ସେଭଳି କୌଣସି ବିଶେଷ ବ୍ୟବସ୍ଥାର ପରିକଳ୍ପନା କରିବା ଠିକ୍ ନୁହେଁ।

### ଦୀର୍ଘଦିନ ପରେ ନିଯୁକ୍ତି

କିଛି ଦିନ ପୂର୍ବେ କେତେଜଣ ବାବୁ ପର୍ଯ୍ୟବେକ୍ଷକ ଯାହା କହୁଥିଲେ ଏବେ ତାହା ଘଟିଛି। ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ (ସେଲ୍) ଅଧ୍ୟକ୍ଷ ସୋମା ମଣ୍ଡଳଙ୍କୁ ପବ୍ଲିକ ଏଣ୍ଟରପ୍ରାଇଜେସ୍ ସିଲେକ୍ସନ ବୋର୍ଡ (ପିଇଏସ୍‌ବି)ର ସଦସ୍ୟ ଭାବେ କେନ୍ଦ୍ର ନିଯୁକ୍ତି ଦେଇଛି। ମଣ୍ଡଳ ସେଲ୍‌ରୁ ଆସନ୍ତା ମାସରେ ଅବସର ନେବାର ଥିଲା। ବୋର୍ଡରେ ପବ୍ଲିକ୍ ସେକ୍ଟର ସଦସ୍ୟ ପଦ ରିୟର ଆଡମିରାଲ ଶେଖର ମିତ୍ତଲଙ୍କ ଅବସର ପରେ ୧୧ ମାସରୁ ଅଧିକ ସମୟ ହେଲା ଖାଲି ରହିଥିଲା। ଏବେ ମଣ୍ଡଳ ପିଇଏସ୍‌ବିରେ ୩ ବର୍ଷ ପାଇଁ ରହିବେ। ସେ ମଧ୍ୟ ଷ୍ଟାଣ୍ଡିଂ କନ୍‌ଫରେନ୍ସ ଅଫ୍ ପବ୍ଲିକ ଏଣ୍ଟରପ୍ରାଇଜେସ୍ (ଏସ୍‌ସିଓପିଇ)ର ଅଧ୍ୟକ୍ଷ ଅଛନ୍ତି। ସଲେକ୍ସନ ବୋର୍ଡ ଗଠନ ପ୍ରସ୍ତାବର ଏବକାର ସ୍ଥିତିରୁ ସ୍ପଷ୍ଟ ସୂଚନା ମିଳେ ଯେ, ବୋର୍ଡରେ ଗୋଟିଏ ସଦସ୍ୟ ପଦବୀ ପବ୍ଲିକ ସେକ୍ଟରରେ ବ୍ୟାପକ ଅଭିଜ୍ଞତା ଥିବା ଜଣେ ଟପ୍ ଏକ୍‌ଜିକ୍ୟୁଟିଭଙ୍କ ପାଇଁ ଉଦ୍ଦିଷ୍ଟ। ତେବେ ଏପ୍ରିଲ୍‌ରେ ସେଲ୍ ଅଧ୍ୟକ୍ଷାଙ୍କ ଅବସର ପୂର୍ବରୁ ଏହି ପଦବୀକୁ ୧୧ ମାସ ଧରି ଖାଲି ରଖାଯାଇଥିବା ଘଟଣାର କୌଣସି ସମ୍ପର୍କ ନ ଥିବା ଜଣାପଡ଼ିଛି। ମଣ୍ଡଳ ଏହି ପଦବୀ ପାଇଁ ଯୋଗ୍ୟ ବୋଲି ପୂର୍ବରୁ ଅନୁମାନ କରାଯାଉଥିଲା। ମଣ୍ଡଳଙ୍କ ନିଯୁକ୍ତି ପରେ ଏବେ ବୋର୍ଡରେ ସମସ୍ତ ସଦସ୍ୟ ରହିଛନ୍ତି। ବୋର୍ଡର ଅଧ୍ୟକ୍ଷ ଭାବେ ମଲ୍ଲିକା ଶ୍ରୀନିବାସନ ଏହାର ନେତୃତ୍ୱ ନେଉଛନ୍ତି। ଏଥିରେ ବି ଅନ୍ୟ ଦୁଇ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅମରଜିତ ସିହ୍ନା ଓ ଶୈଳେଶ ଅଛନ୍ତି।

### ବିବାଦରୁ ଫିଲ୍ମ ହେବ କି ?

କର୍ନାଟକ ରାଜ୍ୟ ପ୍ରଶାସନର ଦୁଇ ବରିଷ୍ଠ ମହିଳା ଅଧିକାରୀଙ୍କ ମଧ୍ୟରେ ବିବାଦ ଏବେ ସାଧାରଣରେ ଉଗ୍ର ହୋଇଛି। ଆଇପିଏସ୍ ଅଧିକାରୀ ଡି. ରୂପା ଏବଂ ଆଇଏଏସ୍ ଅଧିକାରୀ ରୋହିଣୀ ସନ୍ଧୂରୀ ଏଭଳି ଉତ୍ତେଜନା ସୃଷ୍ଟି କରିଛନ୍ତି ଯେ, ଦୁଇ ଜଣ ଚଳଚ୍ଚିତ୍ର ନିର୍ଦ୍ଦେଶକ ସେମାନଙ୍କ ବିବାଦୀୟ କାହାଣୀକୁ ରୁପେଲି ପରଦାରେ ପ୍ରଦର୍ଶିତ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରେ ବିବାଦ ପ୍ରକାଶ ପାଇବା କ୍ଷଣି ସରକାର ସଙ୍ଗେସଙ୍ଗେ ଦୁଇ ବରିଷ୍ଠ ଅଧିକାରୀଙ୍କୁ ବଦଳି କରିଥିଲେ ମଧ୍ୟ ତାହା ଆହୁରି ତୀବ୍ର ହୋଇଛି। କର୍ନାଟକର ମୁଖ୍ୟ ଶାସନ ସଚିବ ବନ୍ଦିତା ଶର୍ମାଙ୍କ ନିକଟରେ ପରସ୍ପର ବିରୋଧରେ ଅଭିଯୋଗ କରିଥିବା ଏହି ଦୁଇ ଅଧିକାରୀଙ୍କ ଉପରେ ବିଭାଗୀୟ ତଦନ୍ତ ଜାରି ରହିଛି। ମୁଖ୍ୟ ଶାସନ ସଚିବ ସେମାନଙ୍କୁ ଡକାଇ ଏକ ବୁଝାମଣା କରିବାକୁ ଚାହିଁଛନ୍ତି। ବ୍ୟକ୍ତିଗତ ଆକ୍ଷେପକୁ ନେଇ ସିନ୍ଧୂରୀ ଆଇପିଏସ୍ ଅଧିକାରୀ ରୂପାଙ୍କ ବିରୋଧରେ ଅଭିଯୋଗ କରିବା ସହ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅପରପକ୍ଷେ ରୂପା ମଧ୍ୟ ସିନ୍ଧୂରୀଙ୍କ ବିରୋଧରେ କରିଥିବା ଅଭିଯୋଗର ତଦନ୍ତ ଦାବି କରିଛନ୍ତି। ସିନ୍ଧୁରଙ୍କ ବିରୋଧରେ ଡି.ରୂପା ଓ ୬୦ଟିରୁ ଉର୍ଦ୍ଧ୍ୱ ମିଡିଆ ସଂସ୍ଥା ଭୁଲ୍ ଓ ମାନହାନି ତଥ୍ୟ ପ୍ରକାଶ କରିଥିବାର ଅଭିଯୋଗ କରିଥିଲେ। ହେଲେ ସେଥିରୁ ସିନ୍ଧୂରୀଙ୍କୁ ବେଙ୍ଗାଲୁରୁ କୋର୍ଟ ମୁକ୍ତ କରିଛନ୍ତି। ରୂପା ଦାବି କରିଥିଲେ ଯେ, ତାଙ୍କର ବହୁ ଆପତ୍ତିଜନକ ଫଟୋ ସିନ୍ଧୂରୀ ତାଙ୍କ ସୋସିଆଲ ମିଡିଆରେ ଅପ୍‌ଲୋଡ କରବା ସହ ସର୍ଭିସ କଣ୍ଡକ୍ଟ ଗାଇଡ୍‌ଲାଇନ ଉଲ୍ଲଂଘନ କରି ସେଗୁଡ଼ିକୁ ବରିଷ୍ଠ ଅଧିକାରୀଙ୍କ ପାଖକୁ ପଠାଇଥିଲେ। ସିନ୍ଧୁରୀଙ୍କ ବିରୋଧରେ ରୁପା ଦୁର୍ନୀତି ସମେତ ୧୯ଟି ଅଭିଯୋଗ ଦାଖଲ କରିଛନ୍ତି। ଏବେସୁଦ୍ଧା ରୂପା ଓ ସିନ୍ଧୂରୀଙ୍କ ବିବାଦ ଲାଗି ରହିଛି। ଏଣୁ ଫିଲ୍ମ କରିବାକୁ ହେଲେ ସ୍କ୍ରିପ୍ଟରେ ବହୁ ପରିବର୍ତ୍ତନ ହେବା ସମ୍ଭାବନା ରହିଛି।

Email: dilipcherian@gmail.com

# ପ୍ରଗତିଶୀଳ ସାହିତ୍ୟର ଆବଶ୍ୟକତା



ଅଧ୍ୟାପକ ଗୋପବନ୍ଧୁ

ବିଶ୍ୱ ସାମାଜିକ ସଂଗ୍ରାମର ଇତିହାସରେ ଯେକୌଣସି ବିପ୍ଳବର ସଫଳତା ପଛରେ ମୁଖ୍ୟ ଭୂମିକା ଗ୍ରହଣ କରିଆସିଛି ସାହିତ୍ୟ। ୟୁରୋପର ରେନାଁସାଠାରୁ ଆରମ୍ଭ କରି ଫରାସୀ ବିପ୍ଳବ ପର୍ଯ୍ୟନ୍ତ, ଯୁକ୍ତରାଷ୍ଟ୍ର ଆମେରିକାରେ ଦାସତ୍ୱ ପ୍ରଥା ବିରୋଧୀ ଆନ୍ଦୋଳନଠାରୁ ଆରମ୍ଭ କରି ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟବାଦ ବିରୋଧୀ ଆନ୍ଦୋଳନ ପର୍ଯ୍ୟନ୍ତ, ରୁଷିଆର ବୋଲ୍‌ଶେଭିକ ଆନ୍ଦୋଳନଠାରୁ ଆରମ୍ଭ କରି ଚାଇନାର କୃଷକ ଆନ୍ଦୋଳନ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ସାହିତ୍ୟର ଭୂମିକା ସର୍ବାପେକ୍ଷା ଅଧିକ। କାରଣ ସାହିତ୍ୟ ହିଁ ବିପ୍ଳବର ବାର୍ତ୍ତାକୁ ପୁରପଲ୍ଲୀରେ ପହଞ୍ଚାଇବାକୁ ସବୁଠାରୁ ସହଜ ଓ ପ୍ରଭାବଶାଳୀ ମାଧ୍ୟମ। ଏହାହିଁ ସୃଷ୍ଟିକରେ କୌଣସି ବିପ୍ଳବର ସାମାଜିକ ପୃଷ୍ଠଭୂମି। ବର୍ତ୍ତମାନ ପରିପ୍ରେକ୍ଷୀରେ ସାମାଜିକ ଗଣମାଧ୍ୟମର ବହୁଳ ପ୍ରସାର ସାହିତ୍ୟର ଗତିକୁ ଆହୁରି ତୀବ୍ରତର କରିଛି। ପୁସ୍ତକ ରୂପରେ ମୁଦ୍ରଣ ସଙ୍କୁଚିତ ହୋଇଥିଲେ ବି ଗଣମାଧ୍ୟମ ଏହାର ଅଭାବକୁ ଅନେକ ମାତ୍ରାରେ ପୂରଣ କରୁଛି।

ଭାରତବର୍ଷରେ ଏକ ସଫଳ ସାମାଜିକ ବିପ୍ଳବ ଜରିଆରେ ଜାତିବାଦ ଓ ଧାର୍ମିକ ମୌଳବାଦର ଧ୍ୱଂସ ସାଧନ କରି ସମାନତା ଓ ଯୁକ୍ତିଯୁକ୍ତତା ଉପରେ ପ୍ରତିଷ୍ଠିତ ଏକ ନୂତନ ସମାଜର ସଂସ୍ଥାପନ ପାଇଁ ପ୍ରଗତିଶୀଳ ଓ ସଂସ୍କାରବାଦୀ ସାହିତ୍ୟ ସୃଷ୍ଟିର ଆବଶ୍ୟକତା ରହିଛି। ଯେଉଁ ସାହିତ୍ୟ ଜାତିବାଦର ମୂଳତତ୍ତ୍ୱ ଉଚ୍ଚନୀଚ ଭେଦଭାବ, ଘୃଣାଦ୍ୱେଷଭାବ, ପାତରଅନ୍ତରଭାବ ବିରୋଧରେ ଜନଜାଗରଣ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ହୋଇଥିବ। ଏହା ସହିତ ନିର୍ଭୀକ ଭାବେ ଧାର୍ମିକ ପାଖଣ୍ଡବାଦର ମୁଖା ଖୋଲି ପାରୁଥିବ। ଯେଉଁ ସାହିତ୍ୟ ଜନସାଧାରଣଙ୍କୁ ଅନ୍ଧବିଶ୍ୱାସ ଓ କୁସଂସ୍କାରରୁ ମୁକ୍ତ ହେବା ପାଇଁ ବୌଦ୍ଧିକ ଖୋରାକ ଯୋଗାଉଥିବ। ବୌଦ୍ଧିକ ଦାସତ୍ୱରୁ ମୁକୁଳିବାର ମାର୍ଗ ଦର୍ଶନ କରୁଥିବ। ବୈଜ୍ଞାନିକ ଚେତନାର ବିକାଶ ସହିତ ମାନବିକତା ଓ ନୈତିକତା ଉପରେ ପ୍ରତିଷ୍ଠିତ ଏକ ନୂତନ ଉତ୍କର୍ଷ ସମାଜର ସମ୍ଭାବନାକୁ ଅଙ୍କୁରିତ କରୁଥିବ।

ଦୁଃଖର କଥା ଭାରତବର୍ଷ ତଥା ଓଡ଼ିଶାରେ ଏପରି ପ୍ରଗତିଶୀଳ ଓ ବିପ୍ଳବୀଧର୍ମୀ ସାହିତ୍ୟର ପ୍ରସାର ଆଶାନୁରୂପେ ହୋଇପାରି ନାହିଁ। ବିଭିନ୍ନ ସମୟରେ, ବିଭିନ୍ନ କ୍ଷେତ୍ରରେ କାଁ ଭାଁ ବିକ୍ଷିପ୍ତ ବିପ୍ଳବୀ ସାହିତ୍ୟ ସୃଷ୍ଟି ହୋଇଛି ସତ୍ୟ, କିନ୍ତୁ ଏଗୁଡ଼ିକ ସୁଦୂରପ୍ରସାରୀ ପ୍ରଭାବ ପକାଇ ପାରି ନାହିଁ। ଏହା ପୂର୍ବ ସାମାଜିକ ଓ ଏହାକୁ ନେଇ ଗଢ଼ିଉଠିଥିବା ବୌଦ୍ଧିକ ଭିତ୍ତିଭୂମିକୁ ଦୋହଲାଇ ପାରି ନାହିଁ। ଫଳରେ ଏପରି ସାହିତ୍ୟ ଗୋଟିଏ ସଫଳ ଗଣବିପ୍ଳବ ତିଆରି କରିବାରେ ସଫଳ ହୋଇପାରି ନାହିଁ। ବିପ୍ଳବୀ ସାହିତ୍ୟ ସୃଷ୍ଟିର ଯେଉଁ ଟିକକ ବି ପ୍ରୟାସ ହୋଇଛି, ତାହା ଜାତିବାଦୀ ଓ ପାଖଣ୍ଡବାଦୀ ସାହିତ୍ୟର ଦୃଢ଼ ବେଷ୍ଟନୀ ମଧ୍ୟରେ ହଜିଯାଇଛି। ତେଣୁ ଏହା ସ୍ପଷ୍ଟ ଯେ ଅଦ୍ୟାବଧି ସାମାଜିକ ବିପ୍ଳବର ଭିତ୍ତିଭୂମି ତିଆରି ହୋଇପାରି ନାହିଁ। ତେବେ ଏହା ଦାନା ବାନ୍ଧୁଥିବା ପ୍ରତୀୟମାନ ହେଉଛି।



ଅତୀତରେ ବହୁ ମହାମନୀଷୀ ସଂସ୍କାରବାଦୀ ଓ ପ୍ରଗତିଶୀଳ ସାହିତ୍ୟ ସୃଷ୍ଟି କରିବାକୁ ପ୍ରୟାସ କରିଛନ୍ତି। କିନ୍ତୁ ଏମାନେ ଜାତିବାଦ ଓ ପାଖଣ୍ଡବାଦର କବଚକୁ ଛିଦ୍ର କରିପାରି ନାହାନ୍ତି। ଏହାର କାରଣ ହେଉଛି ଏବେବି ଦେଶରେ ଜାତିବାଦୀ ଓ ମୌଳବାଦୀ ସାହିତ୍ୟ ପ୍ରଧାନ୍ୟ ବିସ୍ତାର କରି ରହିଛି। ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଲେଖନୀ ଚାଳନା ହେଉନାହିଁ। ବିଭେଦଭରା ସମାଜର ସ୍ଥିତାବସ୍ଥାକୁ ବଜାୟ ରଖିବାକୁ ସାହିତ୍ୟିକଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ସଂଖ୍ୟାଧିକ ଲେଖନୀ ପୋଥିପୁରାଣର ପ୍ରାଚୀନ ବିଚାରକୁ ପରିବ୍ୟାପ୍ତ କରିବା ପାଇଁ ଉଦ୍ଦିଷ୍ଟ। ଏଥିରେ ନୂତନତାର ଛାପ ନଥାଏ। ବିଭିନ୍ନ ଧର୍ମଗ୍ରନ୍ଥରେ ଯାହା ବର୍ଣ୍ଣନା କରାଯାଇଛି ତାକୁ ହିଁ ଫେଣେଇବାରେ ସାହିତ୍ୟିକମାନେ ବ୍ୟସ୍ତ। ସମାଜରେ ପ୍ରଗତିଶୀଳ ଚେତନା ଆଣିବା ଦିଗରେ ଏମାନେ ଅକ୍ଷମ। ତଥାପି ଏମାନେ ସାହିତ୍ୟିକ। କାହିଁ କେତେ ପୁରସ୍କାର ଓ ସମ୍ମାନ ଏମାନଙ୍କ ଉପରେ ଅଜାଡ଼ାଯାଏ। ଯେହେତୁ ଏମାନେ ସାହିତ୍ୟ ମାଧ୍ୟମରେ ପ୍ରଗତିଶୀଳ ଚେତନାର ପ୍ରସାରକୁ ପ୍ରତିରୋଧ କରନ୍ତି। ସାମାଜିକ ବିପ୍ଳବକୁ ଅଟକାନ୍ତି ଓ ସ୍ଥିତାବସ୍ଥାକୁ ବଜାୟ ରଖନ୍ତି।

ସମାଜର ବ୍ୟବସ୍ଥାଗତ ତ୍ରୁଟିକୁ ଜଣେ ସାହିତ୍ୟିକ ଯଦି ଦେଖିପାରିବ ନାହିଁ, ତେବେ ଆଉ କାହା ପାଖରୁ ଏହା ଆଶା କରାଯାଇପାରେ! ସାହିତ୍ୟକୁ ସମାଜର ଦର୍ପଣ ବୋଲି କୁହାଯାଏ। ଏହା କେବଳ ସମସାମୟିକ ସାମାଜିକ ସ୍ଥିତିକୁ ଉଦ୍ଭାସିତ କରେ ତାହା ନୁହେଁ, ଏହା ସହିତ ଯେଉଁ ଅଭାବ ଅସୁବିଧା ରହିଛି; ତାହାର ମଧ୍ୟ ସମାଧାନର ମାର୍ଗ ଦର୍ଶନ କରେ। ଜଣେ ସାହିତ୍ୟିକର ଗଭୀର ଚିନ୍ତନ ଏପରି ଦିଗ୍‌ଦର୍ଶନ ଦେବାରେ ସହାୟକ ହୁଏ। ଗୋଟିଏ ସମ୍ବେଦନଶୀଳ ହୃଦୟ ଭିତରୁ ଏପରି ସାହିତ୍ୟ ନିଃସୃତ ହେବା ସ୍ୱାଭାବିକ। ସାହିତ୍ୟ ହେଉଛି ମୁକ୍ତ ଚିନ୍ତନର ପରିପ୍ରକାଶ। ଯେତେବେଳେ ଗୋଟିଏ ଭ୍ରାନ୍ତ ବ୍ୟବସ୍ଥାର ସପକ୍ଷରେ ସାହିତ୍ୟ ସୃଷ୍ଟି କରାଯାଏ, ତାହା ଆଉ ମୁକ୍ତ ଚିନ୍ତନର ପରିଭାଷା ହୁଏ ନାହିଁ। ତାହା ଭ୍ରଷ୍ଟ ବ୍ୟବସ୍ଥା ସହିତ ବୁଝାମଣା ବୋଲି ଧରିନେବାକୁ ହୁଏ। ବର୍ତ୍ତମାନର ପରିପ୍ରେକ୍ଷୀରେ ପୂର୍ବାବସ୍ଥା ସହିତ ବୁଝାମଣାଭିତ୍ତିରେ ସାହିତ୍ୟର ସୃଜନ ହେଉଛି ବୋଲି ଧରିନେବାକୁ ହେବ।

ଜଣେ ସାହିତ୍ୟିକର ସଫଳତା ସେ କେତେ ପୁରସ୍କାର ପାଇଛି ଓ କେତେ ସମ୍ମାନିତ ହୋଇଛି ତା' ଉପରେ ନିର୍ଭର କରେ ନାହିଁ। ସେମାନେ ହେଉଛନ୍ତି ସଫଳ ସାହିତ୍ୟ ସ୍ରଷ୍ଟା, ଯେଉଁମାନେ ନିଜର କଲମ ମୁନରେ ବିପ୍ଳବ ସୃଷ୍ଟି କରିପାରିଛନ୍ତି। ଏଠାରେ ଯ୍ୟାରିଏଟ ଷ୍ଟୋଙ୍କ 'ଅଙ୍କଲ ଟମ୍ସ କ୍ୟାବିନ' ବହିଟି ଉଲ୍ଲେଖଯୋଗ୍ୟ, ଯାହା ଯୁକ୍ତରାଷ୍ଟ୍ର ଆମେରିକାରେ ଦାସତ୍ୱ ପ୍ରଥା ଉଚ୍ଛେଦ ବିରୋଧରେ ହୋଇଥିବା ଆନ୍ଦୋଳନକୁ ମଜଭୁତ କରିବାରେ ସହାୟକ ହୋଇଥିଲା। ଏହାର ଓଡ଼ିଆ ଅନୁବାଦ ହୋଇଛି 'ଟମ କକାଙ୍କ କୁଟୀର'। ୟୁରୋପରେ ରୁଷୋ, ଭୋଲ୍‌ଟାୟାର, ମଣ୍ଟେସ୍କୁଙ୍କ ପରି ଦାର୍ଶନିକମାନଙ୍କ ବିପ୍ଳବୀ ଲେଖନୀ ୟୁରୋପର ନବଜାଗରଣ ଆନ୍ଦୋଳନକୁ ମଜଭୁତ କରିଥିଲା। ମ୍ୟାକ୍ସିମ ଗୋର୍କିଙ୍କ କାଳଜୟୀ ଲେଖନୀ 'ମଦର' ସେ ସମୟରେ ରୁଷିଆରେ ଚାଲିଥିବା ସାମ୍ୟବାଦୀ ଆନ୍ଦୋଳନକୁ ଖୋରାକ ଯୋଗାଇଥିଲା। ଏହାର ଓଡ଼ିଆ ଅନୁବାଦ ହୋଇଛି 'ମାଁ'। ସେହିପରି ଖ୍ୟାତନାମା ବେଙ୍ଗଲୀ ଲେଖିକା ତସ୍‌ଲିମା ନସରିନ୍‌ଙ୍କ ବହୁ ଚର୍ଚ୍ଚିତ ପୁସ୍ତକ 'ଲଜ୍ଜା' ବିପ୍ଳବୀ ସାହିତ୍ୟର ଅନ୍ୟ ଏକ ଦୃଷ୍ଟାନ୍ତ। ଏହିପରି ଅନେକ ଲେଖକ ଓ ଲେଖିକା ପ୍ରଗତିଶୀଳ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ଏବଂ ବୈପ୍ଳବିକ ପ୍ରେରଣାକୁ ବଞ୍ଚାଇ ରଖିଛନ୍ତି।

ଭାରତବର୍ଷରେ ମଧ୍ୟ ଏପରି କିଛି କାଳଜୟୀ ସାହିତ୍ୟ ସୃଷ୍ଟି ହୋଇଛି, ଯାହାର ଲୋକପ୍ରିୟତା ଏବେ ଅନୁଭୂତ ହେଉଛି। ଏଗୁଡ଼ିକ ମଧ୍ୟରୁ ମହାତ୍ମା ଫୁଲେଙ୍କ ପୁସ୍ତକ 'ଗୋଲାମଗିରି' ଅନ୍ୟତମ। ଯେଉଁଥିରେ ସେ ଜାତି ବ୍ୟବସ୍ଥାରେ ସମାଜର ତଳ ସ୍ତରର ଲୋକମାନେ କିପରି ଦାସତ୍ୱର ଜୀବନ ଯାପନ କରନ୍ତି, ତାହାର ନିଖୁଣ ଚିତ୍ର ଉପସ୍ଥାପନ କରିଛନ୍ତି। ରାମସ୍ୱାମୀ ପେରିୟାରଙ୍କ 'ସତ୍ୟ ରାମାୟଣ' ଏବଂ 'ଜାତିସତ୍ତା ଓ ପିତୃପୁରୁଷ' ପରି ତାମିଲ ପୁସ୍ତକ ଜାତିବାଦ ଓ ଧାର୍ମିକ ପାଖଣ୍ଡାବାଦକୁ ଶକ୍ତ ପ୍ରହାର। ସେହିପରି ଡ ଆମ୍ବେଦକରଙ୍କ ରଚିତ 'ଏନିହିଲେଶନ ଅଫ କାଷ୍ଟ' ବା ଜାତିପ୍ରଥାର ବିଲୋପ ବହିଟି ସାମାଜିକ ସଂସ୍କାରର ପ୍ରଭାବଶାଳୀ ସୃଷ୍ଟି, ଯାହା ଜାତିପ୍ରଥା ବିଲୋପର ଯୋଜନାବଦ୍ଧ ମାର୍ଗଦର୍ଶନ କରେ। ଏହାବାଦ୍ ବି ଆହୁରି କିଛି ବିପ୍ଳବୀ ସାହିତ୍ୟ ସୃଷ୍ଟି ରହିଛି।

ତଥାପି ଭାରତବର୍ଷ ତଥା ଓଡ଼ିଶାରେ ପ୍ରଗତିଶୀଳ ଲେଖନୀରପ୍ରଚୁରଅଭାବରହିଛି।ଏଦିଗରେସାହିତ୍ୟିକ ଓ ସାହିତ୍ୟ ଜଗତ ଅନୁଶୀଳନ କରିବା ବିଧେୟ।

**ଦର୍ଶନ ବିଭାଗ (ଅବସରପ୍ରାପ୍ତ)**
**ବାରିପଦା, ମୟୂରଭଞ୍ଜ**
**ମୋ. ୭୦୦୮୯୭୬୧୮୦**

# ଜଳକଷ୍ଟ



ଅନ୍ତର୍ଯ୍ୟାମୀ ପଟ୍ଟନାୟକ

ସହରୀକରଣ, ଖାଦ୍ୟ ଉତ୍ପାଦନର ଚାପ, ଜନସଂଖ୍ୟା ବୃଦ୍ଧି ଏବଂ ନିର୍ମାଣ, ଘରୋଇ ଓ ଶକ୍ତି କ୍ଷେତ୍ରରେ ବଢୁଥିବା ଚାହିଦା ଯୋଗୁ ୨୦୩୦ ବେଳକୁ ବିଶ୍ୱ ୪୦% ଜଳ ସଙ୍କଟର ସମ୍ମୁଖୀନ ହେବ। ବିଶ୍ୱ ଜଳ ଦିବସରେ ଜାତିସଂଘ ଏହି ଚେତାବନୀ ଦେଇଛି। ଜାତିସଂଘ ଜାରି କରିଥିବା ବିଶ୍ୱ ଜଳ ରିପୋର୍ଟ-୨୦୨୩ରେ ଏହି ତଥ୍ୟ ସାମ୍ନାକୁ ଆସିଛି। ବିଶ୍ୱରେ ଜଳ ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ଜଳ ରହିଛି। କିନ୍ତୁ ଜଳ ବ୍ୟବହାରରେ ପରିବର୍ତ୍ତନ ବିନା ଏହା ସମ୍ଭବ ନୁହେଁ ବୋଲି ଜାତିସଂଘର ବାର୍ଷିକ ବିଶ୍ୱ ଜଳ ବିକାଶ ରିପୋର୍ଟ କହିଛି। ଜଳର ଠିକ୍ ମାନ ନିର୍ଦ୍ଧାରଣ, ତଦାରଖ ଓ କାର୍ଯ୍ୟକାରୀ କରା ନ ଗଲେ ଜଳାଭାବକୁ ରୋକାଯାଇପାରିବ ନାହିଁ। ରିପୋର୍ଟ ଅନୁସାରେ, ଜଳ ସଙ୍କଟର ସବୁଠୁ ବଡ଼ କାରଣ ସାଜିଛି ଜନସଂଖ୍ୟା ବୃଦ୍ଧି। ୨୦୫୦ ବେଳକୁ ଜନସଂଖ୍ୟା ୯୦୦ କୋଟି ଅତିକ୍ରମ କରିବ ବୋଲି ଆଶଙ୍କା କରାଯାଉଛି। ପ୍ରତିଦିନ ୭୪୮ ମିଲିଅନ୍ ଲୋକ ସ୍ୱଚ୍ଛ ପାନୀୟ ଜଳର ଉତ୍ତମ ଓ ସୁରକ୍ଷିତ ସ୍ରୋତ ପାଇବାରୁ ବଞ୍ଚିତ। ଭୂତଳ ଜଳ ଭଣ୍ଡାର ହ୍ରାସ ଭାରତ, ଚାଇନା, ପାକିସ୍ତାନ, ନେପାଳ, ବାଂଲାଦେଶ ଭଳି ଦେଶ ପାଇଁ ବଡ଼ ସମସ୍ୟା ପାଲଟିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଠିକ୍ ସମୟରେ ବର୍ଷା ହେଉନାହିଁ। ଏସବୁ ଉତ୍କଟ ସମସ୍ୟା ଆଗାମୀ ଦିନରେ ଭୟଙ୍କର ରୂପ ନେବ।

ଖରାର ତାତି ଯେତିକି ବଢ଼େ, ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳକଷ୍ଟ ସେତିକି ଉତ୍କଟ ହୋଇଥାଏ। ରାଜ୍ୟର କେତେକ ସ୍ଥାନରେ ପାଣି ମୁନ୍ଦିଏ ପାଇଁ ମହିଳାଙ୍କୁ ତିନିରୁ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ଦୂର ସ୍ଥାନକୁ ଯିବାକୁ ପଡ଼େ। କେଉଁଠି ପାନୀୟ ଜଳର ଆଦୌ ବ୍ୟବସ୍ଥା ନାହିଁ ତ ଆଉ କେଉଁଠି ବ୍ୟବସ୍ଥା ଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ। କେଉଁଠି ନଳକୂପ ଭାଙ୍ଗି ଅଚଳ ହୋଇପଡ଼ିଛି ତ ଆଉ କେଉଁଠି ଭୂତଳ ଜଳସ୍ତର କମି ଯାଇଥିବାରୁ ନଳକୂପରୁ ପାଣି ବାହାରୁ ନାହିଁ। ଆଉ କେଉଁଠି ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ।

ପ୍ରାୟ ପ୍ରତିବର୍ଷ ରାଜ୍ୟରେ ନିଦାଘ ଗ୍ରୀଷ୍ମ, ତା' ସହ ପାନୀୟ ଜଳ ସମସ୍ୟାକୁ ସାଥିରେ ନେଇ ଆସେ। ପ୍ରତିବର୍ଷ ଏହାର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରାଯାଏ, ଅଥଚ ପରବର୍ତ୍ତୀ ବର୍ଷ ପୁଣି ସମସ୍ୟାର ପୁନରାବୃତ୍ତି ହୁଏ। ବିଡ଼ମ୍ବନାର ବିଷୟ ହେଲା, ପାନୀୟ ଜଳ ଯୋଗାଣ ପାଇଁ ଅନେକ ଯୋଜନା ଚାଲିଥିବା ଦାବି କରାଯାଉଛି, କିନ୍ତୁ ଅବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ସ୍ଥିତି ଅଧିକ ବିଗିଡ଼ି ଚାଲିଛି। ଏ ସନ୍ଦର୍ଭରେ ଜନଗଣନା ରିପୋର୍ଟର ତଥ୍ୟକୁ ଉଦ୍ଧାର କରାଯାଇପାରେ। ପାନୀୟ ଜଳ ସ୍ଥିତି ନେଇ ଜନଗଣନା ରିପୋର୍ଟର ତୁଳନାତ୍ମକ ବିଶ୍ଳେଷଣ କଲେ ସ୍ଥିତିରେ ଅବନତି ସ୍ପଷ୍ଟ ଜଣାପଡ଼େ। ଦଶବର୍ଷ ତଳେ ରାଜ୍ୟର ୩୦.୮% ପରିବାରଙ୍କୁ ନିଜ ଘରଠାରୁ ୫୦୦ ମିଟରରୁ ଅଧିକ ଦୂରକୁ ଯାଇ ପାଣି ଆଣିବାକୁ ପଡୁଥିଲା। ୨୦୧୧ ବେଳକୁ ନିଜ ଘରଠାରୁ ୫୦୦ ମିଟରରୁ ଅଧିକ ଦୂର ଯାଇ ପାଣି ଆଣୁଥିବା ପରିବାରଙ୍କ ଭାଗ



୩୫.୪%କୁ ବୃଦ୍ଧି ପାଇଛି। ବର୍ତ୍ତମାନ ବି ରାଜ୍ୟର ମାତ୍ର ୨୨.୪୪% ପରିବାର ପାଇଁ ନିଜ ଘର ପରିସରରେ ପାନୀୟ ଜଳର ବ୍ୟବସ୍ଥା ଥିବା ବେଳେ ଅବଶିଷ୍ଟ ୭୭% ପରିବାରକୁ ପାଣି ପାଇଁ ଘରୁ ବାହାରକୁ ଯିବାକୁ ପଡ଼େ। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୪୬,୭୩୨ଟି ଗ୍ରାମ ଅନ୍ତର୍ଗତ ମୋଟ ୧ ଲକ୍ଷ ୪୧ ହଜାର ୯୨୮ଟି ଜନବସତି ମଧ୍ୟରୁ ୮୧,୮୧୨ଟି ଜନବସତି ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଏହାର ଅର୍ଥ ହେଲା ବର୍ତ୍ତମାନ ବି ପ୍ରାୟ ୪୦% ଜନବସତି ଜଳକ୍ଲିଷ୍ଟ। ଏହାହିଁ ରାଜ୍ୟର ପାନୀୟ ଜଳ ସମସ୍ୟାର ଉତ୍କଟ ରୂପର ଚିତ୍ର ପ୍ରଦାନ କରୁଛି। ଏହା କେବଳ ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ବିଫଳତାର ସୂଚନା ଦେଉନାହିଁ, ସାମଗ୍ରିକ ଭାବେ ବିକାଶ ଓ ପ୍ରଗତି ନେଇ ଦାବି କେତେ ଫମ୍ପା ଓ ଅନ୍ତଃସାରଶୂନ୍ୟ ତାହାର ମଧ୍ୟ ଦୁର୍ଭାଗ୍ୟଜନକ ଇଙ୍ଗିତ।

ପାନୀୟ ଜଳ ବ୍ୟବସ୍ଥା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଭିଜନ୍ ୨୦୨୩ ପ୍ରସ୍ତୁତ କରାଯାଇଛି। ଏହି ଯୋଜନା ଅଧୀନରେ ରାଜ୍ୟର ସବୁ ଅଞ୍ଚଳକୁ ଫ୍ଲୋରୋସିସ୍‌ମୁକ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି। ପ୍ରତି ବ୍ଲକର ୧୬୦୦ଟି ନଳକୂପ ଏବଂ ୫୮ଟି ପାଇପ୍ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଯୋଜନା ରହିଛି। ତେବେ ଏହାର କାର୍ଯ୍ୟକାରିତା କ୍ଷେତ୍ରରେ ଉଦାସୀନତା ଯୋଗୁ ଲକ୍ଷ୍ୟ ହାସଲ ନେଇ ସନ୍ଦେହ ଦେଖାଦେଇଛି। ଏହାଛଡ଼ା ତ୍ରୟୋଦଶ ଅର୍ଥ କମିଶନ ପାନୀୟ ଜଳ, ପରିମଳ ପାଇଁ ସ୍ୱତନ୍ତ୍ର ଭାବେ ୨,୭୫୬ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ ସୁଦ୍ଧା ଏହାର ବିନିଯୋଗ ଆଦୌ ଉତ୍ସାହଜନକ ନୁହେଁ।

ସାମ୍ପ୍ରତିକ ପାନୀୟ ଜଳ ସମସ୍ୟାର ମୁକାବିଲା ସରକାରୀ କଳ ପାଇଁ ଏକ ବଡ଼ ଆହ୍ୱାନ। ଏଥିପାଇଁ ଉଭୟ ସ୍ୱଳ୍ପମିଆଦୀ ଏବଂ ଦୀର୍ଘମିଆଦୀ ପଦକ୍ଷେପ ନିଆଯିବା ଆବଶ୍ୟକ। ପ୍ରଥମ, ସ୍ୱଳ୍ପମିଆଦୀ ପଦକ୍ଷେପ ସ୍ୱରୂପ ଯୁଦ୍ଧକାଳୀନ ଭିତ୍ତିରେ ଅନେକ ନଳକୂପର ମରାମତି କରାଯାଇ ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଉ, ଦୂଷିତ ହୋଇଯାଇଥିବା ଜଳ ଉତ୍ସଗୁଡ଼ିକ ବିଶୋଧୀକରଣ ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ନୂତନ ଗଭୀର ନଳକୂପ ଖନନ ପାଇଁ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଉ। ଦୀର୍ଘମିଆଦୀ ପଦକ୍ଷେପ ସ୍ୱରୂପ ପାନୀୟ ଜଳ ଯୋଗାଣ ନେଇ ପ୍ରସ୍ତୁତ ଭିଜନ ୨୦୨୩ ଏବଂ ଅନ୍ୟ ଯୋଜନାଗୁଡ଼ିକର ରୂପାୟନକୁ ତ୍ୱରାନ୍ୱିତ କରାଯାଉ।

ଜଳ ସୃଷ୍ଟି ଆମ ହାତରେ ନାହିଁ, କିନ୍ତୁ ପ୍ରାକୃତିକ ସାଧନଗୁଡ଼ିକୁ ରକ୍ଷା କରିବା ଆମ କର୍ତ୍ତବ୍ୟ। ଜଳ ସଂରକ୍ଷଣ ପାଇଁ ଆବାଳବୃଦ୍ଧବନିତା ଶପଥ ନେଲେ ଏହି ସଙ୍କଟ କେତେକାଂଶରେ ଦୂର କରାଯାଇପାରେ। ସମ୍ପ୍ରତି ସମଗ୍ର ବିଶ୍ୱରେ ଉତ୍କଟ ଜଳାଭାବ ଦେଖାଯିବା ସହ ସେହି କ୍ରମରେ ଜଳ ପ୍ରଦୂଷଣ ଦେଖାଯାଉଛି। ଇଆଡ଼େ ଅବିଚାରିତ ଭାବେ ଜଳ ନଷ୍ଟ ହେଉଥିଲେ ମଧ୍ୟ ଆମମାନଙ୍କ ଭିତରେ ସେତେଟା ସଚେତନତା ବଢ଼ିନାହିଁ। ବ୍ୟାପକ ବୃକ୍ଷରୋପଣ ଓ ଜଳ ସୁରକ୍ଷା ପାଇଁ ଆମମାନଙ୍କ ଭିତରେ ସଚେତନତା ବଢ଼ିବା ଜରୁରୀ। ଜଳ ମାନବ ଜୀବନ ପାଇଁ ଗୁରୁତ୍ୱ ପ୍ରତିପାଦିତ ହୋଇପାରନ୍ତା।

**ପାରାଦୀପ**
**ମୋ: ୯୪୩୭୦୨୨୦୬୧**

## ଏଇ ଭାରତରେ

ସେବା ଲାଗି ଡାକ୍ତରଙ୍କୁ ଦ୍ୱିତୀୟ ଭଗବାନ କୁହାଯାଏ, ଯାହାର ବାସ୍ତବତା ପ୍ରତିପାଦିତ କରୁଛନ୍ତି ପଶ୍ଚିମବଙ୍ଗ ସୁନ୍ଦରବନର ଡା. ଫାରୁକ୍ ହୁସେନ। ଫାରୁକ୍ ଗରିବ ଲୋକଙ୍କ ଚିକିତ୍ସା କରିବା ଲାଗି ସରକାରୀ ଚାକିରି ଛାଡ଼ି ଦେଇଛନ୍ତି। ବିନା ଦେୟରେ ସେ ଲୋକଙ୍କ ଚିକିତ୍ସା ଜାରି ରଖିଛନ୍ତି। ସେଥିପାଇଁ ଲୋକେ ତାଙ୍କୁ 'ବିନା ପଇସାର ଡାକ୍ତର' ବୋଲି ସମ୍ବୋଧନ କରୁଛନ୍ତି। ଗରିବ ପରିବାରରେ ଜନ୍ମିତ ଫାରୁକ୍ ଲୋକମାନଙ୍କ ଦୁର୍ଦ୍ଦଶା ଦେଖି ସେମାନଙ୍କ ସେବା କରିବା ପାଇଁ ପିଲାଦିନରୁ ଲକ୍ଷ୍ୟ ରଖିଥିଲେ। ପରେ ଡାକ୍ତରୀ ପଢ଼ି ସରକାରୀ ଚାକିରି କରିଥିଲେ। ୨୦୧୪ରେ ଚାକିରି ଛାଡ଼ି ଦେଇ ଲୋକଙ୍କ ସେବା କରିବାରେ ଲାଗିଛନ୍ତି। କେବଳ ଏତିକି ନୁହେଁ ଫାରୁକ୍ ତାଙ୍କ ଗାଁର କିଛି ଯୁବକଙ୍କ ସହାୟତାରେ 'ନବ ଦିଗନ୍ତ' ଏନ୍‌ଜିଓ ଗଠନ କରିଛନ୍ତି। ଉକ୍ତ ଏନ୍‌ଜିଓ ମାଧ୍ୟମରେ ସେ ଏକ ସ୍କୁଲ ବି ଖୋଲିଛନ୍ତି। ସୁନ୍ଦରବନ ଅଞ୍ଚଳରେ ମହିଳା ଓ ଝିଅମାନଙ୍କୁ ମାଗଣାରେ ସାନିଟାରି ନାପ୍‌କିନ ବାଣ୍ଟୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ମାର୍ଚ୍ଚ ୧୯୯୮

- ଉତ୍ତର-ପୂର୍ବ ଉପକୂଳବର୍ତ୍ତୀ କୋକିଲାଇ ଅଭିମୁଖେ ଯାଉଥିବା ଏଲ୍‌ଟିଟିଇ ଗେରିଲାଙ୍କ ୪ଟି ଜାହାଜକୁ ଶ୍ରୀଲଙ୍କା ନୌବାହିନୀର କର୍ମଚାରୀମାନେ ସମୁଦ୍ରରେ ନଷ୍ଟ କରିଦେବା ଫଳରେ ୧୮ ଗେରିଲା ନିହତ।
- ମେଘାଳୟର ନୂତନ ମୁଖ୍ୟମନ୍ତ୍ରୀ ଭାବେ ମିଳିତ ସଂସଦୀୟ ଫୋରମ (ୟୁଡିଏଫ୍)ର ନେତା ବି.ବି. ଲିଙ୍ଗଡୋ ଶପଥ ଗ୍ରହଣ କରିଛନ୍ତି।
- ଲୋକ ସଭା ନିର୍ବାଚନରେ ଦଳର ବିପର୍ଯ୍ୟୟ ପାଇଁ ନୈତିକ ଦାୟୀ ବୋଲି ସ୍ୱୀକାର କରି ଆସାମରେ କ୍ଷମତାସୀନ ଏ.ଜି.ପି. ଷ୍ଟିଅରିଂ କମିଟିର ସବୁ ସଦସ୍ୟଙ୍କ ସମୂହ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ଆଜି ତ ମନେ ପଡଇ ନାହିଁ
ସେ କେଉଁ ପଥେ ରହିଲି ଚାହିଁ
ସେ କେଉଁ ଗୀତ ଆସିଲା ଭାସି ବନୁ
ସକଳ ରୂପ ଅରୂପ ହେଲା ଅତନୁ ହେଲା ତନୁ।
-(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | | 7 |
| 2 | | 1 | | | 3 | | | |
| | | | 1 | | | 3 | 6 | |
| | 3 | | | 9 | | | | |
| | 7 | | | | 5 | | | |
| | | | | | 8 | | | 4 |
| | 1 | 4 | | 2 | | 8 | | |
| | | | | | | | | 5 |
| 5 | | 8 | 6 | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 5 | 1 | 8 | 3 | 7 | 6 | 9 |
| 6 | 3 | 8 | 7 | 5 | 9 | 2 | 1 | 4 |
| 7 | 9 | 1 | 2 | 4 | 6 | 3 | 8 | 5 |
| 5 | 8 | 3 | 6 | 2 | 4 | 1 | 9 | 7 |
| 1 | 4 | 7 | 8 | 9 | 5 | 6 | 3 | 2 |
| 2 | 6 | 9 | 3 | 7 | 1 | 5 | 4 | 8 |
| 8 | 5 | 6 | 4 | 3 | 7 | 9 | 2 | 1 |
| 9 | 1 | 4 | 5 | 6 | 2 | 8 | 7 | 3 |
| 3 | 7 | 2 | 9 | 1 | 8 | 4 | 5 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରେଲୱେ ବର୍ଥ ସଂରକ୍ଷଣ ଫର୍ମ ଦେଉନାହାନ୍ତି କର୍ତ୍ତୃପକ୍ଷ

ମହାଶୟ,

ପୂର୍ବତଟ ରେଲୱେ ଅନ୍ତର୍ଗତ କଟକ ରେଳଷ୍ଟେଶନର ଟିକେଟ ଆରକ୍ଷଣ କେନ୍ଦ୍ରରେ ଆବଶ୍ୟକ ଟ୍ରେନ୍ ଟିକେଟ ନିମିତ୍ତ ଦରକାର ପଡୁଥିବା ଫର୍ମ କର୍ତ୍ତୃପକ୍ଷ ଦେଉନାହାନ୍ତି। ଏହାକୁ ଖୋର୍ଦ୍ଧା ଡିଭିଜନର ରେଲୱେ ଷ୍ଟୋର ଦେବା କଥା। ଦୈନିକ ହାରାହାରି କେବଳ କଟକ କେନ୍ଦ୍ରରେ ଆବଶ୍ୟକ ପଡୁଛି ଚାରିଶହରୁ ପାଞ୍ଚଶହ ଫର୍ମ। ଏ ସମସ୍ୟା କେବଳ କଟକ ଆରକ୍ଷଣ କେନ୍ଦ୍ରର ନୁହେଁ ଏହା ସମଗ୍ର ରାଜ୍ୟରେ ଘଟୁଛି। ନିୟମ ଅନୁଯାୟୀ ଟିକେଟ ନିକଟସ୍ଥ ଆରକ୍ଷଣ କେନ୍ଦ୍ରର ଷ୍ଟେଶନ ମ୍ୟାନେଜର ବିଧିବଦ୍ଧ ଭାବେ କର୍ତ୍ତୃପକ୍ଷଙ୍କୁ ଜଣାଇ ରେଳ ଗମନା ଗମନ ଖର୍ଚ୍ଚରେ ଆରକ୍ଷଣ କେନ୍ଦ୍ରକୁ ପହଞ୍ଚାଇବା କଥା। କେବଳ ଆରକ୍ଷଣ ପାଇଁ ଦରକାର ପଡୁଥିବା ଫର୍ମ ନୁହେଁ;ଏହାସହ ଷ୍ଟାପଲର୍ ପିନ୍, ରବର, ପେନ୍ ଓ ମାର୍କର ସହ ଅନ୍ୟ ଆନୁଷଙ୍ଗିକ ଜିନିଷ ମଧ୍ୟ କର୍ତ୍ତୃପକ୍ଷ ଆଉ ପୂର୍ବ ପରି ଯୋଗାଉ ନାହାନ୍ତି। ଷ୍ଟାଫ୍‌ମାନେ ନିଜେ ଖୋର୍ଦ୍ଧା ଯାଇ ସେଠାରେ ସମସ୍ତ ଖର୍ଚ୍ଚ ହାତରୁ ବହନ କରି ନିଜ ଖର୍ଚ୍ଚରେ ଗାଡ଼ିରେ ଆଣୁଛନ୍ତି। କେତେକ ସ୍ଥାନରେ ଫର୍ମ ମଧ୍ୟ ପଇସା ନେଇ ଦେଉଛନ୍ତି। ଅନେକ ଆରକ୍ଷଣ କେନ୍ଦ୍ରର ନିକଟବର୍ତ୍ତୀ ଜେରକ୍ସ ଦୋକାନରେ ଏହି ଫର୍ମ ବିକ୍ରି ହେଉଛି। କେତେକ କାଉଣ୍ଟରରେ ଫର୍ମ ନାହିଁ କିମ୍ବା ଫର୍ମ ଆଣିବା ପାଇଁ କର୍ମଚାରୀ ଖୋର୍ଦ୍ଧା ଯାଉଛନ୍ତି ବୋଲି ଉତ୍ତର ମିଳୁଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଓ ନିୟମିତ ଭାବେ ପୂର୍ବପରି ଷ୍ଟେସନାରୀ ସାମଗ୍ରୀ ସହ ଫର୍ମ କର୍ତ୍ତୃପକ୍ଷ ନିଜ ଖର୍ଚ୍ଚରେ କାଉଣ୍ଟରକୁ ଯୋଗାନ୍ତୁ।

**– ଶ୍ୟାମସୁନ୍ଦର ସାମଲ, ବିଡ଼ାନାସୀ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସରକାରୀ ଜମି ଜବରଦଖଲ ମୁକ୍ତ ପାଇଁ ଦାବିପତ୍ର

କେନ୍ଦ୍ରାପଡ଼ା ଅଫିସ,୧୦।୩-କେନ୍ଦ୍ରାପଡ଼ା ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତ କହ୍ନେଇପୁର ଗ୍ରାମରେ ସରକାରୀ ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରିଛନ୍ତି । ଏହାର ଉଚ୍ଛେଦ ଦାବି କରି ଗ୍ରାମବାସୀଙ୍କ ପକ୍ଷରୁ ତହସିଲଦାରଙ୍କୁ ଶୁକ୍ରବାର ଦାବିପତ୍ର ଦିଆଯାଇଛି । ଏସମ୍ପର୍କରେ ଗ୍ରାମର ଯୋଗେନ୍ଦ୍ର ବେହେରା କହିଛନ୍ତି, ଗ୍ରାମର ଉନ୍ନତି ପାଇଁ ଉନ୍ନୟନ ଯୋଜନାରେ ଅନୁଦାନ ଆସୁଛି । ତେବେ ଏହି ଅର୍ଥ ବିନିଯୋଗ ପାଇଁ ସରକାରୀ ଜମିର ବ୍ୟକ୍ତିକେନ୍ଦ୍ରିକ ଜବରଦଖଲ ବାଧକ ହୋଇଛି । ଏଥିପାଇଁ ୨୦୨୨ ଜୁଲାଇରେ ଗ୍ରାମସଭା କରାଯାଇ ଜବରଦଖଲ ସ୍ଥାନକୁ ହଟାଇବା ପାଇଁ ଗ୍ରାମବାସୀ ମିଳିତ ଭାବେ ନିଷ୍ପତ୍ତି ନେଇଥିଲେ । ଏବେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଭିତ୍ତିଭୂମୀ ଥିବା ଜମିକୁ ଜଣେ ଜବରଦଖଲରେ ରଖିଥିବାରୁ ଏହା କାର୍ଯ୍ୟକାରୀ ହୋଇ ପାରୁନାହିଁ । ଗ୍ରାମବାସୀଙ୍କ ଅନୁରୋଧକୁ ଏଡାଇ ସମ୍ପୃକ୍ତ ବ୍ୟକ୍ତି ବାହୁବଳ ଦେଖାଉଛନ୍ତି । ଏଥିପାଇଁ ତହସିଲ କାର୍ଯ୍ୟାଳୟର ସହଯୋଗ ନିଆ ଯାଇଥିବା ସେ ପ୍ରକାଶ କରିଛନ୍ତି । ଏହି ଦାବିପତ୍ରରେ ଗ୍ରାମର ୪୦ରୁ ଉର୍ଦ୍ଧ ବ୍ୟକ୍ତି ଦସ୍ତଖତ କରିଛନ୍ତି ।

### ସ୍କୁଲରେ ପଶି ପ୍ରଧାନ ଶିକ୍ଷକଙ୍କୁ ଆକ୍ରମଣ ଉଦ୍ୟମ

ମାର୍ଶାଘାଇ,୧୦।୩(ଡି.ଏନ୍.ଏ.)- ମାର୍ଶାଘାଇ ଥାନା ଅନ୍ତର୍ଗତ ସୁବଳା ଗ୍ରାମର ଜଟାଧାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠପଢା ଚାଲୁଥିବା ସମୟରେ ଗ୍ରାମର ବୁଦ୍ଧଦେବ ସ୍ୱାଇଁ ସ୍କୁଲ ଭିତରେ ପଶି ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କୁ ଗାଳିଗୁଲଜ ଓ ଆକ୍ରମଣ ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ବେହେରା ଥାନାରେ ଦେଇଥିବା ଏତଲା ଅନୁଯାୟୀ ଶୁକ୍ରବାର ବିଦ୍ୟାଳୟରେ ପାଠ ପଢା ଚାଲୁଥିବା ସମୟରେ ବୁଦ୍ଧଦେବ ସ୍କୁଲ ଭିତରେ ପଶି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏକଥା ଶୁଣି ସହକାରୀ ଶିକ୍ଷକ ଶଶାଙ୍କ ସେନାପତି ତାଙ୍କୁ ପଚାରିବାରେ ତାଙ୍କୁ ମଧ ସେ ପାଟିତୁଣ୍ଡ କରିଥିଲେ । ପରେ ଏକ ଇଟା ଧରି ଉଭୟ ଶିକ୍ଷକଙ୍କୁ ମାରିବାକୁ ଗୋଡ଼ାଇଥିଲେ । ଭୟରେ ଉଭୟ ଶିକ୍ଷକ ଶ୍ରେଣୀଗୃହକୁ ପଶିଯାଇ କବାଟ ବନ୍ଦ କରି ଗ୍ରାମ ମୁରବୀମାନଙ୍କୁ ଫୋନ ଯୋଗେ ଡାକିଥିଲେ। ସେମାନେ ପହଞ୍ଚିବାପରେ ବୁଦ୍ଧଦେବ ଦୌଡ଼ି ପଳାଇଥିଲେ । ମୁରବୀମାନଙ୍କ ପରାମର୍ଶ କ୍ରମେ ମାର୍ଶାଘାଇ ଥାନାରେ ଏତଲା ଦିଆ ଯାଇଥିବା ପ୍ରଧାନ ଶିକ୍ଷକ ପ୍ରକାଶ କରିଛନ୍ତି ।

### ତିତିରା ପ୍ରିମିୟର ଲିଗ୍: ମ୍ୟାଜିଷ୍ଟିକ ଅଜୟ୍ ଚାମ୍ପିୟନ

ବାଲିକୁଦା,୧୦।୩(ସ୍ୱ.ପ୍ର.)
ତିତିରା କ୍ରିକେଟ କ୍ଲବ ପକ୍ଷରୁ ମାଉସୀମା କ୍ରିକେଟ ପଡ଼ିଆରେ ୨ ଦିନ ଧରି ଚାଲିଥିବା ତିତିରା ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମ୍ୟାଜିଷ୍ଟିକ୍ ଅଜୟ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଆଇକନିକ ମାନସ ଓ ମ୍ୟାଜିଷ୍ଟିକ ଅଜୟ୍ ମଧ୍ୟରେ ଖେଳଯାଇଥିଲା। ଟସ୍ ଜିତି ଆଇକନିକ ମାନସ ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ମ୍ୟାଜିଷ୍ଟିକ ଅଜୟ୍ ଟିମ ୭ ଓଭରରେ ୭ ଉଇକେଟ ହରାଇ ୧୨୮ ରନ କରି ବିଜୟୀ ହୋଇଥିଲା। ବବୁ ବିଶ୍ୱାଳ ମ୍ୟାନ ଅଫ ଦି ମ୍ୟାଚ ଓ ଶଶିକାନ୍ତ ବିଶ୍ୱାଳ ମ୍ୟାନ ଅଫ୍ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ଅମ୍ପାୟାର ଭାବେ ସଞ୍ଜୟ୍ ରାଉତ ଓ ଉମେଶ ରାଉତ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରିଂରେ ଲିପୁ ବାରିକ ଓ ଜ୍ଞାନ ରଞ୍ଜନ ରାଉତ ସହଯୋଗ କରିଥିଲେ। ମ୍ୟାଚର ଧାରା ବିବରଣୀ ସୋବନି ସ୍ୱାଇଁ ଓ କିଶୋର ସାହୁ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ବରିଷ୍ଠ ଆଇନଜୀବୀ ବିର ନାରାୟଣ ପାତ୍ର, ପୂର୍ବତନ ସରପଞ୍ଚ ଅଜୟ୍ କୁମାର ମହାନ୍ତି, ଭ୍ରମରବର ସାହୁ, ଜଟାଧାରୀ ବେହେରା, ରାମଚନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ନାଥ ରାଉତ,କୁଞ୍ଜ କିଶୋର ସାହୁ, ଗଙ୍ଗାଧର ବେହେରା, ସୁଶାନ୍ତ କୁମାର ନାୟକ ଓ ଜୟରାମ ଦାସ ପ୍ରମୁଖ ଯୋଗ ଦେଇ ଥିଲେ। ଅତିଥିମାନେ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନ କରିବାରେ କ୍ଲବର ସଦସ୍ୟ ଅଜୟ୍ କୁମାର ବେହେରା, ମଳୟ ବେହେରା, କିଶୋର ସାହୁ, ଶୋବନା ସ୍ୱାଇଁ, ଦେବାଶିଷ ଦାସ, ମାନସ ବାରିକ, ଦିପୁନା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଭିତରକନିକା ମହୋତ୍ସବ-୨୦୨୩ ଉଦ୍‌ଘାଟିତ

ରାଜନଗର,୧୦।୩(ଡି.ଏନ.ଏ.)




ପ୍ରକୃତିର ବିସ୍ମୟ ଭିତରକନିକା କେବଳ ରାଜନଗର ନୁହେଁ, ସାରା ଭାରତବର୍ଷରେ ପ୍ରକୃତି, ପରିବେଶ, ସରୀସୃପ, ରଙ୍ଗବେରଙ୍ଗ ପକ୍ଷୀ, ବଉଲା କୁମ୍ଭୀର ଓ ଅନ୍ୟାନ୍ୟ ବନ୍ୟପ୍ରାଣୀ ପାଇଁ ସାରା ବିଶ୍ୱର ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ୱାକ୍ଷର ଲିପିବଦ୍ଧ କରିଚାଲିଛି। ନିକଟ ଅତୀତରେ ଭିତରକନିକା ଜାତୀୟ ଉଦ୍ୟାନରେ ବସବାସ କରୁଥିବା ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାରେ ଅନୁକୂଳ ପରିବେଶ ସୃଷ୍ଟି କରିଥିବାରୁ ଇଣ୍ଡିଆ ଟୁଡେ ପକ୍ଷରୁ ବିଶ୍ୱର ସର୍ବଶ୍ରେଷ୍ଠ ବନ୍ୟପ୍ରାଣୀ ସହାବସ୍ଥାନ ରୂପେ ପୁରସ୍କୃତ ହେବା ଆମ ପାଇଁ ଗୌରବର ଗାଥା। ପ୍ରକୃତିର ଏହି ମହାତୀର୍ଥକୁ ବିଶ୍ୱ ଦରବାରରେ ଅଧିକ ପରିଚିତ କରିବା ପାଇଁ ସମ୍ମିଳିତ ସହଯୋଗର ଆବଶ୍ୟକତା ରହିଛି ବୋଲି ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି । ଶୁକ୍ରବାର ଭିତରକନିକା ମହୋତ୍ସବ-୨୦୨୩କୁ ଉଦ୍‌ଘାଟନ କରି ମନ୍ତ୍ରୀ ଦେବ ଭିତରକନିକାର ପ୍ରାକୃତିକ ବିଭବ ଉପରେ ଆଲୋକପାତ କରିଥିଲେ । କେନ୍ଦ୍ରାପଡା ଜିଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମହୋତ୍ସବରେ ସମ୍ମାନୀତ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ବିଶ୍ୱ ଗବାକ୍ଷରେ ଭିତରକନିକା ଓ ଗହୀରମଥା ଆମ ମାଟିକୁ ସ୍ୱତନ୍ତ୍ର ପରିଚୟ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ନିର୍ଦ୍ଦେଶକ ଓ ସ୍ୱତନ୍ତ୍ର ସଚିବ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ରଞ୍ଜନ କୁମାର ଦାସ, ସମ୍ମାନୀତ ଅତିଥି ଭାବେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ, କେନ୍ଦ୍ରାପଡା ଏସ୍‌ପି ସନ୍ଦିପ ସମ୍ପଦ ମଦକର, କେନ୍ଦ୍ରାପଡା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଭିନେତା ସବ୍ୟସାଚୀ ଓ ଅଭିନେତ୍ରୀ ଅର୍ଚ୍ଚିତାଙ୍କ ଗୀତରେ ଦର୍ଶକମାନେ ଝୁମିଥିଲେ।

# ଡେରାବିଶର ୯ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା

ଡେରାବିଶ,୧୦।୩(ସ୍ୱ.ପ୍ର.)



**୧୭୭୦ରୁ ପରୀକ୍ଷା ଦେଲେ ୧୭୪୮ ଛାତ୍ରୀଛାତ୍ର**

ଡେରାବିଶ ବ୍ଲକ ଅନ୍ତର୍ଗତ ୯ କେନ୍ଦ୍ରରେ ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ସମସ୍ତ କେନ୍ଦ୍ରରେ ମୋଟ ୧୭୭୦ଜଣ ପରୀକ୍ଷା ଦେବା ପାଇଁ ଥିବା ବେଳେ ୨୨ଜଣ ପରୀକ୍ଷାର୍ଥୀ ପ୍ରଥମ ଦିନ ଅନୁପସ୍ଥିତ ଥିଲେ । ଫଳରେ ୧୭୪୮ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଛନ୍ତି। ଡେରାବିଶ ହାଇସ୍କୁଲରେ ମୋଟ ୧୯୬ ଜଣଙ୍କ ମଧ୍ୟରୁ ୧୯୧ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ୫ଜଣ ଅନୁପସ୍ଥିତ ରହିଥିଲେ। ଠାକୁରହାଟସ୍ଥିତ ସୁଦର୍ଶନ ନୋଡାଲ ହାଇସ୍କୁଲ କେନ୍ଦ୍ରରେ ମୋଟ ୧୭୭ଜଣ ମଧ୍ୟରୁ ୪ଜଣ ଅନୁପସ୍ଥିତ ରହି ୧୭୩ ଜଣ, ସତ୍ୟବିହାରସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ନୋଡାଲ ହାଇସ୍କୁଲ କେନ୍ଦ୍ରରେ ସମସ୍ତ ୧୩୫ ଜଣ, ମଲ୍ଲିକେଶ୍ୱପୁରସ୍ଥିତ ମଲ୍ଲିକେଶ୍ୱର ହାଇସ୍କୁଲ କେନ୍ଦ୍ରରେ ମୋଟ ୨୧୪ଜଣଙ୍କ ମଧ୍ୟରୁ ୪ ଅନୁପସ୍ଥିତ ଯୋଗୁ ୨୧୦ଜଣ, ନେଲାରପୁରସ୍ଥିତ ଭଗବତୀ ନୋଡାଲ ହାଇସ୍କୁଲ କେନ୍ଦ୍ରରେ ମୋଟ ୨୧୩ଜଣ ମଧ୍ୟରୁ ୨ଜଣ ଅନୁପସ୍ଥିତ ଯୋଗୁ ୨୧୧ଜଣ, ବଳଭଦ୍ରପୁରସ୍ଥିତ ବାଲୁଙ୍କେଶ୍ୱର ବିଦ୍ୟାପୀଠ କେନ୍ଦ୍ରରେ ମୋଟ ୧୮୯ ଜଣ ମଧ୍ୟରୁ ୩ ଅନୁପସ୍ଥିତ ଯୋଗୁ ୧୮୬ଜଣ, ଦୋହଲିସ୍ଥିତ ବିବି ମଡେଲ ହାଇସ୍କୁଲ କେନ୍ଦ୍ରରେ ମୋଟ ୨୪୬ମରୁ ୧ଜଣ ଅନୁପସ୍ଥିତ ଯୋଗୁ ୨୪୫ଜଣ, କିରାବାଦସ୍ଥିତ ରାମଚନ୍ଦ୍ର ନୋଡାଲ ହାଇସ୍କୁଲ କେନ୍ଦ୍ରରେ ମୋଟ ୨୧୫ଜଣ ମଧ୍ୟରୁ ୩ ଅନୁପସ୍ଥିତ ଯୋଗୁ ୨୧୨ଜଣ ଏବଂ ଛକନାସ୍ଥିତ ଶାରଦା ଏକାଡେମୀ କେନ୍ଦ୍ରରେ ସମସ୍ତ ୧୮୫ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ।

# ଲୋକକଳା ମହୋତ୍ସବ-୨୦୨୩

ରାଜକନିକା,୧୦।୩(ଡି.ଏନ୍.ଏ)


ଲୋକକଳା ମହୋତ୍ସବରେ ଯୋଗଦେଇଥିବା ଅତିଥି ।

କେନ୍ଦ୍ରପଡ଼ା ଜିଲା ରାଜକନିକା ବ୍ଲକ୍ କାଟଣା ପଞ୍ଚାୟତର ପାଣ୍ଡରକୋଲିଠାରେ ଆରମ୍ଭ ହୋଇଛି ଲୋକକଳା ମହୋତ୍ସବ-୨୦୨୩। ଏହା ୩ ଦିନ ଧରି ଚାଲିବ। କଳ୍କୀ ନାରାୟଣଙ୍କ ପୂଜା ଅବସରରେ ରାଜକନିକା କଳା ଓ ସଂସ୍କୃତି ସଂଘ ଆନୁକୂଲ୍ୟ ଏହି ମହୋତ୍ସବ ଆୟୋଜିତ ହୋଇଛି। ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ସଂଘର ସମ୍ପାଦକ ଯୋଗେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀରାମଚନ୍ଦ୍ର ଭେଷଜ ମହାବିଦ୍ୟାଳୟରେ ସହଯୋଗୀ ପ୍ରାଧାପକ ଡା. ଆଶିଷ କୁମାର ବାରିକ୍ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ କଥାକାର ବିନୋଦ ବିହାରୀ ଓ ସମ୍ମାନିତ ଅତିଥି ଭାବେ ସିକୋ ନୋଡ଼ାଲ ସ୍କୁଲର ପ୍ରଧାନଶିକ୍ଷକ ନିଗମାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ କଳା, ସଂସ୍କୃତି, ପରମ୍ପରା ଓ ଆମ ସମାଜ ପାଇଁ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଡା. ବାରିକ୍‌ଙ୍କୁ ସଭାପତି ବିଶ୍ୱନାଥ ନାୟକ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଜିଲାରୁ ବିଭିନ୍ନ ପ୍ରାନ୍ତରରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ସ୍କୁଲର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ ।

# କ୍ରୀଡ଼ା ଶରୀର, ମନକୁ ପ୍ରଫୁଲ୍ଲ ରଖେ

ବିରିଡି, ୧୦।୩(ଡି.ଏନ୍.ଏ.)


ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଶାରୀରିକ ସୁସ୍ଥତା ପାଇଁ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ । କ୍ରୀଡ଼ା ମନକୁ ପ୍ରଫୁଲ୍ଲ ରଖିବା ସହ ଶରୀରକୁ ଚଳଚଞ୍ଚଳ କରିଥାଏ ବୋଲି ଶୁକ୍ରବାର ବିରିଡି ବ୍ଲକ ଅନ୍ତର୍ଗତ ଅନନ୍ତବଟ ଅଣଖିଆସ୍ଥିତ ଅଳକା ମହାବିଦ୍ୟାଳୟର ୩୨ତମ ବାର୍ଷିକ କ୍ରୀଡା ଉତ୍ସବର ପୁରସ୍କାର ବିତରଣ ସଭାରେ ଅତିଥିମାନେ କହିଛନ୍ତି। ମହାବିଦ୍ୟାଳୟର ଅଧକ୍ଷ ଡ. ବିଶ୍ୱଜିତ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପରିଚାଳନା କମିଟି ସଭାପତି ବିରଞ୍ଚି ନାରାୟଣ ମହାନ୍ତି, ମୁଖ୍ୟବକ୍ତାଭାବେ ଡ. ପ୍ରଦ୍ୟୋଶ ରଞ୍ଜନ ଦାସ, ସମ୍ମାନିତ ଅତିଥିଭାବେ ଯୁକ୍ତ୨ ଅଧକ୍ଷ ପ୍ରାଧାପକ ରୁଦ୍ରନାରାୟଣ ମହାନ୍ତି, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ରୁଦ୍ରନାରାୟଣ ମିଶ୍ର, ଆଲୁମିନି କମିଟି ସଭାପତି ପ୍ରଦୀପ୍ତ କୁମାର ଭୂୟାଁ, କ୍ରୀଡ଼ା ଉପସଭାପତି ଡ. ଜ୍ୟୋତି ପ୍ରକାଶ ସାମନ୍ତରାୟ, ସହସମ୍ପାଦକ ଅଧାପକ ସୌମ୍ୟରଞ୍ଜନ ପଣ୍ଡା, କ୍ରୀଡା ଶିକ୍ଷକ ସଞ୍ଜିବ ମହାନ୍ତି ପ୍ରମୁଖ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଯୁକ୍ତ ୨ ଅଧକ୍ଷ ମହାନ୍ତି ଅତିଥି ପରିଚୟ ଓ ପ୍ରଶାସନିକ ଅଧିକାରୀ ଡ. ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଡ. ସାମନ୍ତରାୟ କ୍ରୀଡାର ବିବରଣୀ ପାଠ କରିଥିଲେ । ଏହି ଅବସରରେ କୃତି କ୍ରୀଡାବିତ ଓ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ କ୍ରୀଡା ଉପସଭାପତି ଅଧାପକ ସୌମ୍ୟରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ । ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା ।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

ମାର୍ଶାଘାଇ,୧୦।୩ (ଡି.ଏନ୍.ଏ.)
ମାର୍ଶାଘାଇ ଥାନା ଅନ୍ତର୍ଗତ କୋରଟପଙ୍ଗା ଗ୍ରାମରେ ହୋଲି ଖେଳରେ ହୋଇଥିବା ଗଣ୍ଡଗୋଳକୁ ନେଇ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି । କୋରଟପଙ୍ଗା ଗ୍ରାମର ସରିତା ବିଶ୍ୱାଳ ଦେଇଥିବା ଏତଲା ଅନୁଯାୟୀ ତାଙ୍କ ସ୍ୱାମୀ ଶେଖର ବିଶ୍ୱାଳ ଗୁରୁବାର ସକାଳେ ପାରାଦୀପକୁ କାମ କରିବାକୁ ବାଇକ୍‌ରେ ଯାଉଥିଲେ । ଏହି ସମୟରେ ନିକଟସ୍ଥ କୋଦାକଣ ଗ୍ରାମରେ କୋରଟ ପଙ୍ଗା ଗ୍ରାମର କୁମାର ବେହେରା, ପବିତ୍ର ବେହେରା, ଶଶାଙ୍କ ବେହେରା ଓ ପାଟକୁରା ଥାନା ଅନ୍ତର୍ଗତ ତାଳସଙ୍ଗା ଗ୍ରାମର ଜ୍ଞାନ ରଞ୍ଜନ ଲେଙ୍କା ତାଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବାଇକ୍ ଟାଣି ନେଇଥିଲେ। ଶେଖର ଏହାର ପ୍ରତିବାଦ କରିବାରୁ ସେମାନେ ଏକ ହାତୁଡିରେ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ । ଫଳରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ହୋଇ ତଳେ ପଡିଯାଇଥିଲେ । ଏହାପରେ ଅନ୍ୟ ୩ ଜଣ ତାଙ୍କୁ ଗୋଇଠା ମାରିଥିଲେ । ସ୍ଥାନୀୟ ଲୋକମାନେ ପହଞ୍ଚି ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ପଠାଇଥିଲେ । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି । ମାର୍ଶାଘାଇ ଥାନା ଆଇଆଇସି ଜ୍ୟୋତି ରଞ୍ଜନ ସାମନ୍ତରାୟ ଘଟଣାର ତଦନ୍ତ କରି କୋରଟପଙ୍ଗା ଗ୍ରାମର କୁମାର ବେହେରା ଓ ଜ୍ଞାନ ରଞ୍ଜନ ଲେଙ୍କାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୨୩/୨୩) ରୁଜୁ ହୋଇଛି।

### ତ୍ରିଦିବସୀୟ ଅନ୍ତର୍ନିବେଶୀ ଶିକ୍ଷା ପ୍ରଶିକ୍ଷଣ ଶିବିର

ବିରିଡି,୧୦।୩(ଡି.ଏନ୍.ଏ.)
ତ୍ରିଦିବସୀୟ ଅନ୍ତର୍ନିବେଶୀ ଶିକ୍ଷା 'ସାମର୍ଥ୍ୟ ପେଟିକା' ପ୍ରଶିକ୍ଷଣ ଶିବିର ଶୁକ୍ରବାର ଶେଷ ହୋଇଛି। ବିରିଡି ବିଇଓଙ୍କ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୫୫ଜଣ ପ୍ରାଥମିକ, ଉଚ୍ଚ ପ୍ରାଥମିକ ତଥା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସାମିଲ ହୋଇ ପ୍ରଶିକ୍ଷଣ ନେଇଥିଲେ। ବିଶେଷ କରି ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟସ୍ତରରେ କିପରି ଉପଯୁକ୍ତ ଶିକ୍ଷଣ ସାମଗ୍ରୀ ଯୋଗାଇ ଦିଆଯିବ, ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ସେମାନଙ୍କୁ ମିଳିପାରିବ ତାହା ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟ ଥିଲା। ବିଇଓ ସର୍ବେଶ୍ୱର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧନକର୍ମୀ ମଞ୍ଜୁଳା ସାହୁ, ବଂଶୀଧର ତ୍ରିପାଠୀ, ଧରିତ୍ରୀ ବାରିକ ପ୍ରମୁଖ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉଲ୍ଲାସ ଚନ୍ଦ୍ର ସ୍ୱାଇଁ, ନରେନ୍ଦ୍ର କୁମାର ରଥ, ସୁଶାନ୍ତ ସାମଲ, ରଞ୍ଜୁଲତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୫ରୁ ଆନ୍ଦୋଳନ ପାଇଁ ନିଷ୍ପତ୍ତି


ବ୍ଲକ୍ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

ପଟ୍ଟାମୁଣ୍ଡାଇ,୧୦।୩(ସ୍ୱ.ପ୍ର.)

**ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ପ୍ରସ୍ତୁତି ବୈଠକ**

ପୁରୁଣା ପେନସନ ଯୋଜନା ଲାଗୁ ସମେତ ବିଭିନ୍ନ ଦାବି ନେଇ ଚଳିତ ମାସ ୧୫ ତାରିଖରେ ଭୁବନେଶ୍ୱରଠାରେ ଆନ୍ଦୋଳନକୁ ଓହ୍ଲାଇବାକୁ ଯାଉଛି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ । ଏ ନେଇ ଗୁରୁବାର ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ବେଲତଳ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବ୍ଲକ ଶିକ୍ଷକସଂଘ ସଭାପତି ବିଶ୍ୱରଞ୍ଜନ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ ସଂଘ ନେତା ମଳୟ କୁମାର ଜେନା, ବ୍ଲକ କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବେଜ, ବ୍ଲକ ସଂଘ ସମ୍ପାଦକ ପ୍ରେମାନନ୍ଦ ଜୀବନ ଦାଶ, ଜିଲା ସଂଯୋଜକ ପ୍ରଦୀପ ତରାଇ, ସିଆରସିସି ଏମ୍. ଡି. ମସିଉଲ୍ଲକ୍ଷ, ଗୋଦାବରୀଶ ମିଶ୍ର, ଦିଲ୍ଲୀପ ପଢ଼ିହାରୀ, ରଞ୍ଜନ ସାହୁ, ଶୁକଦେବ ସେଠୀ, ସୁବାସ ଚନ୍ଦ୍ର ନାୟକ, ଅଜୟ କୁମାର ସ୍ୱାଇଁ, ରବୀନ୍ଦ୍ର ସେଠୀ, ଲୋକନାଥ ନାୟକ, ନିଶିକାନ୍ତ ମାଝି, ଜୁନିୟର ଶିକ୍ଷକ ଆସୋସିଏଶନର ସମ୍ପାଦକ କ୍ରୀଷ୍ଣାରାଣୀ କର, ସୁଶ୍ରୀ ସଙ୍ଗୀତା ପ୍ରମୁଖ ଶିକ୍ଷୟିତ୍ରୀ,ଶିକ୍ଷକ ଉକ୍ତ ବୈଠକରେ ଯୋଗ ଦେଇ ନିଜର ମତ ରଖିଥିଲେ। ଆଗାମୀ ଦିନରେ ଶିକ୍ଷକମାନଙ୍କ ଦାବି ହାସଲ ପାଇଁ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି । ଶିକ୍ଷକ ନେତା ତ୍ରିଲୋଚନ ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । ରାଜ୍ୟସଂଘର ଆହ୍ୱାନ କ୍ରମେ ଆସନ୍ତା ୧୫ତାରିଖ ଠାରୁ ପଟ୍ଟାମୁଣ୍ଡାଇ ବ୍ଲକର ସମସ୍ତ ପ୍ରାଥମିକ ଶିକ୍ଷକ ଓ ଜୁନିୟର ଶିକ୍ଷକମାନେ ସମୂହ ଛୁଟିରେ ଯିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଶୁକ୍ରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଣ୍ଡଳ ଶିକ୍ଷା ଅଧିକାରୀ ହରିହର ଦଲାଇଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି ।

# ଗୋପବନ୍ଧୁଜୀଉ ସେବାସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ


ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚାସିନ ଅତିଥି ।

ରାଜକନିକା,୧୦।୩(ଡି.ଏନ.ଏ.)
ରାଜକନିକା ବ୍ଲକ ହାଟସାହି ଗୋପବନ୍ଧୁଜୀଉ ସେବାସଂଘ ପକ୍ଷରୁ ଗୁରୁବାର ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହଟସାହିପଞ୍ଚାୟତର ସରପଞ୍ଚ ସୀତାରାଣୀ ଦାସ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଭାଇଚାରା ସୃଷ୍ଟି ହୁଏ ବୋଲି କହିଥିଲେ। ଖବରଦାତା ଶିବରାମ ଦାସ, ମିତାରାଣୀ ରାଉତ, ବରିଷ୍ଠ ନାଗରିକ ଅକ୍ରୁର ଚରଣ ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏହି ସଭାରେ ସାମାଜିକ କର୍ମୀ ଗୋପାଳ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ । ଶେଷରେ ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

# ପ୍ରପଲିନ ଗ୍ୟାସ୍ ସୁରକ୍ଷା ପାଇଁ ମକ୍‌ଡ୍ରିଲ



ପାରାଦୀପ,୧୦।୩(ସ୍ୱ.ପ୍ର,)
ପାରାଦୀପ ତୈଳ ବିଶୋଧନାଗାର ଟ୍ୟାଙ୍କର ଟର୍ମିନାଲ ପରିସରରେ ଶୁକ୍ରବାର ମକ୍‌ଡ୍ରିଲ କରାଯାଇଛି। ପ୍ରପଲିନ ଗ୍ୟାସ ପରିବହନ ବେଳେ କିପରି ଦୁର୍ଘଟଣା ମୁକାବିଲା କରାଯାଏ ସେ ସମ୍ପର୍କିତ କୌଶଳ ମକଡ୍ରିଲ ଜରିଆରେ ଦର୍ଶାଯାଇଥିଲା। ଏଥିରେ ପାରାଦୀପ ବନ୍ଦର, ପିପିଏଲ୍, ଇଫ୍‌କୋ, ଓଡିଶା ଅଗ୍ନିଶମ ବିଭାଗ, ଏନ୍‌ଡିଆର୍‌ଏଫ ଓ ସିଆଇଏସଏଫ ଅଗ୍ନିଶମ ଟିମ୍ ସାମିଲ ହୋଇଥିଲେ। ତୈଳ ବିଶୋଧନାଗାର ପ୍ରମୁଖ ମୁକେଶ ମୋହନ ଏହାର ସମୀକ୍ଷା କରିଥିଲେ।

# ସିଆଇଏସ୍‌ଏଫ୍‌ର ୫୪ ତମ ପ୍ରତିଷ୍ଠା ଦିବସ



ପାରାଦୀପ,୧୦।୩(ସ୍ୱ.ପ୍ର.)
ପାରାଦୀପ ନୂଆବଜାରସ୍ଥିତ କମ୍ପ୍ଲେକ୍ସ ପରିସରରେ ଶୁକ୍ରବାର ସିଆଇଏସଏଫର ୫୪ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଅତିଥିଭାବେ ଯୋଗଦେଇଥିଲେ ।ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା । କମାଣ୍ଡଣ୍ଟ ଅକ୍ଷତ ପଟେଲଙ୍କ ଅଧ୍ୟକ୍ଷତାରେ ଜବାନମାନେ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମ କରିଥିଲେ। ୧୯୬୯ରେ ସିଆଇଏସ୍‌ଏଫ୍ (କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ)ସ୍ଥାପନା ହୋଇଥିଲା। ଏହି ସଂସ୍ଥା ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସରକାରୀ ସଂସ୍ଥାର ସୁରକ୍ଷା ନିରାପତ୍ତା ଦେଖୁଛି। ଏବେ ଦେଶରେ ୧ ଲକ୍ଷ ୬୩ ହଜାର ଜବାନ ଏଥିରେ ନିୟୋଜିତ ଅଛନ୍ତି ବୋଲି ଅଧକ୍ଷ ହାରାନ୍ଧ କହିଥିଲେ। ଶେଷରେ ଡେପୁଟି କମାଣ୍ଡଣ୍ଟ ବିଷ୍ଣୁ ସ୍ୱରୂପ ଧନ୍ୟବାଦ ଦେଇଥିଲେ।

# ଅଢ଼େଇ କିଲୋ ଧାନ କାଟକୁ ଚାଷୀଙ୍କ ବିରୋଧ

ରଘୁନାଥପୁର,୧୦।୩(ଡି.ଏନ୍.ଏ.)


ଚାଷୀମାନେ ଧାନମଣ୍ଡିରେ ବିରୋଧ କରୁଛନ୍ତି।

**ପୂର୍ବରୁ ୩ କିଲୋ କଟାଯାଉଥିଲା**

ରଘୁନାଥପୁର ବ୍ଲକ ଜଗନ୍ନାଥପୁର କୃଷି ସେବା ସମବାୟ ସମିତି ପକ୍ଷରୁ ଖୋଲା ଯାଇଥିବା ମଣ୍ଡିରେ ଅଢ଼େଇ କିଲୋ ଧାନ କାଟକୁ ଚାଷୀମାନେ ବିରୋଧ କରିଛନ୍ତି। ଏ ସମ୍ପର୍କରେ ସମିତି ସମ୍ପାଦକ କପିଳେନ୍ଦ୍ର ପରିଡା ନୀରବ ରହୁଛନ୍ତି। ଏହି ଧାନ କାଟ ନ ଦେଲେ ମିଲର ଧାନ ଉଠାଇବ ନାହିଁ କି ଟ୍ରକ ପଠାଇବ ନାହିଁ ବୋଲି ଚାଷୀଙ୍କୁ କୁହାଯାଉଥିବା ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ମହାରଣା କହିଛନ୍ତି। ଗତ ୭ ତାରିଖରେ ଧାନ କାଟକୁ ବିରୋଧ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ୮ ତାରିଖରେ ଟୋକନ ଦିଆଯାଇଥିବା ଚାଷୀଙ୍କଠାରୁ ଶୁକ୍ରବାର ଧାନ କ୍ରୟ କରାଯାଇଛି। ପୂର୍ବରୁ ମିଲର ୩ କିଲୋ ଧାନ କାଟିବା ନେଇ କୁହାଯାଉଥିବାବେଳେ ଏହାକୁ ଅଢେଇ କିଲୋରେ ସୀମିତ ରଖା ଯାଇଥିବାର କ୍ରୟ କମିଟି ସଦସ୍ୟ ଦିଲୀପ ପରିଜା ପ୍ରକାଶ କରିଛନ୍ତି। ସେହିପରି ମଣ୍ଡିରେ ଚାଷୀଙ୍କ ପାଇଁ ପାନୀୟଜଳ ଓ ଛାଇରୁ ରକ୍ଷା ପାଇବା ପାଇଁ ଟେଣ୍ଟ ଓ ଖରା କାକରରେ ରହୁଥିବା ଧାନର ସୁରକ୍ଷା ପାଇଁ ପାଲ ବ୍ୟବସ୍ଥା ନିମନ୍ତେ କୁଇଣ୍ଟାଲ ରେଟର ୨ ପ୍ରତିଶତ ଖର୍ଚ୍ଚ ହେବା ପାଇଁ ନିୟମ ଥିବାବେଳେ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସିଏସ୍‌ଓ ସୁଜାତା ମିଶ୍ର କହିଛନ୍ତି, ଧାନକାଟ ପାଇଁ କୌଣସି ନିୟମ ନାହିଁ। ମଣ୍ଡିରେ ଚାଷୀଙ୍କ ଧାନର ସୁରକ୍ଷା ବ୍ୟବସ୍ଥା ଆରଏମସି ଉପରେ ନ୍ୟସ୍ତ କରାଯାଇଛି।

# ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ବିଧାୟକଙ୍କ କ୍ଷୋଭ



ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ତୁମୁଡିବନ୍ଧରେ ସମିତି ବୈଠକ

ତୁମୁଡିବନ୍ଧ, ୧୦।୩

ତୁମୁଡିବନ୍ଧ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଶୁକ୍ରବାର ୪ତମ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ବ୍ଲକ ଅଧକ୍ଷା ବାସନ୍ତୀ ମାଝି ସଭାପତିତ୍ୱ କରିଥିଲେ। ବୈଠକରେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ମାଝି ଉପସ୍ଥିତ ଜନ ପ୍ରତିନିଧିମାନଙ୍କୁ ସ୍ୱାଗତ ଭାଷଣ ଦେଇଥିଲେ। ବିଧାୟକ କହଁର ତାଙ୍କ ଅଭିଭାଷଣରେ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ବିରକ୍ତ ପ୍ରକାଶ କରିଥିଲେ। କାରଣ ବିଭାଗର ଅଧିକାରୀମାନେ ବୈଠକରେ ଯୋଗ ନଦେଇ ତାଙ୍କ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏ ନେଇ ଗୃହରେ ଉଦବେଗ ପ୍ରକାଶ ପାଇଥିଲା। କାର୍ଯ୍ୟସୂଚୀ ପ୍ରକାରେ ୧୧ ବିଷୟରେ ଆଲୋଚନା ହୋଇଥିଲା। ପ୍ରଥମେ ଜଙ୍ଗଲ ବିଭାଗ ଉପରେ ଆଲୋଚନା କରି ଜଙ୍ଗଲକୁ ନିଆଁ ନ ଲଗାଇବା ସେଥିପ୍ରତି ଜନ ସଚେତନତା ସୃଷ୍ଟି କରିବା ସହିତ ଜନ ପ୍ରତିନିଧି ମାନଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ ବିଭାଗୀୟ ଅଧିକାରୀ। ମୃତ୍ତିକା ସଂରକ୍ଷଣ ବିଭାଗ ସମ୍ବନ୍ଧରେ ଆଲୋଚନା ବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଚାଲିଥିବା କୃଷି ଭିତ୍ତିକ ବନ୍ଧ ଖନନ କାର୍ଯ୍ୟ ମେଶିନରେ କରାଯାଉଥିବା ଅଭିଯୋଗ କରି ବୈଠକରେ ପ୍ରକାଶ ପାଇଥିଲା। କୃଷି ବିଭାଗ ଉପରେ ଆଲୋଚନା କରି ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା ବାବଦରେ ଜଣାଯାଇଥିଲା। ପ୍ରାଥମିକ ଶିକ୍ଷା ଓ ମଧ୍ୟାହ୍ନ ଭୋଜନ ଉପରେ ଆଲୋଚନା ବେଳେ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ଥିବାନେଇ ରେଜୁଲେଶନ ବହିରେ ପ୍ରୋସିଡିଂ କରିବା ଗୃହରେ ନିଷ୍ପତ୍ତି ନିଆଯାଇଛି। ମହିଳା ଓ ଶିଶୁ ବିକାଶ ଯୋଜନା ଉପରେ ଆଲୋଚନା କରି ଅଧିକାଂଶ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହୁଥିବା କହିଛନ୍ତି ଉପାଧ୍ୟକ୍ଷ ସନ୍ତୋଷ କୁମାର ସାହୁ। ସେହିପରି ଆଗକୁ ଖରାଦିନ ଆସୁଛି, ପାନୀୟ ଜଳ ଯୋଗାଣ ବାବଦରେ ସମସ୍ତ ପ୍ରକାର ପ୍ରସ୍ତୁତି କରି ରହିବା ପାଇଁ ମତ ପ୍ରକାଶ ପାଇଛି। ଖରା ଦିନରେ ଅଂଶୁଘାତ ପାଇଁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନ୍ୟାନ୍ୟ ବିଭାଗ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲା ପରିଷଦ ସଭ୍ୟ ନବୀନ ପାତ୍ର, ଏମ୍‌ପି ପ୍ରତିନିଧି ପ୍ରମୋଦ କୁମାର ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ତୁମୁଡିବନ୍ଧ ତହସିଲଦାର ବନ ବିହାରୀ ହରପାଲ, ତୁମୁଡିବନ୍ଧ ବ୍ଲକ ବିଡିଓ ଦାୟିତ୍ୱରେ ରହିଥିବା ଏବିଡିଓ ଗୋବିନ୍ଦ ଚନ୍ଦ୍ର ଦାସ, ସମସ୍ତ ସରପଞ୍ଚ, ସମିତି ସଭ୍ୟା/ସଭ୍ୟ ଓ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଏବିଡିଓ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇ ବୈଠକ ଶେଷ କରିଥିଲେ। ଶେଷରେ ବିଧାୟକଙ୍କ ଦ୍ୱାରା ତୁମୁଡିବନ୍ଧରେ ମୁଖ୍ୟମନ୍ତ୍ରୀଙ୍କ କଳାକାର ଭତ୍ତା ବଣ୍ଟନ କରାଯାଇଥିଲା।

# ରମ୍ଭା ଡ୍ରାଇଭର ମହାସଂଘର ସ୍ମାରକପତ୍ର



ଡ୍ରାଇଭର ମହାସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ।

ରମ୍ଭା, ୧୦।୩

ଓଡ଼ିଶା ଡ୍ରାଇଭର ମହାସଂଘର ଆହ୍ୱାନ କ୍ରମେ ରାଜ୍ୟବ୍ୟାପୀ ଚଳିତ ମାସ ୧୫ ତାରିଖଠାରୁ ଧର୍ମଘଟ, ଅଖ ଚକ ବନ୍ଦ ସମର୍ଥନ ଜଣାଇ ଗଞ୍ଜାମ ଜିଲା ରମ୍ଭା ଡ୍ରାଇଭର ମହାସଂଘ ପକ୍ଷରୁ ତିନି ପର୍ଯ୍ୟାୟରେ ବିନୋଦ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରମ୍ଭା ଥାନା, ରମ୍ଭା ଏନ୍‌ଏସି ଓ ବଣିକ ସଂଘ ସଭାପତି ନାଥମାଲ ମୁନ୍ଦ୍ରାଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ମହାସଂଘର ଦାବି ମୁତାବକ ଡ୍ରାଇଭର ମାନଙ୍କ ସୁରକ୍ଷା, ଅଧିକାର ଓ ଅନ୍ୟାନ୍ୟ ପ୍ରସଙ୍ଗ ଭିତିକ ବିଷୟ ବସ୍ତୁକୁ ନେଇ ଦାବି ମୁତାବକ ବାରମ୍ବାର ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ତାହା ପୂରଣ ହେଉ ନଥିବାରୁ ମହାସଂଘ ପକ୍ଷରୁ ଏହିଭଳି ନିଷ୍ପତ୍ତି ନିଆଯାଇଥିବା ସଭାପତି ପ୍ରଫୁଲ୍ଲ ତାରେଇଙ୍କଠାରୁ ପ୍ରକାଶ। ସ୍ମାରକପତ୍ର ପ୍ରଦାନ ସମୟରେ ଉପ ସଭାପତି ସୁରେଶ ସ୍ୱାଇଁ, ସମ୍ପାଦକ ସନ୍ତୋଷ ବିଶ୍ୱାଳ, ସହ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ପଞ୍ଚାନନ ରଣା, ଦଶ ଜଣିଆ କମିଟି ସଦସ୍ୟ ମଧ୍ୟରୁ କାର୍ତ୍ତିକ ଚାନ୍ଦ, ଘନଶ୍ୟାମ ବେହେରା, ରବୀନ୍ଦ୍ର ଗୌଡ଼, ବାନାମ୍ବର ସେଠ, ନିରଞ୍ଜନ ପାତ୍ର, କୃଷ୍ଣ ବେହେରା ସମେତ ଅନେକ ଡ୍ରାଇଭର ସଦସ୍ୟ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

ବ୍ରହ୍ମପୁର ଅଫିସ, ୧୦।୩- ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁର ଗ୍ରାମରେ ଜଣେ ଯୁବ ବିଜେଡି ନେତା ଓ ବିରୋଧୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଉଭୟଙ୍କ ଏତଲାକୁ ଭିତ୍ତି କରି ପୋଲିସ ଦୁଇଟି ପୃଥକ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।
ସୂଚନାନୁସାରେ, ବୁଧବାର ଅପରାହ୍ନରେ ଆଙ୍କୁଶପୁର ଗ୍ରାମର ସୁକାନ୍ତ ସାହୁ ତାଙ୍କର ଘରକୁ ଯାଉଥିଲେ। ଏହି ସମୟରେ ବଡ଼ସାହିରେ ସଞ୍ଜୟ ସାହୁ ହଠାତ ତାଙ୍କୁ ଅଟକାଇ ଗାଳିଗୁଲଜ ସହ ମାଡ଼ପିଟ୍ କରିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ମାମଲା ସମାଧାନ କରିଥିଲେ। ଏହି ଘଟଣାକୁ ନେଇ ସୁକାନ୍ତ ସଦର ଥାନାରେ ସଞ୍ଜୟଙ୍କ ବିରୋଧରେ ଏତଲା ଦେଇଛନ୍ତି। ପୋଲିସ ନଂ ୧୫୪/୨୩ରେ ଏକ ମାମଲା ରୁଜୁ କରିଛି। ସଞ୍ଜୟ ବର୍ତ୍ତମାନ କୁକୁଡ଼ାଖଣ୍ଡି ବ୍ଲକ୍ ଯୁବ ବିଜେଡି ସଭାପତି ଦାୟିତ୍ୱରେ ରହିଛନ୍ତି। ଅନ୍ୟପଟେ ସଞ୍ଜୟ ଅଭିଯୋଗ କରିଛନ୍ତି, ସୁକାନ୍ତ ତାଙ୍କୁ ମାରପିଟ୍ କରି ଧମକ୍ ଦେଇଥିଲେ। ଏହି ଘଟଣାକୁ ନେଇ ସଞ୍ଜୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନମ୍ବର ୧୫୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ସେଣ୍ଟପଲ ସ୍କୁଲର ବାର୍ଷିକ ଉତ୍ସବ

ଛତ୍ରପୁର, ୧୦।୩(ଡି.ଏନ୍.ଏ): ଛତ୍ରପୁରସ୍ଥିତ ସେଣ୍ଟପଲ ସ୍କୁଲର ବାର୍ଷିକଉତ୍ସବ ସ୍ଥାନୀୟ ସଂସ୍କୃତି ଭବନରେ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ସୀତାରାମ ପାତ୍ର ଯୋଗଦେଇ ଭାରତୀୟ ଶିକ୍ଷା ବ୍ୟବସ୍ଥା ଓ ଏଥିରେ ଛାତ୍ରୀଛାତ୍ରଙ୍କ ବିକାଶ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଇଛାପୁର ହେବରନ ମିଶନ ସ୍କୁଲର ପ୍ରତିଷ୍ଠାତା ଜନ ଭେସଲୀ ଯୋଗଦେଇ ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଏବଂ ମଣିଷ ଜୀବନରେ ଶିକ୍ଷାର ଆବଶ୍ୟକତା ଉପରେ ବିସ୍ତୃତ ଭାବେ କହିଥିଲେ। ସମ୍ମାନିତ ଅତିଥି ଭାବେ ଛତ୍ରପୁର ଏନଏସି ସିଆରସିସି ରୀତା ରଥ, ଏମକେସିଜି ଡାକ୍ତର ଆଶୁତୋଷ ପାଢୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରେମାନନ୍ଦ ଗୌଡ ଅଧକ୍ଷତା କରିଥିବାବେଳେ ପ୍ରିନ୍ସପାଲ ଏମ.ସୀତାମ୍ମା ସ୍ୱାଗତ ସମ୍ଭାଷଣ ଓ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

### ଛତ୍ରପୁର ବ୍ଲକ ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର, ୧୦।୩(ଡି.ଏନ୍.ଏ): ୨୦୨୨ରେ ଓଡ଼ିଶା ପ୍ରଶାସନିକ ସେବାରେ ପଦୋନ୍ନତି ହୋଇ ଶୁକ୍ରବାର ସୁଶାନ୍ତ କୁମାର ବରାଳ ଛତ୍ରପୁର ବ୍ଲକ ବିଡ଼ିଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ବିଡ଼ିଓ ଥିବା ସାରଦା ପ୍ରସନ୍ନ ପଣ୍ଡା ଯାଜପୁର ଜିଲାର ଦାନଗଦି ବିଡିଓ ଭାବେ ବଦଳି ହୋଇଛି। ପୂର୍ବରୁ ଶ୍ରୀ ବରାଳ ମୟୂରଭଞ୍ଜ ଜିଲା ବିଜାତଳାରେ ଅତିରିକ୍ତ ତହସିଲଦାର ଏବଂ ବିଡ଼ିଓ ଭାବେ ଦାୟିତ୍ୱ ତୁଲାଇ ଆସିଛନ୍ତି। ଛତ୍ରପୁର ବ୍ଲକ ଅଧକ୍ଷା କିରଣ କୁମାରୀ ଦାସ, ଉପାଧକ୍ଷା ସାଡି ଶାରଦା ରେଡ୍ଡୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଏସ. କିଶୋର ଚନ୍ଦ୍ର ରେଡ୍ଡୀ ଓ ମୁନା ଦାସ, ପୂର୍ବତନ ସମିତି ସଭ୍ୟ ଅଶୋକ କୁମାର ପାଣିଗ୍ରାହୀ, ଜ୍ୟୋତି ରଞ୍ଜନ ସାହୁ, ଶିବଶଙ୍କର ସେଠୀ ପ୍ରମୁଖ ବିଡ଼ିଓଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ।

### ରାଇକିଆରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ

ରାଇକିଆ, ୧୦।୩(ଡି.ଏନ୍.ଏ)- କନ୍ଧମାଳ ଜିଲା ରାଇକିଆ ଆଥଲେଟିକ ଆସୋସିଏଶନ ପଡ଼ିଆ ଠାରେ ଦୁଇ ଦିନ ଧରି ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବ୍ଲକ ପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ସଂଗଠନ ସାହାରା ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧକ୍ଷ ପ୍ରିତମ ପ୍ରଧାନ, ବିଡ଼ିଓ ଶରତ ପାତ୍ର, ଜିଲାପରିଷଦ ସଭ୍ୟ ସତ୍ୟବାନ ପାତ୍ର, ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ମଣ୍ଡାକିଆ ସମିତି ସଭ୍ୟ କୃଷ୍ଣପ୍ରିୟା ପ୍ରଧାନ, ବେରେଡ଼ାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ, ଦଡିଙ୍ଗିଆ ସରପଞ୍ଚ ଅଶୋକ ପ୍ରଧାନ ଯୋଗଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ସାହାରା ସଂପାଦକ ସୁକାନ୍ତ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଖାଦ୍ୟ ନିରାପତ୍ତା କର୍ମଶାଳା ଉଦ୍‌ଘାଟିତ

ପାରଳାଖେମୁଣ୍ଡି, ୧୦।୩(ଡି.ଏନ୍.ଏ.)




କର୍ମଶାଳାରେ ଉପସ୍ଥିତି ଅତିଥିବୃନ୍ଦ।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଗତ ଫୋଷ୍ଟାକ (ଫୁଡ ସେଫ୍ଟି ଟ୍ରେଇନିଂ ଆଣ୍ଡ ସାର୍ଟିଫିକେସନ) ସ୍ୱୀକୃତି ପ୍ରାପ୍ତ ସ୍ୱେଚ୍ଛାସେବୀ ସଂଗଠନ ଉତ୍ସର୍ଗ ଆନୁକୂଲ୍ୟରେ ଖାଦ୍ୟ ନିରାପତ୍ତା ଏବଂ ସ୍ୱଚ୍ଛତା ସମ୍ପର୍କିତ ୩ ଦିନିଆ ତାଲିମ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଗଜପତି ଜିଲାପରିଷଦ ଅଧକ୍ଷ ଜି.ତିରୁପତି ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ 'ଉତ୍ସର୍ଗ' ସଙ୍ଗଠନର ସଭାପତି ପ୍ରିୟରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତା କରିଥିବା ବେଳେ ଖାଦ୍ୟ ନିରାପତ୍ତା ଅଧିକାରୀ ତପସ୍ୱିନୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଖାଦ୍ୟ ନିରାପତ୍ତା, ସ୍ୱଚ୍ଛାତା ରକ୍ଷା କରିବା, ଉପାଦେୟତା, ପ୍ରସ୍ତୁତ ପ୍ରଣାଳୀ, ଖାଦ୍ୟ ସଂରକ୍ଷଣ, ଆଇନ ଆଦି ଉପରେ ଅତିଥିଗଣ ମତବ୍ୟକ୍ତ ରଖିଥିଲେ। ଏହି ତାଲିମ ଶିବିରରେ ଫୋଷ୍ଟାକର ପ୍ରଶିକ୍ଷକ ଦୁର୍ଗା ପ୍ରସାଦ ପଣ୍ଡା ଯୋଗଦେଇ ତାଲିମାର୍ଥୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସଂଯୋଜିକା ହେମାମାଳିଣୀ ଭୂୟାଁ, ଖାଦ୍ୟ ନିରାପତ୍ତା କାର୍ଯ୍ୟାଳୟର ବଳରାମ ପ୍ରଧାନ ଏସ. ଗୁରୁ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଉତ୍ସର୍ଗର ରାଜ୍ୟ ସଂଯୋଜକ ଏମ. ସୁକାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ୧୨ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଚାଲୁ ରହିବ। ପ୍ରଥମ ଦିବସରେ ସହରର ୪୦ ଖାଦ୍ୟ ବ୍ୟବସାୟୀ ତଥା କାଜୁ ଓ ମିଲର ଭଳି ପ୍ରତିଷ୍ଠାନର ମାଲିକମାନେ ଯୋଗ ଦେଇଥିବାର ଜଣାପଡିଛି । ଆସନ୍ତା କାଲି ୫୦ ହୋଟେଲ ଓ ରେଷ୍ଟୁରାଣ୍ଟର ମାଲିକ ମାନଙ୍କ ସହ ୪୦ ବିଭିନ୍ନ ସାମଗ୍ରୀ ଉତ୍ପାଦକମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ସେହିପରି ୩ ଦିବସରେ ୮୦ଜଣଙ୍କୁ ଏପରି ତିନି ଦିନ ଧରି ତାଲିମ ପ୍ରାଦନ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି ।

# ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ମହିଳା ସମାବେଶ

ଗୋପାଳପୁର, ୧୦।୩(ଡି.ଏନ୍.ଏ.)

ଶୁକ୍ରବାର ଗୋପାଳପୁର ନିର୍ବାଚନ ମଣ୍ଡଳୀ ଲାଞ୍ଜିପଲୀ ନିକଟସ୍ଥ ବିଜୁ ଜନତା ଦଳ ପକ୍ଷରୁ ୧୦୭ ବିଜୁପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧକ୍ଷ କୁନା ତ୍ରିପାଠୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ଜୟନ୍ତ କୁମାର ମହାପାତ୍ର, ବ୍ଲକ ଅଧକ୍ଷ ସିଏଚ ଉଷାରାଣୀ, ଜିଲା ପରିଷଦ ଉପସଭାନେତ୍ରୀ ଏସ.ରାଜେଶ୍ୱରୀ ଦୋରା, ବ୍ଲକ ଉପାଧକ୍ଷ ଅନୀତା ମହାଙ୍କୁଡ଼, ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶିକା ବିଷ୍ଣୁପ୍ରିୟା ନାୟକ, ରାଜ୍ୟ କାଜୁ ନିଗମ ଅଧକ୍ଷ ସୁବାଷ ମହାରଣା, ଜିଲାପରିଷଦ ଦିପକ କୁମାର ସାମନ୍ତ, ତଅପୋଇ ଦାସ, ଗୋପାଳପୁର ଏନଏସି ଅଧକ୍ଷ ଏ. ଜାନକୀ ରାମ ଓ ଅନ୍ୟ ଅତିଥିମାନେ ମଞ୍ଚାସୀନ ଥିବା ବେଳେ ବ୍ଲକ ସଭାପତି ତଥା ଏମ୍‌ପିଙ୍କ ପ୍ରତିନିଧି ଅଜିତ କୁମାର ଦାସ ଅଧକ୍ଷତା କରିଥିଲେ। ଏହି ଅବସରରେ ପର୍ବତ ଆରୋହୀ ମଧୁସ୍ମିତା ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜେଡ଼ି ଯୁବ ନେତା ଏ.ସନ୍ତୋଷ ପାତ୍ର, ପ୍ରକାଶ ଚନ୍ଦ୍ର ସେଠୀ, ଶଶିଭୂଷଣ ମହାନ୍ତି, ପୂର୍ବତନ ଜିଲା ପରିଷଦ ଡ଼ିଲେଶ୍ୱର ରେଡ୍ଡୀ, ବ୍ଲକ ଯୁବ ବିଜେଡ଼ି ସଭାପତି ବିନୋଦ କୁମାର ମହାଙ୍କୁଡ଼, ପଦ୍ମପୁର ସରପଞ୍ଚ ସସ୍ମିତା ବେହେରା, ଦମୟନ୍ତୀ ରେଡ୍ଡୀ, ନାଗେଶ୍ୱରୀ ରେଡ୍ଡୀ, କବିତା ରାଣୀ ଦାସ ଓ ଦୁଇ ହଜାରରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ।

# ତୁଙ୍କାପଡ଼ାରେ ମାମୁଁଦେଇ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ



ଅତିଥିଙ୍କ ଦ୍ୱାରା ଟୁର୍ନାମେଣ୍ଟ ଉଦ୍‌ଘାଟନ।

ପୋଲସରା, ୧୦।୩(ଡି.ଏନ.ଏ.)

ପୋଲସରା ବ୍ଲକ ଅନ୍ତର୍ଗତ ତୁଙ୍କାପଡା ଗ୍ରାମର ରଘୁନାଥ ପଡିଆ ଠାରେ ଶୁକ୍ରବାର ମାମୁଁଦେଇ ହ୍ୟାଣ୍ଡବଲ ପକ୍ଷରୁ ଏକ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟୁର୍ନାମେଣ୍ଟକୁ ୩୮ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ସିମାଞ୍ଚଳ ସେଠୀ, ବିଜେଡି ବ୍ଲକ ମହିଳା ସଭାପତି ସଂଯୁକ୍ତା ବାଡ଼ତ୍ୟା, ଯୁବ ବ୍ଲକ ବିଜେଡି ସଭାପତି ସିଲୁ ଦଳେଇ, ବରିଷ୍ଠ ସମାଜସେବୀ ରତ୍ନାକର ବାଡ଼ତ୍ୟା ପ୍ରମୁଖ ମଞ୍ଚାସୀନ ରହି ଯୁବ ପ୍ରତିଭା କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ଅଞ୍ଚଳର ଯୁବ କ୍ରୀଡ଼ାବିତକୁ ନେଇ ୧୦ରୁ ଆରମ୍ଭ ହୋଇ ୧୨ ତାରିଖରେ ଶେଷ ଉଦ୍‌ଯାପନି ହେବ। ପ୍ରଥମ ଦିନର ହ୍ୟାଣ୍ଡବଲ୍ ଉଦଘାଟନି ମ୍ୟାଚ ପୋଲସରା ବ୍ଲକ ସୋଡ଼କ ସହିତ ବୁଗୁଡା ବ୍ଲକ କୁଆନଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ଯୁବ ବିଜେଡି ସଭାପତି ଶଶାଙ୍କ ପୋଲାଇ, ଜଗନ୍ନାଥ ପ୍ରଧାନ, ନାୟବ ସରପଞ୍ଚ ପ୍ରତିନିଧି କୃଷ୍ଣଚନ୍ଦ୍ର ମହାରଣା ଓ କ୍ରୀଡ଼ା ପରିଚାଳନା ବଳରାମ ପୋଲାଇ ସମେତ ସ୍ଥାନୀୟ କ୍ରୀଡ଼ାବିତ ଉପସ୍ଥିତ ଥିଲେ।

# ଆର.ଉଦୟଗିରି ବ୍ଲକରେ ଭଲିବଲ ଟୁର୍ନାମେଣ୍ଟ

ଆର.ଉଦୟଗିରି, ୧୦।୩(ଡି.ଏନ.ଏ.)– ଆର.ଉଦୟଗିରି ବ୍ଲକ୍ ସାରଳା ସାହିଠାରେ ଅନୁଷ୍ଠିତ ଏକ ଭଲିବଲ୍ ଟୁର୍ନାମେଣ୍ଟ ଫାଇନାଲରେ ମୁଖ୍ୟ ଅତିଥି ଭାବେ ବିଜେଡି ଗଜପତି ଜିଲା ସଭାପତି ଜଗବନ୍ଧୁ ଦାସ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଆର.ଉଦୟଗିରି ବ୍ଲକ ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ୍ ଖର୍ସେଲ୍, ଆର.ଉଦୟଗିରି ଥାନା ଭାରପ୍ରାପ୍ତ ଅଧିକାରୀ ମଲ୍ଲିକ, ଶବରପଲି ସରପଞ୍ଚ ତଥା ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଆୟୋଜକ କମିଟିର ସଭାପତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସମ୍ମାନିତ କରିଥିଲେ। ମୁଖ୍ୟଅତିଥି ତଥା ଗ୍ରାମ୍ୟ କମିଟି ଉପସ୍ଥିତିରେ ପଡ଼ିଆ ମଧ୍ୟରେ ଉଦ୍‌ଘାଟନ କରିବା ସହ ୨ଟି ଟିମ୍‌ର କ୍ୟାପଟେନ୍ ତଥା ତାଙ୍କ ଟିମ୍‌କୁ ଅଶେଷ ଅଭିନନ୍ଦନ ଜଣାଇଛନ୍ତି। ଏହି ଭଲିବଲ୍ ଖେଳଟି ଆନ୍ତର୍ଜାତିକ ସ୍ତରରେ ମାନ୍ୟତା ନ ଥିଲେ ମଧ୍ୟ ଗଜପତି, ଗଞ୍ଜାମରେ ଏହା ବେଶ୍ ଦେଖିବାକୁ ମିଳିଥାଏ।

# ଓଜେୟୁ କନ୍ଧମାଳ ଶାଖାର ବୈଠକ

ଫୁଲବାଣୀ ଅଫିସ, ୧୦।୩

ଓଡିଶା ସାମ୍ବାଦିକ ସଂଘ(ଓଜେୟୁ) କନ୍ଧମାଳ ଶାଖାର ସାଧାରଣ ପରିଷଦ ବୈଠକ ଶୁକ୍ରବାର ଜି.ଉଦୟଗିରି ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ରାଧାମୋହନ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ସଂଘର ରାଜ୍ୟ ସଭାପତି ଶଶୀ ଭୂଷଣ ପ୍ରହରାଜ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ରାଜ୍ୟ କୋଷାଧ୍ୟକ୍ଷ ଅରୁଣ କୁମାର ଶଢଙ୍ଗୀ ଯୋଗଦେଇ ସାମ୍ବାଦିକମାନଙ୍କ ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜିଲା ସମ୍ପାଦକ ପ୍ରିୟବ୍ରତ ସାହୁ, କୋଷଧ୍ୟକ୍ଷ ବଟକୃଷ୍ଣ ଦାସଙ୍କ ସମେତ ଜିଲାର ବିଭିନ୍ନ ବ୍ଲକର ସଂଘ ସଦସ୍ୟମାନେ ଯୋଗ ଦେଇଥିଲେ । ଉପ ସଭାପତି ଅନିଲ ଦଳବେହେରାଧନ୍ୟବାଦ ଅର୍ପଣ କରିଥିଲେ ।

# ୬୩ କେଜି ଗଞ୍ଜେଇ ଜବତ, ୨ ଗିରଫ



ଗିରଫ ଅଭିଯୁକ୍ତଙ୍କ ସହ ଜବତ ଗଞ୍ଜେଇ ଓ ପିକଅପ ଭ୍ୟାନ୍।

ଆର.ଉଦୟଗିରି, ୧୦।୩(ଡି.ଏନ.ଏ.)

ଗଞ୍ଜେଇ ଚୋରାଚାଲାଣ ବେଳେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ମ୍ୟାକ୍ସ ପିକ୍‌ଅପ୍ ଭ୍ୟାନ୍ ସହ ୬୩କେଜି ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ଗଜପତି ଜିଲା ମୋହନା ଥାନା କଇଠପଦା ଗ୍ରାମର ମଜେସ ଗମାଙ୍ଗ (୩୨) ଏବଂ ଗାଡି ଚଳାଉଥିବା ଗାଡି ମାଲିକ ଅଡବା ଥାନା ଅଞ୍ଚଳର ପାଲକୁଆ ଗ୍ରାମର ସୁନୀଲ ମଲ୍ଲିକ (୨୮)। ଗୁରୁବାର ସକାଳେ ମୋହନା ଥାନା ପୋଲିସ ମାଣିକପୁର, ଆକିଲି ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଆର.ଉଦୟଗିରି ପଟୁ ବ୍ରହ୍ମପୁର ଅଭିମୁଖେ ଏକ ଭ୍ୟାନ (ନଂ ଓଡି–୦୨–ଏପି–୪୪୨୭) ଦ୍ରୁତ ଗତିରେ ଆସୁଥିବା ଦେଖି ଏହାକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ପୋଲିସକୁ ଚକମା ଦେଖାଇ ଅଭିଯୁକ୍ତ ଗାଡି ନେଇ ଚାଲିଯାଇଥିଲେ। ପୋଲିସ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ କପୁରୀପଟାଠାରେ ଅଟକାଇଥିଲା। ଗାଡ଼ିକୁ ଯାଞ୍ଚ କରାଯିବା ବେଳେ ଦୁଇଟି ବସ୍ତାରେ ପ୍ରାୟ ୬୩ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଗିରଫ ଅଭିଯୁକ୍ତ ଆର.ଉଦୟଗିରି କିରାମା ଅଞ୍ଚଳରୁ ଗଞ୍ଜେଇ ନେଇ ବ୍ରହ୍ମପୁର ଯାଉଥିଲେ ବୋଲି ପୋଲିସ ପକ୍ଷରୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଦୁର୍ନୀତିର ଗନ୍ତାଘର ପାଲଟିଛି ବଲସକୁମ୍ପା ହାଇସ୍କୁଲ

ଖଜୁରିପଡ଼ା, ୧୦।୩




ଜିଲାପାଳ ଏବଂ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଫେରାଦ ପାଇଁ ଆସିଥିବା ସ୍କୁଲ ଏସ୍‌ଏମ୍‌ସି କମିଟି ସଦସ୍ୟ।

ସମସ୍ତଙ୍କୁ ସ୍ୱାକ୍ଷର କରିବା ପାଇଁ ଶିକ୍ଷାର ଆଲୋକ ଦେଖାଇବା ଲାଗି ସରକାର ଶିକ୍ଷକ ନିଯୁକ୍ତି ଦେଉଛନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ସ୍କୁଲ, କଲେଜ, ଅଙ୍ଗନୱାଡି ନିର୍ମାଣ କରୁଛନ୍ତି। ସ୍କୁଲରେ ଶିକ୍ଷା ବଦଳରେ ପ୍ରଧାନ ଶିକ୍ଷକ କରୁଛନ୍ତି ରାଜନୀତି। ସ୍କୁଲରେ ଚାଲିଛି ଦିନ ଦ୍ୱିପହରେ ଦୁର୍ନୀତି। ଯାହା ସହିବା କଷ୍ଟସାଧ ହେବା ପରେ ପ୍ରଧାନ ଶିକ୍ଷକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଜିଲାପାଳ ଏବଂ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ସ୍କୁଲ ଏସ୍‌ଏମ୍‌ସି କମିଟି ଫେରାଦ ହୋଇଛନ୍ତି। ଏହିଭଳି ଘଟଣା ଘଟିଛି ଜିଲାପାଳ କାର୍ଯ୍ୟାଳୟର ଅଳ୍ପ ଦୂରରେ ଥିବା ପ୍ରସିଦ୍ଧ ଦେବୀ ପୀଠ ବଲସକୁମ୍ପା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।

ଅଭିଯୋଗ ଅନୁଯାୟୀ, ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମେହେର ସ୍କୁଲକୁ ଠିକ୍ ସମୟରେ ଆସୁନାହାନ୍ତି। ସ୍କୁଲର ମଧ୍ୟାହ୍ନ ଭୋଜନ ଟଙ୍କାକୁ ହରିଲୁଟ କରୁଛନ୍ତି। ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ ଦେଉନାହାନ୍ତି ଉପଯୁକ୍ତ ଖର୍ଚ୍ଚ ହୋଇଥିବା ଟଙ୍କା। ଖେଳକୁଦ, ସ୍କୁଲ ସାମଗ୍ରୀ କିଣିବା ପାଇଁ ସରକାର ଯୋଗାଉଥିବା ଟଙ୍କାକୁ ମନଇଚ୍ଛା ଖର୍ଚ୍ଚ କରୁଛନ୍ତି। ସ୍କୁଲ କମିଟି ହିସାବ ମାଗିଲେ ସ୍କୁଲ କମିଟିକୁ ନାଲି ଆଖି ଦେଖାଉଛନ୍ତି। ସ୍କୁଲ ଛାତ୍ରୀମାନଙ୍କୁ ଅସଦାଚରଣ ବ୍ୟବହାର କରିବା ସହିତ ଅଶ୍ଳୀଳ କଥାବାର୍ତ୍ତା କରୁଥିବା ସହିତ ସ୍କୁଲରେ ଚାନ୍ଦା ଆଦାୟ କରୁଛନ୍ତି। ନିଶାସକ୍ତ ଅବସ୍ଥାରେ ସ୍କୁଲ ଆସିବା ସହ ନିଶା ଦ୍ରବ୍ୟ ଗାଡ଼ି ଡିକିରେ ରଖୁଥିବା ଆଦି ଅଭିଯୋଗ ହେଉଛି। ଏହିଭଳି ଅନେକ ଦୁର୍ନୀତିରେ ସାମିଲ ଅଛନ୍ତି ପ୍ରଧାନ ଶିକ୍ଷକ ବୋଲି ସ୍କୁଲ କମିଟି ଲିଖିତ ଭାବେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦେବା ସହିତ ଜିଲା ଶିକ୍ଷାଧିକାରୀଙ୍କୁ ଭେଟି ଅଭିଯୋଗ କରିଛି। ଅନ୍ୟପଟେ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ଉକ୍ତ ଘଟଣା ତଦନ୍ତ କରି ସାତ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ପରେ ସ୍କୁଲ ଏସ୍‌ଏମ୍‌ସି କମିଟି ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରୁ ଫେରିଛି। ପ୍ରଧାନ ଶିକ୍ଷକ ବିରୋଧରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଗଲେ ଜୋରଦାର ଆନ୍ଦୋଳନ ହେବ ବୋଲି ସ୍କୁଲ କମିଟି ଚେତାବନୀ ଦେଇଛି। ଏ ନେଇ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମେହେରଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଯେ, ମୋ ଉପରେ ଲାଗିଥିବା ଦୁର୍ନୀତି ଅଭିଯୋଗ ସବୁ ମିଥ୍ୟା ବୋଲି କହିଛନ୍ତି।

# ଆଶା, ଅଙ୍ଗନୱାଡି କର୍ମୀଙ୍କ କାର୍ଯ୍ୟ ପ୍ରଶଂସନୀୟ

## ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

ଯାଜପୁର ଟାଉନ,୧୦।୩(ଡି.ଏନ.ଏ.)

ଯାଜପୁର ଜିଲା ସଦର ମହକୁମାସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଶୁକ୍ରବାର ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ୨୦୨୨-୨୩ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା ଯୋଗଦେଇ ରୋଗୀ ସେବା ଓ ରୋଗ ବିଷୟରେ ତୃଣମୂଳସ୍ତରରୁ ବିକାଶଶୀଳ ସମାଜ ପର୍ଯ୍ୟନ୍ତ ସଚେତନତା ଦିଗରେ ଆଶା, ଅଙ୍ଗନୱାଡି କର୍ମୀ ଏବଂ ସ୍ୱାସ୍ଥ୍ୟ ଅନୁଷ୍ଠାନ ଗୁଡ଼ିକର ଗୁରୁଦାୟିତ୍ୱ ରହିଛି। କୋଭିଡ୍ ମୁକାବିଲାରେ ଯାଜପୁର ଜିଲାର ଆଶା, ଅଙ୍ଗନୱାଡି କର୍ମୀ, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିର କର୍ମକର୍ତ୍ତା ଯେଭଳି ନିଃସ୍ୱାର୍ଥପର ସେବା ଯୋଗାଇ ଜିଲାକୁ ବିଶ୍ୱ ମହାମାରୀରୁ ସୁରକ୍ଷା ଦେଲେ ତାହା ସେମାନଙ୍କ ପ୍ରଶଂସନୀୟ ସେବା ପରାକାଷ୍ଠାର ପରିଚୟ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଯୋଗଦେଇ ଏହି କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ସେବିକା ଓ କର୍ମୀମାନଙ୍କୁ ନିରବଚ୍ଛିନ୍ନ ଭାବେ ତୃଣମୂଳସ୍ତରରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ପ୍ରେରଣା ଯୋଗାଇବ ବୋଲି କହିଥିଲେ।


ଅତିଥି ଜଣେ ଆଶାକର୍ମୀଙ୍କୁ ସମ୍ମାନିତ କରୁଛନ୍ତି।

ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାଶିଷ ମହାରଣାଙ୍କ ପୌରୋହିତ୍ୟରେ ଏବଂ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଧାଂଶୁ ଶେଖର ବଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସ୍ୱତନ୍ତ୍ର ଅତିଥି ଭାବେ ଅବସରପ୍ରାପ୍ତ ଚକ୍ଷୁ ବିଶେଷଜ୍ଞ ଡା. ରାଜକିଶୋର ପଣ୍ଡା ଯୋଗଦେଇ ଆଶା, ଅଙ୍ଗନୱାଡି କର୍ମୀ ଏବଂ ଏଏନ୍ଏମ୍ ସ୍ୱାସ୍ଥ୍ୟ ସେବାକୁ ତ୍ୱରାନ୍ୱିତ କରିବାରେ ଏମାନେ ତିନୋଟି ମୁଖ୍ୟ ଅଙ୍ଗ ବୋଲି ଉଲ୍ଲେଖ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ୟ ଅଧିକାରୀ ଡା. ମହାରଣା ଜିଲାର ପାଖାପାଖି ୨୦ଲକ୍ଷ ଜନସାଧରଣଙ୍କୁ ତୃଣମୂଳସ୍ତରରେ ସେବା ଯୋଗାଇ ଦେବାପାଇଁ ୧୯୦୦ ଆଶା କର୍ମୀ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ।

ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ମହାରଣା ସ୍ୱାଗତ ଭାଷଣ ଓ ଆଭିମୁଖ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡା. ଶିବପ୍ରସାଦ ସାହୁ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ଭିଭିଡି) ଡା. ପ୍ରଦୀପ୍ତ କୁମାର ସାହୁ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡା. ଦେବରାଜ ହାଂସଦା, ଜିଲା ଜନସ୍ୱାସ୍ଥ୍ୟ ସଂଚାର ଅଧିକାରୀ ରୁକ୍ମିଣୀ ବେହେରା, ଉପପରିଚାଳକ (ଆର୍ସିଏଚ୍) ଲକ୍ଷ୍ମୀଧର ମହାପାତ୍ର, ସହକାରୀ ପରିଚାଳକ ଗୋଷ୍ଠୀ ପ୍ରକ୍ରିୟା ନେତ୍ରାନନ୍ଦ ଯେନା, ଜିଲା ସ୍ୱାସ୍ଥ୍ୟ ତଥ୍ୟ ପରିଚାଳକ ସୁଶ୍ରୀ ମଧୁସ୍ମିତ ପାଢ଼ୀ, ସହକାରୀ ପରିଚାଳକ (ଅଣସଂକ୍ରାମକ ରୋଗ) ସସ୍ମିତା ରାଉତ ଓ ପିପିଏମ୍ ସଂଯୋଜକ ମାନସ ରଞ୍ଜନ ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ସୁସ୍ଥ ଗାଁ ପୁରସ୍କାର ଭାବେ ତହରପୁର, ନରଣପୁର, ପଦ୍ମନାଭପୁର, କଳାମାଟିଆ, ମାର୍ଥାପୁର, ସିଦ୍ଧେଶ୍ୱର, ଇଚ୍ଛାପୁର ଓ ଭାଲୁଖାଇ ଆଦି ୧୦ ଗାଁ କଲ୍ୟାଣ ସମିତିକୁ ୧୦ ହଜାର ଟଙ୍କା ଲେଖାଏର ଚେକ୍, ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲାସ୍ତରୀୟ ଶ୍ରେଷ୍ଠ ଆଶାକର୍ମୀ ଭାବେ ସସ୍ମିତା ବେହେରା(ପ୍ରଥମ), ନନ୍ଦିନୀ ଦାସ (ଦ୍ୱିତୀୟ), ଶୁଭଶ୍ରୀ ଦାସ ଓ ସଂଯୁକ୍ତା ତ୍ରିପାଠୀ (ଯୁଗ୍ମ ତୃତୀୟ) ସ୍ଥାନ ଅଧିକାର କରିଥିବାରୁ ଯଥାକ୍ରମେ ୧୦ ହଜାର, ୮ ହଜାର ଓ ୬ ହଜାର ଲେଖାଏ ପ୍ରତ୍ୟେକଙ୍କୁ ଚେକ୍, ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲାର ୩୩ ଆଶା କର୍ମୀଙ୍କୁ ସେମାନଙ୍କ ସଫଳ କାର୍ଯ୍ୟଧାରା ପାଇଁ ଅର୍ଥ ରାଶି ପୁରସ୍କାର, ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ଜିଲା କାର୍ଯ୍ୟକ୍ରମ ପରିଚାଳକ ବନବିହାରୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଫ୍ୟାନ୍‌ରେ ଝୁଲିପଡ଼ିଲେ ଯୁବକ

ଯାଜପୁର ଟାଉନ,୧୦।୩ (ଡି.ଏନ.ଏ.): ଯାଜପୁର ବ୍ଲକ୍ କଲୋନୀ କ୍ୱାର୍ଟରରେ ରହୁଥିବା ଡିଆର୍‌ଡିଏ ଅଫିସର ୪ର୍ଥ ଶ୍ରେଣୀ କର୍ମଚାରୀ ଜୟରାମ ପଣ୍ଡାଙ୍କ ଏକମାତ୍ର ପୁଅ ଦେବାଶିଷ ପଣ୍ଡା(୨୪) ଶୁକ୍ରବାର ବ୍ଲକ୍ କଲୋନୀସ୍ଥିତ ତାଙ୍କ ବାସଭବନରେ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ଜଣାପଡିଛି। ପରିବାରିକ କଳହ ଯୋଗୁ ସେ ଆତ୍ମହତ୍ୟା କରିଥିବା ଶୁଣିବାକୁ ମିଳୁଛି। ଘଟଣାସ୍ଥଳରେ ଯାଜପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି। ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଦୁବାଇରେ ଓଡ଼ିଆ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବ୍ରହ୍ମବରଦା,୧୦।୩(ଡି.ଏନ.ଏ.): ରସୁଲପୁର ବ୍ଲକ୍ ଅଧୀନ ମହେଶ୍ୱରପୁର ପଞ୍ଚାୟତ ୱାର୍ଡ ନମ୍ବର ୨ର ସେକ୍ ତଫିରୁଦ୍ଦିନଙ୍କ ସାନ ପୁଅ ସେକ୍ କମିରୁଦ୍ଦିନ(୪୦)ଙ୍କ ଦୁବାଇରେ ଗୁରୁବାର ସନ୍ଦେହଜନକଭାବେ ମୃତ୍ୟୁ ହୋଇଛି। ସେ ୫ ବର୍ଷ ହେଲା ଦୁବାଇର ଆଲଜୁବେରାଠାରେ ଥିବା ଚିକବୟ ଇନାସାଲ ରେଷ୍ଟୁରାଣ୍ଟର ମୁଖ୍ୟ କାର୍ଯ୍ୟାଳୟଠାରେ ରୋଷେୟା ଭାବେ କାର୍ଯ୍ୟ କରୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ହେଟେଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ହୋଟେଲ ମାଲିକ ମୃତ ଶରୀରକୁ କମିରୁଦ୍ଦିନଙ୍କ ବାସ ସ୍ଥାନ ବ୍ରହ୍ମବରଦାକୁ ପଠାଇବା ପାଇଁ ବ୍ୟବସ୍ଥା କରାଇ ଦେବାକୁ ତାଙ୍କ ପରିବାର ଲୋକେ ହୋଟେଲ ମାଲିକଙ୍କୁ ଗୁହାରି କରିଛନ୍ତି। ହୋଟେଲ ମାଲିକଙ୍କ ପକ୍ଷରୁ ମୃତଦେହ ପଠାଇବାର ବ୍ୟବସ୍ଥା କରାଯାଉଥିବା ପରିବାର ଲୋକଙ୍କ ତରଫରୁ ସୂଚନା ମିଳିଛି। ନିକଟରେ ଘରକୁ ଫେରି ପୁଣି ୧୦ ଦିନ ତଳେ କମିରୁଦ୍ଦିନ ଘରୁ ଦୁବାଇ ଯାଇଥିବା ବେଳେ ତାଙ୍କର ଏଭଳି ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ତାଙ୍କର ଛୋଟ ଦୁଇ ପୁଅ ଓ ଏକ ଝିଅ ଥିବା ପରିବାର ଲୋକେ କହିଛନ୍ତି।

### ସାଙ୍ଗଙ୍କ ପାଇଁ ଶୋକସଭା

ଯାଜପୁର ଟାଉନ,୧୦।୩(ଡି.ଏନ.ଏ.): ଯାଜପୁର ପୌରପାଳିକା ଅନ୍ତର୍ଗତ ସାନ ବଜାର ଅଞ୍ଚଳର ସେକ୍ ସୁଶୀଲ(୨୯)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ହେଲେ ଏହି ଅକାଳ ମୃତ୍ୟୁକୁ କେହି ଗ୍ରହଣ କରିପାରୁନଥିବା ବେଳେ ସାଙ୍ଗସାଥୀ ଓ ପରିବାରରେ ଶୋକର ଛାୟା ଖେଳିଯାଇଛି। ମୃତ ସାଙ୍ଗର ସ୍ମୃତିରେ ଶୁକ୍ରବାର ସ୍କୁଲ ସାଙ୍ଗମାନେ ଏକତ୍ରିତ ହୋଇ ଏକ ଶୋକସଭା କରିଛନ୍ତି। ମା' ବିରଜା ନିକଟରେ ସାଙ୍ଗଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଭଗବାନ ତାଙ୍କ ପରିବାରକୁ ଧୈର୍ଯ୍ୟ ଓ ସାହସ ଦିଅନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ଏହି ଶୋକସଭାର ସମ୍ବିତ ନାୟକ, ସାଇମନ ନାୟକ, ଅଜୟ ପଣ୍ଡା, ମନୋଜ ରଣା, ସୁଶାନ୍ତ ସାହୁ, ସାର୍ଥକ ସାମଲ, ରାଜେନ୍ଦ୍ର ରଣା, ସଞ୍ଜୟ ପରିଡ଼ା ଓ ମନୋଜ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଚଣ୍ଡିଖୋଲ ଛକରେ ଦୁର୍ଘଟଣା, ଜଣେ ମୃତ

ଚଣ୍ଡିଖୋଲ,୧୦।୩(ଡି.ଏନ.ଏ.)

ଚଣ୍ଡିଖୋଲ ଛକରେ ଶୁକ୍ରବାର ଦୁଇ ବାଇକ୍ ଆରୋହୀ ଦୁର୍ଘଟଣା ଗ୍ରସ୍ତ ହେବା ପରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ମଧୁବନ ନିକଟସ୍ଥ ମିର୍ଜାପୁର ଗ୍ରାମର ଦିଲ୍ଲୀପ କୁମାର ସାହୁ (୩୫)। ଗୁରୁତର ଜଣକ ସେହି ଗ୍ରାମର ଅନନ୍ତ କୁମାର ସାହୁ(୩୮)। ସକାଳେ ଉଭୟ ଏକ ବାଇକ୍ ଯୋଗେ ନିଜ ଗ୍ରାମରୁ କଟକ ଅଭିମୁଖେ ଯାଉଥିଲେ। ଚଣ୍ଡିଖୋଲ ଛକ ନିକଟରେ ଟ୍ରାଫିକ୍ ଅଟକାଇବା ଯୋଗୁ ସେମାନେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ଲୁହା ପଥର ବୋଝେଇ ଟ୍ରକ୍ ଉଭୟଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦିଲୀପଙ୍କ ମୃତ୍ୟୁ ହୋଇଥିଲା। ଅନନ୍ତ ଗୁରୁତର ହୋଇଥିଲେ। ତାଙ୍କୁ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଚଣ୍ଡିଖୋଲ ଫାଣ୍ଡି ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ବାଲିଚନ୍ଦ୍ରପୁର ଜଗନ୍ନାଥ ହାଟ ମେଳଣ ଉଦ୍‌ଯାପିତ



ମେଳଣରେ ସାମିଲ ହୋଇଥିବା ଦୋଳ ବିମାନ ନିକଟରେ ଭକ୍ତଙ୍କ ଗହଳି।

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୧୦।୩(ଡି.ଏନ.ଏ.)

ବାଲିଚନ୍ଦ୍ରପୁର ଜଗନ୍ନାଥ ହାଟ ମେଳଣ ଶୁକ୍ରବାର ସକାଳେ ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ରାତିରୁ ଆରମ୍ଭ ହୋଇଥିବା ଏହି ମେଳଣରେ ପ୍ରଥମେ ଥାନପତି ବାଲିଚନ୍ଦ୍ରପୁର ବିମାନ ହାଟ ମେଳଣ ପଡ଼ିଆରେ ବସିବା ପରେ ରୁକୁଟି ପାଟ, ନାନପୁର, ପାଟଣା, ଆମ୍ବସୋରି, ପତରାଜପୁର, ଅସିଳା, ମାଣିତ୍ରୀ, ସୋରଳ, ଜେରକନ୍ଦ, ବିଲିପଡା ଓ ରାହାଣିଆ ଆଦି ସ୍ଥାନରୁ ୧୭ରୁ ଊର୍ଦ୍ଧ୍ୱ ବିମାନ ଯୋଗଦେଇ ଥିଲେ। ଶୁକ୍ରବାର ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଥିବା ଯୋଗୁ ଏହି ମେଳଣ ପ୍ରକ୍ରିୟା ବିଳମ୍ବ ହୋଇଥିଲା। ପିଲାଙ୍କ ପରୀକ୍ଷା ଶେଷ ହେବା ପରେ ସମସ୍ତ ବିମାନ ସେମାନଙ୍କ ରୋସଣି ଆରମ୍ଭ କରିଥିଲେ। ପିଲାଙ୍କ ପରୀକ୍ଷାକୁ ଲକ୍ଷ୍ୟରେ ରଖି ମେଳଣରେ ମାଇକ କିମ୍ବା ଡିଜେ ବାଜି ନ ଥିଲା। କେବଳ ବାଜା, ଘଣ୍ଟ କୀର୍ତ୍ତନ ସହିତ ଘୋଡ଼ା ନାଚ ଓ ଷଣ୍ଢ ନାଚ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜଗନ୍ନାଥ ମେଳଣ କମିଟି କର୍ମକର୍ତ୍ତା ଶାନ୍ତି ଶୃଙ୍ଖଳା ରକ୍ଷା ପୂର୍ବକ ମେଳଣ ପରିଚାଳନା କରିଥିଲେ।

# ଆଦିବାସୀ ଗ୍ରାମରେ ପହଞ୍ଚିଲା ପ୍ରଶାସନ

ଚଣ୍ଡିଖୋଲ,୧୦।୩(ଡି.ଏନ.ଏ.)

ବଡ଼ଚଣା ବ୍ଲକ୍ ଅନ୍ତର୍ଗତ କେଶରାଇପୁର ରାଜସ୍ୱ ଗ୍ରାମରେ ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ରହୁଛନ୍ତି। ଏଠାରେ ଖଣ୍ଡୋ ଲାଇଟ୍ ଖଣି ଖନନ ନାମରେ ଓଡ଼ିଶା ଖଣି ନିଗମ ତରଫରୁ ଆଦିବାସୀଙ୍କ ସାମଗ୍ରୀକ ବିକାଶ ପାଇଁ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଇଥିବାବେଳେ କାର୍ଯ୍ୟ ଆରମ୍ଭ ପରେ ପ୍ରଶାସନ ଏହାକୁ ଭୁଲି ଯାଇଥିଲା। ଏ ସମ୍ପର୍କରେ ଫେବୃୟାରୀ ୨୮ରେ 'ଧରିତ୍ରୀ'ରେ '୫୦ ଆଦିବାସୀ ପରିବାରକୁ ଭଣ୍ଡାଇଲା ପ୍ରଶାସନ' ଶୀର୍ଷକ ଖବର ପ୍ରକାଶ ପରେ ପ୍ରଶାସନ ର ନିଦ ଭାଙ୍ଗିଛି। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଏବିଡିଓ ରଞ୍ଜନ କୁମାର ବେହେରା, ଗ୍ରାମ ପଞ୍ଚାୟତ ଅଧିକାରୀ ଅମୀୟ ରଞ୍ଜନ ନାଥ, ବ୍ଲକ୍ ମଣ୍ଡଳ ଅଧିକାରୀ ସୁକାନ୍ତ ମାଧବ ରାଉତ ପ୍ରମୁଖ ଆଦିବାସୀ ଗ୍ରାମରେ ପହଞ୍ଚି ସେମାନଙ୍କ ଅବସ୍ଥା ବୁଝିଛନ୍ତି। ସେଠାରେ ପରିମଳ ବ୍ୟବସ୍ଥା, ପାନୀୟ ଜଳ, ରାସ୍ତା, ଜଳ ନିଷ୍କାସନ ଓ ଆବାସ ଗୃହ ଆଦି ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ବ୍ଲକ୍ ପ୍ରଶାସନ ତରଫରୁ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ତୁରନ୍ତ କରାଯିବ ବୋଲି ଘୋଷଣା କରାଯାଇଥିଲା। ରାସ୍ତା ଓ ଜଳ ନିଷ୍କାସନ ନେଇ ଜିଲାପାଳଙ୍କୁ ଜଣାଇବେ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବିକ୍ରମ କୁମାର ପ୍ରଧାନ, ପ୍ରଫୁଲ୍ଲ କୁମାର ପଣ୍ଡା, ସଞ୍ଜୟ କୁମାର ସିଂ, ଅଭିରାମ ଦେହୁରି, ଅର୍ଜୁନ ଦେହୁରି ଓ ପ୍ରକାଶ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# କନିଷ୍ଠ ଯନ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ଧର୍ମଶାଳା,୧୦।୩(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ବ୍ରହ୍ମାନନ୍ଦ ପଣ୍ଡା(୫୨)ଙ୍କ ଗୁରୁବାର ରାତିରେ ସନ୍ଦେହଜନକ ମୃତ୍ୟୁ ହୋଇଛି। କନିଷ୍ଠ ଯନ୍ତ୍ରୀ ପଣ୍ଡା ଗୁରୁବାର ସନ୍ଧ୍ୟାରେ ବ୍ଲକ ମିଟିଂ ସାରି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସରକାରୀ କ୍ୱାର୍ଟର୍ସକୁ ଫେରିଥିଲେ। କିଛି ସମୟ ପରେ ବ୍ଲକର ଜଣେ କର୍ମଚାରୀ ତାଙ୍କୁ ଡାକିବାରୁ ଘର ଭିତରୁ କୌଣସି ଉତ୍ତର ମିଳି ନ ଥିଲା। ଏହା ଜାଣିବା ପରେ ସେ ବ୍ଲକର ଅନ୍ୟ କର୍ମଚାରୀଙ୍କୁ ଡାକି କବାଟ ଭାଙ୍ଗି ଥିଲେ। ଘରେ ଥିବା ପାଇଖାନା ଗୃହରୁ ତାଙ୍କୁ ଉଦ୍ଧାର କରାଯାଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପଣ୍ଡା ପୂର୍ବରୁ କର୍କଟ ରୋଗରେ ପୀଡ଼ିତ ଥିଲେ। କ୍ୱାର୍ଟର୍ସରେ ସେ ଏକା ରହୁଥିଲେ। ତାଙ୍କ ଘର କଟକ ଜିଲା କିଶନନଗର ଅଞ୍ଚଳରେ ବୋଲି ଜଣାପଡ଼ିଛି। ତାଙ୍କ ପରିବାର ଲୋକେ ଧର୍ମଶାଳା ମେଡିକାଲରେ ପହଞ୍ଚିବା ସହ ତାଙ୍କ ପୁତୁରା ପାର୍ଥସାରଥୀ ପଣ୍ଡା ଏନେଇ ଧର୍ମଶାଳା ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ପୋଲିସ ନଂ.୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ଲାଗି ବଡ଼ଚଣା ପଠାଇ ତଦନ୍ତ କରୁଛି। ଗୁରୁବାର ରାତିରେ ଖବର ପାଇ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଜିଲାପରିଷଦ ସଭ୍ୟ ଜଳଧର ମହାନ୍ତି ଓ ବ୍ଲକର ସମସ୍ତ କର୍ମଚାରୀ ମେଡିକାଲରେ ପହଞ୍ଚିବା ସହ ଶୋକବ୍ୟକ୍ତ କରିଥିଲେ। ତେବେ ତାଙ୍କର କିପରି ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇ ପାରିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ରସୁଲପୁର ବିଡିଓଙ୍କ ଉନ୍ନୟନ କାର୍ଯ୍ୟ ତଦାରଖ

ରସୁଲପୁର,୧୦।୩(ଡି.ଏନ.ଏ.)

ରସୁଲପୁର ବିଡିଓ ଅବନିକାନ୍ତ ସାହୁ ଶୁକ୍ରବାର ବାରବାଟୀ ପଞ୍ଚାୟତ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ କରିଛନ୍ତି। ବିଡିଓ ସାହୁଙ୍କ ସହ ସରପଞ୍ଚ ଆୟୁଷମତୀ ଦାସ, ସମିତିସଭ୍ୟା ସୌଦାମିନୀ ସ୍ୱାଇଁ, ନିର୍ବାହୀ ଅଧିକାରୀ ସୁଧୀର କୁମାର ମହାନ୍ତି ପ୍ରମୁଖ ପଞ୍ଚାୟତର ବାରବାଟୀ ମାର୍କେଟ କମ୍ପ୍ଲେକ୍ସ, ବାରବାଟୀ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ, ଓଡ଼ଙ୍ଗ ୫-ଟି ରୂପାନ୍ତରିତ ବିଦ୍ୟାଳୟ, ବେତଣ୍ଡା ଓ ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟ, ଡାକଘର, ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଓ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଆଦି ବୁଲି ଦେଖିଥିଲେ। ଏ ସବୁ ସ୍ଥାନରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସରପଞ୍ଚ ଦାସଙ୍କ ସହ ବିଡିଓ ଆଲୋଚନା କରିବା ସହ ତା'ର ସମାଧାନ ବାଟ ବାହାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ବିଡିଓ ସାହୁ ଗୁରୁବାର ସାମନ୍ତରାପୁର ପଞ୍ଚାୟତର କୁଲୁଗାଁ ହାଟ, କମ୍ୟୁନିଟ୍ ସେଣ୍ଟର, ମିନି ଷ୍ଟାଡିୟମ, ଖଗେଶ୍ୱରୀ ରୂପାନ୍ତରିତ ବିଦ୍ୟାଳୟ, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ପଞ୍ଚାୟତର ୬ଟି କ୍ୟାସବୁକ୍ ଯାଞ୍ଚ କରିଥିଲେ। ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପରେ ଥିବା ସମସ୍ୟାକୁ ସମାଧାନର ନାନା ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।

# ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଯାପିତ

ପାରାଦୀପ,୧୦।୩(ସ୍ୱ.ପ୍ର.)

ପାରାଦୀପ ବନ୍ଦର ପକ୍ଷରୁ ଚାଲିଥିବା ଜାତୀୟ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହୋଇଛି। ବନ୍ଦର ୪ ନଂ. ଗେଟ ପାଖରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦର ଅଧକ୍ଷ ପି.ଏଲ. ହାରାନ୍ଧ, ଉପାଧ୍ୟକ୍ଷ ଏ.କେ ବୋଷ, ଡକ ସେଫ୍ଟି ଅଫିସର ସୋମାଶେଖର ବଜରନାଥ, ପ୍ରମୁଖ ଯୋଗ ଦେଇ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ବର୍ଷର ଆହ୍ୱାନ ଶୂନ କ୍ଷତି ଉପରେ ବିଭାଗୀୟ ଅଧିକାରୀମାନେ ଧ୍ୟାନ ଦେବାକୁ ଅଧକ୍ଷ ହାରାନ୍ଧ ପରାମର୍ଶ ଦେଇଥିଲେ। ଏହି ସପ୍ତାହବ୍ୟାପି କାର୍ଯ୍ୟକ୍ରମରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସମାଜରେ ସଂହତି ରକ୍ଷାରେ ସହାୟକ ହୁଏ କବିତା

## କବି ପଣ୍ଡିତ ମାଧବ ଚନ୍ଦ୍ର ମିଶ୍ରଶର୍ମାଙ୍କ ୧୧୩ତମ ଜୟନ୍ତୀ

ରସୁଲପୁର,୧୦।୩(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ବଇଁଚପଡ଼ିଆସ୍ଥିତ ମା'ହିଙ୍ଗୁଳା ପୀଠରେ କବି ପଣ୍ଡିତ ସ୍ୱର୍ଗତ ମାଧବ ଚନ୍ଦ୍ର ମିଶ୍ରଙ୍କ ୧୧୩ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ମାଧବଚନ୍ଦ୍ର ମିଶ୍ର ସ୍ମୃତି ସାହିତ୍ୟ ସଂସଦର ସ୍ଥାୟୀ ସଭାପତି ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କବି ମାଧବଙ୍କ କାଳଜୟୀ କବିତା ସଂସ୍କରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। କବିତା ସମାଜରେ ସଂହତି ବଜାଇ ରଖିବା ସହ ସଂସ୍କାର ଆଣିବାରେ ସହାୟକ ହୋଇଥାଏ। ଲେଖନୀ ମୁନରେ ସମାଜର ଦୈନନ୍ଦିନ ଘଟଣା ବଳିର ବାସ୍ତବ ଚିତ୍ରକୁ କବିତା ଜରିଆରେ ଚିତ୍ରଣ କରିବାରେ ସିଦ୍ଧହସ୍ତ ଥିଲେ କବି ମାଧବ ଚନ୍ଦ୍ର। କବିତା, ଛାନ୍ଦ ଆଦି ଲେଖା ପାଇଁ ସେ ସର୍ବତ୍ର ପରିଚିତ ହୋଇପାରିଥିଲେ। କବିଙ୍କ ଜୟନ୍ତୀ ଉତ୍ସବକୁ ପାଠିକାପାଠକମାନଙ୍କ ଦ୍ୱାରା ବିଭିନ୍ନ ଗ୍ରାମାଞ୍ଚଳରେ ପାଳନ କରାଯିବା ସହ ତାଙ୍କର କବିତା ସଂକଳନଗୁଡ଼ିକ ଉପରେ ପାଲା ପରିବେଷଣ କରାଯାଇ ପାରିଲେ ମାଧବଙ୍କ କୃତିତ୍ୱ ସମ୍ପର୍କରେ ଓଡ଼ିଆ ଜାତି ଜାଣିବାର ସୁଯୋଗ ପାଇପାରନ୍ତା ବୋଲି ବକ୍ତାମାନେ ପ୍ରସ୍ତାବ ରଖିଥିଲେ।


କବି ପଣ୍ଡିତ ମାଧବ ଚନ୍ଦ୍ର ମିଶ୍ରଶର୍ମାଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।

ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ପାଲାଗାୟକ ବଳରାମ ଆଏଚ, ସମ୍ମାନିତ ଅତିଥି ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶିଭୂଷଣ ସାହୁ, ଶିକ୍ଷାବିତ ମୋହନ ମଲ୍ଲିକ, ମା' ହିଙ୍ଗୁଳା ପରିଚାଳନା କମିଟି ସଭାପତି ରମାକାନ୍ତ ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ୍ ଆଦିକନ୍ଦ ମଲ୍ଲିକ, ଦିବାକର ବିଶ୍ୱାଳ, ବିଷ୍ଣୁଚରଣ ବୋଇତାଇ, ଚିତ୍ତରଞ୍ଜନ ମିଶ୍ର, କୀର୍ତ୍ତନ ବିହାରୀ ସାହୁ ଓ ଗୌରାଙ୍ଗ ଖୁଣ୍ଟିଆ ପ୍ରମୁଖ କବିଙ୍କ ଗୁଣାବଳୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମା' ହିଙ୍ଗୁଳା କମିଟି ପକ୍ଷରୁ କବିଙ୍କ ପୁତ୍ର ଶଶୀଭୂଷଣ ମିଶ୍ର, ସୁଧାଂଶୁ ଭୂଷଣ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସମାଜ ସେବା କ୍ଷେତ୍ରରେ ନିସ୍ୱାର୍ଥପର ସେବା ପାଇଁ ସ୍ଥାନୀୟ ରାହାମ୍ବା ପଞ୍ଚାୟତ ଡିହକୁରାଂଶ ଗ୍ରାମର ଯୁବକ ସୌମେନ୍ଦ୍ର ମଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବିନାରାୟଣ ମିଶ୍ର କବିତା ମାନପତ୍ର ପାଠ କରିଥିବାବେଳେ ସଂସଦର ସମ୍ପାଦକ ସୁଧାଂଶୁ ଭୂଷଣ ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମାଧବ ପ୍ରେମୀ ଯୋଗ ଦେଇଥିଲେ।

# ୨୦୨୪ ନିର୍ବାଚନ ପାଇଁ କର୍ମୀଙ୍କୁ ଗୁରୁମନ୍ତ୍ର

## ଭାଜପାର ବିଧାନସଭାସ୍ତରୀୟ ବୁଥ୍ ସଶକ୍ତୀକରଣ ଅଭିଯାନ କର୍ମଶାଳା

ବ୍ରହ୍ମବରଦା,୧୦।୩(ଡି.ଏନ.ଏ.)

ରସୁଲପୁର ବ୍ଲକ ଅର୍ନ୍ତଗତ ବ୍ରହ୍ମବରଦା ବ୍ୟାଙ୍କ୍ ଛକ ନିକଟସ୍ଥ ଏସ୍ଏସ୍ ପ୍ୟାଲେସଠାରେ ଭାରତୀୟ ଜନତା ପାର୍ଟି(ଭାଜପା)ତରଫରୁ ବିଧାନସଭାସ୍ତରୀୟ ବୁଥ୍ ସଶକ୍ତୀକରଣ ଅଭିଯାନ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରୀ ନିର୍ବାଚନମଣ୍ଡଳୀ ଭାଜପା ତରଫରୁ ଅନୁଷ୍ଠିତ କର୍ମଶାଳାରେ ଜିଲା ପୂର୍ବତନ ସଭାପତି ଆଶୁତୋଷ ପରିଡ଼ା ସଭାପତିତ୍ୱ କରିଥିଲେ। କର୍ମଶାଳାରେ ମୁଖ୍ୟଅତିଥି ପାର୍ଟିର ରାଜ୍ୟ ସଭାପତି ସମୀର କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଜିଲା ପ୍ରଭାରୀ ଶାରଦା ଶତପଥୀ, ସମ୍ମାନିତ ଅତିଥି ଭାବେ ଜିଲା ସଭାପତି ଗୌତମ ରାୟ, ବରୀ ନିର୍ବାଚନମଣ୍ଡଳୀର ଯୁବନେତା ଉମେଶ ଚନ୍ଦ୍ର ଜେନା, ଜିଲା ବିସ୍ତାରକ ରାଧାମୋହନ ପରିଡ଼ା, ନିର୍ବାଚନମଣ୍ଡଳୀ ପ୍ରଭାରୀ ସୁରେଶ କୁମାର ରାଉତ, ବରୀ ସଂଯୋଜକ ରବୀନ୍ଦ୍ର ଜେନା, ଜିଲା ସ୍ୱଚ୍ଛ ଭାରତ ଅଭିଯାନ ସଂଯୋଜକ ପ୍ରଫୁଲ୍ଲ କୁମାର ଗିରି ଯୋଗ ଦେଇଥିଲେ। ଗାନ୍ଧିଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିଥିଙ୍କୁ ଦଳୀୟ କର୍ମୀ ଫୁଲତୋଡ଼ା ଓ ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ।


କର୍ମଶାଳାରେ ଯୋଗଦେଇଥିବା ଭାଜପା ନେତା।

୨୦୨୪ ବିଧାନସଭା ନିର୍ବାଚନକୁ ଆଖିଆଗରେ ନେତା କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ନିର୍ବାଚନମଣ୍ଡଳୀରେ ଭାଜପା କିପରି ମଜଭୁତ ରହିବ ସେ ବିଷୟରେ ଅତିଥିମାନେ କର୍ମୀଙ୍କୁ ଅବଗତ କରାଇଥିଲେ। ସଭାରେ ନିର୍ବାଚନମଣ୍ଡଳୀ ପ୍ରଭାରୀ ରାଉତ ଅତିଥିପରିଚୟ ପ୍ରଦାନ କରିଥିଲେ। ଜିଲା ଯୁବ ମୋର୍ଚ୍ଚା ସମ୍ପାଦିକା ଗୀତାଞ୍ଜଳି ରାଉତ, ଜିଲା ଯୁବ ମୋର୍ଚ୍ଚାର ଅନ୍ୟତମ ସମ୍ପାଦକ କବିର ଦାସ, ମଣ୍ଡଳ ସଭାପତି ପ୍ରଶାନ୍ତ ମହାରଣା, ଲକ୍ଷ୍ମୀଧର ପତି, ବୀରସେନ ରାଉତ, ଅଜୟ ନାୟକ, ନିର୍ମଳ ସାମଲ, ସୁଶାନ୍ତ ସାହୁ, ବିଜୟ ବେହୁରିଆ, ଯୁବନେତା ସୌଭାଗ୍ୟ ମିଶ୍ର ଓ ପ୍ରତ୍ୟେକ ମଣ୍ଡଳୀର ସଂଯୋଜକ ପ୍ରମୁଖ ଯୋଗଦେଇଥିବା ବେଳେ ଶତାଧିକ ପୁରୁଷ ଏବଂ ମହିଳା କର୍ମୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଜିଲା ସ୍ୱଚ୍ଛ ଭାରତ ଅଭିଯାନର ସଂଯୋଜକ ଗିରି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବ୍ୟାଙ୍କ ଭିତରେ ଆକାଉଣ୍ଟଧାରୀଙ୍କ ଧାରଣା
#### ବ୍ୟାଙ୍କ କର୍ମଚାରୀ ତାଲା ପକାଇ ଚାଲିଗଲେ, ଉତ୍ତେଜନା

**ନୟାଗଡ଼ ଅଫିସ,୧୦।୩:** ନୟାଗଡ଼ ଟାଉନ ଥାନା ଅଧୀନ ଏକ ବ୍ୟାଙ୍କ ଭିତରେ ଜଣେ ଆକାଉଣ୍ଟଧାରୀ ଧାରଣା ଦେବା ପରେ ଶୁକ୍ରବାର ରାତି ୧୧ଟା୧୫ ଟା ପର୍ଯ୍ୟନ୍ତ ବ୍ୟାଙ୍କ ଖୋଲା ରହିଥିଲା। ଏହି ଘଟଣାକୁ ନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଏହାର କିଛି ସମୟ ପରେ ବ୍ୟାଙ୍କ କର୍ମଚାରୀ ଫାଟକରେ ତାଲା ପକାଇ ଚାଲିଯାଇଥିଲେ। ଘଟଣା ସମ୍ପର୍କରେ ବ୍ୟାଙ୍କ ମ୍ୟାନେଜରଙ୍କୁ ପଚାରିବାରୁ ସେ କୌଣସି ସୂଚନା ଦେଇ ପାରିବେନି କହି ଏଡାଇ ଚାଲି ଯାଇଥିଲେ । ଅନ୍ୟପକ୍ଷେ ଏ ସଂକ୍ରାନ୍ତରେ ନୟାଗଡ଼ ଟାଉନ ଥାନା ପୋଲିସ ପାଖରେ ବି ଖବର ନ ଥିଲା । ସୂଚନା ଅନୁଯାୟୀ, ନୟାଗଡ଼ ତହସିଲ ମୁକ୍ତାପୁରରେ ୨୫ ଡିସିମିଲି ଜମି ବାଇପାସରେ ଦଶପଲ୍ଲା ମଧଖଣ୍ଡର ରଜନୀ ପ୍ରଧାନଙ୍କ ଯାଇଛି। ଏଥପାଇଁ ୪୦ ଲକ୍ଷ ଟଙ୍କା ଜମି ଅଧିଗ୍ରହଣ ବାବଦରେ ବ୍ୟାଙ୍କରେ ଡିପୋଜିଟ୍ ହୋଇଥିଲା। ତେବେ ରାଜନୀଙ୍କ ଟିପିଚିହ୍ନରେ ଏହି ଟଙ୍କାକୁ ୩ ଜଣଙ୍କ ଆକାଉଣ୍ଟଙ୍କୁ ଯାଇଛି। ଏହାକୁ ନେଇ ବିବାଦ ଦେଖା ଦେଇଛି। ଏହି ଘଟଣାରେ ୩ ଜଣ ଜେଲ ଯାଇଛନ୍ତି। ଉକ୍ତ ଘଟଣା ସମ୍ପର୍କରେ କିଏ ଦାୟୀ ତାକୁ ନେଇ ବିବାଦ ଆରମ୍ଭ ହୋଇଛି ।

### ଜଳୁଛି ବୁଦ୍ଧଖୋଲ ଜଙ୍ଗଲ, ବିପଦରେ ଜୀବଜନ୍ତୁ



**ବୁଗୁଡ଼ା,୧୦।୩(ଡି.ଏନ.ଏ.)**-ଗ୍ରୀଷ୍ମ ଆରମ୍ଭରୁ ବୁଗୁଡ଼ା ବନାଞ୍ଚଳର ବିଭିନ୍ନ ଜଙ୍ଗଲରେ ନିଆଁ ଭୟ ଦେଖାଦେଇଛି। ଏଥିରେ ବନ୍ୟଜନ୍ତୁ ପ୍ରଭାବିତ ହେବା ସହ ଅସହ୍ୟ ଗରମ ହେତୁ ଅଞ୍ଚଳବାସୀ ମଧ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟିହୋଇଛି। ଜଙ୍ଗଲ ନିଆଁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ମାଧମରେ ସଚେତନ କରାଯାଉଥିଲେ ମଧ ତାହା ଫଳପ୍ରଦ ହେଉନାହିଁ। କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ସେମାନଙ୍କ ସ୍ୱାର୍ଥସାଧନ ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଏବେ ବୁଦ୍ଧଖୋଲ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ଏଥିରେ ଜଙ୍ଗଲ ପୋଡିବା ସହ ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଯାଇଛି। ବସନ୍ତ ଋତୁ କାରଣରୁ ଏବେ ଗଛ ପତ୍ରଝଡା ଦେଇଛି। ଜଙ୍ଗଲ ସାରା ଶୁଖିଲା ପତ୍ର ପଡି ରହିଛି। ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ମନ୍ଦ ଉଦ୍ଦେଶ୍ୟ ନେଇ ସେଥିରେ ନିଆଁ ଲଗାଇ ଦେବା ଫଳରେ ଜଙ୍ଗଲ ପୋଡି ଛାରଖାର ହେବା ସାଙ୍ଗକୁ ପରିବେଶ ମଧ ପ୍ରଦୂଷିତ ହେଉଛି। ନିଆଁ ଯୋଗୁଁ ଜୀବଜନ୍ତୁ ପ୍ରଭାବିତ ହେଉଛନ୍ତି। ବୁଦ୍ଧଖୋଲ ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ସ୍ଥାନୀୟ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ ହେଁ ସଫଳ ହୋଇପାରୁ ନାହାନ୍ତି। ଜଙ୍ଗଲ ନିଆଁକୁ ରୋକିବା ପାଇଁ ସଚେତନତା ହିଁ ଏକ ମାତ୍ର ଉପାୟ ବୋଲି କୁହାଯାଉଥିଲେ ସୁଦ୍ଧା ସ୍ଥାନୀୟ ବନ ବିଭାଗର କାମଚଳା ସଚେତନତା ଏଥିପାଇଁ ଦାୟୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

### ୭୧୪୬ ଛାତ୍ରୀଛାତ୍ର ଦେଲେ ଦଶମ ପରୀକ୍ଷା

**ପାରଳାଖେମୁଣ୍ଡି,୧୦।୩(ଡି.ଏନ୍.ଏ.)**-ଗଜପତି ଜିଲାରେ ୧୦ମ ଶ୍ରେଣୀ ନିମନ୍ତେ ପରୀକ୍ଷା ଆରମ୍ଭ ହୋଇଛି। ଜିଲାରେ ରେଗୁଲାର ଓ ଷ୍ଟେଟ ଓପନ ସ୍କୁଲିଂ କୋର୍ସ ନିମନ୍ତେ ୭୧୪୬ ଛାତ୍ରଛାତ୍ରୀ ଶୁକ୍ରବାର ମାତୃଭାଷା ପରୀକ୍ଷା ଦେଇଛନ୍ତି। ମୋଟ ୭୪୦୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ବେଳେ ସମସ୍ତଙ୍କ ପାଇଁ ୩୭ ଗୋଟି କେନ୍ଦ୍ର ପ୍ରସ୍ତୁତ କରାଯାଇଥିଲା। ହେଲେ ଏଥିରୁ ୭୧୪୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଅବଶିଷ୍ଟ ୨୫୫ଜଣ ଅନୁପସ୍ଥିତ ଥିବାର ଜଣାପଡିଛି। ରେଗୁଲାର ନିମନ୍ତେ ୩୫ଗୋଟି ପରୀକ୍ଷା କେନ୍ଦ୍ରରେ ୧୦ମ ଶ୍ରେଣୀ ପରୀକ୍ଷା ହୋଇଥିବା ବେଳେ ଓପନ ସ୍କୁଲିଂ କୋର୍ସ ନିମନ୍ତେ ଜିଲାରେ ମାତ୍ର ୨ଟି କେନ୍ଦ୍ରରେ ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷା ସୁପରିଚାଳନା ନିମନ୍ତେ ୪ ଯଥା ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ, ରାୟଗଡସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଆର୍.ଉଦୟଗିରି ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ମୋହନାର ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳକୁ ନୋଡାଲ କେନ୍ଦ୍ର ଚୟନ କରାଯାଇ ଥିବାବେଳେ ୧୦ ବିତରଣ କେନ୍ଦ୍ର ଖୋଲାଯାଇଥିବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ସେହିଭଳି ୪ସ୍ତରୀୟ ସ୍କ୍ୱାର୍ଡ ଗଠନ କରାଯାଇ ସମସ୍ତ ପରୀକ୍ଷା କେନ୍ଦ୍ରକୁ ବୁଲି ନିରୀକ୍ଷଣ ହୋଇଛି।

# ଡାୟାଲିସିସ ରୋଗୀଙ୍କୁ ଶୋଷଣ ଅଭିଯୋଗ

**ଫୁଲବାଣୀ ଅଫିସ, ୧୦।୩**

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କିଡନୀ ଖରାପ ରୋଗୀଙ୍କୁ ଡାୟାଲିସିସ ସେବା ଯୋଗାଇ ଦିଆଯାଉଛି । ଜୀବନ ସହ ସଂଘର୍ଷ କରି ବଞ୍ଚିବା ପାଇଁ ଆଶା ବାନ୍ଧିଥିବା ଏହି ରୋଗୀଙ୍କୁ ଏଠାରେ ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି। କେହି ରୋଗୀ ସମ୍ପର୍କୀୟ ଏହାକୁ ବିରୋଧ କଲେ ସେମାନଙ୍କ ମାନସିକସ୍ତରରେ ଚାପ ପକାଯାଉଛି, ଯାହାକୁ ନେଇ ଏବେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଖାଲି ସେତିକି ନୁହେଁ, ଏ ନେଇ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପାଖରେ ମଧ ଅଭିଯୋଗ କରାଯାଇଛି।

ପ୍ରକାଶ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ପିପିପି ମୋଡରେ ଡାୟାଲିସିସ ସେବା ଚାଲିଛି। ଏକ ଘରୋଇ ସଂସ୍ଥା ଏହାର

**ଜିଲା ମୁଖ୍ୟ ଚିକିତ୍ସାଳୟ**




ପରିଚାଳନା ଦାୟିତ୍ୱ ନେଇଛି । ୨୦୧୮ ସେପ୍ଟେମ୍ବର ୧୨ରୁ ଏହି ସେବା ଯୋଗାଇ ଦିଆଯାଉଛି, ଯାହା ସମ୍ପୂର୍ଣ୍ଣ ମାଗଣା। କିନ୍ତୁ ବିଭିନ୍ନ ପ୍ରକାର ଆଳ ଦେଖାଇ ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ଅର୍ଥ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ସବୁଠୁ ବଡ କଥା ହେଉଛି ଏହି ସେବା କେନ୍ଦ୍ରର କାନ୍ଥରେ ଏକ ବ୍ୟାନର ଲଗାଯାଇଥିଲା, ଯେଉଁଥିରେ ଏହା ସମ୍ପୂର୍ଣ୍ଣ ମାଗଣା, ଯଦି କେହି ଟଙ୍କା ମାଗୁଥିବେ ତାହାଲେ ଫୋନ୍ ନଂରେ ଯୋଗାଯୋଗ କରିବାକୁ ଉଲ୍ଲେଖ କରାଯାଇଥିଲା। ହେଲେ ସେହି ବ୍ୟାନରକୁ କିଛିଦିନ ହେବ ସେଠାରୁ ହଟାଇ ଦିଆଯାଇଛି। ଖଜୁରୀପଡା ବ୍ଲକ ସିଦିଙ୍ଗି ଗ୍ରାମର ବିଶ୍ୱାନନ୍ଦ ଦେହୁରୀଙ୍କ ଦୁଇଟି କିଡନୀ ନଷ୍ଟ ହୋଇଯାଇଛି । ସେ ଜିଲା ମୁଖ୍ୟ ଚିକିତ୍ସାଳୟ ଆସି ଡାୟାଲିସିସ କରୁଛନ୍ତି। ବିଶ୍ୱାନନ୍ଦ ଆର୍ଥିକ ସ୍ୱଚ୍ଛଳ ନୁହନ୍ତି । ସେ ଆଦିବାସୀ ଶ୍ରେଣୀର ଲୋକ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ସପ୍ତାହରେ ତାଙ୍କର ଦୁଇ ଥର ଡାୟାଲିସିସ କରାଯାଉଛି। କିନ୍ତୁ ପରିଚାଳନା ସଂସ୍ଥାର ଟେକ୍ନିସିଆନ ଏବଂ ମ୍ୟାନେଜର ରୋଗୀଙ୍କୁ ଶୋଷଣ କରୁଛନ୍ତି । ବିଶ୍ୱାନନ୍ଦଙ୍କ ପୁଅ ଅମର କୁହନ୍ତି, ଡାୟାଲିସିସ ପାଇଁ ଏକ ଫିଲଟର ବ୍ୟବହାର କରାଯାଏ । ସରକାର ଏହାକୁ ସମ୍ପୂର୍ଣ୍ଣ ମାଗଣା ଦେଉଛନ୍ତି। ଜଣେ ରୋଗୀଙ୍କର ଏଥିରେ ୧୦ଥର ରକ୍ତ ଫିଲଟର ହୋଇପାରିବ । କିନ୍ତୁ ପରିଚାଳକ କହୁଛନ୍ତି ଆମେ ଏହାକୁ ୧୦ ଥର ବ୍ୟବହାର କରିବୁ ନାହିଁ । ୫ ଥର ବ୍ୟବହାର କରିବୁ । ବାକି ୫ ଥର ପାଇଁ ଫିଲଟର, ଟ୍ୟୁବ ବାବଦକୁ ୧୧୫୦ରୁ ୧୨୫୦ ଟଙ୍କା ଦେବାକୁ ପଡିବ କହି ଏକ ପ୍ରକାର ବ୍ଲାକମେଲିଂ କରୁଛନ୍ତି । ଉପାୟ ନ ପାଇ ଆମେ କେତେଥର ଟଙ୍କା ମଧ ଦେଇଛୁ । କିନ୍ତୁ ଏହା ଉପରେ କିଛି ବିଲ ଦେଉ ନାହାନ୍ତି । ସେହିପରି ପ୍ଲାଷ୍ଟର, ଅଏଣ୍ଟମେଣ୍ଟ, ଇଞ୍ଜେକସନ ବାବଦକୁ ମଧ ଟଙ୍କା ମାଗୁଛନ୍ତି । ଟଙ୍କା ଦେବାକୁ ମନାକଲେ ଅଯଥା ଯୁକ୍ତି କରୁଛନ୍ତି । ଆମକୁ ସମ୍ପୂର୍ଣ୍ଣ ଭାବେ ଶୋଷଣ କରାଯାଉଛି । ଏ ନେଇ ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ବୋଲି ଅମର ପ୍ରକାଶ କରିଛନ୍ତି । ତେବେ ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମନୋଜ କୁମାର ଉପାଧ୍ୟାୟଙ୍କୁ ପଚାରିବାରୁ ଘଟଣାର ତଦନ୍ତ ମେଡିକାଲ ଅଧକ୍ଷଙ୍କୁ ଦିଆଯାଇଛି। ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।

## ଗଞ୍ଜେଇ ଜବତ, ୩ ଗିରଫ




**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୦।୩**

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ପୋଲିସ ଉପରପାଙ୍ଗା ପଞ୍ଚାୟତ ପାଙ୍ଗା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଦୁଇଟି ବାଇକରୁ ୧୨୦ କିଲୋ ୮୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲ ଗୋଚ୍ଛାପଡା ଥାନା ସ୍ରାଡିମୁଣ୍ଡାର ରିତ ଦିଗାଲ ଓ କାମଦେବ ଦିଗାଲ, ସଦର ଥାନା ତାଲପଡାର ସନ୍ୟାସୀ ଦିଗାଲ । ଏ ନେଇ ନଂ. ୪୨/୨୩ ରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ତପନ କୁମାର ନାହାକ ସୂଚନା ଦେଇଛନ୍ତି।

# ତୀର୍ଥ ଅପେକ୍ଷା ଜଙ୍ଗଲ ସେବାରେ ଅଧିକ ପୁଣ୍ୟ

**ଭଞ୍ଜନଗର,୧୦।୩(ଡି.ଏନ୍.ଏ)**

ମୁଜାଗଡ଼ ରେଞ୍ଜରେ ବନାଗ୍ନି ପ୍ରଶମନ ପାଇଁ ଶୁକ୍ରବାର ଲାଲସିଂ ଚାରା ଉତ୍ପାଦନ କେନ୍ଦ୍ରରେ ଏକ ସଚତେନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଡିଏଫଓ ସୁଦର୍ଶନ ବେହେରା ଅଧ୍ୟକ୍ଷତା କରି ଜଙ୍ଗଲ ନିଆଁକୁ ରୋକିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏନଏସି ଏମ୍‌ପି ପ୍ରତିନିଧି ପଞ୍ଚାନନ ପାଳ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳପାଣି ଶତପଥି, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁରେଶ ସ୍ୱାଇଁ, ଅନୁପମ ବାନାର୍ଜି, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତିବାସ ବିଶ୍ୱାଳ, ଗାଲେରୀ ରେଞ୍ଜର ଶିବରାମ ନାୟକ, ଭିଏସ୍ଏସ୍ କର୍ମକର୍ତ୍ତା ଲୋକନାଥ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା ଉପରେ କହିଥିଲେ। ତୀର୍ଥ ଅପେକ୍ଷା ଜଙ୍ଗଲ ସେବାରେ ଅଧିକ ପୁଣ୍ୟ ଅଛି ବୋଲି ଜଣେ ଭିଏସ୍ଏସ୍ କର୍ମକର୍ତ୍ତା କହିଥିଲେ। ଜଙ୍ଗଲ ସୁରକ୍ଷାରେ ମହିଳା, ଭିଏସ୍ଏସ୍ କର୍ମକର୍ତ୍ତା ଏବଂ ଲୋକ ପ୍ରତିନିଧିମାନଙ୍କୁ ଅଧିକରୁ ଅଧିକ ସାମିଲ କରାଯିବ ବୋଲି ବକ୍ତାମାନେ



ଜଙ୍ଗଲରେ ହଜିଯାଇଥିବା କର୍ମଚାରୀ ଜଣଙ୍କ ନିଜର ଅନୁଭୂତି କହୁଛନ୍ତି।

**ବାଘ ଗର୍ଜନରେ ଭିଏସ୍ଏସ୍ କର୍ମକର୍ତ୍ତା ଭୟଭୀତ**

କହିଥିଲେ। ମୁଜାଗଡ଼ ରେଞ୍ଜର ବିଦ୍ୟାଧର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବନପାଳ ବଂଶୀଧର ବିଷୋୟୀ, ବନରକ୍ଷୀ ଜିତୁ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଏହା ପୂର୍ବରୁ ଦୁର୍ଗାପ୍ରସାଦଠାରେ ଅନୁଷ୍ଠିତ ବୈଠକରେ ଜଣେ ଭିଏସ୍ଏସ୍ କର୍ମକର୍ତ୍ତା କହିଥିଲେ ବୁଧବାର ରାତିରେ ଜଙ୍ଗଲ ନିଆଁକୁ ଲିଭାଇବାକୁ ଯାଇଥିବା ବେଳେ ଗଞ୍ଜାମତ୍-କନ୍ଧମାଳ ସୀମାବର୍ତ୍ତି କଳିଙ୍ଗା ଘାଟିରେ ୨ଟି ବାଘର ଗର୍ଜନ ଶୁଣିବାକୁ ମିଳିଥିଲା। ଆମେ ଭୟଭୀତ ହୋଇ ସେଠାରୁ ପଳାଇ ଆସିଥିଲୁ । ଡ଼ିଏଫଓ ଖବର ପାଇ ଅନ୍ୟ ଏକ ସ୍ୱତନ୍ତ୍ର ଟିମ୍‌କୁ ନେଇ ନିଆଁକୁ ଆୟତ କରିଥିଲେ। ତେବେ ଡିଏଫଓ କହିଥିଲେ ଉକ୍ତ ଅଞ୍ଚଳରେ ବାଘ ଥିବାର ସୂଚନା ପୂର୍ବରୁ ନାହିଁ । ବଡ଼ ମାଙ୍କଡ଼ମାନଙ୍କ ଗର୍ଜନ ହୋଇଥାଇପାରେ। ଘୁମୁସର ଉତ୍ତର ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ଜଳୁଥିବା ନିଆଁ ଗୁରୁବାର ନିୟନ୍ତ୍ରଣକୁ ଆସିଛି । ଆଗାମୀ ଦିନରେ ଜଙ୍ଗଲ ନିଆଁ ଯେଭଳି ନବଢ଼ିବ ସେଥିପାଇଁ ଡିଏଫଓ ବେହେରା ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅପରପକ୍ଷେ ବୁଧବାର ସନ୍ଧ୍ୟାରେ ଜଣେ ନୂତନ ମହିଳା ବନରକ୍ଷୀ କଳିଙ୍ଗା ଘାଟିରେ ନିଆଁକୁ ନିୟନ୍ତ୍ରଣ କରୁଥିବା ବେଳେ ହଜିଯାଇଥିଲେ । ପରେ ଉକ୍ତ ବନରକ୍ଷୀ ଜଣଙ୍କ ଚାଲିଚାଲି ବହୁ ରାସ୍ତା ଆସିବା ପରେ ମୋବାଇଲ ଫୋନ ନେଟୱର୍କ ଆସିଥିଲା। ବିଭାଗୀୟ କର୍ମଚାରୀମାନେ ତାଙ୍କୁ ରାତି ୧୦ଟାରେ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ ।

# ଅନ୍ୟ ପାଇଁ ଉଦାହରଣ ସାଜିଛନ୍ତି ଦୃଷ୍ଟିବାଧିତ କେଶବ

**ପାରଳାଖେମୁଣ୍ଡି, ୧୦।୩ (ଡି.ଏନ୍.ଏ)**

ଦୁନିଆ କ'ଣ ଦେଖିପାରୁ ନ ଥିଲେ ମଧ ରୋଜଗାର କରି ନିଜେ ଆତ୍ମନିର୍ଭରଶୀଳ ହେବା ସହ ପରିବାର କିଭଳି ପ୍ରତିପୋଷଣ କରାଯାଏ ତାହା ପ୍ରମାଣ କରି ଦେଖାଇଛନ୍ତି ଗଜପତି ଜିଲା ନୂଆଗଡ ବ୍ଲକ ସମ୍ବଲପୁର ଗ୍ରାମର କେଶବ ବେହେରଦଳାଇ। ଜମିରେ ଚାଷ କାମ ହେଉ ଅବା ଘରୋଇ ଉପକରଣ ସାମଗ୍ରୀ, କାଠରେ ତିଆରି ଖଟ କାମ ହେଉ ଅବା ଖଟରେ ସୂତା ବାନ୍ଧିବା ଓ ଖଜୁରୀ ଡାଳରେ ପଟି ତିଆରି କରିବା ଏ ସବୁ କାର୍ଯ୍ୟକୁ ଅତି ସହଜ ଓ ସରଳ ଭାବେ କରିପାରନ୍ତି ସେ। ଏସବୁ କାମ ପାଇଁ କୌଣସି ତାଲିମ ନେଇ ନ ଥିବାବେଳେ ଦୃଷ୍ଟିହୀନ ହୋଇଥିଲେ ମଧ ଅସମ୍ଭବକୁ ସମ୍ଭବ କରି ଅନ୍ୟମାନଙ୍କ ଲାଗି ଉଦାହରଣ ସାଜିଛନ୍ତି।

କେଶବଙ୍କ ବୟସ ୭୦ ପାର ହେଲାଣି। କିନ୍ତୁ ଦୃଷ୍ଟିଶକ୍ତି ନଥିବା ଯୋଗୁ କେବେ ବି ହାର ମାନି ନାହାନ୍ତି ସେ । ତାଙ୍କ ବାପାଙ୍କଠାରୁ ଶିଖିଥିବା ଖଟରେ ଦଉଡି ବାନ୍ଧିବା ଏବଂ ଖଜୁରୀ ପଟି ଆଦି ତିଆରି କରନ୍ତି। କେଶବ ୮ ବର୍ଷ ବୟସରେ ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ଦୃଷ୍ଟିଶକ୍ତି ହରାଇଥିଲେ। କିଛି ବର୍ଷ ପରେ ବାପାଙ୍କୁ ବି ହରାଇଲେ, ହେଲେ ଦୁଃଖରେ ଭାଙ୍ଗି ନ ପଡି ନିଜ ପରିବାରର ଦାୟିତ୍ୱ ନେଇଥିଲେ। ଦୃଷ୍ଟିହୀନ ହୋଇଥିଲେ ମଧ ଭଗବାନଙ୍କୁ ଭରସା କରି ଘରେ କିମ୍ବା ବାହାରେ ଅନ୍ୟ ଉପରେ ଆଶ୍ରା ନକରି ନିଜ ଘରେ ଛୋଟ ମୋଟ କାମ କରି ବାହାରେ ବିକ୍ରି କରୁଥିଲେ। ବାହାର ଗ୍ରାମକୁ ଯାଇ ମଧ ଖଟବୁଣା, ଖଟ ତିଆରି ଓ ଖଜୁରୀପଟି ତିଆରି ଭଳି ବିଭିନ୍ନ କାର୍ଯ୍ୟକରି ନିଜ ପାଇଁ ଓ ନିଜ ପରିବାର ପାଇଁ ରୋଜଗାର କରିପାରୁଛନ୍ତି। ଯେତେବେଳେ କେଶବ ଘରେ ବସିଥାନ୍ତି ସେତେବେଳେ ଗାଁର ଲୋକଙ୍କୁ ଚାରିପାଖରେ ବସାଇ ଘୁଡୁକି ବାଦ୍ୟର ତାଳେ ତାଳେ ଭାବବିହ୍ୱଳ ହୋଇ ସ୍ୱରଚିତ ଜଗନ୍ନାଥ ଜଣାଣ ଶୁଣାଇ ଲୋକଙ୍କୁ ମନୋରଞ୍ଜନ କରିଥାନ୍ତି। ଆଜିର ଶିକ୍ଷିତ ସମାଜରେ ବେକାର ଯୁବକ ଯୁବତୀ ପାଇଁ ସେ ବଡ଼ ଉଦାହରଣ ସାଜିଛନ୍ତି।



କେଶବ ପଟି ତିଆରି କରୁଛନ୍ତି।

# ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଦାବିପତ୍ର

**ବୁଗୁଡା,୧୦।୩(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଚୁକ୍ତି ଭିତ୍ତିକ ନିଯୁକ୍ତି କାଳର ଇନକ୍ରିମେଣ୍ଟ ପ୍ରଦାନ, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପୁରୁଣା ପେନସନ୍ ନିୟମ ଲାଗୁ କରିବା ଆଦି ୩ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଗୁଡ଼ା ବିଇଓଙ୍କୁ ପ୍ରଦାନ କରାଯାଇଛି। ମହାସଂଘ ସଭାପତି ପିତାମ୍ବର ଗୌଡ ଓ ସମ୍ପାଦକ ସନାତନ ପ୍ରଧାନଙ୍କ ନେତୃତ୍ୱରେ ଶିକ୍ଷକଗଣ ସ୍ଥାନୀୟ ଶିକ୍ଷକ ଭବନଠାରୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାହାରି ବିଇଓ କବିବର ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।




ଶିକ୍ଷକ ମହାସଂଘ ପକ୍ଷରୁ ଶୋଭାଯାତ୍ରା ।

## କାରକୁ ପିଟିଲା ବାଇକ, ଦମ୍ପତି ଗୁରୁତର

**ଗୋପାଳପୁର,୧୦।୩(ଡି.ଏନ୍.ଏ.)**

ଗୋଳନ୍ଥରା ଥାନା ଅଧିନସ୍ଥ ଚଟି ଛକ ନିକଟରେ ଶୁକ୍ରବାର ଏକ କାର ପଛକୁ ବାଇକ ଧକ୍କା ଦେବାରୁ ଜନୈକ ଦମ୍ପତି ଗୁରୁତର ହୋଇଥିବା ଜଣାପଡ଼ିଛି। ସେମାନେ ହେଲେ ଜାଗପୁର ଗ୍ରାମର କେ.ସୁବାଷ ପାତ୍ର, ତାଙ୍କ ସ୍ତ୍ରୀ କେ.ମୋହିନୀ ପାତ୍ର ବୋଲି ଜଣାପଡ଼ିଛି। ସୁବାଷ ତାଙ୍କ ସ୍ତ୍ରୀ ମୋହିନୀଙ୍କୁ ନେଇ ବାଇକରେ ଶ୍ୱଶୁର ଘର ଫାସିନୁଆପଡ଼ା ଯାଉଥିବା ବେଳେ ଚଟି ଛକ ନିକଟରେ କାର ପଛକୁ ଧକ୍କା ଦେଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଗୋଳନ୍ଥରା ଥାନା ଏଏସଆଇ ଗୁଣନିଧି ରାଉତରାୟ ଓ ଅନ୍ୟ କର୍ମଚାରୀ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ।

# ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ପ୍ରସ୍ତୁତି ସମୀକ୍ଷା



ଜିଲାପାଳ ଓ ଏସ୍‌ପି ମନ୍ଦିର ପରିସରରେ ତଦାରଖ କରୁଛନ୍ତି ।

**ପୁରୁଷୋତ୍ତମପୁର,୧୦।୩(ଡି.ଏନ.ଏ.)**

ଆସନ୍ତା ୧୪ ତାରିଖରୁ ଆରମ୍ଭ ହେଉଛି ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା। ଏହାକୁ ମାତ୍ର ଆଉ ଚାରିଦିନ ବାକି ରହିଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ଏବେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଯାତ୍ରା କିଭଳି ଶାନ୍ତି ଶୃଙ୍ଖଳାରେ ଶେଷ ହେବ ତାହା ଜିଲା ପ୍ରଶାସନ ଲାଗି ଏକ ବଡ ଚାଲେଞ୍ଜ୍ ହୋଇପଡିଛି। ଏହାକୁ ନେଇ ଶୁକ୍ରବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ସେବାୟତମାନଙ୍କୁ ନେଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। କିଭଳି ଚଳିତ ବର୍ଷ ଶାନ୍ତି ଶୃଙ୍ଖଳାର ସହ ଯାତ୍ରା ଶେଷ ହେବ ତାହାକୁ ଗୁରୁତ୍ୱ ଦିଆଯିବା ସହ ଶ୍ରଦ୍ଧାଳୁମାନେ ସୁରୁଖୁରୁରେ ମା'ଙ୍କ ଦର୍ଶନ କରିବା ସହ ନିଜ ନିଜର ଶିଶୁଙ୍କୁ ମୁଣ୍ଡନ କରାଇବେ। ଖରାକୁ ଦୃଷ୍ଟିରେ ରଖି ଟେଣ୍ଟ ବ୍ୟବସ୍ଥା କରିବା, ପାନୀୟ ଜଳର ବ୍ୟବସ୍ଥା, ବସ୍, ରୋପ ୱେ ସହ ପାହାଚରେ ଶ୍ରଦ୍ଧାଳୁ ମାନେ କିଭଳି ସୁବିଧାରେ ସୁରକ୍ଷିତ ଭାବେ ଯିବେ ସେ ନେଇ ଦୃଷ୍ଟି ଦିଆଯାଇଥିଲା। ସେପଟେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ରହିବ ଏଥି ସକାଶେ ସୁରକ୍ଷା ବ୍ୟବସ୍ଥା ନିମନ୍ତେ ଦୁଇଜଣ ଅତିରିକ୍ତ ଏସ୍‌ପି, ତିନି ଡିଏସ୍‌ପି, ୧୪ ଜଣ ଇନ୍ସପେକ୍ଟର, ୧୦ ପ୍ଲାଟୁନ ପୋଲିସ ଫୋର୍ସ ସହ ବ୍ୟାପକ ପୋଲିସ ମୁତୟନ କରାଯିବା ଲାଗି ପଦକ୍ଷେପ ନିଆଯାଇଛି। ଏହାସହ ଯେପରି କୌଣସି ପ୍ରକାରର ଚୋରି ଓ ଲୁଟ୍‌ପାଟ୍ ନ ହୁଏ ସେ ନେଇ ମଧ ପୋଲିସ ସ୍ୱତନ୍ତ୍ର ନଜର ରଖିବ ବୋଲି ଗଞ୍ଜାମ ଏସ୍‌ପି ଜଗମୋହନ ମୀନା କହିଛନ୍ତି। ଏହା ସହ ପାହାଡ ଉପର ମନ୍ଦିର ପରିସର ଓ ପାହାଡ ତଳେ ହେବାକୁ ଥିବା ମୁଣ୍ଡନ ଶାଳା, ଅସ୍ଥାୟୀ ବସ୍‌ଷ୍ଟାଣ୍ଡ, ପାର୍କିଂ ସ୍ଥଳକୁ ଜିଲାପାଳ, ଏସପିଙ୍କ ସମେତ ଅଧିକାରୀମାନେ ବୁଲି ଦେଖି ତଦାରଖ କରିଛନ୍ତି। ଚୈତ୍ର ଯାତ୍ରା ସମୟରେ ମା'ଙ୍କ ଯେଉଁ ସବୁ ରୀତିନୀତି ରହିଛି ତାହା କିପରି ଶୃଙ୍ଖଳିତ ଭାବେ ହେବ ସେ ନେଇ ସେବାୟତମାନେ ଜିଲା ପ୍ରଶାସନକୁ ସମସ୍ତ ପ୍ରକାରର ସହଯୋଗ କରିବେ ବୋଲି ମଧ କହିଥିଲେ। ଏଥିରେ ଗଞ୍ଜାମ ଏସପି ଜଗମୋହନ ମିନାଙ୍କ ସମେତ ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର, ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ ଓ ଆଇଆଇସି ପ୍ରିୟୁଷ ରଞ୍ଜନ ଛୋଟରାୟ, ବିଡିଓ ବିଜୟ କୁମାର ବେହେରା, ତହସିଲଦାର ସନ୍ତୋଷ କୁମାର ସାହୁ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପାଣିଗ୍ରାହୀ, ଗ୍ରାମ୍ୟ ଜଳଯୋଗାଣ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ଦାଶ, ସେବାୟତ ସଂଘ ସଭାପତି ତପନ କୁମାର ରଣା, ବାପୁଜୀ ରଣା, ଧ୍ରୁବ ରଣାଙ୍କ ସମେତ ସମସ୍ତ ସେବାୟତ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ୧୫ରୁ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ

**କାଶୀନଗର,୧୦।୩**

ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଡାକରା କ୍ରମେ ଗଜପତି ଜିଲା ପ୍ରାଥମିକ ଶିକ୍ଷକ ସଂଘ କାଶୀନଗର ବ୍ଲକର ସମସ୍ତ ବିଦ୍ୟାଳୟରେ ଏନ୍‌ପିଏସ୍ ଶିକ୍ଷୟିତ୍ରୀ ଶିକ୍ଷକ ନିଜର ତିନି ଦଫା ଦାବି ପୂରଣ ନ ହେବା ଯାଏଁ ଶୁକ୍ରବାର ଠାରୁ କାଶୀନଗର ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସମ ପୋଷାକ ବର୍ଜନ ସହ କଳାବ୍ୟାଜ୍ ଧାରଣ କରି ଅଭିନବ ପ୍ରତିବାଦ କରିଛନ୍ତି। ସେମାନେ ସ୍ଥାନୀୟ ବ୍ଲକ ଛକଠାରୁ ଏକ ରାଲିରେ ବାହାରି ନିଜ ଦାବି ପୂରଣ ନିମନ୍ତେ ବିଭିନ୍ନ ସ୍ଲୋଗାନ ଦେଇ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଶିକ୍ଷାଧିକାରୀ ଅନୁପସ୍ଥିତି ଥିବାରୁ ଅତିରିକ୍ତ ଜିଲା ଶିକ୍ଷାଧିକାର ମୀନା ବେହେରାଙ୍କୁ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଦେଇଥିଲେ। ସଂଘର କାର୍ଯକାରୀ ସଭାପତି ଜଗଦୀଶ ପାତ୍ର କହିଥିଲେ ଯେ, ଗତ ନଭେମ୍ବର ମାସ ଠାରୁ ପ୍ରାଥମିକ ଶିକ୍ଷକମାନେ ଆନ୍ଦୋଳନ କରୁଥିଲେ ମଧ ସରକାରଙ୍କ ଠାରୁ କୌଣସି ସୁଫଳ ମିଳିନାହିଁ। ତେଣୁ ଦାବି ପୂରଣ ପର୍ଯ୍ୟନ୍ତ ଆସନ୍ତା ୧୫ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ରାଜଧାନୀଠାରେ ବିକ୍ଷୋଭ, ଗଣଧାରଣା ଓ ଆନ୍ଦୋଳନ ହେବ। ଏହି ରାଲିରେ ସଂଘର ସଭାପତି ବି ଗୋପାଳ ରାଓ ଓ କୋଷାଧକ୍ଷ ରାଉତ ମଧୁ ଏବଂ ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।




ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ ।

## ସଂକ୍ଷେପରେ

### ଘର ଜଳିଗଲା

ରସୁଲପୁର,୧୦।୩(ଡି.ଏନ.ଏ.): ରସୁଲପୁର ତହସିଲ ଅଧୀନ ଲକ୍ଷ୍ମୀନଗର ପଞ୍ଚାୟତରେ ଶୁକ୍ରବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପଞ୍ଚାୟତର ଖୁଲଣା ସାହୁଙ୍କ ଏକ ବଖରା ଘର ଜଳିଯାଇଛି। ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ଘରେ ନିଆଁ ଲାଗିଥିବା କୁହାଯାଉଛି। ଖୁଲଣା ଗାଁ ଲୋକଙ୍କ ସହାୟତାରେ ନିଆଁ ଲିଭାଇଥିଲେ। ସ୍ଥାନୀୟ ସରପଞ୍ଚ ସର୍ବେଶ୍ୱର ସାହୁ ଅଗ୍ନିବିପନ୍ନ ପରିବାର ନିକଟରେ ପହଞ୍ଚିବା ସହ ଘଟଣା ସମ୍ପର୍କରେ ପହଁଗା ସର୍କଲର ରାଜସ୍ୱ ନିରୀକ୍ଷକଙ୍କୁ ଫୋନ ଯୋଗେ ସୂଚନା ଦେଇଥିଲେ। ପରେ ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ସେ କ୍ଷୟକ୍ଷତି ସମ୍ପର୍କରେ ତହସିଲରେ ରିପୋର୍ଟ ପ୍ରଦାନ କରିବା ସହ ସୋମବାର ଏକ ପଲିଥିନ ଯୋଗାଇବାର ବ୍ୟବସ୍ଥା କରିବାକୁ ତହସିଲଦାରଙ୍କୁ ସୁପାରିସ କରିବେ ବୋଲି ସୂଚନା ଦେଇଛନ୍ତି।

### ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା,୧୦।୩(ଡି.ଏନ.ଏ.): ଜେନାପୁର ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଗତ ଡିସେମ୍ବରରେ ଅପହରଣ କରିଥିବା ଜଣେ ଯୁବକଙ୍କୁ ପୁଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ବୈରୀ ଥାନା କେନ୍ଦୁଗାଡ଼ିଆ ଗ୍ରାମର ସାଗର ଗାଗରାଇ(୨୩)। ଡିସେମ୍ବର ୨୪ରେ ସେ ଜେନାପୁର ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ନଂ.୩୮୪/୨୨ରେ ଏକ ମାମଲା ରୁଜୁ କରିବା ସହ ନାବାଳିକାଙ୍କୁ ୨୫ ତାରିଖରେ ଉଦ୍ଧାର କରିଥିଲା। ହେଲେ ଏହି ସମୟରେ ଅପହରଣକାରୀ ଯୁବକ ଫେରାର ଥିବାରୁ ତାଙ୍କୁ ପୋଲିସ ଗିରଫ କରିପାରି ନ ଥିଲା। ଗୁରୁବାର ରାତିରେ ଜେନାପୁର ପୋଲିସ ଢେଙ୍କାନାଳ ଅଞ୍ଚଳରୁ ତାଙ୍କୁ ଗିରଫ କରିଥିଲା। ଶୁକ୍ରବାର ଅଭିଯୁକ୍ତ ସାଗରଙ୍କ ଧର୍ମଶାଳା ମେଡିକାଲରେ ଡାକ୍ତରି ମାଇନା କରାଯାଇ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

ଜେନାପୁର,୧୦।୩(ଡି.ଏନ.ଏ.): ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ବାଉଁଶଦୋଳ ଗ୍ରାମର ଜଣେ ଯୁବକ ଗୁରୁବାର ରାତିରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର ଶ୍ରୀକାନ୍ତ ଦାସ(୨୧)। ପୋଲିସ ସୂଚନା ମୁତାବକ, ଶ୍ରୀକାନ୍ତ ମାନସିକ ରୋଗ ଯନ୍ତ୍ରଣାରେ ପୀଡ଼ିତ ଥିଲେ। ତେବେ ସେ ଯନ୍ତ୍ରଣା ସହି ନ ପାରି ତାଙ୍କ ଘରଠାରୁ ୧ କି.ମି. ଦୂର ୫୩ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଏକ ଚାକୁଣ୍ଡା ଗଛରେ ଝୁଲି ପଡ଼ିଥିଲେ। ଖବର ପାଇ ଶୁକ୍ରବାର ଜେନାପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଯୁବକଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଭାବେ ଅବଗତ କରାଯାଇଛି। ପୋଲିସ ନଂ.୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ଅଧ୍ୟାପକ ଅଭାବ ବିଜ୍ଞାନ ଶିକ୍ଷାରେ ବାଧକ

**ସରକାରୀ କଲେଜର ବାସ୍ତବ ଚିତ୍ର**
- ଅତ୍ୟାଧୁନିକ ପରୀକ୍ଷାଗାର ବ୍ୟବସ୍ଥା ହୋଇପାରୁନି
- ଅର୍ଥାଭାବରୁ ମିଳୁନି କମ୍ପ୍ୟୁଟର ଉପକରଣ
- ବେସରକାରୀ କଲେଜମୁହାଁ ଛାତ୍ରୀଛାତ୍ର

ଯାଜପୁର ଅଫିସ,୧୦।୩




ରାଜ୍ୟର ଅଧିକାଂଶ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ, ପ୍ରାଧ୍ୟାପକ ପଦବୀ ପୂରଣ ହୋଇପାରୁନାହିଁ। ବିଶେଷକରି ବିଜ୍ଞାନ ପାଠ୍ୟକ୍ରମରେ ଏହି ଅଭାବ ବେଶି ପରିଲକ୍ଷିତ ହେଉଛି। ଉଚ୍ଚଶିକ୍ଷା ବିଭାଗର ଅଜବ ନୀତି ଯୋଗୁ ଶିକ୍ଷକ ଅଭାବ ସମସ୍ୟା ବଳବତ୍ତର ରହୁଛି। ଫଳରେ ବିଜ୍ଞାନ ପାଠ୍ୟକ୍ରମଗୁଡ଼ିକର ଗୋଟିଏ ଦିନରେ ୫ଟି କ୍ଲାସ୍ ଥିଲେ ହେଉଛି ୨/୩ଟି କ୍ଲାସ୍। ବର୍ଷର କୋର୍ସ ଶେଷ ହୋଇପାରୁ ନାହିଁ। ଫଳରେ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷା ହ୍ରାସ ପାଉଛି। ଏହା ଅଭିଭାବକମାନଙ୍କୁ ଅତ୍ୟନ୍ତ ପ୍ରଭାବିତ କରିଛି। ଅନେକ ଛାତ୍ରୀଛାତ୍ର ବେସରକାରୀ କଲେଜ ଉପରେ ନିର୍ଭରଶୀଳ ହୋଇ ଅଧିକ ଖର୍ଚ୍ଚାନ୍ତ ହେଉଥିବା ମତପ୍ରକାଶ ପାଇଛି।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଜ୍ଞାନ ଶିକ୍ଷାକୁ ଅଣଦେଖା କରି ନିଯୁକ୍ତି ସମ୍ଭାବ୍ୟ ଥିବା ବୈଷୟିକ ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିବାରୁ ଦିନକୁ ଦିନ ବହୁ ମହତ୍ତ୍ୱପୂର୍ଣ୍ଣ ବିଜ୍ଞାନ ଶିକ୍ଷା ରସାତଳଗାମୀ ହେଉଥିବା ମତପ୍ରକାଶ ପାଇଛି। କେବଳ ଗ୍ରାମାଞ୍ଚଳ କଲେଜ ନୁହେଁ, ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନରେ ଥିବା ବଡ଼ ସହରର ପ୍ରତିଷ୍ଠିତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ମଧ୍ୟ ଏକାଧିକ ବିଜ୍ଞାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ପ୍ରଥମେ ଅତ୍ୟାଧୁନିକ ପରୀକ୍ଷାଗାର ଏବଂ କମ୍ପ୍ୟୁଟର ଉପକରଣ ଉପରେ ଯାଜପୁର ଜିଲାକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ଜିଲାର ବିଷ୍ଣୁ ସାମନ୍ତରାୟ ଡିଗ୍ରୀ କଲେଜ, ସାହାସପୁର ଡିଗ୍ରୀ କଲେଜ, ବରୁଣେଶ୍ୱର ଡିଗ୍ରୀ କଲେଜ, ଅଳକୁଣ୍ଡ ଆଞ୍ଚଳିକ ବଳଦେବଜୀଉ ମହିଳା ଡିଗ୍ରୀ କଲେଜ, କନିକାପଡ଼ା ସାଧୁ ଗୌଡ଼େଶ୍ୱର ଡିଗ୍ରୀ କଲେଜ, ରାମବାଗ ଆଞ୍ଚଳିକ ଡିଗ୍ରୀ କଲେଜ, ମୁଗପାଳ ଉପେନ୍ଦ୍ରନାଥ ସାରଦା ଡିଗ୍ରୀ କଲେଜ, ହରିପୁର ଭାରତୀ ବିହାର ଏବଂ ବ୍ୟାସନଗର ସ୍ୱୟଂଶାସିତ ଇତ୍ୟାଦି କଲେଜରେ ଅତ୍ୟାଧୁନିକ ପରୀକ୍ଷାଗାର ନାହିଁ। ଏପରି କି କମ୍ପ୍ୟୁଟର ଶିକ୍ଷା ପାଇଁ ଆବଶ୍ୟକ ଉପକରଣ ଅଭାବରୁ ଛାତ୍ରୀଛାତ୍ର ସେଥିରୁ ବଞ୍ଚିତ ରହୁଛନ୍ତି। ଅନୁଦାନ ଅଭାବ ଏହାର ପ୍ରମୁଖ କାରଣ ବୋଲି ସୂଚନା ମିଳିଛି। ସେହିପରି ଶିକ୍ଷକ ଅଭାବ କ୍ଷେତ୍ରରେ ଯାଜପୁର ନରସିଂହ ଚୌଧୁରୀ ସ୍ୱୟଂଶାସିତ କଲେଜକୁ ଉଦାହରଣ ଭାବେ ନେଲେ ସେଠାରେ ଉଦ୍ଭିଦ ବିଜ୍ଞାନରେ ଜଣେ, ରସାୟନ ବିଜ୍ଞାନରେ ୨ ଜଣ, ଗଣିତରେ ୩ ଜଣ, ପଦାର୍ଥ ବିଜ୍ଞାନରେ ୨ ଜଣ ଏବଂ ପ୍ରାଣୀ ବିଜ୍ଞାନରେ ୩ ଜଣ ଅଧ୍ୟାପକ ପଦବୀ ଖାଲିପଡ଼ିଛି। କେବଳ ଯାଜପୁର ଜିଲା ନୁହେଁ, ଭୁବନେଶ୍ୱର ରାଜଧାନୀ କଲେଜରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖାଦେଇଛି। ଏହି ସରକାରୀ କଲେଜରେ ରସାୟନ ବିଜ୍ଞାନରେ ୩ ଜଣ, ପ୍ରାଣୀ ବିଜ୍ଞାନରେ ୨ ଜଣ, ଗଣିତରେ ୩ ଜଣ, ପଦାର୍ଥ ବିଜ୍ଞାନରେ ୧ ଜଣ ଅଧ୍ୟାପକ ନାହାନ୍ତି। ଏଥିରୁ ସରକାରୀ କଲେଜକୁ ଅଣଦେଖା କରି ପରୋକ୍ଷରେ ବେସରକାରୀ କଲେଜକୁ ପ୍ରୋତ୍ସାହନ ଦିଆଯାଉଥିବା ସ୍ପଷ୍ଟ ହେଉଛି ବୋଲି ମତପ୍ରକାଶ ପାଇଛି। ଏଭଳି ଧାରା ଜାରି ରହିଲେ, ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକର ବିଜ୍ଞାନ ଶିକ୍ଷା ବିଲୋପ ହୋଇପଡ଼ିବ ବୋଲି କୁହାଯାଉଛି। ଏ ସଂକ୍ରାନ୍ତରେ ବ୍ୟାସନଗର ସ୍ୱୟଂଶାସିତ କଲେଜର ପୂର୍ବତନ ଅଧ୍ୟକ୍ଷ କୁଶଚନ୍ଦ୍ର ପ୍ରଧାନ କୁହନ୍ତି, ଅତ୍ୟାଧୁନିକ ପରୀକ୍ଷାଗାର ସନ୍ତୋଷଜନକ ନୁହେଁ। ଏଥିପାଇଁ ସରକାର ଆବଶ୍ୟକ ଉପକରଣ ଯୋଗାଇ ଦେବା କଥା। ଏପରି ନ ହେବା ଯୋଗୁ ପିଲାମାନେ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ରହୁଛନ୍ତି।

# ଦିବ୍ୟାଙ୍ଗଙ୍କ ଘର ମରାମତି କଲେ ସାମାଜିକ କର୍ମୀ



ଗୁରୁଚରଣ ସାହୁଙ୍କ ଘର ମରାମତି କରିବାକୁ ଆସିଥିବା ସାମାଜିକ କର୍ମୀମାନେ।

ରସୁଲପୁର,୧୦।୩(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତ ଗଣାବାଗ ଗ୍ରାମର ଦିବ୍ୟାଙ୍ଗ ଗୁରୁଚରଣ ସାହୁଙ୍କ ଭଙ୍ଗା ଘରକୁ ସଜାଡ଼ିଛନ୍ତି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲପିଂ ହ୍ୟାଣ୍ଡର ସାମାଜିକକର୍ମୀମାନେ। ଆର୍ଥିକ ଅଭାବ ଅନଟନରୁ ଗୁରୁଚରଣ ଦୀର୍ଘବର୍ଷ ହେବ ଭଙ୍ଗା କୁଡ଼ିଆକୁ ଛାଆଣି କରିପାରୁ ନ ଥିଲେ। ସାମାଜିକ କର୍ମୀମାନେ ଅନୁଷ୍ଠାନ ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଛାଆଣି କରିବା ସହ ଘରକୁ ମରାମତି କରିଛନ୍ତି। ବର୍ଷାଋତୁରେ ଅନୁଷ୍ଠାନ ପକ୍ଷରୁ ଭଙ୍ଗା କୁଡ଼ିଆ ଉପରେ ପଲିଥିନ ପକା ଯାଇଥିଲା। ଏଥିସହିତ ପରିବାରର ଦୈନନ୍ଦିନ ଚଳଣୀ, ପିଲାଙ୍କୁ ପାଠ ପଢ଼ିବା, ୟୁନିଫର୍ମ, ଶୀତଦିନିଆ ବସ୍ତ୍ର ଓ ପୋଷାକ ଆଦି ପ୍ରଦାନ ଦିଗରେ ସହାୟତାର ହାତବଢ଼ାଇଛନ୍ତି ଉକ୍ତ ସାମାଜିକକର୍ମୀମାନେ।

ଗୁରୁଚରଣ ଆଳୁ ଗୋଦାମରେ ମଜୁରିଆ ଭାବରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ଆଳୁ ବସ୍ତା ବୋହି ନେବା ସମୟରେ ଏକ ବସ୍ତା ତାଙ୍କ ପିଠିରେ ଖସି ପଡ଼ିବାରୁ ତାଙ୍କ ମେରୁଦଣ୍ଡ ହାଡ଼ ଭାଙ୍ଗି ଯାଇଥିଲା। ବର୍ଷାଧିକ କାଳ ଚିକିତ୍ସିତ ହେବାପରେ ଗୁରୁଚରଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ହୋଇପାରି ନ ଥିଲା। ସେବେଠାରୁ ଗୁରୁଚରଣ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଭାବରେ ଘରେ ପଡ଼ି ରହିଛନ୍ତି। ପରିବାର ଚଳିବାର ବୋଝ ଗୁରୁଚରଣଙ୍କ ସ୍ତ୍ରୀଙ୍କ କାନ୍ଧରେ ନ୍ୟସ୍ତ ହୋଇଛି। ପରିବାରର ୪ ପ୍ରାଣୀ କୁଟୁମ୍ବଙ୍କ ପେଟକୁ ଦୁଇ ଓଳି ଦାନା ଯୋଗାଇବା କଷ୍ଟକର ହୋଇପଡ଼ୁଛି। ବାସଗୃହକୁ ରକ୍ଷଣାବେକ୍ଷଣ କରିବା ତାଙ୍କ ପକ୍ଷରେ ସମ୍ଭବପର ହୋଇପାରୁନାହିଁ। ସେହିପରି ପୁଅ ଓ ଝିଅ ଦୁଇଜଣଙ୍କ ପାଠପଢ଼ା ଖର୍ଚ୍ଚ ବହନ କରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। ପରିବାରର ଏଭଳି ସ୍ଥିତି ସମ୍ପର୍କରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଦୃଷ୍ଟି ଗୋଚର ହୋଇଥିଲା। ଅନୁଷ୍ଠାନର ସାମାଜିକକର୍ମୀମାନେ ନିଜସ୍ୱ ଉଦ୍ୟମ ଓ ଆର୍ଥିକ ସହାୟତାରେ ଘରକୁ ମରାମତି କରିଛନ୍ତି। ଏଭଳି ଦୁସ୍ଥ ଅବସ୍ଥାରେ ଥିବା ଗୁରୁଚରଣଙ୍କ ପରିବାରକୁ ଆବାସ ଯୋଜନାରେ ଘର ସହ ଦିବ୍ୟାଙ୍ଗ ଭତ୍ତା ଓ ପିଲାଙ୍କୁ ମାଗଣା ଶିକ୍ଷା ପାଇଁ ଉଦ୍ଦିଷ୍ଟ ସରକାରୀ ସହାୟତା ଏବଂ ମହିଳା ସଶକ୍ତୀକରଣ ଯୋଜନା ସହାୟତା ପ୍ରଦାନ କରିବାକୁ ଅନୁଷ୍ଠାନର ସଭାପତି ଷଡ଼ଙ୍ଗୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ପ୍ରଥମ ଦିନରେ ୧୦୫ ପରୀକ୍ଷାର୍ଥୀ ଅନୁପସ୍ଥିତ

ଧର୍ମଶାଳା,୧୦।୩(ଡି.ଏନ.ଏ.)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଛି। ଶୁକ୍ରବାର ପ୍ରଥମ ଦିନରେ ମାତୃଭାଷା ଓଡ଼ିଆ ବିଷୟ ପରୀକ୍ଷା ରହିଥିବାବେଳେ ଧର୍ମଶାଳା ବ୍ଲକରେ ୧୦୫ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ବ୍ଲକର ୧୮ କେନ୍ଦ୍ରରେ ୨,୯୫୫ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ସ୍ଥିର ହୋଇଥିଲା। ସେଥିରୁ ରେଗୁଲାରରେ ୬୫ଜଣ ଓ ଏକ୍ସ ରେଗୁଲାର, ମଧ୍ୟମାରେ ୪୦ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡିଛି। ଧର୍ମଶାଳା ବାଣୀପୀଠରେ ଜଣେ, ଆରୁହା ହାଇସ୍କୁଲରେ ୨ଜଣ, ବାଘୁଆ ବ୍ରାହ୍ମଣୀ ଦେବୀ ହାଇସ୍କୁଲରେ ୬ଜଣ, ବଳରାମପୁର ହାଇସ୍କୁଲରେ ୨, ଗୋପାଳଜୀଉ ହାଇସ୍କୁଲ ମୁରାରୀପୁରରେ ୩ଜଣ, ମହିଶରା ହୁଙ୍ଗୁଳା ହାଇସ୍କୁଲରେ ଜଣେ, ଜେନାପୁର ହାଇସ୍କୁଲରେ ୭ଜଣ, କାଏମା ଲାଲବାହାଦୁର ହାଇସ୍କୁଲରେ ୪ଜଣ, ରେଖିଦେଇପୁର ପଞ୍ଚାୟତ ହାଇସ୍କୁଲରେ ୭ଜଣ, ମିର୍ଜାପୁର ଶ୍ୟାମସୁନ୍ଦର ହାଇସ୍କୁଲରେ ଜଣେ, ବାଟିଯୋଡା ସ୍ୱପ୍ନେଶ୍ୱର ନୋଡାଲ ସ୍କୁଲରେ ୫ଜଣ, ଜାରକା ହାଇସ୍କୁଲରେ ଜଣେ, କବାଟବନ୍ଧ ହାଇସ୍କୁଲରେ ୩ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ଗଡ଼ମଧୁପୁର ହାଇସ୍କୁଲରେ ରେଗୁଲାରରେ୧୧ ଓ ମଧ୍ୟମାରେ୧୬, କୋଟପୁର ଜାଗୁଳାଇ ହାଇସ୍କୁଲରେ ରେଗୁଲାରରେ ଜଣେ ଓ ମଧ୍ୟମାରେ ୬, ଅଣ୍ଡିଆ ପଞ୍ଚାୟତ ହିଙ୍ଗୁଳା ହାଇସ୍କୁଲରେ ରେଗୁଲାର ୭ ଜଣ ଓ ମଧ୍ୟମାରେ ୧୮ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜିଲା ଶିକ୍ଷାଧିକାରୀ ରଞ୍ଜନ ଗିରି ସୂଚନା ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସତ୍ୟନାରାୟଣ



@ ଶ୍ରୁତିଶ୍ରୀ



@ ସତ୍ୟବ୍ରତ



@ ମହମ୍ମଦ



@ ସୁରେଶ୍ୱର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଧର୍ମଶାଳା କଂଗ୍ରେସ ପକ୍ଷରୁ ଧାରଣା

ଧର୍ମଶାଳା,୧୦।୩(ଡି.ଏନ.ଏ.)

ଏଆଇସିସି ନିର୍ଦ୍ଦେଶକ୍ରମେ ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଜାରକାସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଶାଖା ସମ୍ମୁଖରେ ଧାରଣା ଦିଆଯାଇଛି। କେନ୍ଦ୍ର ସରକାର ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଓ ଏଲ୍ଆଇସିରେ ଗଚ୍ଛିତ ଥିବା ମୂଳଜମାକୁ ଶିଳ୍ପପତି ଗୌତମ ଆଦାନୀଙ୍କ ହାତରେ ଟେକି ଦେଇଥିବା ଦର୍ଶାଇ କଂଗ୍ରେସ ପକ୍ଷରୁ ଏହି ଧାରଣା ଦିଆଯାଇଥିଲା। ବ୍ଲକ ସଭାପତି ତଥା ପ୍ରଦେଶ କଂଗ୍ରେସ କମିଟି ସଭ୍ୟ କିଷାନ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ପରିଡ଼ା, ବ୍ଲକ ସଂଯୋଜକ ପ୍ରଫୁଲ୍ଲ କୁମାର ରାୟ, ଲକ୍ଷ୍ମୀଧର ନାୟକ, ଯୁବନେତା ଦୀପକ ବଳ, ପୂର୍ବତନ ସମିତିସଭ୍ୟ ନକୁଳ ଜେନା, ଦଳିତ, ସଂଖ୍ୟାଲଘୁ ସେଲ ସଭାପତି ବବୁଲି ମଳିକ, ବିଳାସ ଜେନା, ଉଗ୍ରେସନ ମହାନ୍ତି, ଜିତେନ୍ଦ୍ର ରଥ, ବାବାଜି ରାଉତ ଓ ନିଳମଣି ମହାନ୍ତି ପ୍ରମୁଖ ବହୁ କର୍ମୀ ଯୋଗଦେଇ ସାଧାରଣ ଲୋକଙ୍କ ଝାଳବୁହା ଅର୍ଥକୁ କେନ୍ଦ୍ର ସରକାର ଆଦାନୀଙ୍କ ହାତକୁ ଟେକି ଦେଇ ବିଶ୍ୱାସ ଘାତକତା କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ବ୍ୟାଙ୍କ ମ୍ୟାନେଜରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।




ଜାରକା ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଧର୍ମଶାଳା କଂଗ୍ରେସ କର୍ମୀ ଧାରଣା ଦେଇଛନ୍ତି।

# ଗୁପ୍ତଚର ପାରାକୁ ନେଇ ଚିନ୍ତା

- ମୁକୁଳା ତଟ ସମ୍ପର୍କରେ ତଥ୍ୟ ମିଳିଥିବା ସନ୍ଦେହ
- ବଢ଼ୁଛି ଅନୁପ୍ରବେଶ, ନିକଟରେ ଅଛି ହ୍ୱିଲର ଦ୍ୱୀପ
- ଜାତୀୟ ଉଦ୍ୟାନର ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ

କେନ୍ଦ୍ରାପଡ଼ା ଅଫିସ, ୧୦।୩



ଜଗତସିଂହପୁର ଜିଲା ପାରାଦୀପ ନିକଟ ସମୁଦ୍ରରେ ଗୁପ୍ତଚର ପାରା ଧରା ପଡିଛି। ପାରା, କ୍ୟାମେରାକୁ ନେଇ ଚର୍ଚ୍ଚା ହେଉଥିବା ବେଳେ କେନ୍ଦ୍ରାପଡ଼ା ଜିଲାର ବୁଦ୍ଧିଜୀବୀମାନେ ଜାତୀୟ ଉଦ୍ୟାନର ସାମୁଦ୍ରିକ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା, ଜିଲାର ସମୁଦ୍ର ତଟାଞ୍ଚଳ ଖୋଲାମେଲା ରହିବା, ନିକଟରେ ଥିବା ହ୍ୱିଲର ଦ୍ୱୀପର ତଥ୍ୟକୁ ନେଇ ଆଲୋଚନା କରୁଛନ୍ତି । ଅତୀତରେ ଏହି ଅଞ୍ଚଳରେ ଆତଙ୍କବାଦୀଙ୍କ ଆସ୍ଥାନ ଜମାଇବା, ଅନୁପ୍ରବେଶ କରିବା, ରେଡିଓ କେନ୍ଦ୍ର ସ୍ଥାପନ କରିବା ଆଦି ବେଆଇନ କାର୍ଯ୍ୟ ହୋଇଥିବାରୁ ସନ୍ଦିଗ୍ଧ ପାରା ଏହାର ଏକ ଅଂଶବିଶେଷ ବୋଲି ମତ ରଖିଛନ୍ତି। ଏ ସମ୍ପର୍କରେ ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ, ରାଧାକାନ୍ତ ମହାନ୍ତି, ବିରେନ କୁମାର ଦାସ, ସାମାଜିକ କର୍ମୀ ସୁନିଲ କୁମାର ଗନ୍ତାୟତ, ଅଶେଷ କୁମାର ଖଟୁଆ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ୪୮ କିଲୋମିଟର ତଟ ଦେଇ ଗତ ୫୦ ବର୍ଷ ଧରି ଅନୁପ୍ରବେଶ ଚାଲିଛି । ଉପାନ୍ତ ଅଞ୍ଚଳରେ ଜିଲାର ପ୍ରଚଳିତ ଭାଷା ଓଡିଆ ବଦଳରେ ବଙ୍ଗଳା ଭାଷା ଅଧିକ ବ୍ୟବହାର ହେଉଛି । ଦ୍ରୁତ ଅନୁପ୍ରବେଶ ଉପଯୁକ୍ତ ପଥ ପାଇଁ ପାରା ଗୋଡରେ ବନ୍ଧା ହୋଇଥିବା କ୍ୟାମେରାକୁ ବ୍ୟବହାର କରାଯାଉଥିବ । ଅତୀତରେ ମଧ୍ୟ ଏହି ଜିଲାକୁ ଆତଙ୍କବାଦୀ ବ୍ୟବହାର କରିଥିବା କ୍ରାଇମ ରେକର୍ଡରେ ଉଲ୍ଲେଖ ଅଛି । ୨୦୧୬ରେ ଗିରଫ ହୋଇଥିବା ଅଲକାଇଦା ସଂଗଠନର ଆତଙ୍କବାଦୀ ଅବଦୁଲ ରହମନ ସହ ଏହି ଜିଲାର ସମ୍ପର୍କ ଅଛି । ଏଠାରେ ସେ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ୫ ବର୍ଷ ରହିଥିଲେ । ସେହିପରି ୨୦୧୮ ଅଗଷ୍ଟ ୬ରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଦ୍ୱାରା ଗିରଫ ହୋଇଥିବା ସନ୍ଦିଗ୍ଧ ଆତଙ୍କବାଦୀ ହବିବୁର ରହମାନଙ୍କ ଘର ଏହି ଜିଲାର ପାଟକୁରା ଥାନା ଅଞ୍ଚଳରେ । ସେହିପରି ସହରର ରଣପଡାସ୍ଥ ମହମ୍ମଦ ଜାଭେଦଙ୍କୁ ୨୦୦୭ରେ ସନ୍ଦିଗ୍ଧ ଆତଙ୍କବାଦୀ ଭାବେ ଗିରଫ କରାଯାଇଛି। ଏହାବ୍ୟତୀତ ବନାଞ୍ଚଳରେ ବେଆଇନ ରେଡିଓ ଷ୍ଟେଶନ ସମ୍ପର୍କରେ ୨୦ ବର୍ଷ ପୂର୍ବେ ଜଣା ପଡିଥିଲା । ଜିଲା ଓ ଦେଶର ସୁରକ୍ଷାକୁ ବିପଦ ହୋଇଥିବା ଅନୁପ୍ରବେଶ ଅଦ୍ୟାବଧି ବନ୍ଦ କରାଯାଇ ପାରିନାହିଁ । ଏହି ଜିଲାର ଜାତୀୟ ଉଦ୍ୟାନ ଭିତରକନିକାର ସାମୁଦ୍ରିକ ପ୍ରାଣୀ ଓ ବନ୍ୟଜୀବ ଏବେ ଶୀକାରୀଙ୍କ ଟାର୍ଗେଟରେ ଅଛି । ଏହି ଜୀବଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଏହାର ଚୋରା ଚାଲାଣକୁ ପ୍ରୋତ୍ସାହିତ କରିବାକୁ ହୁଏତ ପାରାକୁ ମାଧ୍ୟମ କରାଯାଇଛି । ସେହିପରି ସନ୍ଦିଗ୍ଧ ଗୁପ୍ତଚର ପାରା ଭଦ୍ରକ ଜିଲାର ହ୍ୱିଲର ଦ୍ୱୀପ ନିକଟରୁ ଧରା ପଡିଛି। ଏହି ଦ୍ୱୀପରେ ଦେଶର ପ୍ରତିରକ୍ଷା ବିଭାଗର ବହୁ ଗୁପ୍ତ କ୍ଷେପଣାସ୍ତ୍ର ପରୀକ୍ଷା କରାଯାଉଛି । ଏହାର ତଥ୍ୟ ଚୋରି ପାଇଁ ପାରାକୁ ବ୍ୟବହାର କରା ଯାଇ ଥାଇପାରେ ବୋଲି ସେମାନେ ଆଶଙ୍କା ପ୍ରକଟ କରିଛନ୍ତି । ଏସମ୍ପର୍କରେ ଏଏସ୍ପି ହରିଶ ଚନ୍ଦ୍ର ପାଣ୍ଡେ କହିଛନ୍ତି, ଗୁପ୍ତଚର ପାରା ସମ୍ପର୍କରେ ସବିଶେଷ ତଥ୍ୟ ହାସଲ ପାଇଁ ଯୋଗାଯୋଗ ଚାଲିଛି। ତଥ୍ୟ ଜିଲା ପାଇଁ ହାନିକାରକ ସାବ୍ୟସ୍ତ ହେଲେ ସୁରକ୍ଷା ବ୍ୟବସ୍ଥାର ପୁର୍ନବାର ସମୀକ୍ଷା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସାହିତ୍ୟକୁ ଗୁରୁତ୍ୱ, ଭାଷାକୁ ଅଣଦେଖା

## ଓଡ଼ିଆ ଶବ୍ଦ ହଜି ଚାଲିଛି



କେବଳ ସାହିତ୍ୟ ସୃଷ୍ଟି କରିଦେଲେ ଭାଷା ବଞ୍ଚେ ନାହିଁ। ମାତୃଭାଷାକୁ ଭଲପାଇବା ସହ ଭାଷା ପ୍ରତି ସ୍ୱାଭିମାନ ରହିବା ଦରକାର । ପୁଣି ଶାସ୍ତ୍ରୀୟ ମାନ୍ୟତା ମିଳିଗଲା ପରେ ଖୁସି ମନାଗଲା । କିନ୍ତୁ ଭାଷାକୁ ବଞ୍ଚାଇବାକୁ ପଦକ୍ଷେପ ନିଆଯାଉନାହିଁ। ଓଡ଼ିଆ ଭାଷାର କିଛି ଶବ୍ଦ ହଜି ସାରିଲାଣି । ଆଉ କିଛି ହଜିବା ଆରମ୍ଭ ହୋଇଛି । ଏଣୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ନେଇ ପ୍ରତିଟି କ୍ଷେତ୍ରରେ ଓଡ଼ିଆ ଭାଷାକୁ ବ୍ୟବହାର କରିବା ପାଇଁ ଶପଥ ନେବା ଦରକାର । ପ୍ରତିବର୍ଷ ପରି ଔପଚାରିକତା ଢଙ୍ଗରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ହେଲେ କିଛି ସୁଫଳ ମିଳିବ ନାହିଁ।

–ଜଳଧର ସାହୁ, ସାହିତ୍ୟିକ, ନୂଆଗାଁ

## ବିପଦରେ ଓଡ଼ିଆ ଭାଷା



ଓଡ଼ିଆ ଭାଷା ସଂସ୍କୃତ ଭାଷାର ସମସାମୟିକ। ଆର୍ଯ୍ୟ ଭାଷା ମଧ୍ୟରେ ସଂସ୍କୃତ ପରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାରେ ୨ୟ ଭାଷା । ତେବେ ସରକାରୀ ଭାଷା ରୂପେ ଏହାକୁ ଗ୍ରହଣ କରିବାରେ ଅସୁବିଧା କାହିଁକି ରହିଛି । ୧୯୫୪ରେ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସମୟରେ ସରକାରୀ ଭାଷା ରୂପେ ଓଡ଼ିଆ ଭାଷା ଗ୍ରହଣ କରାଯାଇଥିଲା । ପୁଣି ୨୦୧୪ ମାର୍ଚ୍ଚ ୧୧ରେ ଷଷ୍ଠ ଭାଷା ହିସାବରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଛି। ହେଲେ ସରକାର ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ଗ୍ରହଣ କରୁ ନ ଥିବାରୁ ଓଡ଼ିଆ ଭାଷା ପ୍ରତି ବିପଦ ମାଡ଼ିଆସିଛି ।

–ମନୋଜ ମିଶ୍ର, ଅଖଣ୍ଡ ପୁରୀ ଜିଲା ପାଲାଗାୟକ ସଙ୍ଗଠନ ଉପସଭାପତି

- ସରକାରୀ ଭାଷାର ମାନ୍ୟତା ଶୀତଳଭଣ୍ଡାରରେ
- ଶାସ୍ତ୍ରୀୟ ମାନ୍ୟତାର ୯ ବର୍ଷ ପରେ ବି ନାହିଁ ପରିବର୍ତ୍ତନ

ନୟାଗଡ଼ ଅଫିସ,୧୦।୩

ଶାସ୍ତ୍ରୀୟ ମାନ୍ୟତା ପାଇବାର ୯ ବର୍ଷ ପରେ ବି ସରକାରୀ ଭାଷାର ମାନ୍ୟତା ପାଉନାହିଁ ମାତୃଭାଷା ଓଡ଼ିଆ । ପରିବର୍ତ୍ତନ ନାଁରେ ଓଡ଼ିଆ ଭାଷା ଉପେକ୍ଷିତ ଓ ଅବହେଳିତ ହୋଇ ଏହାର ଶବ୍ଦ ହଜିଚାଲିଛି। ଓଡ଼ିଶାରେ ମାତୃଭାଷାର ପ୍ରୀତି ନ ଥିବାରୁ ତାକୁ ଏକ ପ୍ରକାର ଫୋପାଡି ଦିଆଯାଇଛି। ଫଳସ୍ୱରୂପ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରିତ୍ୱ ପରେ ସରକାରୀ ଭାଷା ପ୍ରାୟତଃ ୭୦ ବର୍ଷ ହେଲା ଶୀଳଭଣ୍ଡାରରେ ପଡି ରହିଛି । ସାହିତ୍ୟ ସୃଷ୍ଟିକୁ ଗୁରୁତ୍ୱ ଦିଆଯାଉଥିବାବେଳେ ମାତୃଭାଷା ଉପେକ୍ଷିତ ନେଇ ପ୍ରତିବାଦ ନାହିଁ। ଶନିବାର ଶାସ୍ତ୍ରୀୟ ଓଡିଆଭାଷା ଦିବସରେ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା ।

## ମାତୃଭାଷା ପ୍ରତି ମମତା ନାହିଁ



ଭାରତର ପଶ୍ଚିମବଙ୍ଗ,ଗୁଜରାଟ, ଆନ୍ଧ୍ର ପରି ରାଜ୍ୟରେ ଆଞ୍ଚଳିକ ଭାଷା କୋର୍ଟ କଚେରିରେ ବ୍ୟବହାର ହେଉଛି । ହେଲେ ଆମ ଜିଲା ନୟାଗଡ଼ ହେଉ କି ରାଜ୍ୟରେ ଥିବା ଦୋକାନର ନାମଫଳକ ଓଡ଼ିଆରେ ଲେଖିବାକୁ କଷ୍ଟ ହେଉଛି । ହାଇକୋର୍ଟ ଓଡ଼ିଶା ନ ହୋଇ ଏଯାବତ ଓରିଶା ଲେଖାରହିଛି । ଓଡ଼ିଆ ଭଳି ସମୃଦ୍ଧଶାଳୀ ଭାଷା ଶାସ୍ତ୍ରୀୟ ମାନ୍ୟତା ସତ୍ତ୍ୱେ ଅଣଦେଖା ହୋଇ ପଡିରହିଛି। ୧୨ ବର୍ଷ ପରେ ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବାବେଳେ ଏହାକୁ ଅଣଦେଖା କରାଯିବା ଦୁର୍ଭାଗ୍ୟଜନକ। ଏଥିରୁ ସ୍ପଷ୍ଟ ମାତୃଭାଷା ପ୍ରତି ମମତା ରହୁ ନାହିଁ ।

–ଗିରିଜା ଶଙ୍କର ତରାସିଆ, ସ୍ତମ୍ଭକାର, ଖଣ୍ଡପଡ଼ା

## ଭାଷା ବଞ୍ଚାଇବାକୁ ପଦକ୍ଷେପ ନାହିଁ



ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ, ଯାହାକି ଭାଷା ଭିତ୍ତିରେ ଗଠନ ହୋଇଛି। ଏହାକୁ ଓଡ଼ିଶାବାସୀ ଭୁଲିଗଲେ। ପୁଣି ସରକାରୀ ଭାଷା ରୂପେ ସ୍ୱୀକୃତି ଦେବାକୁ ସରକାରଙ୍କର ଆନ୍ତରିକତାର ଅଭାବ । କେବଳ ଭୁଆଁ ବୁଲାଇବା ପାଇଁ ମଝିରେ ମଝିରେ ଓଡ଼ିଆ ଭାଷା ଜିଇଁଛି ବୋଲି ବିଜ୍ଞପ୍ତି ପ୍ରକାଶ ପାଉଛି । ସାହିତ୍ୟିକମାନେ ଭାଷା ବଞ୍ଚିବାକୁ ପଦକ୍ଷେପ ନେଉ ନାହାନ୍ତି । କେବଳ ସାହିତ୍ୟ ରଚନାରେ ଚାଲିଯାଉଛି ସମୟ। ଭାଷା ପ୍ରତି ସମୟ ଦେଇ ଏଥିପାଇଁ ଆନ୍ଦୋଳନ କରିବାର ସମୟ ପହଞ୍ଚିଛି ।

–ପ୍ରିୟମ୍ବଦା ତ୍ରିପାଠୀ,
ଅଧ୍ୟାପିକା,ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ

## ମାନସିକତା ବଦଳିବା ଦରକାର



ମାତୃଭାଷା ପ୍ରତି ଆମର ଯେତିକି ଶ୍ରଦ୍ଧା ରହିବା ଦରକାର ରହୁ ନାହିଁ। ମାତୃଭାଷାକୁ ବଞ୍ଚାଇ ରଖିବାପାଇଁ ସରକାର ମଧ୍ୟ ନିଜ ଦାୟିତ୍ୱ ଭୁଲି ଯାଉଛନ୍ତି । ସାଧାରଣ ଲୋକ ସରକାରଙ୍କୁ ଏଦିଗରେ ମନେପକାଉ ନାହାନ୍ତି। ସେହିଭଳି ସାଧାରଣ ଲୋକ ଭାଷା ବିଷୟରେ କେବେ ପ୍ରତିବାଦ କରୁ ନାହାନ୍ତି। ପୁଣି ଆନ୍ଦୋଳନ ନାହିଁ। ମାନସିକତା ନ ବଦଳିଲେ ଓଡ଼ିଆଭାଷା ଓଡ଼ିଶାରେ ଅଲୋଡ଼ା ରହିଥିବ । କେବଳ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନକାରୀ ମନବୁଝାଇବାକୁ ପଡୁଥିବ ।

– ପ୍ରଫୁଲ୍ଲ କୁମାର ମହାନ୍ତି, ଶିକ୍ଷାବିତ୍, ଭାପୁର




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସତ୍ୟନାରାୟଣ



@ ଶ୍ରୁତିଶ୍ରୀ



@ ସତ୍ୟବ୍ରତ



@ ମହମ୍ମଦ



@ ସୁରେଶ୍ୱର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଷ୍ଟୁଡିଓରୁ ଚୋରି, ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୧୦।୩: ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ଷ୍ଟୁଡିଓ (ସ୍କିନ୍ କାନଭାସ୍ ଟାଟୁ ଷ୍ଟୁଡିଓ)ରୁ ଚୋରି ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଦୋକାନ ମାଲିକ ସୁସ୍ମିତା ସ୍ୱାଇଁଙ୍କ ଅଭିଯୋଗ ମୁତାବକ, କେହି ଦୁର୍ବୃତ୍ତ ଗତ ୯ତାରିଖ ବିଳମ୍ବିତ ରାତିରେ ଦୋକାନରେ ପସି ଲାପଟପ୍, ସୁନା କାନଫୁଲ, ଗୋଟିଏ ନାକଗୁଣା ଚୋରି କରିନେଇଛନ୍ତି। ଦୋକାନର କ୍ୟାସ ବାକ୍ସର ତାଲା ଖୋଲିବାକୁ ମଧ ଉଦ୍ୟମ କରିଥିଲେ। ଦୋକାନରେ ଲାଗିଥିବା ସିସି ଟିଭି ଫୁଟେଜରୁ ଏହା ଜଣାପଡିଛି। ଚୋରି ଯାଇଥିବା ଲାପଟପରେ କେତେକ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଓ ଫଟୋ ରହିଛି। ସେଗୁଡ଼ିକର ଅପବ୍ୟବହାର ରୋକିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ସେ ଏତଲାରେ ଦର୍ଶାଇଛନ୍ତି। ପୋଲିସ ମାମଲା ରୁଜୁ କରିବା ସହିତ ଲୁଟ୍ ଅଭିଯୁକ୍ତ ଖଲାସି ସାହିର ଟି. ପବନ କଲ୍ୟାଣଙ୍କୁ ଗିରଫ କରିଛି।

## ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରିଲେ ପ୍ରାଥମିକ ଶିକ୍ଷକ

ନୟାଗଡ଼ ଅଫିସ,୧୦।୩

ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନ କ୍ରମେ ୩ ଦଫା ଦାବି ନେଇ ଶୁକ୍ରବାର ନୟାଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଚ୍ଛେଦ, ୬ବର୍ଷର ଠିକା କାର୍ଯ୍ୟକାଳକୁ ୬ଟି ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରୀରେ ଗଣନା କରିବା, କେନ୍ଦ୍ରୀୟ ହାରରେ ଦରମା ଏବଂ ପୁରୁଣା ପେନସନକୁ ପୁନଃ ପ୍ରଚଳନ କରିବା ଆଦି ୩ଦଫା ଦାବି ନେଇ ଶିକ୍ଷକମାନେ ସରକାରଙ୍କ ନିକଟରେ ବାରମ୍ବାର ଦାବି କରି ଆସୁଛନ୍ତି। ହେଲେ ସରକାର ଚୁପ ବସିଛନ୍ତି। ଏହି ଅବସରରେ ଆୟୋଜିତ ପ୍ରତିବାଦ ସଭାରେ ୩୫୦ରୁ ଉର୍ଦ୍ଧ୍ୱ ନୂତନ ପେନସନ ଭୁକ୍ତ ପ୍ରାଥମିକ ଶିକ୍ଷକ ସରକାରଙ୍କ ଶିକ୍ଷକ ମାରଣ ନୀତିର ତୀବ୍ର ବିରୋଧ କରିଥିଲେ। ପରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଯଦି ସରକାର ଶିକ୍ଷକମାନଙ୍କ ଦାବି ପୁଣି ଅଣଦେଖା କରନ୍ତି ତେବେ ଚଳିତ ମାସ ୧୫ରୁ ଦାବି ପୂରଣ ହେବା ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷକମାନେ ସମୂହ ଛୁଟିରେ ଯିବା ସହିତ ରାଜ୍ୟସ୍ତରରେ ହେବାକୁ ଥିବା ଶିକ୍ଷକ ଆନ୍ଦୋଳନରେ ସାମିଲ ହେବା ପାଇଁ ଦୃଢ଼ ନିଷ୍ପତ୍ତି ନେଇଛନ୍ତି। ଘେରାଉ ଏବଂ ପ୍ରତିବାଦ ସଭାରେ ସଭାପତି ପୀତବାସ ପ୍ରଧାନ,ସମ୍ପାଦକ ସୁରେଶ ସେଠୀ,ଲକ୍ଷ୍ମୀଧର ସାହୁ, ପ୍ରଣତି ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ଚିତ୍ତ ରଞ୍ଜନ ଦାଶ, ମନ୍ମଥ କିଶୋର ନାୟକ,ସଂଗ୍ରାମ ସାହୁ, ପ୍ରଦୀପ ସାହୁ, ଅଶୋକ ମଲ୍ଲ, ବିଶ୍ୱନାଥ ସାହୁ, ପ୍ରମୁଖ ସହଯୋଗ କରିଥିଲେ।



ଶିକ୍ଷୟିତ୍ରୀ ଶିକ୍ଷକମାନେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

## ସ୍ୱାମୀ, ଶ୍ୱଶୁର, ଶାଶୁଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ

### ରଙ୍ଗଦେଉଳି ବଧୂହତ୍ୟା ମାମଲା

ନୟାଗଡ଼ ଅଫିସ,୧୦।୩

ନୟାଗଡ଼ ଜିଲା ରଣପୁର ଥାନା ରଙ୍ଗଦେଉଳି ସସ୍ମିତା ସାହୁ(୨୬) ନାମ୍ନୀ ଜଣେ ମହିଳାଙ୍କୁ ହତ୍ୟା କରାଯିବା ମାମଲାର ରାୟ ଜିଲା ଦୌରାଜଜଙ୍କ କୋର୍ଟରେ ପ୍ରକାଶ ପାଇଛି। ଜିଲା ଦୌରାଜଜ ରୂପଶ୍ରୀ ଚୌଧୁରୀ ଏହାକୁ ବିଚାର କରି ସ୍ୱାମୀ ଦୀପକ କୁମାର ସାହୁ(୩୭), ଶ୍ୱଶୁର ଗୋଲଖ ସାହୁ(୭୦), ଶାଶୁ ବିଳାସିନୀ ସାହୁ(୫୬)ଙ୍କୁ ୭ବର୍ଷ ସଶ୍ରମ ଜେଲଦଣ୍ଡ ଦଣ୍ଡିତ କରିଛନ୍ତି । ଅନ୍ୟପକ୍ଷେ ୨୪ ହଜାର ଟଙ୍କା ଜରିମାନା, ଜରିମାନା ଅନାଦୟେ ୨ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ଅନୁରୂପ ନିର୍ଦ୍ଦେଶ ରହିଛି ।

ମାମଲାର ବିବରଣୀ ଅନୁଯାୟୀ, ଇଟାମାଟି ଥାନା ନାଗପୁର ଗାଁର ଅଶୋକ ସାହୁଙ୍କ ବଡ ଝିଅ ସସ୍ମିତା ୨୦୨୦ମାର୍ଚ୍ଚ ୩ରେ ରଣପୁର ଥାନା ରଙ୍ଗଦେଉଳି ଗାଁର ଗୋଲଖ ସାହୁଙ୍କ ପୁଅ ଦୀପକଙ୍କୁ ବିବାହ କରିଥିଲେ । ବିବାହ ସମୟରେ ବରପକ୍ଷର ଦାବି ମୁତାବକ ୮୦ ହଜାର ଟଙ୍କା, ସୁନା ଅଳଙ୍କାର, ଘର ଆସବାବପତ୍ର ଘର ଉପକରଣ ଦେଇଥିଲେ। ବିବାହର ୧ମାସ ଠିକ ଠାକ ଚାଲିଥିଲା । ପରେ ଆଉ ଅଧିକ ୩ ଲକ୍ଷ ଯୌତୁକ ପାଇଁ ସସ୍ମିତାଙ୍କ ଉପରେ ଚାପ ପଡିଥିଲା । ସସ୍ମିତା ଅଧିକ ଯୌତୁକ ନେଇ ବାପ ଘରେ କହିବାରୁ ହଁ କରାଯାଇଥିଲା । ସ୍ୱାମୀ ଦୀପକ ସୈନ୍ୟ ବାହିନୀରେ ଚାକିରି କରିଥିବାରୁ ସସ୍ମିତାଙ୍କ ବାପା ରାଜି ହୋଇ ୪ରୁ ୬ମାସ ସମୟ ନେଇଥିଲେ । ତେବେ ଶାଶୁ ଘର ପକ୍ଷରୁ ସ୍ୱାମୀ, ଶାଶୁ ଓ ଶ୍ୱଶୁର ମିଳିତ ହୋଇ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଚାଲିଥିଲେ । ୨୦୨୧ ଏପ୍ରିଲ ୨୧ରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ରଣପୁର ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୬୯/୨୧) ରୁଜୁ କରି ସ୍ୱାମୀ, ଶ୍ୱଶୁର ଓ ଶାଶୁଙ୍କୁ ଗିରଫ କରିଥିଲେ । ପରେ ୩ଜଣ ଜାମିନରେ ଥିଲେ । ଶୁକ୍ରବାର ଜିଲା ଦୌରାଜଜଙ୍କ କୋର୍ଟରେ ୩୦୨ ଓ ୪୦୬ ଦଫାରେ ୩ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରାଯାଇଛି । ତେବେ ୪୯୮(ଏ) ଦଫାରେ ୨ ବର୍ଷ ଜେଲଦଣ୍ଡ ଓ ୨ ହଜାର ଜରିମାନା କରାଯାଇଛି । ଜରିମାନା ଅନାଦେୟ ୬ମାସ ଅଧିକ ଜେଲଦଣ୍ଡ ନିର୍ଦ୍ଦେଶ ରହିଛି । ୩୦୪ (ବି) ଦଫାରେ ୭ ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଜରିମାନା କରାଯାଇଛି । ଜରିମାନା ଅନାଦୟେ ୬ମାସ ଅଧିକ ଜେଲଦଣ୍ଡ ନିର୍ଦ୍ଦେଶ ରହିଛି । ୩୦୬ ଦଫାରେ ୭ ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଜରିମାନା କରାଯାଇଛି । ଜରିମାନା ଅନାଦୟେ ୬ମାସ ଅଧିକ ଜେଲଦଣ୍ଡ ନିର୍ଦ୍ଦେଶ ରହିଛି । ୪ଡିପି ଆକ୍ଟ ଦଫାରେ ୧ ବର୍ଷ ଜେଲଦଣ୍ଡ ଓ ୨ ହଜାର ଜରିମାନା କରାଯାଇଛି । ଜରିମାନା ଅନାଦୟେ ୬ମାସ ଅଧିକ ଜେଲଦଣ୍ଡ ନିର୍ଦ୍ଦେଶ ରହିଛି । ତେବେ ଜେଲଦଣ୍ଡ ଏକକାଳୀନ ପୃଥକ ପୃଥକ ଭାବେ ୭ ବର୍ଷ ଜେଲ, ୨୪ ହଜାର ଜରିମାନା, ଜରିମାନା ଅନାଦୟେ ୨ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ଅନୁରୂପ ନିର୍ଦ୍ଦେଶ ରହିଛି । ସରକାରଙ୍କ ତରଫରୁ ପବ୍ଲିକ ପ୍ରୋସିକ୍ୟୁଟର ବିଷ୍ଣୁ ପ୍ରସନ୍ନ ମହାପାତ୍ର ମାମଲା ପରିଚାଳନା କରିଥିଲେ।

## ଭାଜପା ନେତ୍ରୀଙ୍କ ନାଁରେ ଜାଲ୍ ଫେସ୍‌ବୁକ୍ ଓ ହ୍ୱାଟ୍ସ ଆପ୍ ଆକାଉଣ୍ଟ

ବ୍ରହ୍ମପୁର ଅଫିସ,୧୦।୩

ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ମୀନା ଦ୍ୟାନସାମନ୍ତରାଙ୍କ ସୋସିଆଲ୍ ମିଡିଆରେ ଉପଲବ୍ଧ ପ୍ରୋଫାଇଲ୍ ଫଟୋର ଦୁରୁପଯୋଗ କରି କେହି ଦୁର୍ବୃତ୍ତ ଜାଲ୍ ଫେସବୁକ୍ ଏବଂ ହ୍ୱାଟ୍‌ସ ଆପ୍ ଆକାଉଣ୍ଟ ଖୋଲିଛନ୍ତି। ସେ ଏନେଇ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ ୬/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। କେତେକ ଅନୁଚିତ ବାର୍ତ୍ତା (ମେସେଜ୍) ମଧ୍ୟ ପଠାଯାଇଛି, ଯାହାକି ତାଙ୍କୁ ମାନସିକ ଆଘାତ ଦେବା ସହ ସାମାଜିକ ପ୍ରତିଷ୍ଠା ଉପରେ ଆଞ୍ଚ ଆଣୁଛି। ତେଣୁ ଏଭଳି ବ୍ୟକ୍ତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏତଲା ଦେଇଛନ୍ତି।

## ଯୁବକଙ୍କୁ ହତ୍ୟା ଘଟଣାରେ ୪ ଅଟକ

ଦଶପଲ୍ଲା,୧୦।୩(ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ବୁଗୁଡ଼ାଠାରେ ଗତ ବୁଧବାର ହୋଲି ଖେଳକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ମୃତକ ହେଲେ ସରୋଜ ବିଶି । ବାଙ୍କତଇଲା ଗ୍ରାମର କେତେଜଣ ଯୁବକଙ୍କ ମଧ୍ୟରେ ସରୋଜଙ୍କ କଳହ ହୋଇଥିଲା । ଏହାପରେ ସରୋଜ ଘରକୁ ଆସି ଶୋଇପଡିଥିଲେ । ଘରେ ବି ଅନ୍ୟ କେହି ନ ଥିଲେ । ଏହାର ସୁଯୋଗ ନେଇ କେତେଜଣ ଯୁବକ ଘରେ ପଶି ସରୋଜଙ୍କୁ ମାଡ ମାରି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

## ଦାବି ପୂରଣ ନ ହେଲେ ୧୫ରୁ ସାମୂହିକ ଛୁଟିରେ ଯିବେ ଶିକ୍ଷୟିତ୍ରୀ, ଶିକ୍ଷକ

ରଣପୁର,୧୦।୩ (ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ବ୍ଲକରେ କାର୍ଯ୍ୟରତ ନୂତନ ପେନସନ ଭୁକ୍ତ ଶିକ୍ଷକ ଦାବି ପୂରଣ ନ ହେଲେ ଆସନ୍ତା ୧୫ରୁ ସାମୂହିକ ଛୁଟିରେ ଯିବେ ବୋଲି ଶୁକ୍ରବାର ବ୍ଲକ ଶିକ୍ଷା ଅଧିକାରୀକୁ ଲିଖିତ ଭାବେ ଅବଗତ କରାଯାଇଛି। ନୂତନ ପେନ୍‌ସନ ଭୁକ୍ତ ଶିକ୍ଷକ (ଏନ୍‌ପିଏସ୍) ମିଳିତ ପ୍ରାଥମିକ ଶିକ୍ଷକ ସଂଘ, ପ୍ରାଥମିକ ବିଦ୍ୟାଳୟରେ ଠିକା ନିଯୁକ୍ତି ଉଚ୍ଛେଦ ସହ ସେମାନଙ୍କୁ ତୁରନ୍ତ ନିୟମିତ କରିବା, ସମସ୍ତ ଏନ୍‌ପିଏସ୍ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ୬ ବର୍ଷ ଠିକା କାର୍ଯ୍ୟ କାଳକୁ ମୂଳ ଚାକିରିରେ ଗଣନା କରିବା, ୬ଟି ଇନ୍‌କ୍ରିମେଣ୍ଟ ପ୍ରଦାନ, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ପୁରୁଣା ପେନ୍‌ସନ ପ୍ରଦାନ ଆଦି ଦାବି ଉପସ୍ଥାପନା କରାଯାଇଛି । ଆସନ୍ତା ୧୪ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ନୟାଗଡ଼ ଜିଲା ରଣପୁର ବ୍ଲକ ଏନପିଏସ ଶିକ୍ଷକ ସଂଘ ରାଜ୍ୟ ସଂଘ ଡାକରାରେ ସାମୂହିକ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଛି । ଏ ନେଇ ଶୁକ୍ରବାର ରଣପୁର ଏନ୍‌ପିଏସ୍ ଶିକ୍ଷକ ସଂଘର ସଭାପତି ଅନିଲ କୁମାର ପାଇକରାୟ ଓ ସମ୍ପାଦକ ଜ୍ୟୋତି ରଞ୍ଜନ କରଙ୍କ ନେତୃତ୍ୱରେ ସମସ୍ତ ସଂଘୀୟ କର୍ମକର୍ତ୍ତା, ଶିକ୍ଷୟିତ୍ରୀ ଶିକ୍ଷକମାନେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗଣ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରଣପୁର ଶିକ୍ଷା ଅଧିକାରୀ ବନଲତା ବେହେରାଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି ।



ରଣପୁର ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

## ୬ବର୍ଷ ପରେ ହରିଶ୍ଚନ୍ଦ୍ର ସହାୟତା ମିଳିଲା

ଭାପୁର,୧୦।୩ (ଡି.ଏନ.ଏ.)

ଦିନେ ନୁହେଁ କି ମାସେ ନୁହେଁ , ପ୍ରାୟ ୬ ବର୍ଷ ହେଲା ହରିଶ୍ଚନ୍ଦ୍ର ଯୋଜନାରେ ପ୍ରିୟ ପରିଜନଙ୍କ ଶବ ସଂସ୍କାର ନିମନ୍ତେ ହିତାଧିକାରୀଙ୍କୁ ଟଙ୍କା ମିଳୁ ନ ଥିଲା । ମାତ୍ର ନୟାଗଡ଼ ଜିଲା ଭାପୁର ବ୍ଲକର ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଏବଂ ଭାପୁର ବ୍ଲକ ଅଧୀନ ନିମାଣୀ ପଞ୍ଚାୟତର ସରପଞ୍ଚ ସୁଧାଂଶୁ ଶେଖର ସ୍ୱାଇଁଙ୍କ ହସ୍ତକ୍ଷେପ ପରେ ଏବେ ହିତାଧିକାରୀ ଏହି ଯୋଜନାରେ ସାମିଲ ହେବା ସହ ଟଙ୍କା ପାଇଛନ୍ତି। ରାଜ୍ୟ ସରକାର ଗରିବ ଓ ଅଭାବଗ୍ରସ୍ତ ମୃତବ୍ୟକ୍ତିଙ୍କ ଶବ ସଂସ୍କାର ନିମନ୍ତେ ଏହି ଯୋଜନା ଆରମ୍ଭ କରିଥିଲେ। ତେବେ ଭାପୁର ବ୍ଲକ ଅଧୀନ ନିମାଣି ପଞ୍ଚାୟତରେ ୨୦୧୭ ପଞ୍ଚାୟତ ନିର୍ବାଚନ ପରଠାରୁ ଏହି ଯୋଜନା ସତେ ଯେପରି ବାଟବଣା ହୋଇଯାଇଥିଲା । ମାତ୍ର ସରପଞ୍ଚ ସ୍ୱାଇଁ ଏ ସଂକ୍ରାନ୍ତରେ ଅଭିଯୋଗ ପାଇବା ପରେ ବ୍ଲକ ଉପାଧ୍ୟକ୍ଷ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପାଧ୍ୟକ୍ଷ ବ୍ଲକ ପ୍ରଶାସନ ସହଯୋଗରେ ଯୋଗ୍ୟ ହିତାଧିକାରୀଙ୍କ ନିମନ୍ତେ ଅର୍ଥ ମଞ୍ଜୁର କରିଥିଲେ। ସରପଞ୍ଚ ସ୍ୱାଇଁ ଘରକୁ ଘର ବୁଲି ହିତାଧିକାରୀଙ୍କୁ ଏହି ଅର୍ଥ ପ୍ରଦାନ କରିଛନ୍ତି। ନିମାଣୀ ଗ୍ରାମର ସଜନୀ ମାଝି , ରଘୁନାଥ ମାଝି , ଅରଖପଲ୍ଲୀ ଗ୍ରାମର ମଧୁ ବାରିକ , କୁମର ପ୍ରଧାନ , ନିମାଣୀ ଗ୍ରାମର ଲତା ସେଠ , ଅରଖପଲ୍ଲୀର ମାଳିଆ ପରିଡା ,କାଳିକାପ୍ରସାଦ ଗ୍ରାମର ଭାବ ବେହେରା, ମଧୁସୂଦନ ସ୍ୱାଇଁ , ଭରତ ସ୍ୱାଇଁ , ହଜାରୀ ବିଶ୍ୱାଳ ,ନଟବର ନାୟକ , ହାଡି ବେହେରା ,ଇନ୍ଦୁମତୀ ମାଝି , ବେଲ ବାରିକ, ଗୌରୀ ରାଉତ ନିମାଣୀ ଓ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କ ପରିବାର ସଦସ୍ୟଙ୍କୁ ସେହି ଅର୍ଥ ପ୍ରଦାନ କରାଯାଇଛି । ଏନେଇ ସରପଞ୍ଚ ସ୍ୱାଇଁ କୁହନ୍ତି, ମୋ ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନା ଆରମ୍ଭ ହେବା ଦିନଠାରୁ କେହି ଉପକୃତ ହୋଇ ପାରି ନ ଥିଲେ। ମୋର କର୍ତ୍ତବ୍ୟ ରହିବ ସରକାରଙ୍କ ଗାଇଡ୍ ଲାଇନ ଅନୁସାରେ ନିହାତି ଗରିବ ଅସହାୟମାନଙ୍କ ପାଖରେ ସମସ୍ତ ଯୋଜନା କିପରି ଠିକ୍‌ରେ ପହଞ୍ଚି ପାରିବ । ଏନେଇ ଉପାଧ୍ୟକ୍ଷ ପ୍ରଧାନ କହିଛନ୍ତି, ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନା କେହି ପାଇ ନ ଥିବାରୁ ସବୁବେଳେ ଏହାକୁ ନେଇ ବିବାଦ ରହିଥିଲା। ସ୍ୱାଇଁ ସରପଞ୍ଚ ଦାୟିତ୍ୱ ନେବା ପରେ ସେ ନେଇ ବାରମ୍ବାର ଅଭିଯୋଗ କରିଥିଲେ। ଭାପୁର ବ୍ଲକରେ ସମସ୍ତ ପଞ୍ଚାୟତରେ ଏହି ଯୋଜନା ଠିକରେ ପହଞ୍ଚିବା ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ।



ଜଣେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଉଛି ।

## ଖସିଲା ଶେୟାର ବଜାର

ନୂଆଦିଲ୍ଲୀ:କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଶୁକ୍ରବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୬୭୧ (୬୭୧.୧୫) ପଏଣ୍ଟ ହ୍ରାସ ଘଟି ୫୯,୧୩୫(୫୯,୧୩୫.୧୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୭୭ (୧୭୬.୭୦) ପଏଣ୍ଟ ଖସି ୧୭,୪୧୩ (୧୭,୪୧୨.୯୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଧାର୍ଯ୍ୟଲକ୍ଷ୍ୟ ପୂରଣରେ ବ୍ୟାଙ୍କଗୁଡ଼ିକର ଉତ୍ତମ ପ୍ରଦର୍ଶନ

ଭୁବନେଶ୍ୱର,୧୦।୩

ରାଜ୍ୟର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ବ୍ୟାଙ୍କଗୁଡ଼ିକ ସବୁ କ୍ଷେତ୍ରକୁ ଋଣ ପ୍ରଦାନ କରିବା ପାଇଁ ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁତ୍ୱାରୋପ କରିଛନ୍ତି। ଶୁକ୍ରବାର ସ୍ଥାନୀୟ ଲୋକସେବା ଭବନରେ ଆୟୋଜିତ ୧୭୦ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍ଏଲ୍‌ବିସି) ବୈଠକରେ ଗର୍ଗ ବାର୍ଷିକ ଋଣ ଯୋଜନା, ନଗଦ ଜମା ଅନୁପାତ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଆର୍ଥିକ ସାକ୍ଷରତା, ବ୍ୟାଙ୍କିଙ୍ଗ୍ ଭିତ୍ତିଭୂମି, କୃଷି, ଏମ୍ଏସ୍ଏମ୍ଇ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ଙ୍କୁ ଋଣ ପ୍ରଦାନ ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ । ସେହିଭଳି ଓଡ଼ିଶା ୭୮.୮୧% ନଗଦ ଜମା ହାସଲକରି ଏକ ସୁସ୍ଥ ଅନୁପାତ ବଜାୟ ରଖିପାରିଛି। ନଗଦ ଜମା ଅନୁପାତ ପ୍ରତ୍ୟେକ ବ୍ୟାଙ୍କ ପାଇଁ ମୁଖ୍ୟ ସୂଚକ ହୋଇଥିବାବେଳେ ରାଜ୍ୟରେ ପ୍ରତି ବ୍ୟାଙ୍କର ନଗଦ ଜମା ଅନୁପାତରେ ଉଲ୍ଲେଖନୀୟ ଉନ୍ନତି ହୋଇଛି। ବିଶେଷକରି ୨୦୨୨ ଡିସେମ୍ବର ଶେଷ ସୁଦ୍ଧା ବାର୍ଷିକ ଋଣ ଯୋଜନାରେ ୧,୩୪,୬୬୪.୮୭ କୋଟି ଟଙ୍କାର ଋଣ ପ୍ରଦାନର ଲକ୍ଷ୍ୟ ରଖାଯାଇଥିବାବେଳେ ବ୍ୟାଙ୍କଗୁଡ଼ିକ ଦ୍ୱାରା ୯୭,୪୦୭.୮୫ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି, ଯାହା ଧାର୍ଯ୍ୟଲକ୍ଷ୍ୟର ୭୨.୩୩% ବୋଲି କୁହାଯାଉଛି। ସେହିପରି କୃଷି ଋଣ କ୍ଷେତ୍ରରେ ୭୮.୨୮%, ଏମ୍ଏସ୍ଏମ୍ଇ ୭୭.୨୮% ଏବଂ ଏସ୍ଏଚ୍‌ଜି ୯୦% ହାସଲ ହୋଇପାରିଥିବା ବିସ୍ତୃତ ଆଲୋଚନାରୁ ଜଣାପଡ଼ିଛି। ସେହିଭଳି ୨୦୨୨ ଡିସେମ୍ବର ସୁଦ୍ଧା ନଗଦ ଜମା ଅନୁପାତ ଏବଂ ବାର୍ଷିକ ଋଣ ଯୋଜନା କ୍ଷେତ୍ରରେ ବ୍ୟାଙ୍କଗୁଡିକର ଉତ୍ତମ ପ୍ରଦର୍ଶନ ପାଇଁ ଉନ୍ନୟନ କମିଶନର ସନ୍ତୋଷବ୍ୟକ୍ତ କରିଥିବା ବେଳେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଏସ୍ଏଲବିସି ଅଧ୍ୟକ୍ଷ ଇସାକ୍ ଅଲ୍ଲୀ ଖାନ ସମସ୍ତ ବ୍ୟାଙ୍କକୁ ଶୁଭେଚ୍ଛା ଜଣାଇଥିଲେ। ଏପରିକି ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଚଳିତ ବର୍ଷ ମାର୍ଚ୍ଚ ୩୧ ଶେଷ ସୁଦ୍ଧା ବ୍ୟାଙ୍କଗୁଡ଼ିକ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥଲେ। ଅପରପକ୍ଷରେ ଆର୍‌ବିଆଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର ଶର୍ମା, ଆର୍‌ବିଆଇ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଏଚ୍.ଏନ୍. ପଣ୍ଡା, ଏସ୍‌ବିଆଇ ସିଜିଏମ୍ ଚନ୍ଦ୍ରଶେଖର ଶର୍ମା ଏବଂ ୟୁକୋ ବ୍ୟାଙ୍କର ସାଧାରଣ ପରିଚାଳକ ତଥା ଏସ୍ଏଲ୍‌ବିସି ଆବାହକ ଗୌତମ ପାତ୍ରଙ୍କ ସମେତ ରାଜ୍ୟର ବିଭିନ୍ନ ବ୍ୟାଙ୍କର ପ୍ରତିନିଧି ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉକ୍ତ ବୈଠକରେ ଯୋଗଦେଇଥିଲେ ।




# ଟିପିସିଓଡିଏଲ୍ ପକ୍ଷରୁ ଲାଇନମ୍ୟାନ୍ ଦିବସ

ଭୁବନେଶ୍ୱର,୧୦।୩

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ନିକଟରେ ଲାଇନମ୍ୟାନ୍ ଦିବସ ପାଳିତ ହୋଇଯାଇଛି। ବିଶେଷକରି ଲାଇନମ୍ୟାନ୍‌ମାନଙ୍କ ଗୁରୁତ୍ୱ ଏବଂ ସେମାନଙ୍କ କଠିନ ପରିଶ୍ରମକୁ ସ୍ୱୀକୃତି ପ୍ରଦାନ କରିବା ଏବଂ ପ୍ରଶଂସା କରିବା ଲାଗି ଟିପିସିଓଡିଏଲ୍‌ର ସମସ୍ତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ, ସମସ୍ତ ସର୍କଲ୍ କାର୍ଯ୍ୟାଳୟ ଓ ୨୦ ଡିଭିଜନାଲ କାର୍ଯ୍ୟ କ୍ଷେତ୍ରରେ (ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ପ୍ଲାଟ୍‌ଫର୍ମରେ) ଏହାର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଗୁଡ଼ିକରେ ୧୫,୦୦୦ରୁ ଅଧିକ କର୍ମଚାରୀଙ୍କ ସମେତ ବ୍ୟବସାୟ ସହଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷର ଶ୍ରେଷ୍ଠ ଲାଇନମ୍ୟାନ୍‌ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଟିପିସିଓଡିଏଲ୍‌ର ସିଇଓ ଏମ୍.ସେନ୍‌ବାଗମ କହିଛନ୍ତି, ପ୍ରତିକୂଳ ପରିସ୍ଥିତି ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲାଇନମ୍ୟାନ୍‌ମାନଙ୍କର କାର୍ଯ୍ୟ ବେଶ୍ ଆହ୍ୱାନପୂର୍ଣ୍ଣ ହୋଇଥାଏ।


CLASSIFIED DISPLAY
ALL EDITION - BW (Everyday)
MORE SPACE ' SAME PRICE

SSI 10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ରାଉରକେଲାରେ ଟ୍ରେଣ୍ଡ୍‌ସର ନୂଆ ଷ୍ଟୋର

ଭୁବନେଶ୍ୱର,୧୦।୩

ରିଲାଏନ୍ସ ରିଟେଲ୍‌ର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ ଟ୍ରେଣ୍ଡ୍‌ସର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋର ଓଡ଼ିଶା ବଜାରରେ ଶୁଭାରମ୍ଭ କରାଯାଇଛି। ଏପରିକି ରାଉରକେଲା ସହର ନିକଟସ୍ଥ ଫୁଟୋନ ମଲ୍‌ଠାରେ ଉକ୍ତ ଷ୍ଟୋର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ୭୦୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ଉକ୍ତ ଷ୍ଟୋରରେ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ସହ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟର ବ୍ୟାପକ ସମ୍ଭାର ଉପଲବ୍ଧ। ଯେପରିକି ୩୯୯୯ ଟଙ୍କାର କିଣାକିଣି କରନ୍ତୁ ଏବଂ ମାତ୍ର ୨୪୯ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଆନ୍ତୁ। କେବଳ ସେତିକି ନୁହେଁ, ୩୯୯୯ଟଙ୍କାର କିଣାକିଣି ଉପରେ ଗ୍ରାହକମାନେ ୨୦୦୦ଟଙ୍କା ମୂଲ୍ୟର କୁପନ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ସେହିଭଳି ସ୍ଥାନୀୟ ଗ୍ରାହକମାନଙ୍କ ପାଇଁ ଉଚ୍ଚମାନର ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜର ବ୍ୟାପକ ସମ୍ଭାର ସହ ସୁଲଭ ମୂଲ୍ୟ ଉକ୍ତ ଷ୍ଟୋରକୁ ଅଧିକ ଆକର୍ଷଣୀୟ କରି ତୋଳିଛି। ଏପରିକି ସହର ତଥା ସହର ନିକଟବର୍ତ୍ତୀ ଅଞ୍ଚଳର ଗ୍ରାହକମାନେ ବର୍ତ୍ତମାନ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍‌ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଅତି ସ୍ୱତନ୍ତ୍ର ମୂଲ୍ୟରେ ପାଇପାରିବେ।

ଉଲ୍ଲେଖଯୋଗ୍ୟ, ରାଉରକେଲା ସହରରେ ଟ୍ରେଣ୍ଡ୍‌ସର ଏହା ୩ୟ ଷ୍ଟୋର ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଟ୍ରେଣ୍ଡ୍‌ସ ବାସ୍ତବରେ ଭାରତର ଫ୍ୟାଶନ କ୍ଷେତ୍ରକୁ ଲୋକାଭିମୁଖୀ କରି ଫ୍ୟାଶନରେ ଗଣତନ୍ତ୍ରର ବିକାଶ କରିଛି।




# ବେଦାନ୍ତ ପକ୍ଷରୁ 'ସର୍ଟିଂ ହାର୍ଡ ହାଟ୍' ଅଭିଯାନ

ଭୁବନେଶ୍ୱର,୧୦।୩



ବଦାନ୍ତ ଆଲୁମିନିୟମ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ଇନ୍‌ଷ୍ଟାଗ୍ରାମ ଜରିଆରେ ଏକ ଅଭିନବ ଅଭିଯାନ 'ସର୍ଟିଂ ହାର୍ଡ ହାଟ୍' ନାମକ ଏକ ଅଗ୍‌ମେଣ୍ଟ ରିଅଲିଟି ଲିଡ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ବିଶେଷକରି ଉତ୍ପାଦନ ଉଦ୍ୟୋଗ କ୍ଷେତ୍ରରେ ମହିଳା ବୃତ୍ତିଧାରୀଙ୍କୁ ଉତ୍ସାହିତ କରିବା ଲାଗି ଏଭଳି ଏକ ଅଭିଯାନର ଅୟମାରମ୍ଭ କରାଯାଇଛି। ଏପରିକି ବିଭିନ୍ନ କ୍ଷେତ୍ରରେ ଲିଙ୍ଗଗତ ସମାନତା ଉପରେ ମଧ୍ୟ ଏହା ବିଶେଷ ଗୁରୁତ୍ୱ ପ୍ରଦାନ କରୁଛି। ସେହିଭଳି ଧାତୁ ଓ ଭାରି ଇଞ୍ଜିନିୟରିଂ କ୍ଷେତ୍ରରେ ପୁରୁଷ-ମହିଳା ନିଯୁକ୍ତି ମଧ୍ୟରେ ଏକ ବଡ଼ ପାର୍ଥକ୍ୟ ଦେଖାଦେଇଛି। ଉକ୍ତ ଅଭିଯାନ ଜରିଆରେ ବେଦାନ୍ତର ଆଭିମୁଖ୍ୟ ଉକ୍ତ ତାରତମ୍ୟକୁ ଦୂରକରିବା ପାଇଁ ପ୍ରୟାସ କରୁଛି।

ସେହିପରି ମହିଳା ବୃତ୍ତିଜୀବୀ ତଥା ଛାତ୍ରୀମାନଙ୍କୁ ଉତ୍ପାଦନ ଉଦ୍ୟୋଗରେ ଏକ ବୃତ୍ତିଗତ ବିଷୟ ଉପରେ ବିଚାର କରିବାକୁ ଅନୁରୋଧ କରାଯାଇଥିଲା। ଏହି ଅଭିଯାନ ପ୍ରକୃତରେ ଚଳିତ ବର୍ଷର ମହିଳା ଦିବସ ଥିମ୍, ଡିଜିଟାଲ-ଇନୋଭେଶନ ଆଣ୍ଡ ଟେକ୍ନୋଲୋଜି ଫର୍ ଜେଣ୍ଡର ଇକ୍ୟୁଟିକୁ ସ୍ଥାନିତ କରିଛି। ଅପରପକ୍ଷରେ ଉତ୍ପାଦନ, ଭାରି ଇଞ୍ଜିନିୟରିଂ ଓ ଧାତୁ ଶିଳ୍ପଗୁଡ଼ିକ ଭାରତର ମେରୁଦଣ୍ଡ ହେବ ଓ ବିଶ୍ୱର ଉତ୍ପାଦନ ହବ୍ ହେବାକୁ ଭାରତ ଆଶା ପୋଷଣ କରେ। ଏଥିରେ ସବୁଜ ଉତ୍ପାଦନ ଓ ସେବା ସୁଯୋଗ ସୃଷ୍ଟି ସହିତ ଏହି କ୍ଷେତ୍ର ସମସ୍ତଙ୍କ ପାଇଁ ଆକର୍ଷଣୀୟ ହେବ। ଏହି ଶିଳ୍ପରେ ଅପାର କ୍ୟାରିୟର ସୁଯୋଗ ସାଙ୍ଗକୁ ଉନ୍ନତ ସ୍ୱୟଂଚାଳିତ, ସ୍ମାର୍ଟ ଉତ୍ପାଦନ, ରୋବୋଟିକ୍ସ ଓ ଅନ୍ୟାନ୍ୟ ବ୍ୟାପକ ନିଯୋଜନ ସୁଯୋଗ ସୃଷ୍ଟି ହେବ।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ ବ୍ୟବସାୟ) ରାହୁଲ ଶର୍ମା କହିଛନ୍ତି, ଆଗାମୀ ଦଶନ୍ଧି ଧାତୁ ଉପରେ ବିଶେଷ ନିର୍ଭର କରିବ। ଏଥିରେ ମାନବ ପୁଞ୍ଜିର ସର୍ବୋତ୍ତମ ଉପଯୋଗ ଲାଗି ଧାତୁ ଓ ଖଣି ଶିଳ୍ପ ଆବଶ୍ୟକ ହେବ। ଏକ ଉତ୍ତମ ଆସନ୍ତାକାଲି ପାଇଁ ଅଭିନବ ଉତ୍ପାଦ, ବୃତ୍ତାନ୍ତ ସ୍ତରୀୟ ପ୍ରୟୋଗ ଓ ସ୍ଥାୟୀ ସମାଧାନ ପନ୍ଥା ଆବଶ୍ୟକ ରହିଛି। ଭାରତ ବିଶ୍ୱ ପାଇଁ ଏକ ମୂଲ୍ୟଯୁକ୍ତ ହବ୍ ଭାବେ ଉଭା ହେବା ସହ ଉତ୍ପାଦନ କ୍ଷେତ୍ରରେ ମହିଳା ବୃତ୍ତିଧାରୀଙ୍କ ଲାଗି ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ହେବ।

# ଆଇଟିସି ସହ ଆକ୍ସିସ୍ ବ୍ୟାଙ୍କର ସହବନ୍ଧନ

ନୂଆଦିଲ୍ଲୀ,୧୦।୩

ଆକ୍ସିସ୍ ବ୍ୟାଙ୍କ ଏବଂ ଆଇଟିସି ଲିମିଟେଡ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ସହଯୋଗିତା ସ୍ଥାପନ ହୋଇଥିବା ଜଣାପଡ଼ିଛି। ଏପରିକି ଦେଶର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଚାଷୀଙ୍କ ପାଖରେ ଠିକ୍ ଭାବେ ବ୍ୟାଙ୍କ ସେବା ପହଞ୍ଚି ପାରୁନାହିଁ କିମ୍ବା ଆଦୌ ପହଞ୍ଚି ନାହିଁ। ସେମାନଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ଲାଗି ଆକ୍ସିସ୍ ବ୍ୟାଙ୍କକୁ ଏହି ସହଯୋଗିତା ସକ୍ଷମ କରିବ। ସେହିଭଳି ଚାଷୀମାନଙ୍କ ପାଖରେ ପହଞ୍ଚିବା ଓ ସେମାନଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ଲାଗି ଆକ୍ସିସ୍ ବ୍ୟାଙ୍କ ଏଗ୍ରି-ଟେକ୍ ଆପ୍ଲିକେସନ ଆଇଟିସି ମେଟା ମାର୍କେଟ ଫର୍ ଆଡଭାନ୍ସଡ୍ ଏଗ୍ରିକଲ୍‌ଚରାଲ ରୁରାଲ୍ ସର୍ଭିସେସ୍ (ଆଇଟିସି ଏମ୍ଏଆର୍ଏସ୍)କୁ ବ୍ୟବହାର କରିବ। ଭାରତର ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳର ୬୫୬ ଜିଲାରେ ଥିବା ଶାଖା ଜରିଆରେ ମଧ୍ୟ ବ୍ୟାଙ୍କ ପକ୍ଷରୁ ଚାଷୀମାନଙ୍କୁ ଉତ୍ପାଦ ଓ ସେବା ପ୍ରଦାନ କରାଯିବ। ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ଏକ୍ଜିକ୍ୟୁଟିଭ୍ ଓ ହେଡ୍-ଭାରତ ବ୍ୟାଙ୍କିଙ୍ଗ୍ ମୁନୀସ ଶାରଦା କହିଛନ୍ତି, ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ ରହୁଥିବା ସବୁ ବର୍ଗର ଗ୍ରାହକଙ୍କ ପାଖରେ ଯେଭଳି ସହଜରେ ଋଣ ସୁବିଧା ଓ ବ୍ୟାଙ୍କିଙ୍ଗ୍ ସମାଧାନ ପହଞ୍ଚିପାରିବ ତାହା ନିଶ୍ଚିତ କରିବା ଲାଗି ଆମେ ଆକ୍ସିସ୍ ବ୍ୟାଙ୍କରେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛୁ। ଦୁର୍ଗମ ଅଞ୍ଚଳରେ ପହଞ୍ଚିବା ଓ ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ଅନୁଭୂତି ପ୍ରଦାନ କରିବା ଲାଗି ଆମର ରହିଥିବା ଭାରତ ବ୍ୟାଙ୍କିଙ୍ଗ୍ ମିଶନ ଅନୁସାରେ ଏହି ସହଯୋଗିତା ସ୍ଥାପନ କରାଯାଇଛି। ନିୟୁତାଧିକ ଗ୍ରାହକଙ୍କ ସହ ଆଇଟିସି ଏମ୍ଏଆର୍ଏସ୍ ଦୃଢ଼ ସମ୍ପର୍କକୁ ନେଇ ଆମର ବିଶ୍ୱାସ ରହିଛି ଯେ ଆମେ ଏହି ବର୍ଗର ଲୋକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବୁ। ସେହିଭଳି ଆଇଟିସି ଲିମିଟେଡ୍‌ର ଡିଭିଜନାଲ ଚିଫ୍ ଏକ୍ଜିକ୍ୟୁଟିଭ୍-ଏଗ୍ରି ବିଜ୍‌ନେସ୍ ଡିଭିଜନ୍ ରଜନୀକାନ୍ତ ରାଏ କହିଛନ୍ତି, ୪ ନିୟୁତରୁ ଅଧିକ ଚାଷୀଙ୍କୁ ଯୋଡୁଥିବା ଆଇଟିସିର ଇ-ଚୌପାଲ ବ୍ୟବସ୍ଥାକୁ ନେଇ ବିଗତ କିଛି ବର୍ଷରେ ଚାଷୀମାନଙ୍କ ଜୀବନକୁ ରୂପାନ୍ତରିତ କରିବା ଲାଗି ଆଇଟିସି ବିବିଧ-ଦିଗ ପଦକ୍ଷେପର ନେତୃତ୍ୱ ନେଉଛି।


# Classified Everyday
0674-2580101, 2549949



REAL ESTATE

SALE

**2BHK and 3BHK few flats for sale at Kalinga Vihar near Tata Ariana. Contact: 9437309741.** D-2952

Mega Duplex at project Retang Medical, Station, near CV Raman Tamando, Bhubaneswar. 7008459987. D-74825

ଭୁବନେଶ୍ୱର ହଂସପାଳ ଛକରୁ **8K.M.** ମଧ୍ୟରେ **Sudhananda School front** ଭିଙ୍ଗାରପୁରଠାରେ **boundary, road,** ଇଲେକ୍ଟ୍ରିସିଟି ଥାଇ **sqft.-550/-**ରେ ତୁରନ୍ତ **registration** କରନ୍ତୁ। **9114121344.** D-74831

3BHK Duplex small Colony gated community, few left Bhubaneswar. 8984377180. D-74522

ଭୁବନେଶ୍ୱର-ପୁରୀ **Bypass** ସାଇ ମନ୍ଦିର **NH side,** ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ **30ft.** ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। **6372894441.** D-74829

Buy/Sale Property- 8984071303. Luxurious 4BHK Duplex at Jharpada @1.5crore and Nandankanan @ 89lakh. Residential Land at Gabasta- 600, Brahamanajharilo- 950, Dhamilo-1000, Kuranga waterpark- 1050, Chandaka- 1100, Trinath Bazar-1150, Aiims-1200, Mancheswar- 1400, Jagannathpur- 1500, Hanspal-2300, Pahala-2900. D-2962

Gharabari boundary plot sale back side AMRI Hospital (Khandagiri). 7008492511. D-2968

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74523

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପାଖରୁ 7K.M. ଦୂର ରଙ୍ଗବଜାର ପାଖରେ finance ସହିତ ପ୍ଲଟ୍ ମିଳୁଛି। 8093465134, 9668194157. D-74827

**Bhubaneswar Gita/ Gandhi College/ Cultural University** ପାଖରେ ଥିବା **BDA Housing project** କୁ ଲାଗି **sqft.-650/- plot** କିଣନ୍ତୁ। **9348767829, 9040317195.** D-74814

Duplex sale at Bhubaneswar @ 50 lakhs only. Contact: 9777433701. D-74828

Bhubaneswar-Khurda ମଧ୍ୟରେ Pitapali Chhakaରେ sthitiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

**ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434.** D-74824



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd., 9439856856.** D-2931

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Construct your home @ 850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74826




Three BHK 4th Floor, Subhashree Complex near Bomikhal Puja Mandap, family only. Contact: 7008944113. D-2959




**Relax, Refresh your Body, Mind at Saikrupa Spa with best therapies. 8984068077.** D-2932

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

Newly open health benefits SPA special offer@999Nayapalli. 7846814019. D-73693

**All type of body massage by expert lady therapist. 7008773793.** D-73690

All types body massage with hiprofile smart lady, room services available. 9937833100. D-71366

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74652




ଘରେ ବାସ୍ତୁଦୋଷ ଥିବାପରି ମନେ ହେଉଛି କି? ବିଳମ୍ବ ନ କରି ତୁରନ୍ତ ଯୋଗାଯୋଗ ''ବାସ୍ତୁ ସମାଧାନ'' Odisha. 7978736177. D-74305

AFFIDAVIT

I Riya Kishorekumar Mandal, D/o, Kishore Kumar Mandal, R/o Flat No-408, Vinayak Tower, Laxmisagar, Bhubaneswar have changed my name to Riya Mandal for all purposes. D-2969

LEGAL NOTICE

ମୁଁ ଶ୍ରୀ ସୁମିତ କୁମାର ସାହୁ, ପିତା- ନବ କୁମାର ସାହୁ, ୱାର୍ଡ ନଂ.-୫, ଲାଲ୍ ବଜାର, ବାରିପଦା, ମୟୂରଭଞ୍ଜ। ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛି କି ବାରିପଦା ତହସିଲ ଅଧୀନ ଯମୁନାଦେଇପୁର ମୌଜାର ଖାତା ନଂ.- ୧୯୧/୧୨୧୩, ପ୍ଲଟ୍ ନଂ.-୭୧/୨୭୦୩, ବଳରାମ ସାହୁ, ପିତା- ଗଣେଶ ସାହୁ, ଜାତି- କୁବେଇ ୱାର୍ଡ ନଂ.-୩, ଥାନା- ବାରିପଦା ଟାଉନ୍, ଭାରତୀ ବିନ୍ଧାଣୀ, ପିତା- ସନାତନ ବିନ୍ଧାଣୀ, ଜାତି- କମାର, ଶଙ୍ଖପଟା, ଥାନା- ବାରିପଦା ଟାଉନ ନାମେ ପଟ୍ଟା ଦାଏର ଅଛି। ଉକ୍ତ ଜମି ବର୍ତ୍ତମାନ ବାରିପଦା ସିନିୟର ସିଭିଲ ଜଜ୍‌ଙ୍କ କୋର୍ଟରେ ମକଦ୍ଦମା ଚାଲୁଅଛି। ଏଣୁ ଯଦି କୌଣସି ବ୍ୟକ୍ତି ଉକ୍ତ ଜମିକୁ କ୍ରୟ କରନ୍ତି ତେବେ ସେଥିପାଇଁ ଭବିଷ୍ୟତରେ ସେ ନିଜେ ଦାୟୀ ରହିବେ।

ସୁମିତ କୁମାର ସାହୁ
ଧ-୨୯୬୭

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

୮ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଡକ୍ଟର ସ୍ମିତା ଆଚାର୍ଯ୍ୟ ରୋଜି
ପିତା- ଶ୍ରୀ ଧନେଶ୍ୱର ଆଚାର୍ଯ୍ୟ
ପ୍ଲଟ୍ ନଂ.- ୨୯୦୧, ଶୁଭମ୍, ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର
ତିରୋଧାନ- ଚୈତ୍ର କୃଷ୍ଣପକ୍ଷ ଚତୁର୍ଥୀ (ତା ୧୦।୦୩।୨୦୧୫)
"ମାଟି ଦେହ ସିନା ଶ୍ମଶାନ ଗ୍ରାସିଛି ମାତ୍ର ଯଶୋଦେହେ ତୁମେ ଆୟୁଷ୍ମତୀ।"
ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ: ବାପା, ବୋଉ, ଭାଇ-ଭାଉଜ, ଭଉଣୀ ଓ ଭଉଣୀ ଝ୍ୱାଇଁ, ଝିଆରୀ-ପୁତୁରା ଓ ବନ୍ଧୁବର୍ଗ।
ଧ-୭୩୭୫୦

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



ମହିଳା ସଂରକ୍ଷଣ ବିଲ୍ ପାରିତ କରିବା ଦାବିରେ ଶୁକ୍ରବାର ନୂଆଦିଲ୍ଲୀର ଯନ୍ତରମନ୍ତରରେ ଧାରଣାରତ ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍) ନେତ୍ରୀ କେ. କବିତା। ନିକଟରେ ଉଦ୍‌ବୋଧନ ଦେଉଛନ୍ତି ମାର୍କ୍ସବାଦୀ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ।

# ନାଗାଲାଣ୍ଡ ବିଧାନସଭା ବିରୋଧୀ ଶୂନ୍ୟ

ଗୁଆହାଟୀ, ୧୦।୩

ନାଗାଲାଣ୍ଡ ବିଧାନସଭା ଦ୍ୱିତୀୟ ଥର ପାଇଁ ବିରୋଧୀ ଦଳ ଶୂନ୍ୟ ହୋଇଛି। ଶରଦ ପାୱାରଙ୍କ ଏନ୍‌ସିପି ସମେତ ରାଜ୍ୟର ସମସ୍ତ ରାଜନୈତିକ ଦଳ ମୁଖ୍ୟମନ୍ତ୍ରୀ ନେଫିଉ ରିଓଙ୍କୁ ସମର୍ଥନ ଜଣାଇଛନ୍ତି। ସେମାନଙ୍କୁ ସରକାରରେ ସାମିଲ କରାଯିବ କିମ୍ବା ଏହାକୁ ବାହ୍ୟ ସମର୍ଥନ ବିବେଚନା କରାଯିବ ତାହା ସ୍ପଷ୍ଟ ହୋଇନାହିଁ। ଏନ୍‌ଡିପିପି-ଭାଜପା ମେଣ୍ଟ ବୈଠକରେ ଏନେଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ନାଗାଲାଣ୍ଡ ଉପମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ୱାଇ. ପାଟନ୍ କହିଛନ୍ତି। ୨୦୨୧ରେ ମଧ୍ୟ ନାଗାଲାଣ୍ଡ ବିଧାନସଭା ବିରୋଧୀ ଶୂନ୍ୟ ହୋଇଥିଲା। ଫଳରେ ଏନ୍‌ଡିପିପି-ଭାଜପାର ପିପୁଲ୍ସ ଡେମୋକ୍ରାଟିକ୍ ମେଣ୍ଟ ସରକାରକୁ ସଂଯୁକ୍ତ ଗଣତାନ୍ତ୍ରିକ ମେଣ୍ଟ ଭାବେ ନାମିତ କରାଯାଇ ସର୍ବଦଳୀୟ ସରକାର ଦ୍ୱାରା ଶାସନ ଚାଲିଥିଲା। ସେତେବେଳେ ଏନ୍‌ପିଏଫ୍‌ର


ନେଫିଉ ରିଓ

୨୬ ବିଧାୟକଙ୍କ ସମେତ ଜଣେ ସ୍ୱାଧୀନ ବିଧାୟକ ସରକାରରେ ଯୋଗଦେଇଥିଲେ।

ଏଥର ମଧ୍ୟ ସମସ୍ତ ଦଳ ସରକାରଙ୍କୁ ସମର୍ଥନ ଜଣାଇବାକୁ ନିଷ୍ପତ୍ତି ନେଇଛନ୍ତି। ୬୦ ଆସନ ବିଶିଷ୍ଟ ନାଗାଲାଣ୍ଡ ବିଧାନସଭାରେ ଏନ୍‌ଡିପିପି-ଭାଜପା ମେଣ୍ଟକୁ ୩୭ ଆସନ ମିଳିଛି। ଏହା ବ୍ୟତୀତ ଅନ୍ୟ ବିଧାୟକମାନେ ବାହାରୁ ସରକାରଙ୍କୁ ସମର୍ଥନ ଘୋଷଣା କରିଥିବାରୁ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ। ତେବେ ୩୭ ଆସନରେ ଆମେ ଠିକ୍ ଅଛୁ ବୋଲି ପାଟନ୍ କହିଛନ୍ତି। ନାଗାଲାଣ୍ଡ ନିର୍ବାଚନରେ ୮ଟି ଦଳ ଆସନ ଜିତିଛନ୍ତି। ଶରଦ ପାୱାରଙ୍କ ଏନ୍‌ସିପି ୭ ଆସନ ଜିତି ତୃତୀୟ ସ୍ଥାନରେ ଥିବାବେଳେ ଏହା ରିଓ ସରକାରଙ୍କୁ ସମର୍ଥନ ଘୋଷଣା କରିଛି। ସେହିପରି ଏନ୍‌ପିପିର ୩ ବିଧାୟକ, ଲୋକ ଜନଶକ୍ତି ପାର୍ଟି- ରାମ ବିଳାସ ଏବଂ ରାମଦାସ ଅଠାୱାଲେଙ୍କ ନେତୃତ୍ୱାଧୀନ ରିପବ୍ଲିକାନ ପାର୍ଟି ଅଫ୍ ଇଣ୍ଡିଆର ୨ ଜଣ ଲେଖାଏଁ ବିଧାୟକ ସରକାରଙ୍କ ସମର୍ଥନ ଜଣାଇଛନ୍ତି। ଏପରି କି ଜେଡିୟୁର ଏକମାତ୍ର ବିଧାୟକ ମଧ୍ୟ ରିଓ ସରକାରଙ୍କୁ ସମର୍ଥନ ଦେବେ ବୋଲି କହିଛନ୍ତି। ଉତ୍ତର-ପୂର୍ବାଞ୍ଚଳର ସମସ୍ତ ଦଳ ଶେଷରେ ଦେଶର ସର୍ବୋଚ୍ଚ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମର୍ଥନ ଜଣାଇବେ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି।

ନବ ଦାସ ହତ୍ୟା ଘଟଣା

# ୨ ନେତ୍ରୀଙ୍କ ମଧ୍ୟରେ ଟୁଇଟ୍ ଯୁଦ୍ଧ

ଭୁବନେଶ୍ୱର, ୧୦।୩(ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ନବକିଶୋର ଦାସଙ୍କ ମୃତ୍ୟୁ ପରେ ଓଡ଼ିଶା ଭାଜପାର କେତେଜଣ ନେତା ତାଙ୍କୁ ନିନ୍ଦିତ କରିବାକୁ ଉଦ୍ୟମ କରୁଛନ୍ତି। ଏହା ଆମ ହିନ୍ଦୁ ପରମ୍ପରା ଓ ଓଡ଼ିଆ ସଂସ୍କୃତିରେ ଆଦୌ ଗ୍ରହଣୀୟ ନୁହେଁ। ତେଣୁ ରାଜନେତିକ ଉଦ୍ଦେଶ୍ୟ ରଖି ଜଣେ ଦିବଂଗତ ନେତାଙ୍କ ଉପରେ କଟୁ ମନ୍ତବ୍ୟ ଦେବାରୁ ଆପଣଙ୍କ ଦଳର ନେତାଙ୍କୁ କ୍ଷାନ୍ତ ରଖନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟୁଇଟ୍ କରି ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଏପରି ଅନୁରୋଧ କରିଛନ୍ତି। ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାକୁ ନେଇ ରାଜନୀତି ଥମିବାର ନାଁ ଧରୁନାହିଁ। ପୁଣି ଏହି ଘଟଣାକୁ ନେଇ ବିଜେଡି ଏବଂ ଭାଜପା ନେତାଙ୍କ ମଧ୍ୟରେ ଟୁଇଟ୍ ଯୁଦ୍ଧ ଜୋର୍ ଧରିଛି। ଶୁକ୍ରବାର ବର୍ଷା ସିଂ ବରିହାଙ୍କ ଏହି ଟୁଇଟ୍ ପରେ ଭାଜପା ନେତ୍ରୀ ଅର୍ପିତା ଅପରାଜିତା ବଡ଼ଜେନା ଏହାର ଜବାବ ଟୁଇଟ୍ ମାଧ୍ୟମରେ ରଖିଛନ୍ତି।

ବର୍ଷା ତାଙ୍କ ଟୁଇଟ୍‌ରେ ଧର୍ମେନ୍ଦ୍ରଙ୍କୁ ଟାର୍ଗେଟକରି ଆହୁରି ଉଲ୍ଲେଖ କରିଛନ୍ତି, ଯେତେବେଳେ ତାଙ୍କ ବାପାଙ୍କ ଦେହାନ୍ତ ହୋଇଥିଲା ସେତେବେଳେ ମଧ୍ୟ ଭାଜପାର କେତେଜଣ ନେତା ତାଙ୍କୁ ଠିକ୍ ଏମିତି ଆକ୍ଷେପ କରୁଥିଲେ। ତାଙ୍କ ଚରିତ୍ର ଓ ବାହାଘରକୁ ନେଇ କୁତ୍ସାରଟନା କରୁଥିଲେ। ସେ ସମସ୍ତଙ୍କୁ ହାତଯୋଡ଼ି ଯେତେ ଅନୁରୋଧ କରିଥିଲେ ମଧ୍ୟ ବିରୋଧୀ ଆକ୍ରୋଶମୂଳକ ଭାବେ ବ୍ୟକ୍ତିଗତ ଆକ୍ରମଣ ଜାରି ରଖିଥିଲେ। ଏହା ତାଙ୍କୁ ଏବଂ ପରିବାର ସଦସ୍ୟଙ୍କୁ ମାନସିକ ଆଘାତ ଦେଇଥିଲା। ସେତେବେଳେ ମଧ୍ୟ ଅନୁରୋଧକରି କହିଥିଲେ, ଦୟାକରି ତାଙ୍କୁ ଏପରି ଆକ୍ଷେପ କରିବାକୁ ଭାଜପାର


ଅର୍ପିତା ବଡ଼ଜେନା


ବର୍ଷା ସିଂ ବରିହା

ଏହି ନେତାମାନଙ୍କୁ ବାରଣ କରନ୍ତୁ। ତଥାପି ଆପଣ କିଛି କଲେନି, ବୋଧେ ଜାଣିଶୁଣି ନୀରବ ରହିଲେ। ଏହା ତାଙ୍କୁ ଖୁବ୍ ଦୁଃଖ ଦେଇଥିଲା। ଏବେ ସମାନ ଢଙ୍ଗରେ ସ୍ୱର୍ଗତ ନବକିଶୋର ଦାସଙ୍କ ଚରିତ୍ର ସଂହାର ପାଇଁ ଯେଉଁ ଉଦ୍ୟମ ହେଉଛି ତାଙ୍କ ଝିଅ ଓ ପରିବାରର ଅନ୍ୟ ସଦସ୍ୟଙ୍କୁ କେତେ ମାନସିକ ଯନ୍ତ୍ରଣା ହେଉଥିବ, ତାହା ଅନୁଭବ କରିହେଉଛି। ତେଣୁ ଆପଣଙ୍କୁ ଅନୁରୋଧ, ଅନ୍ତତଃ ପକ୍ଷେ ନୀରବ ରୁହନ୍ତୁନି କି ଏହାକୁ ପରୋକ୍ଷରେ ସମର୍ଥନ କରନ୍ତୁ ନାହିଁ ବୋଲି ସେ କହିଛନ୍ତି।

ଅନ୍ୟପଟେ ଅର୍ପିତା ବଡ଼ଜେନା ଟୁଇଟ୍ କରି କହିଛନ୍ତି, କଣ୍ଟାବାଡ଼ରେ ଲୁଗା ପକାଇ ଝଗଡ଼ା କରିବା ବିଜେଡିର ପୁରୁଣା ଅଭ୍ୟାସ। ଭାଜପା ନେତାଙ୍କ ଉଦ୍ଦେଶ୍ୟରେ ଯେଉଁ କଥା କୁହାଯାଇଛି ତାହା ନିରାଧାର। ତାଙ୍କ ଦଳର ସଂସ୍କାର ନୁହେଁ କାହାକୁ ବ୍ୟକ୍ତିଗତ ଆକ୍ଷେପ କରିବା। ଆପଣ ଏହି ଟୁଇଟ୍ କରିବା ପୂର୍ବରୁ ଯିଏ ଏହି ଟୁଇଟ୍ ତିଆରି କରି ଆପଣଙ୍କୁ ଧରାଇଛନ୍ତି ତାଙ୍କୁ ଥରେ ପଚାରିବାର ଥିଲା। ଓଡ଼ିଶାରେ ମହିଳା, ଗର୍ଭବତୀ, ବାଳିକା, ନବଜାତ ଶିଶୁଙ୍କ ଅବସ୍ଥା ଆଜି କ'ଣ ଅଛି ପଚାରନ୍ତୁ। ଆପଣଙ୍କ ନିର୍ବାଚନମଣ୍ଡଳୀରେ ଏହାର ଅବସ୍ଥା କ'ଣ ଆପଣ ବୁଲିବା ବେଳେ ଦେଖୁଥିବେ। କଳାହାଣ୍ଡିର ମମିତା ମେହେର କ'ଣ କରିଥିଲେ, ତାଙ୍କୁ କାହିଁକି ବୀଭତ୍ସ ଭାବେ ହତ୍ୟା କରାଗଲା। ଏଥିରେ ଆପଣଙ୍କ ଦଳର ସେତେବେଳର ମନ୍ତ୍ରୀ ସମ୍ପୃକ୍ତ ଅଛନ୍ତି କି ନାହିଁ। ହତ୍ୟାକାରୀ ଏବେ ମଧ୍ୟ ବାହାରେ ବୁଲୁଛନ୍ତି, ତଦନ୍ତ ଆଜି ବି ଦିଗହରା ହୋଇଛି। ପୁରୀ ଜିଲା ନିମାପଡ଼ାର ଧର୍ମେନ୍ଦ୍ର ସାହୁଙ୍କର ମୃତ୍ୟୁ ଘଟିଲା। ଏଥିରେ ଯେଉଁଭଳି ଭାବେ ରାଜ୍ୟର ଗଣଶିକ୍ଷା ମନ୍ତ୍ରୀଙ୍କ ନାଁ ଆସିଲା ତାହା ସତ ନା ମିଛ କୁହନ୍ତୁ। ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ କେମିତି ହେଲା ଆପଣ ତ ପୁରୀ ଜିଲାର ବୋହୂ ଟିକେ ପଚାରି ବୁଝନ୍ତୁ। ଆପଣଙ୍କ ଦଳର ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ କାହିଁକି ବିଧାନସଭାକୁ ଆସୁନାହାନ୍ତି ଟିକେ ଫୋନ୍ କରି ବୁଝିଲେ ଭଲ ହୁଅନ୍ତା। ସୋମାଲିକା ଆମ ଭଳି ଜଣେ ଝିଅ। ସେ ଆଜି ଯେଉଁ କଥା ଉଠାଇଛନ୍ତି ତାଙ୍କୁ ନ୍ୟାୟ ଦେବା ପାଇଁ ଆପଣଙ୍କ ସରକାର କାହିଁକି ପଛାଉଛନ୍ତି ଟିକେ ପଚାରନ୍ତୁ ବୋଲି ଅର୍ପିତା କହିଛନ୍ତି।


ବାସବରାଜ ବୋମାଇ

# ବୋମାଇ କର୍ଣ୍ଣାଟକ ଭାଜପା ପ୍ରଚାର କମିଟି ଅଧ୍ୟକ୍ଷ

ନୂଆଦିଲ୍ଲୀ, ୧୦।୩(ପି.ଟି.)

ଚଳିତ ବର୍ଷ ଶେଷ ଭାଗରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କୁ ଭାଜପା ପ୍ରଚାର କମିଟି ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଶୁକ୍ରବାର ବୋମାଇଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶୋଭା କରନ୍ଦଲାଜେଙ୍କୁ ନିର୍ବାଚନ ପରିଚାଳନା କମିଟି ଆବାହକ କରାଯାଇଛି। ଦଳର ଜାତୀୟ ସାଧାରଣ ସମ୍ପାଦକ ଅରୁଣ ସିଂ ଏହି ସୂଚନା ଦେଇଛନ୍ତି। କର୍ଣ୍ଣାଟକର ଦୁଇ ପ୍ରଭାବଶାଳୀ ଜାତି ଲିଙ୍ଗାୟତ ଏବଂ ଭୋକ୍କାଲିଗା ମଧ୍ୟରେ ସନ୍ତୁଳନ ରକ୍ଷା ପାଇଁ ଦଳ ପକ୍ଷରୁ ଉଦ୍ୟମ କରାଯାଇଛି। ସେଥିପାଇଁ ଲିଙ୍ଗାୟତ ନେତା ବୋମାଇଙ୍କୁ ନିର୍ବାଚନ ପ୍ରଚାର କମିଟି ମୁଖ୍ୟ ସହ କରନ୍ଦଲାଜେଙ୍କୁ ଅନ୍ୟତମ କମିଟିର ଆବାହକ କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପାଙ୍କ ସମେତ କର୍ଣ୍ଣାଟକରୁ କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟ ନେତାଙ୍କୁ କମିଟିର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି।

# ବିରୋଧୀଙ୍କ ସ୍ୱର ଚାପିଦେବାକୁ ଚେଷ୍ଟା ଚଳାଇଛି ବିଜେଡି: ଜୁଏଲ

## ଗିରଫ ଯୁବମୋର୍ଚ୍ଚା ନେତା, କର୍ମୀଙ୍କୁ ଭେଟିଲେ ଭାଜପା ଟିମ୍

ଭୁବନେଶ୍ୱର, ୧୦।୩(ବ୍ୟୁରୋ)

ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଯୁବମୋର୍ଚ୍ଚା ଆରମ୍ଭ କରିଥିବା ସଂଗ୍ରାମ ପ୍ରତି ରାଜ୍ୟବାସୀଙ୍କ ପୂର୍ଣ୍ଣ ସମର୍ଥନ ରହିଛି । ବିରୋଧୀଙ୍କୁ ଦମନ କରିବାର ଶାସକ ବିଜେଡିର ପ୍ରୟାସ ଅତ୍ୟନ୍ତ ଲଜ୍ଜାଜନକ । ଏପରିକି ହୀନ ଷଡଯନ୍ତ୍ର ରଚି ବିରୋଧୀଙ୍କ ସ୍ୱରକୁ ଚାପି ଦେବାର ପ୍ରୟାସ ଶାସକ ବିଜେଡି ପକ୍ଷରୁ ଜାରୀ ରହିଛି । ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ବହୁଚର୍ଚ୍ଚିତ ନବ ଦାସ ହତ୍ୟାକାଣ୍ଡର ସତ୍ୟାସତ୍ୟ ପର୍ଦ୍ଦାଫାଶ ଦାବୀରେ ଆନ୍ଦୋଳନରତ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରି ଜେଲରେ ଭର୍ତ୍ତି କରିଦେବା ଭଳି ଘଟଣା ଆଜି ସମସ୍ତଙ୍କୁ ଆଚମ୍ବିତ କରିଛି । ସ୍ୱେଚ୍ଛାଚାରୀ ଓ ଭ୍ରଷ୍ଟାଚାରୀ ବିଜେଡି ଶାସନର ଅନ୍ତ ସମୟ ଆସିଯାଇଛି ବୋଲି ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ କହିଛନ୍ତି । ଜୁଏଲଙ୍କ ନେତୃତ୍ୱରେ ଶୁକ୍ରବାର ରାଜ୍ୟ ଭାଜପାର ଏକ ପ୍ରତିନିଧି ଦଳ ଗିରଫ ହୋଇ ଜେଲରେ ଥିବା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଭେଟିଛନ୍ତି। ଏହି ଅବସରରେ ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ରାଜ୍ୟ ମୁଖପାତ୍ର ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ରାଜ୍ୟଖବର

# ସର୍ବସାଧାରଣଙ୍କ ପାଇଁ ଖୋଲିଲା ମ୍ୟୁଜିୟମ ଅଫ୍ ଜଷ୍ଟିସ୍

- ସୋମବାର ବ୍ୟତୀତ ଅନ୍ୟ ଦିନ ଖୋଲା
- ପରିଦର୍ଶନ ସମୟ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା
- ପ୍ରବେଶ ଦେୟ ସମ୍ପୂର୍ଣ୍ଣ ଛାଡ଼

କଟକ ଅଫିସ,୧୦।୩

କଟକ ବାରବାଟୀ ଦୁର୍ଗ ପରିସରସ୍ଥ ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍‌କୁ ସର୍ବସାଧାରଣଙ୍କ ଲାଗି ଶୁକ୍ରବାରଠାରୁ ଖୋଲାଯାଇଛି। ଏହି ନ୍ୟାୟିକ ସଂଗ୍ରହାଳୟ ସପ୍ତାହରେ ସୋମବାର ବ୍ୟତୀତ ଅନ୍ୟ ସବୁଦିନ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲାରହିବ। ସଂଗ୍ରହାଳୟ ମଧ୍ୟକୁ ପ୍ରବେଶ ଦେୟ ସମ୍ପୂର୍ଣ୍ଣ ମାଗଣା ରଖାଯାଇଥିବା ଓଡ଼ିଶା ହାଇକୋର୍ଟ ପକ୍ଷରୁ ସୂଚନା ଦିଆଯାଇଛି।

ସଂଗ୍ରହାଳୟକୁ ଆନୁଷ୍ଠାନିକ ଭାବେ ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯିବା ଉପଲକ୍ଷେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, ସଂଯୋଜକ କମିଟି ସଦସ୍ୟମାନଙ୍କର ମାର୍ଗଦର୍ଶନରେ ସଂଗ୍ରହାଳୟକୁ ଗୁଣାତ୍ମକମାନ ବିଶିଷ୍ଟ କରିପାରିଛି। ଏହି କାର୍ଯ୍ୟରେ ଇନ୍‌ଟାକ୍, ପିଲୁ ମୁଡି କଲେଜ ଅଫ୍ ଆର୍କିଟେକ୍ଚର, କଟକ ମହାନଗର ନିଗମ, ୱାର୍କସ୍ ଡିପାର୍ଟମେଣ୍ଟ ଆଦିର ପ୍ରମୁଖ ଭୂମିକା ରହିଛି। ଓଡ଼ିଶା ସଂସ୍କୃତି, କଳା ଓ ପରମ୍ପରାରେ ସମୃଦ୍ଧ। ଓଡ଼ିଶାର ଅତୀତ ଏହି ସଂଗ୍ରହାଳୟରେ ପ୍ରତିଫଳିତ ହୋଇଛି। ଏହି ଅବସରରେ ସଂଯୋଜକ କମିଟିର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗ୍ରହାଳୟର ରୂପରେଖ ପ୍ରସ୍ତୁତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ସଂଯୋଜକମାନେ ହେଲେ ବିଚାରପତି ଡ. ଏ.କେ. ମିଶ୍ର, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଏ.ବି. ତ୍ରିପାଠୀ, ବି.ବି. ମିଶ୍ର, ସଞ୍ଜୀବ ଚନ୍ଦ୍ର ହୋତା, ଡ. ନିବେଦିତା ମହାନ୍ତି, ଜନଜାତି ସଂଗ୍ରହାଳୟର ନିର୍ଦ୍ଦେଶକ ଏ.ବି. ଓତା, ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ, ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଇନ୍‌ଟାକ୍‌ର ନିର୍ଦ୍ଦେଶକ ମଲ୍ଲିକା ମିତ୍ର। ବିଚାରପତି ଦେବବ୍ରତ ଦାସ ସ୍ୱାଗତ ଭାଷଣ ଓ ବିଚାରପତି ଶଶିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ, ଗତ ଫେବୃଆରୀ ୨୫ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ସଂଗ୍ରହାଳୟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଗୋଟିଏ ଥିମ୍ ପାଭିଲିୟନ୍ ଓ ୭ଟି ଗ୍ୟାଲେରି କରାଯିବା ସହ ଏକ ଲାଇବ୍ରେରି ଓ ସୋଭେନିର୍ ଶପ୍ ମଧ୍ୟ ନିର୍ମାଣ ହୋଇଛି। ଲାଇବ୍ରେରିରେ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଆଇନ ପୁସ୍ତକ ଓ ଜର୍ନାଲଗୁଡ଼ିକୁ ଉପଲବ୍ଧ କରାଯାଇଛି।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE CHIEF ENGINEER AND BASIN MANAGER, SUBARNAREKHA AND BUDHABALANGA BASIN
AT/PO:- LAXMIPOSI, DIST:- MAYURBHANJ
Mail Id: cebmsbb2019@gmail.com
No. A-1235

Government of Odisha "e" PROCUREMENT NOTICE
Bid Identification No. 33/22-23 of CEBM, SBB, Laxmiposi

| | | |
|---|---|---|
| 1 | Name of Work | Restoration & Protection to right bank of river Gangahar near village Bhurudiha, Bhadrasia, Gaudagaon, Barabanka & Mayurgaon. |
| 2 | Estimated Cost | Rs.1100.14 Lakh |
| 3 | Bid Security/ E.M.D. | Rs.11,00,150/- |
| 4 | Period of Completion | 18 (Eighteen) Calendar Months |
| 5 | Class of Contractor | "A" Class & "Special" Class |
| 6 | Date & Time of availability of bid document in the portal | 13.03.2023 up to 5.00 PM |
| 7 | Last date/time for receipt of bid in the portal | 03.04.2023 upto 10.00 AM |
| 8 | Name & Address of the O.I.T. | Chief Engineer & Basin Manager, O/o the CE&BM, Subarnarekha & Budhabalanga Basin, Laxmiposi, Mayurbhanj. |

Further details can be seen from the e-procurement portal "https://tendersodisha.gov.in"
Sd./- Chief Engineer & Basin Manager
Subarnarekha & Budhabalanga Basin, Laxmiposi, Mayurbhanj
OIPR-32074/11/0021/2223

OFFICE OF THE EXECUTIVE ENGINEER
BHUBANESWAR (R&B) DIVISION NO III
BHUBANESWAR
bbsrrandb03@yahoo.com
60Estg.No- 1695 Date - 09/03/2023
Government of Odisha "e"-Procurement Notice
No.B-1335: No (85) of 2022-23
Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | E.I. works |
| 2 | Total No of works | 1 no work |
| 3 | Estimated Cost | Rs. 23,08,800.00 |
| 4 | Class of Contractor | "HT" Class & Above |
| 5 | Period of Completion | 1 (One ) Calendar Month |
| 6 | Type of Tender | Single Cover System (Online) |
| 7 | Date & time of availability of bid document in the portal | From 10.03.2023 at 01.00 P.M. to 20.03.2023 at 05.30 P.M |
| 8 | Last Date & Time for Receipt of bids in the Portal | 20.03.2023, upto 05:30 P.M. |
| 9 | Name & Address of the Officer inviting Bid | Er. Gayatri Patel, Executive Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in. N.B: Subsequent corrigendum/addendum If required shall be available in the website as Indicated above.
Sd./- Executive Engineer
OIPR-34089/11/0023/2223 BBSR (R&B) Division No.III, BBSR

Government of Odisha
Office of the Chief Construction Engineer, Rural Works Circle, Angul
E-Mail - sencrwangul@yahoo.co.in, Ph:06764- 236404
No.O-1062: e-Procurement Notice for Bridge works in Odisha
Bid Identification No. Bridge Online AGL- 23/2022-23
No.533 Dt.09.03.2023
1.Name of the work : Bridge Works. 2. Total No.of work : 03 Nos. 3. Estimated cost : Rs.135.78 to Rs.252.50 Lakhs. 4. Class of Contractor :'B' & 'A' Class. 5. Period of completion : As per Annexure. 6.Other details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Cirde,Angul | Bridge Online- AGL-23/2022-23 | 13.03.2023 at 10.00 A.M | 24.03.2023 up to 5.00 P.M | 22.03.2023 upto 1.00 P.M | 24.03.2023 at 5.10 PM | Will be intimated separately |

(1) For detailed Notice Inviting Tenders, Please visit to the website www.tendersorissa.gov.in.
OIPR-25180/11/0032/2223 Sd./-D.Padhi, Chief Construction Engineer, Rural Works Circle, Angul

PANCHAYAT RAJ & DRINKING WATER DEPARTMENT
GOVERNMENT OF ODISHA
OFFICE OF THE PANCHAYAT SAMITI, PAPADAHANDI
INVITATION FOR BIDS No: 01/2022-23 DATED: -01.03.2023
No.i-493:The Panchayat Samiti, Papadahandi on behalf of Governor of Odisha Invites Percentage Rate bid through e-procurement in single cover system according to norm of e- procurement system in on-line mode. Name of Works : As mentioned in Table "A" which includes Construction of Sub-Center of Papadahandi Block in the Nabarangpur District. No. of Works : 5 (five)Nos(Detailed in Tender Call Notice available in the website). Estimated Cost : As mentioned in Table "A". Tender Paper Cost : Rs.6000/- per each work. Class of Contractor : B & C Class. Period of Completion :180 Days. Critical Dates :*Further details can be seen in the bidding documents, which is available in the e-procurement Portal https//:www.tendersodisha.gov.in. *Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

| Procurement Officer | Bid Identification No. | Availability of Tender Online for Bidding | | Date of Opening of Bid |
|---|---|---|---|---|
| | | From | To | |
| Block Development Officer, Papadahandi | 01/2022-23 of Panchayat Samiti, Papadahandi | 04.03.2023 at 11.00 AM | 21.03.2023 at 05.00 PM | 22.03.2023 at 11.00 AM |

Sd./- Block Development Officer, Papadahandi
OIPR-19328/11/0001/2223

GOVERNMENT OF ODISHA
DEPARTMENT OF HANDLOOMS, TEXTILES AND HANDICRAFTS, LOKA SEVA BHAVAN, BHUBANESWAR-1
TELEPHONE (0674) 2322785, FAX-(0674-2536224)
Website-https://handloom.odisha.gov.in/E-mail:hthdepartment@gmail.com
QUOTATION CALL NOTICE
BHUBANESWAR HTH-OEII-OM-0001-2019/__________/HT&H, Sealed quotations/
No.PP-66:Tenders are invited from interested reputed Travel Agencies/Tour Operators or private individuals for providing four vehicles as detailed below on hire basis in accordance with FDOM No.30464/F, dated 06.09.2019 & No.29819/F, dt.30.11.2022 for official use in Handlooms, Textiles & Handicrafts Department , Loka Seva Bhavan, Bhubaneswar, Odisha on monthly basis.
VEHICLES DETAILS

| Sl. No. | Type of vehicles | Number of vehicles required | Maximum Hire Charges per month (excluding Fuel Cost and GST) | Minimum Average Mileage in Kms per Litre. |
|---|---|---|---|---|
| i | (Two)Zest/Tigor/SwiftDzire/Xcent/Etios or equivalent (preferably BS-VI compliant AC petrol vehicle) | Two (2) | Rs.26,000/- | 17 (Seventeen) |
| 2 | Celerio/Tiago/Bolt or equivalent (preferably BS-VI compliant AC petrol vehicle) | Two (2) | Rs.26,000/- | 17 (Seventeen) |

The details of terms and conditions for hiring & bidding and the bid document has been enumerated in the website of this Department https://handloom.odisha.gov.in/ along with the tender call notice.
The sealed quotations completed in all respect are required to reach the undersigned within 21 days from the date of publication. The received quotations will be opened in presence of the interested bidders subsequently. The undersigned reserves the right to reject or cancel the tender without any reason thereof.
Sd./- Joint Secretary to Government
OIPR-31001/11/0011/2223

Notice Inviting Tender (NIT)
No.F-486:- Collector & District Magistrate, Kalahandi ("CLIENT"), invites sealed proposal from all interested Bidder/s for 'SELECTION OF AGENCY FOR PROVIDING COMPREHENSIVE FACILITY MANAGEMENT SERVICES (CFMS)' at Circuit House, Bhawanipatna.
A. Indicative Scope:
The Broad Scope of services required through this RFP, shall be inter alia as indicated below:
a. Housekeeping and Cleaning services.
b. Security Services & Parking Management.
c. Landscaping & Garden & Lawn Maintenance.
d. Help Desk & Reception Services.
e. Catering Services (Paid Service).
f. Pest Control.
g. Reporting and Complaint Management.
h. Coordination with other service providers.
i. Minor Repair of Electrical & PHED fittings.
j. AMC of all electronic items.
k. Laundry Service (Paid)
A. Contract Period: 03 years
B. Bid Processing Fee (INR): 10000/- (Circuit House, Bhawanipatana) Draft should be prepared in favour of Collector, Kalahandi.
C. Earnest Money Deposit (INR): Bid Security declaration As per Finance Department Circular No. 8943/F, Dtd. 18.03.2021 & No. 8484 Dtd. 05.04.2022.
The RFP document can be downloaded from 04.03.2023 from website - orikal@nic.in to clarify the queries of the Bidder/s a pre-bid meeting is scheduled to be held on Dt.20.03.2023 in the Conference Hall of Collectorate, Kalahandi at 3.00 PM. Duly completed proposal along with other prerequisites documents in support of eligibility criteria and the required information as per format must be submitted through Registered Post/ Speed Post/ Courier latest by 06.04.2023 at 5.30 PM as specified in the critical date sheet below. For details, please refer to the RFP Documents.
A. Critical Data Sheet:

| | | |
|---|---|---|
| 1 | RFP Issue Date | 04.03.2023 |
| 2 | Last Date and Time for Submission of Pre-Bid queries through email | 13.03.2023 |
| 3 | Pre Bid Meeting Date and Time | 20.03.2023 and 3 PM |
| 4 | Upload of Pre Bid Clarification Date and Time | 27.03.2023 and 11.30 AM |
| 5 | Last Date and Time of submission of Bid | 06.04.2023 and 5.30 PM |
| 6 | Technical Bid Opening Date and Time | 13.04.2023 and 11.00 AM |
| 7 | Financial Bid Opening Date and Time | 21.04.2023 11.00 AM |

B. Contact Person: Pramod Kumar Khillo
Asst. Collector, Nizarat Section
Mobile No. 9439455521
Email: adm-kalahandi.od@nic.in
C. Complete Address for submission of Bid:
Office of the Collector and District Magistrate, Kalahandi
At/Po - Bhawanipatna -766001, Dist - Kalahandi
OIPR-24180/11/0005/2223 Sd./- Collector, Kalahandi

# ମୋ ମାତୃଭାଷା ମୋତେ ଶ୍ରେଷ୍ଠ

**ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଧଉଳି ଓ ଜଉଗଡ଼ ଶିଳାଲେଖ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଉଦୟଗିରି ହାତୀଗୁମ୍ଫା ଶିଳାଲେଖରୁ ଆରମ୍ଭ କରି ୧୦୫୧ ଖ୍ରୀଷ୍ଟାବ୍ଦର ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ଶିଳାଲେଖ ଉରଜାମ ଆମକୁ ଆମ ଲିପି ଓ ଭାଷାର କ୍ରମବିକାଶ କଥା ସୂଚାଇ ଦେଇଥାଏ। ଓଡ଼ିଶା ସମଗ୍ର ଭାରତବର୍ଷରେ ଏକମାତ୍ର ରାଜ୍ୟ, ଯେଉଁଠି ପ୍ରାକ୍ ବ୍ରାହ୍ମୀ, ବ୍ରାହ୍ମୀ ଓ ପରବର୍ତ୍ତୀ ବ୍ରାହ୍ମୀ ଲିପିର ସନ୍ଧାନ ମିଳିଛି।**

ତାମିଲ, ସଂସ୍କୃତ, କନ୍ନଡ, ତେଲୁଗୁ ଓ ମାଲୟାଲମ୍ ପରେ ଭାରତବର୍ଷର ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିଲା ଆମ ଭାଷା, ଓଡ଼ିଆ ଭାଷା। ଆମ ଭାଷାର ଗୌରବ ଗାଥା ଗାନ କରୁଥିବା ଏହି ଦିନ ଆମକୁ ଆମର ଗୌରବମୟ ଅତୀତର କଥା ସ୍ମରଣ କରାଇଦିଏ। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଧଉଳି ଓ ଜଉଗଡ଼ ଶିଳାଲେଖ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଉଦୟଗିରି ହାତୀଗୁମ୍ଫା ଶିଳାଲେଖରୁ ଆରମ୍ଭ କରି ୧୦୫୧ ଖ୍ରୀଷ୍ଟାବ୍ଦର ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ଶିଳାଲେଖ ଉରଜାମ ଆମକୁ ଆମ ଲିପି ଓ ଭାଷାର କ୍ରମବିକାଶ କଥା ସୂଚାଇ ଦେଇଥାଏ। ଆମ ରାଜ୍ୟ ଓଡ଼ିଶା ସମଗ୍ର ଭାରତବର୍ଷରେ ଏକମାତ୍ର ରାଜ୍ୟ, ଯେଉଁଠି ପ୍ରାକ୍ ବ୍ରାହ୍ମୀ, ବ୍ରାହ୍ମୀ ଓ ପରବର୍ତ୍ତୀ ବ୍ରାହ୍ମୀ ଲିପିର ସନ୍ଧାନ ମିଳିଛି। ସମଗ୍ର ଓଡ଼ିଶାର ୫୫ଟି ଗୁମ୍ଫାରୁ ୫୭୭୫ଟି ଗୁମ୍ଫା ଚିତ୍ରରେ ମିଳେ ଆମର ଅତୀତର ସ୍ୱାକ୍ଷର। ନୂଆପଡ଼ାର ଗୁଡ଼ହାଣ୍ଡି ଓ ଯୋଗୀମଠ, ବିକ୍ରମଖୋଲରେ ଆମ ଭାଷାର ଆଦ୍ୟ ପଦଚିହ୍ନ ସ୍ପଷ୍ଟ। ଆମ ବୋଇତବନ୍ଦାଣ ସହ ଲାଓମାନଙ୍କର ଥାଟ୍ ଲୁଆଙ୍ଗ, କାମ୍ବୋଡିଆର ବନ୍ ଓମ୍ ତୋକ୍ ଓ ଥାଇଲାଣ୍ଡର ଲୋଇ କ୍ରାଥୋଙ୍ଗର ବହୁ ସାମ୍ୟ ଦେଖିବାକୁ ମିଳେ, ଯାହାକି ଆମ ଗୌରବମୟ ନୌବାଣିଜ୍ୟର ସୂଚନା ଦିଏ। କହିବା ବାହୁଲ୍ୟ– ଗୁମ୍ଫାଚିତ୍ର, ମନ୍ଦିର ଗାତ୍ର, ପୋଥିପଥର, ମଠମନ୍ଦିର ସର୍ବତ୍ର ଆମ ଭାଷାର ପ୍ରାଚୀନତା, ଆମ ଭାଷାର ଗୌରବଗାଥାର ପ୍ରମାଣ ସ୍ପଷ୍ଟ। ଶିଳାଲେଖ, ତାଳପତ୍ର ପୋଥିରୁ ଆରମ୍ଭ କରି ବୌଦ୍ଧ ପରିବ୍ରାଜକଙ୍କ ବିବରଣୀ ସବୁଠି ଆମେ ଆମ ଭାଷାର ଜୟଜୟକାର ଦେଖୁ। ସପ୍ତମ ଶତାବ୍ଦୀ ବେଳକୁ ଓଡ଼ିଶାରେ ବଜ୍ରଯାନ, କାଳଚକ୍ରଯାନ ଓ ସହଜଯାନ, ବୌଦ୍ଧଧର୍ମର ଏ ତିନୋଟି ଶାଖା ପଲ୍ଲବିତ ହୋଇଥିଲା। ବୁଦ୍ଧଦେବଙ୍କ ପ୍ରଥମ ଶିଷ୍ୟ ଭାବେ ପରିଚିତ ତପସୁ ଓ ଭଲ୍ଲୁକଙ୍କ କଥା ଆମେ ଅବଗତ ଅଛେ। ବୌଦ୍ଧବିଦ୍ୱାନ ପଦ୍ମସମ୍ଭବ ଓଡ଼ିଶାରୁ ତିବ୍ବତକୁ ଯାଇ ବଜ୍ରଯାନ ପ୍ରଚାର ପ୍ରସାର ସହ ଏହାର ନୂଆନାମ ଦେଇଥିଲେ ଲାମା। ଅଷ୍ଟମ, ନବମ ଶତାବ୍ଦୀର ଓଡ଼ିଆ ବୌଦ୍ଧ ବିଦ୍ୱାନ ଆଚାର୍ଯ୍ୟ ପୀତୋପାଦ ସହଜଯାନ ଓ ବଜ୍ରଯାନ ବିଷୟରେ ବୁଝାଇ ଲେଖିଥିବା ଲେଖା ମିଳେ। ସାଧନାମାଳାରେ ବୌଦ୍ଧଧର୍ମର ଚାରୋଟି ମୁଖ୍ୟକେନ୍ଦ୍ର ମଧ୍ୟରୁ ଉଡୀୟାନ (ଆଧୁନିକ ଓଡ଼ିଶା) କିଭଳି ଗୁରୁତ୍ୱପୂର୍ଣ୍ଣ ଥିଲା ତାହା ପ୍ରମାଣ ମିଳେ। ସେହିଭଳି ଆମେ ଦେଖୁ, ଇନ୍ଦ୍ରଭୂତି ସମଲକ (ଆଧୁନିକ ସମ୍ବଲପୁର)ର ରାଜା ବଜ୍ରଯାନ, ସହଜଯାନରେ ସଂସ୍କାର ଆଣିବାର ପ୍ରୟାସ କରିଥିଲେ। ତାଙ୍କ ଲିଖିତ 'ଜ୍ଞାନସିଦ୍ଧ'ରେ ଏକଥା ସ୍ପଷ୍ଟ। ତିବ୍ବତ ପର୍ଯ୍ୟନ୍ତ ସେ ବଜ୍ରଯାନର ପ୍ରସାର କରିଥିଲେ। ଏସବୁ କଥାରୁ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ, ଓଡ଼ିଆ ଜାତି ବା ଓଡ଼ିଶା ଭୌଗୋଳିକ ଭୂଖଣ୍ଡର ଅନ୍ତଃସ୍ୱରରେ ଭାଷା ଓ ଭାବର ଉତ୍ସ ଛପି ରହିଛି। ଆମେ ଆମର ଭାଷାର ଇତିହାସକୁ ଲକ୍ଷ୍ୟ କଲେ ଦେଖୁ ଯେ, ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦୀରୁ ଆମ ଭାଷାର ପ୍ରାଚୀନ ନାମ ଉଡ୍ର ବିଭାଷାର ସଙ୍କେତ ମିଳୁଛି। ଭରତମୁନିଙ୍କ ନାଟ୍ୟଶାସ୍ତ୍ରରେ ଏ ଭାଷା କଥା ଅଛି। ପ୍ରାକୃତ ଲଙ୍କେଶ୍ୱର ଗ୍ରନ୍ଥରେ ଅଠରଟି ଭାଷା ମଧ୍ୟରେ ଓଡ୍ରିୟା ଭାଷା, ଲଳିତ ବିସ୍ତରରେ ବୁଦ୍ଧଦେବ ଜାଣିଥିବା ଚଉଷଠି ଲିପି ମଧ୍ୟରୁ ଉଡ୍ରଲିପିର କଥା ଥିବା ସହ ଜୈନ ସମବାୟ ସୂତ୍ର, ପ୍ରଜ୍ଞାପନୀ ସୂତ୍ର, ନନ୍ଦୀସୂତ୍ର ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରୁ ମିଳିଥିବା ଶିଳାଲେଖ ଗୁଡ଼ିକରେ ଖୋଦିତ ଭାଷାରେ ଉଡ୍ରବିଭାଷା, ଅର୍ଦ୍ଧମାଗଧୀ, ବ୍ରାହ୍ମୀଲିପି, କୁଶାଣ ବ୍ରାହ୍ମୀଲିପି, ଅପଭ୍ରଂଶ ଓଡ଼ିଆ ଭାଷା କଥା କୁହାଯାଇଛି। ଏ ସବୁ ଆମର ସମ୍ପଦ। ଆମକୁ ଆମର ଭାଷାର ପ୍ରାଚୀନତା, ପ୍ରାଚୀନ ପରମ୍ପରା, ନୌବାଣିଜ୍ୟ ସମ୍ପର୍କ ସହ ବୌଦ୍ଧଗାନ ଓ ଦୋହାରୁ ଆମେ ପ୍ରାମାଣିକ ତଥ୍ୟ ପାଇଥାଉ। ଆମ ଭାଷା, ଶାସ୍ତ୍ରୀୟ ଭାଷା ଏହା ଆମକୁ ଗୌରବାନ୍ୱିତ କରିଛି। ଏହାର ସୁରକ୍ଷା ଓ ସଂରକ୍ଷଣ ଦିଗରେ ଆସନ୍ତୁ ଆମେ ସମସ୍ତେ ନିଜ ନିଜ ଭୂମିକା ନିର୍ବାହ କରିବା। ଅଭିଯୋଗ ହୁଏ ଯେ, ଆମେ ଆମ ମାତୃଭାଷାକୁ ଅବହେଳା ଓ ଅଣଦେଖା କରି ଆସୁଛେ। ବିଶେଷକରି ଗଣମାଧ୍ୟମକୁ ଆମେ ଏଥିପାଇଁ ଦାୟୀ ମଧ୍ୟ କରୁଛେ। ତେବେ ମନେ ରଖିବାକୁ ହେବ– ହେଉ ପଛକେ ସେ ନିକୃଷ୍ଟ, ମୋ ମାତୃଭାଷା ମୋତେ ଶ୍ରେଷ୍ଠ।

–ଡ. ଦେବାଶିଷ ମହାପାତ୍ର
ବରିଷ୍ଠ ଗବେଷକ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱର,
ମୋ: ୬୩୭୨୦୮୨୬୯୦




## ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା

# ୯ବର୍ଷ ପରେ...




ପ୍ରାଚୀନ ପୋଥି, ପଥର, ପ୍ରାଚୀନ ଗୁମ୍ଫା, ମନ୍ଦିର ସବୁଠାରେ ଓଡ଼ିଆ ଭାଷାର ଅଲିଭା ସ୍ୱାକ୍ଷର ଦେଖିବାକୁ ମିଳେ। ଓଡ଼ିଆ ଭାଷାର କ୍ରମବିକାଶ ଦେଖିଲେ ପ୍ରମାଣ ମିଳେ ଯେ ଅଢ଼େଇ ହଜାର ବର୍ଷ ତଳର ଓଡ଼ିଆ ଭାଷା ବାସ୍ତବରେ ଅମଳିନ ଏବଂ ଅଦ୍ୱିତୀୟ। ବହୁ ଚେଷ୍ଟାପରେ ୨୦୧୪ ମାର୍ଚ୍ଚ ୧୧ରେ ବିଧିବଦ୍ଧ ଭାବେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲା। ସେବେଠାରୁ ପ୍ରତିବର୍ଷ ମାର୍ଚ୍ଚ ୧୧କୁ ଶାସ୍ତ୍ରୀୟ ଭାଷା ଦିବସ ଭାବେ ପାଳନ କରାଯାଉଛି। ଭାରତରେ ମୋଟ୍ ୬ଟି ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଯାଇଛି। ପ୍ରଥମେ ତାମିଲ ଭାଷାକୁ ଏହି ମାନ୍ୟତା ମିଳିଥିବାବେଳେ ଏହାପରେ ସଂସ୍କୃତ, ତେଲୁଗୁ, କନ୍ନଡ଼, ମାଲୟାଲମ୍ ଏବଂ ପରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଛି। ତେବେ ଶାସ୍ତ୍ରୀୟ ମାନ୍ୟତା ପାଇବାର ୯ ବର୍ଷ ପରେ ଓଡ଼ିଆ ଭାଷାର ସ୍ଥିତି କିଭଳି ରହିଛି ବା ଏହାକୁ କିପରି ଆଗକୁ ନିଆଯାଇ ପାରିବ ସେନେଇ ମାନସମନ୍ଥନ ଚାଲିଛି।

–ଉପସ୍ଥାପନା: **ବନ୍ଦନା ସେଠୀ**

## କ'ଣ କୁହନ୍ତି ଏମାନେ...

### ଓଡ଼ିଆକୁ ଜ୍ଞାନ ଓ ବିକାଶର ଭାଷାରେ ପରିଣତ କରିବା ଦରକାର



୧୯୩୬ ମସିହାରେ ଓଡ଼ିଶା ଭାଷାଭିତ୍ତିକ ପ୍ରଦେଶ ହୋଇଥିବାବେଳେ ୨୦୧୪ରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲା, ଯାହା ଆମ ପାଇଁ ଏକ ବଡ଼ ଉପଲବ୍ଧି। ସାମଗ୍ରିକ ଭାବେ ଭାଷା ଉପଯୋଗ ବା ବ୍ୟବହାରର ୩ଟି ବଡ଼ କ୍ଷେତ୍ର ଯଥା ଶିକ୍ଷା, ପ୍ରଶାସନ ଏବଂ ଗଣମାଧ୍ୟମରେ ସମୁଚିତ ଭାବେ ଓଡ଼ିଆ ଭାଷାକୁ ବ୍ୟବହାର କରିବା ଆବଶ୍ୟକ। ଏଥିସହ ଓଡ଼ିଆ ଭାଷାକୁ ଜ୍ଞାନ ଓ ବିକାଶର ଭାଷାରେ ପରିଣତ କରିବା ପାଇଁ ସବୁଦିଗରୁ ପ୍ରୟାସ ହେବା ଦରକାର। ଉଭୟ ସରକାରୀ ଏବଂ ବ୍ୟକ୍ତିଗତ ସ୍ତରରେ ଏନେଇ ଚେଷ୍ଟା କରାଯିବା ଆବଶ୍ୟକ। ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ତାମିଲ ଭାଷା ଆମଠାରୁ ବହୁତ ଆଗରେ ରହିଛି। ଆମକୁ ମଧ୍ୟ ଓଡ଼ିଆ ଭାଷାର ଉନ୍ନତି ପାଇଁ ସେଭଳି ଆଗକୁ ଆସିବା ଦରକାର।

- **ପ୍ରଫେସର ବସନ୍ତ କୁମାର ପଣ୍ଡା**, ପ୍ରକଳ୍ପ ନିର୍ଦ୍ଦେଶକ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର

### ଆମ କଥାରେ ଅଧିକ ଇଂଲିଶ, ହିନ୍ଦୀ ଭାଷାର ପ୍ରୟୋଗ ରହୁଛି



ଖାଲି ଶାସ୍ତ୍ରୀୟ ଭାଷା କହି ସ୍ଲୋଗାନ ଦେଲେ ହେବନାହିଁ। ମାତୃଭାଷା ଓଡ଼ିଆକୁ ଓଡ଼ିଶାବାସୀ ଭଲ ପାଇବା ସହ ଗର୍ବ କରିବା ଦରକାର। ସମସ୍ତଙ୍କୁ ଏବେ ଓଡ଼ିଆରେ କହିବା କଷ୍ଟକର ହୋଇପଡୁଛି। ଯେଉଁମାନେ ଓଡ଼ିଆ କହୁଛନ୍ତି, ସେମାନଙ୍କ କଥାରେ ଅଧିକ ଇଂଲିଶ, ହିନ୍ଦୀ ଭାଷାର ପ୍ରୟୋଗ ରହୁଛି। ତେଣୁ ସମ୍ପୂର୍ଣ୍ଣ ଓଡ଼ିଆ ଭାଷାରେ କହିବା ପାଇଁ ଆମେ ଏପର୍ଯ୍ୟନ୍ତ ଶୃଙ୍ଖଳିତ ହୋଇପାରିନାହୁଁ। ତେଣୁ ଓଡ଼ିଆ ଭାଷାର ଉନ୍ନତି ପାଇଁ ସାମୂହିକ ଭାବେ ସମସ୍ତେ ଚେଷ୍ଟା କରିବା ଦରକାର।

- **ରଘୁନାଥ ମିଶ୍ର**, ସଭାପତି, କେଦାରନାଥ ଗବେଷଣା ପ୍ରତିଷ୍ଠାନ

### ଯୁବପିଢ଼ି ଓଡ଼ିଆ ଭାଷାକୁ ଅଣଦେଖା କରୁଛନ୍ତି



ଓଡ଼ିଆ ଭାଷାର ଭିତ୍ତି ଖୁବ୍ ସୁଦୃଢ଼। ତେବେ ଇତିହାସ ସୁଦୃଢ଼ ହେଲେ ବି ଭବିଷ୍ୟତ ଉଜ୍ଜ୍ୱଳ ହେବାଭଳି ଲାଗୁନାହିଁ। କାରଣ ଭବିଷ୍ୟତ ପିଢ଼ି ବା ଯୁବପିଢ଼ି ଓଡ଼ିଆ ଭାଷା ପ୍ରତି ଅଣଦେଖା କରୁଛନ୍ତି। ଇଂଲିଶ, ହିନ୍ଦୀ ଭାଷା ପ୍ରତି ସେମାନଙ୍କର ଯେପରି ଆଗ୍ରହ ରହୁଛି ସେଭଳି ଓଡ଼ିଆ ପ୍ରତି ନାହିଁ। ସେହିପରି ଯେତିକି ଲୋକ ଓଡ଼ିଆ ଭାଷାକୁ ନେଇ ଗବେଷଣା କରୁଛନ୍ତି ତାହା ଯଥେଷ୍ଟ ନୁହେଁ।

- **ଝିଲି ମହାରଣା**, ଓଡ଼ିଆ ଅଧାପିକା

## ଫୁର୍ସତ



ଆଲିଆ ଭଟ୍ଟ

# ଆଲିଆଙ୍କୁ ଝିଅ ଦେଲେ ବିଜ୍‌ନେସ୍ ଆଇଡିଆ

ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ ବିଜ୍‌ନେସ୍ ଲାଗି ଆଇଡିଆ ଦେଇଛନ୍ତି କୁନି ଝିଅ ରାହା। ଯେଉଁଥିଲାଗି ସେ ଖୁବ୍‌ଶୀଘ୍ର ସେ ଭଉଣୀ ଶାହିନଙ୍କ ସହ ମିଶି ଏକ ଷ୍ଟୋରୀବୁକ୍ ଲଞ୍ଚ କରିବେ। ଭାଷାସ୍ତରରେ ସେତେଟା ଦକ୍ଷ ନ ହେଲେ ବି ଭଉଣୀଙ୍କ ସହାୟତାରେ ସେ ନିଜର ଏହି ଆଶାକୁ ପୂରଣ କରିବେ ବୋଲି ମନସ୍ଥ କରିଛନ୍ତି। ମା' ହେବା ପରେ ଏବେ ଝିଅ ରାହା ସହ ଅଧିକ ସମୟ ବିତାଉଛନ୍ତି ଆଲିଆ। ଏହି ସମୟରେ ରାହାଙ୍କ ବ୍ୟବହାରରୁ ତାଙ୍କୁ ବ୍ୟବସାୟ ଲାଗି ଆଇଡିଆ ମିଳିଛି।

ରାହା ଏବେ ବହୁତ ଛୋଟ। ଆଲିଆ ଘରେ ରହିବା ବେଳେ ବହି ପଢିବାକୁ ପସନ୍ଦ କରନ୍ତି। ରାହା ତାଙ୍କ କଥାକୁ ବହୁତ ଧ୍ୟାନର ସହ ଶୁଣନ୍ତି। ଝିଅଙ୍କ ଏହି ଗୁଣ ତାଙ୍କୁ ବ୍ୟବସାୟିକ ଆଇଡିଆ ଦେଇଛି। ଆଗାମୀ ଦିନରେ ସେ ନଅଟି ପୁସ୍ତକ ବିଶିଷ୍ଟ ଏକ ସିରିଜ ରିଲିଜ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ସିରିଜ ଖୁସି, କରୁଣା ଏବଂ ଆଶା ଭଳି ଭାବନା ଉପରେ ଆଧାରିତ ହେବ ବୋଲି ଅଭିନେତ୍ରୀ ସ୍ପଷ୍ଟ କରିଛନ୍ତି। ଅଭିନୟ ଦେଖିଲେ ସେ ଖୁବ୍‌ଶୀଘ୍ର ଫିଲ୍ମ 'ରକି ଔର ରାନୀ କି ପ୍ରେମ କାହାଣୀ'ରେ ନଜର ଆସିବେ। କରଣ ଜୋହରଙ୍କ ଏହି ଫିଲ୍ମରେ ରଣବୀର ସିଂଙ୍କ ସହ ସେ ସ୍କ୍ରିନ ଶେୟାର କରିବେ।

# 'ବିଟେକ୍ ଗୁପ୍‌ଚୁପ୍ ବାଲୀ'

ଯେତେବେଳେ ୨୨ ବର୍ଷୀୟ ପ୍ରଫୁଲ୍ଲ ବିଲୋର୍ 'ଏମ୍‌ବିଏ ଚାଏୱାଲା' ନାମରେ ନିଜର ଦୋକାନ ଖୋଲିଥିଲେ, କେହି ବି ଭାବି ନ ଥିଲେ ଯେ ତାଙ୍କର ଚା' ବ୍ୟବସାୟ ଏତେ ଆଗକୁ ବଢ଼ିବ ଯେ ସେ କୋଟିପତି ହୋଇଯିବେ। ଏବେ ଏହି କ୍ରମରେ 'ବିଟେକ୍ ଗୁପ୍‌ଚୁପ୍ ବାଲୀ' ନାମକ ଷ୍ଟଲ ଲଗାଇ ଜଣେ ଯୁବତୀ ଚର୍ଚ୍ଚାକୁ ଆସିଛନ୍ତି। ସେ ବୁଲେଟ୍ ଚଳାଇ ନିଜର ଷ୍ଟଲ ନେଇ ଆସୁଛନ୍ତି। ତାଙ୍କର ସ୍ୱାଗ୍‌କୁ ଲୋକେ ପସନ୍ଦ କରୁଛନ୍ତି।

ଯୁବତୀ ଜଣଙ୍କ ହେଲେ ୨୧ ବର୍ଷୀୟ ତାପସୀ ଉପାଧ୍ୟାୟ। ବିଟେକ୍ ଶେଷ ହେବା ପରେ ସେ ନିଜର ଗୁପ୍‌ଚୁପ୍ ବ୍ୟବସାୟ ଆରମ୍ଭ କରିଛନ୍ତି। ତେବେ ନିଜର ଏହି ଅଭିନବ ଶୈଳୀକୁ ନେଇ ସେ କୁହନ୍ତି, ମୋର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସୁସ୍ଥ ଖାଦ୍ୟ ଖୁଆଇବା। ଆଗାମୀ ଦିନରେ ତାଙ୍କ ଷ୍ଟଲ୍‌ରେ ଗୁପ୍‌ଚୁପ୍ ବ୍ୟତିତ ଅନ୍ୟାନ୍ୟ ସାମଗ୍ରୀ ରହିବ।






ସୋସିଆଲ ମିଡିଆରେ ତାପସୀଙ୍କ ଏକ ଭିଡିଓ ଭାଇରାଲ ହେଉଛି। ଏହି ଭିଡିଓରେ ତାପସୀ ତାଙ୍କ ଷ୍ଟଲକୁ ଏକ ବୁଲେଟ୍‌ରେ ନେଉଥିବା ଦେଖାଯାଉଛି।

# ବର୍ଷକର ଶିଶୁ ମସ୍ତିଷ୍କରେ ଜୀବନ୍ତ ଯମଜ

ସାଂଘାଇ: ଚାଇନାର ସାଂଘାଇ ସହରରେ ଜଣେ ବର୍ଷକର ଶିଶୁ ମସ୍ତିଷ୍କରେ ଜୀବନ୍ତ ଯମଜ ସନ୍ତାନ ଠାବ କରାଯାଇଛି। ଏହା ବିରଳରୁ ବିରଳତମ ଘଟଣା, ଯାହାକୁ ଫେଟସ୍-ଇନ୍-ଫେଟୁ କୁହାଯାଉଛି। ମାତୃଗର୍ଭରେ ଯମଜ ଯୋଡ଼ିହୋଇ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ଗୋଟିଏ ବିକଶିତ ହୋଇଥିଲା। ନ୍ୟୁରୋଲୋଜି ପତ୍ରିକାରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ, ବର୍ଷକର ଶିଶୁକନ୍ୟାଠାରେ କେତେକ ସମସ୍ୟା ଦେଖାଦେବା ସହ ମୁଣ୍ଡ ବହୁତ ବଢ଼ିଯିବାରୁ ତାଙ୍କୁ ହସ୍ପିଟାଲକୁ ଅଣାଯାଇଥିଲା। ପ୍ରାରମ୍ଭିକ ପରୀକ୍ଷାରୁ ଶିଶୁ ମସ୍ତିଷ୍କ ମଧ୍ୟରେ ଜନ୍ମ ହୋଇପାରି ନ ଥିବା ଯମଜ ସନ୍ତାନର ଭ୍ରୂଣ ବଢୁଥିବା ସାଂଘାଇ ଡାକ୍ତର ଜାଣିବାକୁ ପାଇଥିଲେ। କ୍ରମାଗତ ରକ୍ତ ସଞ୍ଚାଳନ ଯୋଗୁ ଭ୍ରୂଣ ଜୀବିତ ରହିବା ସହ ବିକଶିତ ହେଉଥିବା ଡାକ୍ତର କହିଛନ୍ତି। ଏହାକୁ ଫେଟସ୍-ଇନ୍-ଫେଟୁ ବା ପାରାସିଟିକ୍ ଟୁଇନ୍ କୁହାଯାଉଛି। ଗର୍ଭାବସ୍ଥା ଆରମ୍ଭରୁ ଏଭଳି ହୋଇଥାଏ। ପୁରୁଷ ଶୁକ୍ରାଣୁ ଏବଂ ମହିଳା ଡିମ୍ବାଣୁ ଗର୍ଭାଧାନ ପରେ ସେଲ୍ କ୍ଲଷ୍ଟର ସୃଷ୍ଟି ଯୋଗୁ ତାହା ଉପଯୁକ୍ତ ଭାବେ ଅଲଗା ହୋଇପାରେ ନାହିଁ। ଏହା ପରେ ପ୍ରଥମ ଭ୍ରୂଣ ଅନ୍ୟ ଦ୍ୱାରା ଆବୃତ୍ତ ହୋଇଯାଇ ଯୋଡ଼ା ଅଂଶ ମସ୍ତିଷ୍କରେ ବିକଶିତ ହୁଏ ବୋଲି ଅଧ୍ୟୟନରେ କୁହାଯାଇଛି। ୧୯୯୭ରେ ଜଣେ ୧୬ ବର୍ଷର ବାଳକ ପେଟରେ ଏଭଳି ଭ୍ରୂଣ ଠାବ ହୋଇଥିଲା। ୨୦୨୨ ନଭେମ୍ବରରେ ଝାଡ଼ଖଣ୍ଡରେ ଏକ ୨୧ ଦିନର ଶିଶୁ ପାକସ୍ଥଳୀରୁ ୮ଟି ଭ୍ରୂଣକୁ ବାହାର କରାଯାଇଥିଲା।



# ବାଘ ଲାଞ୍ଜ ଛୁଇଁବା ମହଙ୍ଗା ପଡ଼ିଲା

**ଖାର୍‌ଗୋନ୍:** ବାଘ ପ୍ରତିକ୍ରିୟା ଜାଣିବା ପାଇଁ ଏହାର ଲାଞ୍ଜକୁ ବାଡ଼ିରେ ଛୁଇଁବା ମଧ୍ୟପ୍ରଦେଶ ଖାର୍‌ଗୋନ୍ ଜିଲାର ଜଣେ ଚାଷୀଙ୍କ ପାଇଁ ମହଙ୍ଗା ପଡ଼ିଛି। ବାଘ ଆକ୍ରମଣରେ ସନ୍ତୋଷ (୩୫) ନାମକ ଚାଷୀଙ୍କର ମୃତ୍ୟୁ ଘଟିଛି। ବନ ଅଧିକାରୀଙ୍କ ସୂଚନା ଅନୁଯାୟୀ ସନ୍ତୋଷ ବାଘ ଲାଞ୍ଜକୁ ବାଡ଼ିରେ ଛୁଇଁବା ପରେ ଏହା ତତ୍‌କ୍ଷଣାତ୍ ବୁଲିପଡ଼ି ତାଙ୍କ ବେକକୁ ଜୋର୍‌ରେ କାମୁଡ଼ି ଧରିଥିଲା। ସଙ୍ଗେ ସଙ୍ଗେ ସନ୍ତୋଷଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ବାଘ ବର୍ତ୍ତମାନ ସୁଦ୍ଧା ଧରାପଡ଼ି ନ ଥିବାବେଳେ ଗାଁ ଲୋକେ ଜଙ୍ଗଲକୁ ନ ଯିବା ଲାଗି ବନ ବିଭାଗ ସତର୍କ କରାଇଛି। ଫରେଷ୍ଟରଙ୍କ ସୂଚନା ଅନୁଯାୟୀ, ବାଘଟି ମହାରାଷ୍ଟ୍ର ଜଲଗାଁଓ ଜିଲାର ୟାୱାଲ ବନ୍ୟପ୍ରାଣୀ ଅଭୟାରଣ୍ୟରୁ ଖାର୍‌ଗୋନ୍ ଜିଲାର ଚିରିୟା ଜଙ୍ଗଲକୁ ପଳାଇଆସିଥିଲା। ଏହା ଅମ୍ବା ଦୋଚାର ଅଞ୍ଚଳରେ ପ୍ରବେଶ କରି ଏକ ବଡ଼ ଶିକାର ପରେ ବିଶ୍ରାମ ନେଉଥିବାବେଳେ ଗାଁ ଲୋକେ ସେଠାରେ ପହଞ୍ଚି ବାଘକୁ ହଇରାଣ କରିବା ଆରମ୍ଭ କରିଥିଲେ। ବାଘଟି ଉତ୍ତରପୂର୍ବ ଦିଗରେ ୧୦–୧୨ କିଲୋମିଟର ପଳାଇଯାଇ ଖୁସିୟାଲା ଗ୍ରାମର ଏକ ପଡ଼ିଆରେ ବିଶ୍ରାମ ନେଉଥିବାବେଳେ ସନ୍ତୋଷଙ୍କ ସହ ଗାଁର ଅନ୍ୟ କେତେଜଣ ସେଠାରେ ପହଞ୍ଚିଥିଲେ। ସନ୍ତୋଷଙ୍କ ଦୁଃସାହସିକ କାର୍ଯ୍ୟ ପାଇଁ ତାଙ୍କୁ ଜୀବନ ଦେବାକୁ ପଡ଼ିଛି।





ଗ୍ରନ୍ଥ-ମନନ

# ନାମ, ଅନାମ, ସର୍ବନାମ

ଡକ୍ଟର ସୀତାକାନ୍ତ ମହାପାତ୍ର

ବହୁଦିନ ତଳେ ଶୁଣିଥିବା ଭଜନଟିଏ ମୋ ମନରେ ସାଇତି ରଖିଛି। ସେଥିରେ ଏଇସବୁ ଧାଡ଼ିଥିଲା: କେଉଁ ନାମ ଧରି ଡାକିବି ତୁମକୁ/ ତୁମେ ଯେ ସର୍ବନାମ।

ଆମ ଗାଆଁରେ ସେତେବେଳେ ଅଷ୍ଟପ୍ରହରୀ ଓ ଚବିଶପ୍ରହରୀ ଉତ୍ସବ ଅନୁଷ୍ଠିତ ହେଉଥିଲା। 'ପ୍ରହର' ମାପରେ ଆଠ ଓ ଚବିଶ ଗଣାହୁଏ। ସେଥିରେ ନାମ-ସଂକୀର୍ତ୍ତନ ହୁଏ ଓ କରତାଳ ବଜେଇ ସୁନ୍ଦର ଭାବେ ତିଆରି ମଣ୍ଡପ ଚଉକତି ନାମ ସଂକୀର୍ତ୍ତନ (ଭଜ, ନିତାଇ ଗୌର ରାଧେଶ୍ୟାମ/ ଜପ, ହରେକୃଷ୍ଣ ହରେ ରାମ) କରି କେତେ ଜଣ ଘୂରି ବୁଲନ୍ତି। ଅଷ୍ଟପ୍ରହରୀ ହେଉ ବା ଚବିଶପ୍ରହରୀ ହେଉ ତା'ର ସମାପନ ପରେ ନଗର କୀର୍ତ୍ତନ ହୁଏ। ସେଥିରେ ଏକାଧିକ ଖୋଳ (ମୃଦଙ୍ଗ) ଓ କରତାଳ (ଝାଞ୍ଜ) ବ୍ୟବହୃତ ହୁଏ ଏବଂ ଗାଆଁ ସାରା କୀର୍ତ୍ତନିଆ ବୁଲନ୍ତି। ବହୁ ବ୍ୟକ୍ତି ଯୋଗ ଦିଅନ୍ତି ଓ କୀର୍ତ୍ତନରେ ସବୁ ଘର, ଗାଆଁର ସବୁ ସାହି ବୁଲିଆସନ୍ତି।

**ଶ୍ରଦ୍ଧେୟ ହୃଷୀକେଶ ମଲ୍ଲିକଙ୍କ ପୁସ୍ତକ "ଅନାମ-କବିତା- ଅନାମ ଆନ୍ଦୋଳନ"ର ଉନ୍ମୋଚନ ଉତ୍ସବରେ ପ୍ରଦତ୍ତ ବକ୍ତୃତା**

ମୋର ମନେପଡ଼ୁଛି ଆମ ଗାଆଁରେ ବାନା ଗୋସାଇଁ ଓ ଜାଗୁଲେଇ ଉଭୟଙ୍କ ପାଖରେ ହେଉଥିବା ନାମ ସଂକୀର୍ତ୍ତନରେ ମୁଁ ଆନନ୍ଦରେ ଯୋଗ ଦେଉଥିଲି ଓ ସେମାନଙ୍କ ସହ ଗାଆଁ ସାରା ବୁଲି ଆସୁଥିଲି। ମୃଦଙ୍ଗ ବଜାନ୍ତି ସେଥିରେ ଅଭ୍ୟସ୍ତ ବ୍ୟକ୍ତିମାନେ। ମୁଁ କେବଳ ଗିନି ବଜାଉଥିଲି। ଝାଞ୍ଜର ଛୋଟ ଆକାରକୁ ଗିନି କୁହାଯାଏ। ଅନେକ ଝାଞ୍ଜ, ଗିନି, ଖୋଳ ଓ କରତାଳ ଏବଂ ନାମକୀର୍ତ୍ତନ ଏବେ ମଧ୍ୟ ମନେପଡ଼ୁଛି।

ଅଷ୍ଟପ୍ରହରୀ ବା ଚବିଶ ପ୍ରହରୀ ଠିକ୍ ସରିବା ପରେ ପ୍ରସାଦ ସେବନର ବ୍ୟବସ୍ଥା ଥାଏ। ସେଥିରେ କଦଳୀପତ୍ର ପକେଇ ତଳେ ବସି ଅନେକ ଥର ଖାଇଛି। ଖାଇବା ହୁଏ ଅରୁଆ ଅନ୍ନ, ସୁନ୍ଦର ଡାଲମା ଓ ଖିରି। ଏ ପଙ୍କ୍ତି ଭୋଜନ ଓ ଖାଦ୍ୟ ସାମଗ୍ରୀର ସୁବାସ ସ୍ମରଣୀୟ ହୋଇ ରହିଛି।




ନାମ-ସଂକୀର୍ତ୍ତନ ମନେପକେଇ ହୃଷୀକେଶଙ୍କ ବହି ସମ୍ପର୍କରେ କିଛି କହୁଛି। 'ସର୍ବନାମ' ହେଉଛି ମହାପ୍ରଭୁଙ୍କ ନାମ।

ଅନାମ-ଗୋଷ୍ଠୀ ୧୯୬୯ରେ ପୁରୀର ଦଇତାପଡ଼ା ସାହିରେ ଆରମ୍ଭ ହୋଇଥିଲା। ଆଜି ଦୁର୍ଗାସପ୍ତମୀ, ୨୦୨୩। 'ଅନାମ'କୁ ବଞ୍ଚେଇ ରଖିଛି ଅନାମ ଗୋଷ୍ଠୀ। ଗୋଷ୍ଠୀ ହୋଇ ରହିଯିବ କି ଅନାମ ଯୁଗ ହେବ ତା' ଭବିଷ୍ୟତ କହିବ। ଯୁଗ ତ ବଡ଼ କଥା। ଅସଲରେ ସାହିତ୍ୟର ଚିରନ୍ତନ ପ୍ରବାହରେ 'ଯୁଗ' ଏକ ବିରତି ଚିହ୍ନ।

ବହିଟିର ଲେଖକଙ୍କୁ ସମସ୍ତେ ଜାଣନ୍ତି। କବିତାରେ ସେ "ଧାନସାଉଁଟା ଝିଅ"ରୁ "ସରିଯାଇଥିବା ଅପେରା" ପର୍ଯ୍ୟନ୍ତ କାବ୍ୟ ରଚନା ସହ ଆଧୁନିକ ଓଡ଼ିଆ କବିତାରେ ନିଜର ସ୍ୱାକ୍ଷର ରଖିସାରିଲେଣି। କବିର ପ୍ରାରବ୍ଧ ସମ୍ପର୍କରେ ସୁନ୍ଦର ବୟାନ ରଖିଛନ୍ତି। ମୁଁ ତାଙ୍କ କବିତାକୁ ଆଦର କରେ, ଭଲପାଏ।

ଭଲପାଇବା ଭିତରେ ଅନେକ କିଛି ରହିଯାଏ। କବିତାକୁ ଭଲପାଇବା ଅର୍ଥ ୬୮ ବର୍ଷ ବୟସ୍କ କବିଙ୍କୁ ବି ଭଲପାଇବା। ହୃଷୀକେଶ କେବଳ କବିତା ନୁହଁ, ସମାଲୋଚନା କ୍ଷେତ୍ରରେ ବେଶ୍ କିଛି ଲେଖିଛନ୍ତି। ସେ କହନ୍ତି- "ଯେକୌଣସି ବଡ଼ ମାପର କବିତାରେ ଜୀବନର ଆପାତଃ ସତ୍ୟକୁ କବି ପରାଚେତନା (Universal Consciousness)ର ଆଲୋକରେ ସଂଦୀପିତ କରେ...। ସଂସାର-ତାପକୁ ଶରତ ଆକାଶର ମେଘ ପରି ଛିନ୍ନଭିନ୍ନ କରିଦିଏ ପୂର୍ଣ୍ଣତମ କବିତା। ସୃଜନର ଅଣାୟତ୍ତ ନଟ-ନୃତ୍ୟରେ କବିର ପରମ ସଂବିତ୍ ମୋକ୍ଷ ଲଭେ।"

କବିତାର 'ନିଛାଟିଆ ଭାଗ୍ୟ'କୁ ସେ ଭୋଗି ସାରିଛନ୍ତି। ସେ ପ୍ରାରବ୍ଧ ସବୁ ସତ୍ କବିର ଭାଗ୍ୟ। ସେ ଜଣେ ସତ୍ କବି।

ମୁଁ ଅତ୍ୟନ୍ତ ଆନନ୍ଦିତ ଯେ ହୃଷୀକେଶ ସଂକଳନ କରିଥିବା ସୁନ୍ଦର ବହିଟିର ଉନ୍ମୋଚନ କରିବାକୁ ମୁଁ ସୁଯୋଗ ପାଇଛି।

ବହିଟିର ପ୍ରକାଶ କରିଥିବା ମନୁ ଦାଶଙ୍କ 'ଧଉଳି ବୁକ୍ସ' ପ୍ରକାଶନ ସଂସ୍ଥା ମଧ୍ୟ ଏଥିପାଇଁ ଧନ୍ୟବାଦର ପାତ୍ର।

କ ବି ତା

## ଏତେ ସହଜ ନୁହେଁ ବାୟାଣୀ ହବା

ହରିଶ୍ଚନ୍ଦ୍ର ବେହେରା

ତା' ଏନ୍ତୁଡ଼ିଶାଳରୁ ଡେଇଁ ଡେଇଁ ଆସିଲା ତ
ପୂରା ଲଙ୍ଗଳା ଥିଲା
କୁନି ଝିଅ କ'ଣ ପିନ୍ଧିଥାନ୍ତା ଯେ
ଲାଜ ଜାଣିବା ପୂର୍ବରୁ

ଖୁବ୍ ସରଳ ଥିଲା ଉଦଣ୍ଡି ହେବା ଆଗରୁ
କିଏ ତା'କୁ ଉଦଣ୍ଡି କଲା
ଜାଣି ପାରିବେ ତା' ଆତ୍ମକଥାରୁ

କେତେ ଖରା ବର୍ଷା ଶୀତ
ଚାଲିଯାଇଛନ୍ତି ତାକୁ ଛୁଇଁ ଛୁଇଁ
ମୋଟେ ଆଖି କଷା କରି ନାହିଁ
ଆଲୁଅ ଅନ୍ଧାର ଭିତରେ
କେଉଁ ଫରକ ତା' ପାଇଁ
ଗୀତ ଗାଇବାକୁ /ଶୁଣେଇବାକୁ

କେବେ ଦୁଷ୍ଟ ଢେଉ ପଶି ଆସି
ଭିତର ଦୁଆର ଖୋଲିଦିଏ
ମିଛେ ମିଛେ ମୁହଁ ଫୁଲେଇ କହେ
ନା' ଥାଉ
କାହିଁକି କେଜାଣି ସେ
କିଳି ପାରେନି ଦୁଆର
ଆହୁରି ଚକ୍‌ଚକ୍ ଦିଶିବ ବୋଲି ସିନ୍ଦୂର
ତା' ଜୁଆନ ଦେହ

କାହାର ପ୍ରତିବିମ୍ବ
ଧରି ନ ରଖିଛି ନିଜ ଭିତରେ
ଜଳେ ଯେସନ ଚନ୍ଦ୍ର ଛାଇ

ଆଗରେ କେତେ ଦୁଃଖ
ପଚାରି ନାହିଁ କାହାକୁ
ଏତେ ସହଜ ନୁହେଁ ବାୟାଣୀ ହେବା
ପ୍ରେମମୟୀ ହେବା !
ସେ ଜାଣେ ଜଣେ ବାୟା ରାଜା
ଅପେକ୍ଷା କରିଚି ତାକୁ
ବୋକ ଦେଇ ନୁଖୁରା ବାଳ
ସାଉଁଳି ଦେବେ
ରୋଷ ଭାଙ୍ଗିଯିବ
କାନ୍ଦିବ ନାହିଁ
ସିନ୍ଥିରେ ଆହୁରି ଗାଢ଼ ହୋଇ
ଜଳିବ ସିନ୍ଦୂର

ଆଲିଙ୍ଗନ ଭିତରେ ସେ ଭୁଲି ଯାଇଥିବ
ଆଉ ଜଣେ କିଏ ବୋଲି
ଫେରି ପାରିବନି ତା' ଏନ୍ତୁଡ଼ିକୁ
ଟୋପାଏ ଲୁହ ଯାହା ଢଳଢଳ ହେଉଥିବ
ଆଖି କୋଣରେ- ଆଞ୍ଜୁଡ଼ା ଦାଗ ଉପରେ
ବାନ୍ଧି ଆସୁଥିବ ବକଳା
ଆଉ ନିଜର ବୋଲି କ'ଣ ବା ଥିଲା
ତା' ପାଖରେ ଏତକ ଛାଡ଼ି।

ମୋ: ୯୪୩୭୮୧୩୭୦୮

## ସାଥୀ

ପଦ୍ମାଳୟା ପାଣିଗ୍ରାହୀ

ଅପରାହ୍ଣ ବୟସରେ
ମୁହଁରେ ଟିକେ ହସ ଦେବା ପାଇଁ
ଆଜି ନାହଁ ତୁମେ
ଯାଇଛ ହଜି, ଦୂରେ ବହୁଦୂରେ
କୋଉ ଅଜଣା ଜହ୍ନ ରାଇଜରେ
ଅବା ସକାଳ କୁହୁଡ଼ିର
ଧୂଆଁଳିଆ ଗୋଧୂଳିରେ
କେଉଁ ଅଜଣା ମୁଲକରେ ॥

ମୋ' ଲୁହ ନଦୀର ଆକାଶରେ
ଜହ୍ନ ହୋଇ ଭାସିଗଲ
ଗଢ଼ିଥିବା କେତେ ସମ୍ପର୍କ
କେତେ ଅନୁଭବ
ମୋ' ହୃଦୟରେ ବାନ୍ଧି ରଖିବା
କେତେ ସ୍ମୃତି ଧରାଇ
ମୋ'ଠି ଦୂରେଇ ଭୁଲିଗଲ ॥

ଏବେ ସବୁକିଛି ଶୂନ୍‌ଶାନ୍ ରାତିର
ବେଇମାନ୍ ସାଥୀ ପରି
ଜଳୁଥିବା ହୃଦୟକୁ ଦୀପ କରି
ଆଲୁଅ ଦେବାକୁ, ଦରଦୀ ମନରେ
ଟିକେ ସାନ୍ତ୍ୱନା ଦେବାରେ
ଆଜି ତୁମେ ନାହଁ,
ତୁମରି ସ୍ମୃତିକୁ ଜାବୁଡ଼ି ଧରି
ବିଳପେ ମୁଁ ଏଠି ଅହରହ ॥

ମୋ: ୬୩୭୧୦୦୨୬୧୧

## ଇଚ୍ଛିଲା ଡାଳରେ...

ବିପିନ ବିହାରୀ ମହାନ୍ତି

ଗୀତି କବିତା

ଇଚ୍ଛିଲା ଡାଳରେ ବସି ହେଲା ନାହିଁ
ଯେତେ ଯେତେ ଇଚ୍ଛା କରି
ଅପେକ୍ଷା ଉପେକ୍ଷା ସବୁ ପାଲଟିଲା
ସମୟ ଚକରେ ଘୂରି ॥୦॥

ସାଗର ବୀଚିରେ ଜୋଛନା ରାତିରେ
ଭିଜିବାରେ ଥିଲା ମନ
ବନ ଉପବନ ନଈ ପଠେ କାହିଁ
ବୁଲି ଥା'ନ୍ତେ କେଇକ୍ଷଣ
କୋଉ ଡାଳେ ବସି ପକ୍ଷୀପରି ପୁଣି
କରିଥାନ୍ତେ କୁହୁ ତାନ
କିଏ ସେ ବାଣୁଆ ଶରଟିଏ ଦେଲା ମାରି
ଫୁର୍‌କିନା ଆମେ କେଣେ ଉଡ଼ିଗଲେ
ଯେତେକ ସପନ ଧରି ॥୧॥

ମୁଁ ଗଛ ଥିଲେ ତୁମେ ଲତା ପରି
ମୋ ଦେହେ ଥା'ନ୍ତ ଜଡ଼ି
ଅମା ଅନ୍ଧାରରେ
ମନର ଆଶାକୁ
ଦେହରେ ହିସାବ କରି
ନିଜକୁ ପରଖି ଜାଣି ପାରିଥା'ନ୍ତେ
ଆପଣା କି ପର ବୋଲି
ଅଦୃଶ୍ୟ କାଟିଲା ଡୋରି
ଲାଭ ନାହିଁ ଏଠି ଯେତେ ମୁଣ୍ଡ କୋଡ଼ି
ସଙ୍ଗ ସୁଖ ଆମ ଲୋଡ଼ି ॥୨॥

ମୋ: ୯୯୩୮୩୪୧୩୮

## ବିନିମୟ

– ରାମଚନ୍ଦ୍ର ବେହେରା

ଲଘୁ ଗଳ୍ପ



ନୂଆ ଭାଉଜ ଆମଘରକୁ ଆସିଲେଣି ତିନିମାସ ହେବ। ରନ୍ଧାରନ୍ଧିରେ ମାଷ୍ଟର ପିସ୍। ବୋଉର ବରାଦ ଅନୁସାରେ ସାରା ଆଇଟମ୍ ତିଆରି କରିଦିଅନ୍ତି ସେ ଠିକ୍ ସମୟରେ। ରୋଷେଇ ପରେ ସମସ୍ତଙ୍କୁ ଖାଇବାକୁ ଦିଏ ବୋଉ। ବଢ଼ାବଢ଼ିରେ ପାତରଅନ୍ତର କରିବା ତା'ର ପୁରୁଣା ଅଭ୍ୟାସ।

ସେଦିନ ଭାଉଜ ମୋବାଇଲରେ କଥା ହେଉଥିଲେ ତାଙ୍କ ମାଆଙ୍କ ସହିତ। କବାଟ ବନ୍ଦ ଥିଲେ ବି ଭାଉଜଙ୍କ କଥା ସ୍ପଷ୍ଟ ଶୁଭୁଥିଲା ସନ୍ଧ୍ୟାକୁ। ଖାଇବା ପାଇଁ ହଇରାଣ ହେବାକୁ ପଡୁଛି ବୋଲି ସେ କହୁଥିଲେ। ତାଙ୍କ ଖାଇଲା ବେଳକୁ ପ୍ରାୟ ତରକାରି ନ ଥାଏ ବୋଲି କହି ସୁଁ ସୁଁ ହୋଇ କାନ୍ଦୁଥିଲେ।

ତା'ପର ଦିନ କଲେଜ ନ ଯାଇ ଘରେ ରହିଲା ସନ୍ଧ୍ୟା। ଦି'ପହର ଖାଇଲାବେଳେ ଭାଉଜଙ୍କୁ ଡାକିଲା ମିଶି କରି ଖାଇବା ପାଇଁ। ସନ୍ଧ୍ୟାର କଥା ନ ସରୁଣୁ ବୋଉ କହିଲା, ସେ ସମସ୍ତେ ଖାଇ ସାରିଲା ପରେ ଖାଇବ। ସେଇଆ ତ ସେ ଚାହୁଁଥିଲା। ଭାଉଜ କେତେବେଳେ ଖାଇବେ ସେଥିପ୍ରତି ନଜର ରଖି ଟିଭିଆଡ଼କୁ ଧ୍ୟାନ ଦେଲା ସନ୍ଧ୍ୟା। ସତକୁ ସତ ଭାଉଜ ଖାଇଲାବେଳକୁ ଚିଙ୍ଗୁଡ଼ି ତରକାରି ନ ଥିଲା। ଡାଲି, ବଡ଼ିଚୁରା ଓ କାକୁଡ଼ି ଦି'ପିସ୍ ଲଗେଇ କେମିତି ଖାଇବେ ସେ। ବୋଉକୁ ପ୍ରଶ୍ନକଲା ସନ୍ଧ୍ୟା, ଭାଉଜଙ୍କ ପାଇଁ ଚିଙ୍ଗୁଡ଼ି ତରକାରି କାହିଁକି ନାହିଁ? ଉତ୍ତର ମିଳିଲା- ସମସ୍ତଙ୍କୁ ଦେଉ ଦେଉ ସରିଗଲା। ଠିକ୍ ଅଛି, ମୁଁ ବାହା ହୋଇ ଗଲାପରେ ମୋ' ଶାଶୁ ଯଦି ଠିକ୍ ଏହିପରି ପରିସ୍ଥିତି ଠିଆ କରନ୍ତି, ତତେ କେମିତି ଲାଗିବ ବୋଉ। ବୋଉ କିଛି ନ କହି ମୁହଁ ଶୁଖାଇ ଦେଇ ଯିବା ସମୟରେ ସନ୍ଧ୍ୟା ଅନ୍‌ଲାଇନ୍‌ରେ ଆଗରୁ ମଗାଇଥିବା ମଟନ୍ କରି ପ୍ୟାକେଟ୍‌ଟିକୁ ଭାଉଜଙ୍କୁ ବଢ଼ାଇ ଦେଇ କହିଲା, ଏଇଟା ନିଅ ଭାଉଜ ଓ କାହାକୁ ଅପେକ୍ଷା ନ କରି ଶୀଘ୍ର ଖାଇଦିଅ। ଦେବା ସମୟରେ ହସି ହସି କହିଲା ସନ୍ଧ୍ୟା, ଏଇଟା ତୁମପାଇଁ ବୋଉ ମଗାଇଥିଲା, ମୁଁ ନୁହେଁ।

ସେଇ ଦିନଠୁ ବୋଉର ସ୍ୱଭାବର ବିନିମୟ, ଶାଶୁ ରୂପରେ ନୁହେଁ ମାଆ ରୂପରେ ଆଣି ଦେଇଥିଲା ଚେନାଏ ହସ ଭାଉଜଙ୍କ ଓଠରେ ସବୁଦିନ ପାଇଁ।

ମୋ: ୭୩୫୫୬୩୪୩୪୬

କାଳକାଳକୁ

"ବିନା କାମରେ 'ସଫଳତା' ମିଳେ କେବଳ ଅଭିଧାନରେ।"

– ଇ.ଏସ୍. ଗାର୍ଡନର୍



**ଏର୍‌ଲେ ଷ୍ଟାନ୍‌ଲେ ଗାର୍ଡନର୍‌ଙ୍କ** ଜନ୍ମ ୧୭ ଜୁଲାଇ ୧୮୮୯ରେ ମାସାଚୁସେଟ୍‌ର ମାଲ୍‌ଡେନ୍‌ରେ ଓ ପରଲୋକ ୧୧ ମାର୍ଚ୍ଚ ୧୯୭୦ରେ, କାଲିଫର୍ନିଆର ଟେମେକୁଲାରେ। ଆମେରିକୀୟ ଏଇ ଆଇନଜ୍ଞ ଓ ଲେଖକ ତାଙ୍କର ଧାରାବାହିକ ଗୁଇନ୍ଦା ଗଳ୍ପ 'Perry Mason' ପାଇଁ ପ୍ରସିଦ୍ଧ। ରହସ୍ୟ ଓ ରୋମାଞ୍ଚରେ ଭରା ଗାର୍ଡନର୍‌ଙ୍କ ଲେଖାଗୁଡ଼ିକ ପାଠକଙ୍କ ପାଇଁ ସର୍ବଦା ଆନନ୍ଦଦାୟୀ ଓ ଉପଭୋଗ୍ୟ ହୋଇଥାଏ।

## ପୁସ୍ତକ ପରିଚୟ

### ନିରବ କୋଳାହଳ




**କବି:** ଭୁବନାନନ୍ଦ ସାହୁ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୬୦/-

ମୋଟ ୪୫ଟି କବିତାର ଅକ୍ଷର-ମେଳା ଏ ବହିଟି। ପ୍ରାୟ କବିତା ନିଜକୁ, ନିଜ ଜୀବନକୁ ଓ ପରିପାର୍ଶ୍ୱର ଅନନ୍ୟତାକୁ ନେଇ ସଂରଚିତ। କବିତାରେ ଅଳଙ୍କାରକୁ ନେଇ ଭୁବନାନନ୍ଦ ବେଶୀ ଧନ୍ଦିହୁଅନ୍ତି ନାହିଁ। ଅତି ସରଳ ଭାବରେ ନିଜର ଅନୁଭବକୁ ପାଠକଙ୍କ ସମ୍ମୁଖରେ ସେ ବାଢ଼ି ବସନ୍ତି। ଯଥା: "ଥିରି ଥିରି ବହୁଥାଏ ବାଆ/ ନଥାଏ ବି ଶବ୍ଦଟିଏ/ ନିରବ ନିଥର ଚୌଦିଗ/ ପୂର୍ବାଶାରେ ଶଙ୍ଖ ଶୁଭ୍ର ଜହ୍ନ/ ଧବଳ ସୁନ୍ଦର।" ('ଜହ୍ନରାତି', ପୃ: ୧୨୪)। କବି 'ଜହ୍ନରାତି' ଭିତରେ ଜୀବନଯାପନର ଅଙ୍କ କଷନ୍ତି ଓ କହନ୍ତି- "ଆଖି ପାଏ ନାହିଁ ସଖି!/ କେତେଦୂର ପୃଥ୍ୱୀରୁ ଆକାଶ?/ ଜହ୍ନରୁ ଜୋଛନା?/ ଜୀବନ-ମରଣ।" ('ଜହ୍ନରାତି', ପୃ: ୧୨୫)। ଏହିପରି ବହିର ପ୍ରତିଟି କବିତାରେ କବି ନିବେଦିତ କରିବସନ୍ତି ଆପଣାର ଜୀବନାନୁଭୂତି। ବହିର ଶୀର୍ଷକ ସେ ରଖିଛନ୍ତି- 'ନିରବ କୋଳାହଳ'। 'କୋଳାହଳ' ଭିତରେ ନିରବତାର ଅନୁଭବ ଏକ ଉତ୍ତରିତ ଚେତନାର କଥା କହେ। କବି କହନ୍ତି: "ନିରବତା ଭିତରେ ଜମି ଉଠୁଥାଏ କୋଳାହଳ। ଜୀବନଚିନ୍ତାରୁ ଜଗତଯାଏ କବିତାର ସାମଗ୍ରୀ ହୋଇ ଉଠେ।" ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ ସହ ଏକମତ ହେବାକୁ ହୁଏ ଯେ, "ଭୁବନାନନ୍ଦଙ୍କ କବିତା ଜୀବନରସରେ ଜାରିତ।"

### ସ୍ୱୟଂଭୂ

(ଶିବ କଥା ଓ ଶିବଗାଥା ସଙ୍କଳନ)



**ସମ୍ପାଦକ:** ଶୁଭେନ୍ଦୁ କୁମାର ଭୂୟାଁ
**ପ୍ରକାଶକ:** ଶ୍ରୀଶ୍ରୀ ଲକ୍ଷେଶ୍ୱର ମନ୍ଦିର ରଜତ ଜୟନ୍ତୀ ମହୋତ୍ସବ, ମଧୁ ପାଟଣା, କଟକ-୧୦
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ. ୬୦୦/-

ଶ୍ରୀଶ୍ରୀ ଲକ୍ଷେଶ୍ୱର ମନ୍ଦିରର ରଜତ ଜୟନ୍ତୀ ମହୋତ୍ସବ ଅବକାଶରେ ପ୍ରାୟ ଚାରିଶହ ପୃଷ୍ଠା ସମ୍ବଳିତ କ୍ରାଉନ ସାଇଜ୍‌ର ଏହି ବହିଟି ପ୍ରକାଶ ପାଇଛି, ଯହିଁରେ ଶିବ କଥା ଓ ଶିବ ଗାଥାକୁ ନେଇ ନିବନ୍ଧ ଲେଖିଛନ୍ତି ବହୁ ବିଶିଷ୍ଟ ଲେଖକ। "ଶିବକଥା: ଶିବଗାଥା" ପର୍ଯ୍ୟାୟରେ ଓଡ଼ିଶାର ଶୈବ ସଂସ୍କୃତିର ଇତିହାସ, ଦର୍ଶନ ଓ ଶିବତତ୍ତ୍ୱର ମହିମା ବିଶ୍ଳେଷଣ କରାଯାଇଛି। "ପୀଠେ ଶିବ-ମହାଦେବ" ପର୍ଯ୍ୟାୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଶୈବପୀଠ ଓ ଶିବଲିଙ୍ଗ ସମ୍ପର୍କରେ ତତ୍ତ୍ୱ ଓ ତଥ୍ୟନିଷ୍ଠ ଆଲୋଚନା ହୋଇଛି। ଶିବ-ଉପାସନାରେ ବିଶ୍ୱାସ ରଖୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଗ୍ରନ୍ଥଟି ଏକ ମୂଲ୍ୟବାନ ପ୍ରାପ୍ତିଭାବେ କେବଳ ବିବେଚିତ ହେବନାହିଁ; ଅଧିକନ୍ତୁ ଶୈବଧର୍ମ ଓ ସଂସ୍କୃତି ଗବେଷକଙ୍କ ପାଇଁ ମଧ୍ୟ ପ୍ରେରଣାଦାୟୀ ହୋଇପାରିବ। ଶିବପୀଠର ବର୍ଣ୍ଣନା ସାଙ୍ଗକୁ କେତେକ ପୀଠର ଆଲୋକଚିତ୍ର ପାଠକଙ୍କ ପାଇଁ ରୁଚିକର ସାବ୍ୟସ୍ତ ହେବ ବୋଲି ଆଶା।

## ଆତ୍ମହତ୍ୟା

ଗଳ୍ପ

ଡ. ଭବାନୀ ଶଙ୍କର ଦାଶ

ଖୁବ୍ ଜୋର୍‌ରେ ନିଜ ଉପରେ ପ୍ରତିଶୋଧ ନେବାକୁ ଇଚ୍ଛା ହେଉଥିଲା ତା'ର। ନିଜ ଆଖିରେ ଦେଖିସାରିଲା ପରେ ନିଜକୁ ବୁଝେଇ ପାରୁ ନ ଥିଲା। ପୂର୍ବରୁ ରିମା ବାବଦରେ ଯାହା କିଛି ଶୁଣିଥିଲା, ସେସବୁକୁ ବିଶ୍ୱାସ କରୁ ନ ଥିଲା। ତା'ର ବିଶ୍ୱାସ ଥିଲା ଯେ, ରିମା ଅନ୍ତତଃ ଏପରି କରିପାରିବ ନାହିଁ। ମାତ୍ର ଏପରି ସୁନ୍ଦର ରୂପ ଭିତରେ ଏତେ କଦର୍ଯ୍ୟ ପଶୁ ରହିଛି! ଛି...ଛି...! ଆଉ ତେଣିକି ଭାବି ପାରୁନଥିଲା ଭବେଶ। ଗାଡ଼ିର ଗତି ବଢ଼ିଚାଲିଲା ତୀବ୍ର ବେଗରେ।

ବିଶ୍ୱାସର ଗୋଟେ ବୁଢ଼ିଆଣୀ ଜାଲ ବୁଣି ସିଏ ଭବେଶକୁ ଧରିନେଲା। ଦୀର୍ଘ ବର୍ଷର ସମ୍ପର୍କ ବିବାହର ରୂପନେଲା। ଚାକିରିଆ ଝିଅ। ଜାତି ଅଲଗା ହେଲେ ବି ପିଲାମାନଙ୍କ ଦୃଢ଼ତା ଆଗରେ ପରିବାର ମୁଣ୍ଡ ନୁଆଁଇଲେ। ସକାଳୁ ସହର ପାଖ ଗାଁରୁ କାର୍‌ରେ ସ୍ୱାମୀ-ସ୍ତ୍ରୀ ଦି' ଜଣ ଚାକିରି କ୍ଷେତ୍ରକୁ ଯାଆନ୍ତି, ଫେରନ୍ତି ରାତି ନ'ଟାରେ। ଗଲାବେଳେ ଭବେଶ ରିମାକୁ ତା' ଅଫିସ୍ ପାଖେ ଛାଡ଼ିଦେଇ ସେଠୁ ସାତ କିଲୋମିଟର ଦୂର ନିଜ ଅଫିସ୍‌କୁ ଯାଏ। ଫେରିଲାବେଳେ ଏକାଠି ଫେରନ୍ତି। ରାତି ହୋଇଯାଏ ଘରେ ପହଞ୍ଚିଲାବେଳକୁ। ଦଶଟା ଭିତରେ ରାତିଖାଦ୍ୟ ପ୍ରସ୍ତୁତ କରିବାକୁ ହୁଏ। ଚାକିରି ଓ ପରିବାର ଜଞ୍ଜାଳ ଦୁଇଟାଯାକ ସଠିକ୍ ପରିଚାଳନା କରିପାରୁଥିବାରୁ ପରିବାରରେ ରିମାର ଗୁରୁତ୍ୱ ଯଥେଷ୍ଟ ବେଶି। ନୀଚ ଜାତିର ଝିଅର ଉଚ୍ଚ ଚିନ୍ତାଧାରା ଓ ବ୍ୟବହାରରେ ସମସ୍ତେ ମୁଗ୍ଧ। ରିମା ବିନା ସବୁ ଅଚଳ। ଶଯ୍ୟାଶାୟୀ ବାପାବୋଉ ବି ଅନେଇଥା'ନ୍ତି ରିମା ଖୁଆଇଲେ ଖାଇବେ ବୋଲି। ସବୁବେଳେ ଶେଯରେ ଶୋଇ ରହୁଥିବା ବାପାବୋଉ ରିମା କଥାରେ ଉଠି ବସନ୍ତି। ବିବାହର ଆଠବର୍ଷ ପରେ ବି କିଛି ପିଲାପିଲି ହେଲାନାହିଁ। ଅନେକ ଡାକ୍ତରୀ କବିରାଜି ଇତ୍ୟାଦି ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା। ଏଥିପାଇଁ ଉଭୟଙ୍କ ଭିତରେ ଥିବା ଅକୁହା ଦୁଃଖ କେହି କାହାକୁ ଜାଣିବାକୁ ଦେଉ ନ ଥିଲେ। ବରଂ ଆପଣା ଭିତରର ଏଇ ଦୁଃଖକୁ ଲୁଚାଇ ରଖି ଜଣେ ଅନ୍ୟକୁ ଖୁସିରେ ରଖିବାକୁ ଆପ୍ରାଣ ଉଦ୍ୟମ କରୁଥିଲେ। ଦିନକ ଭିତରେ ରିମା ଅନ୍ତତଃ ପଚାଶଥର ଫୋନ୍ କରୁଥିବ ଭବେଶକୁ। ଏପରିକି ଅଫିସ୍‌ରେ ଭବେଶ ଯେତେଥର ପାଣି ପିଏ, ରିମା ଫୋନ୍ କରିବାରୁ। ଭବେଶର ରିମା ଉପରେ ଅଖଣ୍ଡ ବିଶ୍ୱାସ। ରିମାର ଏକ ବିଶେଷ ଗୁଣ ହେଲା ମନେରଖିବା। କାହାର ଜନ୍ମ ଓ ମୃତ୍ୟୁ ତାରିଖ, ଆଗାମୀ ନିମନ୍ତ୍ରଣ, କେଉଁ ଦରକାରୀ କାଗଜ କେଉଁଠି ରହେ ଇତ୍ୟାଦିର ହିସାବ ରିମାର ତୁଣ୍ଡେ ତୁଣ୍ଡେ ଥାଏ। ରିମା ନ ଥିଲେ ସବୁ ଅଚଳ। ସାରା ପରିବାର ରିମା ଉପରେ ନିର୍ଭରଶୀଳ। ଅଫିସ୍‌ରେ ଥାଇ ବି ଫୋନ୍‌ରେ ବାପା ବୋଉଙ୍କ ଔଷଧ, ଖାଦ୍ୟ ଇତ୍ୟାଦି ତଦାରଖ କରେ।

ରିମା ବିନା ଭବେଶ ସମ୍ପୂର୍ଣ୍ଣ ନୁହଁ, ବରଂ ଅଧାରୁ କମ୍। କାହା ସହ ଗୁରୁତ୍ୱପୂର୍ଣ୍ଣ କଥାବାର୍ତ୍ତା ବା କିଣାକିଣି ସବୁଥିରେ ରିମା ଆଗୁଆ। କନ୍‌ଭେଣ୍ଟରେ ପାଠ ପଢ଼ିଥିବା ଜଣେ କମ୍ପ୍ୟୁଟର ଇଞ୍ଜିନିୟର ରିମା। ଶିକ୍ଷିତା, ସଂସ୍କାରି, ଆଧୁନିକା ହେଲେ ବି ଖାଣ୍ଟି ଓଡ଼ିଆ ଘରର ଘରଣୀ। ଚାଲାକ୍ ଚତୁର ଯେମିତି, ଫୂର୍ତ୍ତି ବି ସେମିତି। ଖୁବ୍ କର୍ମଠ ଓ ନିରଳସ। କଥା କହିଲେ ମନ ମୋହିନିଏ। ଏଇ କିଛିଦିନ ହେଲା ଭବେଶ ଲକ୍ଷ୍ୟକରେ ରିମା ଦେହରୁ ବିଦେଶୀ ଅତରର ବାସ୍ନା। ଭରସିକି ଭବେଶ ପଚାରିପାରେନା। ଦିନେ ପଚାରିଦେଲା ଏଇଟା କି ପର୍ଫ୍ୟୁମ୍। ରିମା କହିଲା- ଫରେନ୍, ଇମ୍ପୋର୍ଟେଡ୍ ଡିଓ। ତମର ଦରକାର କହିଲେ ଆଣିଦେବି। ଆଜି ଆଣିଛି ପ୍ରଥମ କରି। ଏଇଟା ଫର୍ ୱିମେନ। ତୁମ ପାଇଁ ଦଶ ଦିନ ଭିତରେ ଆସି ପହଞ୍ଚିଯିବ। ଫର୍ ମେନ୍‌ଟା ନା ବହୁତ ବଢ଼ିଆ। ଭବେଶ ଗାଡ଼ିର ବେଗ ଆହୁରି ବଢ଼େଇଦେଲା। ଜାଣିଶୁଣି ନିଜ ଅକ୍ତିଆର ବାହାରକୁ ଚାଲିଗଲା। ଗତକାଲିର ଦୃଶ୍ୟ ତା' ଆଖିଆଗରେ ନାଚିବାକୁ ଲାଗିଲା। ଅନେକ ସମୟ ଅପେକ୍ଷା କଲାପରେ ରିମା ଆସିବା ଡେରି ହେବାରୁ ତଳେ କାର୍ ରଖି ସାତ ମହଲାରେ ଥିବା ରିମାର ଅଫିସ୍ ଭିତରକୁ ପଶିଗଲା। ସେତେବେଳେ ରିମା ବିଦେଶିନୀ କାଇଦାରେ ତା' ବସ୍ ପାଖରୁ ବିଦାୟ ନେଉଥିଲା ତାଙ୍କ ଓଠରେ ଓଠ ମିଶାଇ। ଭବେଶ ଆଖିରେ ଧରାପଡ଼ିଯିବାରୁ ସଫେଇ ଦେଇ କହିଥିଲା- ମଲ୍ଟିନ୍ୟାଶନାଲ କମ୍ପାନୀ ତ! ବସ୍ ଆମର ଆମେରିକାନ୍। ତାଙ୍କ ସହିତ ଏମିତି ଚଳିବାକୁ ପଡ଼େ। କଥାଟା ଭବେଶକୁ ଭଲ ଲାଗିଲାନି। ମନେମନେ ଭାବିଲା ରିମାର ଦରମା ବୋଧେ ଏଇଥିପାଇଁ ତା' ଦରମାଠାରୁ ତିନିଗୁଣ ଅଧିକ। ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଲା ଭବେଶ। ଡାହାଣପଟେ ଥିବା ଗଛରେ ଗାଡ଼ି ପିଟି ହୋଇଗଲା। ଷ୍ଟିୟରିଂରେ ଚାପି ହୋଇ ଘଟଣାସ୍ଥଳରେ ଭବେଶର ପ୍ରାଣ ଚାଲିଗଲା। ରିମା ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଦେଢ଼ମାସ ପରେ ଚେତା ଫେରିପାଇଲା। କ୍ରମେ ସ୍ୱାଭାବିକ କଥାବାର୍ତ୍ତା କଲା। ପଚାରି ବୁଝିଲା ଭବେଶ ଆଉ ଶାଶୁ ଶ୍ୱଶୁରଙ୍କ କଥା। ଭବେଶ ଆଉ ନାହିଁ ଏ କଥା ତାକୁ କେହି କହିଲେ ନାହିଁ। ସିଏ ଜାଣିନେଲା ଯେ ଭବେଶ ନାହିଁ। ଭବେଶ ଆଉ ନାହିଁ- ଏଇ କଥାଟାକୁ ବିଶ୍ୱାସ କରିପାରୁନି। ନିଜକୁ ନିଜେ ଅନୁଧ୍ୟାନ କରୁଥିଲା। ଭବେଶ ଓ ସିଏ ନିଜେ ମାସାଧିକ କାଳ ମେଡିକାଲରେ ରହିଲେ। ବୁଢ଼ାବୁଢ଼ୀ ଦି'ଟା କ'ଣ କରିଥିବେ। କ୍ରମେ ଅସ୍ଥିର ହୋଇ ଉଠୁଥିଲା ରିମା। ତା' ମନ କହୁଥିଲା ଧାଇଁ ଯାଇ ଭବେଶର ଗୋଡ଼ଧରି ଭୁଲ୍ ମାଗିବାକୁ। ଶାଶୁ ଶ୍ୱଶୁରଙ୍କ ସେବା କରିବାକୁ। ଉଠିବାକୁ ଚେଷ୍ଟା କଲା। ମୁଣ୍ଡ ବୁଲେଇ ଦେଲା। କାହାକୁ ପଚାରିବ ସେମାନଙ୍କ କଥା। ସନ୍ଧ୍ୟା ହେଇ ଆସୁଥିଲା। ଡାକ୍ତର ଆସିଲେ। କହିଲେ, ପିଲାର କିଛି କ୍ଷତି ହୋଇନାହିଁ। ଆସନ୍ତାକାଲି ଆପଣ ଘରକୁ ଯିବେ। ରିମା ନିଜ ଭିତରେ ଶୁଣିପାରୁଥିଲା ଗୋଟେ କଅଁଳା ପିଲାର କାନ୍ଦ ସହିତ ନିଜ କାନ୍ଦକୁ। ତାକୁ ଲାଗୁଥିଲା ଯେମିତି ତା'ରି କୁକର୍ମ ପାଇଁ ଏତେ କଥା ଘଟିଗଲା। ଏବେ ତା' ପାଇଁ ବଡ଼ ପ୍ରଶ୍ନ ଥିଲା ଚାକିରି ଛାଡ଼ିଦେବ ନା ରଖିବ। ଏବେ ତାକୁ ଉଭୟ ପୁଅ ଓ ବୋହୂର ଭୂମିକା ନିଭେଇବାକୁ ହବ। କେମିତି! ଭବେଶ ବିନା ସିଏ ଯେ ସମ୍ପୂର୍ଣ୍ଣ ନୁହେଁ। କାନ୍ଦିବା ଭିତରେ ତାକୁ ନିଦ ହେଇଗଲା। ନିଦରେ ସ୍ୱପ୍ନ ଦେଖିଲା ଆକ୍ସିଡେଣ୍ଟ ହେଇଥିବା ଗାଡ଼ିଟା ନୂଆ ହୋଇଯାଇଛି। ଆଉ ଭବେଶ କହୁଥିଲେ- ଦେଖ, ଗାଡ଼ି ସଜଡ଼ା ହୋଇଗଲା, ମୁଁ ବି ସଜାଡ଼ି ହୋଇଯାଇଛି। ଖାଲି ତୁମେ ସଜାଡ଼ି ହୋଇଗଲେ ବାପାବୋଉଙ୍କୁ ନେଇ ସହରକୁ ପଳେଇବା। ଏଇ ଗାଡ଼ିଟା ଆମ ପୁଅ ଚଳେଇବ। ନା... ରିମା ଚିତ୍କାର କରିଉଠିଲା। ନିଦ ଭାଙ୍ଗିଗଲା। ସକାଳ ହୋଇଯାଇଥିଲା। ଚାରିଆଡ଼େ ସୁନା ଖରା ବିଂଚିହୋଇ ପଡ଼ିଥିଲା। ଏତେ ଆଲୁଅ ସତ୍ତ୍ୱେ ତା' ଆଖିକୁ ଅନ୍ଧାର ଘେରି ରହିଥିଲା।

ମୋ: ୮୯୧୭୬୨୪୩୮୬



# ୟୁପି ୱାରିୟର୍ଜ ୧୦ ଉଇକେଟରେ ଜିତିଲା

ମୁମ୍ବାଇ,୧୦ା୩

ମୁମ୍ବାଇର ବ୍ରାବୋର୍ନ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଓମେନ୍ସ ପ୍ରିମିୟର ଲିଗ୍‌ର ମ୍ୟାଚ୍ ନମ୍ବର ୮ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି)କୁ ୧୦ ଉଇକେଟରେ ପରାସ୍ତ କରିଛି ୟୁପି ୱାରିୟର୍ଜ। ଆରସିବି ୧୯.୩ ଓଭରରେ ୧୩୮ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ୧୩ ଓଭରରେ ଜିତି ନେଇଥଲା ୟୁପି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ପକ୍ଷରୁ ସୋଫି ଡିଭାଇନ୍(୩୬) ଓ ଏଲିସ୍ ପେରୀ(୫୨) ରନ୍ କରିଥିଲେ। ପେରୀ ୩୯ ବଲ୍ ଖେଳି ସର୍ବାଧିକ ୫୨ ରନ୍ କରିଥିଲେ। ପେରୀଙ୍କ ଇନିଂସରେ ୬ ଚୌକା ଓ ୧ ଛକା ସାମିଲ ଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଶ୍ରେୟଙ୍କା ପାଟିଲ ୧୫ ଓ ଏରିନ୍ ବର୍ନସ୍ ୧୦ ରନ୍ କରିଥିଲେ। ୟୁପି ୱାରିୟର୍ଜ ପକ୍ଷରୁ ସୋଫି ଏକେଲଷ୍ଟୋନ ୧୩ ରନ୍‌ରେ ୪ ଉଇକେଟ ନେଇଥିବା ବେଳେ ଦୀପ୍ତି ଶର୍ମା ୨୬ ରନ୍‌ରେ ୩ ଉଇକେଟ ନେଇଥିଲେ। ୧୩୯ ରନ୍ ଜବାବରେ ଆଲିସା ହିଲି ୯୬* ଓ ଦେବିକା ବୈଦ୍ୟ ୩୬* ରନରେ ଅପରାଜିତ ରହିଥିଲେ। ହିଲି ୪୭ବଲ୍ ଖେଳି ୧୮ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଦେବିକା ୩୧ଟି ବଲ ଖେଳି ୫ ଚୌକା ମାରିଥିଲେ।

**ଓମେନ୍ସ ପ୍ରିମିୟର୍ ଲିଗ୍**

**ଆଜିର ମ୍ୟାଚ୍**

**ଗୁଜରାଟ ବନାମ ଦିଲ୍ଲୀ**
**ଡି.ୱାଇ. ପାଟିଲ ଷ୍ଟାଡିୟମ,ନଭି ମୁମ୍ବାଇ**
**ସମୟ- ରାତି ୭.୩୦**



ପ୍ଲେୟର ଅଫ୍ ଦି ମ୍ୟାଚ୍ ଆଲିସା ହିଲି ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୯.୩ଓଭରରେ ୧୩୮/୧୦(ଏଲିସ୍ ପେରୀ-୫୨, ସୋଫି ଡିଭାଇନ୍-୩୬, ଶ୍ରେୟଙ୍କା ପାଟିଲ-୧୫, ସୋଫି ଏକେଲଷ୍ଟୋନ-୪/୧୩, ଦୀପ୍ତି ଶର୍ମା-୩/୨୬, ରାଜେଶ୍ୱରୀ ଗାଏକ୍ୱାଡ-୧/୨୬)। ୟୁପି ୱାରିୟର୍ଜ: ୧୩ ଓଭରରେ ୧୩୯/୦ (ଆଲିସା ହିଲି-୯୬*, ଦେବିକା ବୈଦ୍ୟ-୩୬*)।

# ସୁଖଜିତଙ୍କ ଡବଲ୍‌ରେ ଭାରତ ବିଜୟୀ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି**

**ଜର୍ମାନୀ ୩-୨ରେ ପରାସ୍ତ**

ଭୁବନେଶ୍ୱର/ରାଉରକେଲା ଅଫିସ୍,୧୦ା୩ (ସ୍ପୋର୍ଟ୍ସ ବ୍ୟୁରୋ)

ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ଜର୍ମାନୀକୁ ୩-୨ ଗୋଲରେ ପରାସ୍ତ କରିଛି ଭାରତ। ଯୁବ ଖେଳାଳିଙ୍କୁ ନେଇ ଓହ୍ଲାଇଥିବା ଭାରତ ବିଶ୍ୱ ଚାମ୍ପିୟନ୍ ଜର୍ମାନୀକୁ ସମସ୍ତ ବିଭାଗରେ ପରାସ୍ତ କରିଥିଲା। ଭାରତ ପକ୍ଷରୁ ସୁଖଜିତ ସିଂ ଡବଲ୍ ଗୋଲ ସ୍କୋର କରିଥିବା ବେଳେ ହରମନ୍‌ପ୍ରୀତ ସିଂ ଗୋଟିଏ ଗୋଲ ଦେଇଥିଲେ। ଜର୍ମାନୀ ପକ୍ଷରୁ କୌଫମାନ୍ ପଲ୍ ଫିଲିପ ଓ ଷ୍ଟ୍ରୁଥୋଫ୍ ମାଇକେଲ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମ୍ୟାଚ ଆରମ୍ଭରୁ ବେଶ ସଂଘର୍ଷପୂର୍ଣ୍ଣ ରହିଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଜର୍ମାନୀ ଘନଘନ ଆକ୍ରମଣ କରିଥିଲା। ତେବେ ଭାରତୀୟ ରକ୍ଷଣଭାଗ ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ କାରଣରୁ ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ଭାବରେ ଶେଷ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଭାରତୀୟ ଖେଳାଳି ଚମତ୍କାର ପ୍ରଦର୍ଶନ କରିବା ସହିତ ଆକ୍ରମଣକୁ ଜୋରଦାର କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ହେବାକୁ କିଛି ସେକେଣ୍ଡ ରହିଥିବା ବେଳେ ମିଳିଥିବା ପେନାଲ୍ଟିକର୍ନରକୁ ଗୋଲରେ ପରିଣତ କରିଥିଲେ ଅଧିନାୟକ ହରମନ୍‌ପ୍ରୀତ୍ ସିଂ। ଭାରତ ୧-୦ରେ ଆଗୁଆ ଥିବା ବେଳେ ତୃତୀୟ କ୍ୱାର୍ଟରର ପ୍ରଥମ ମିନିଟରେ ଏକ ଚମତ୍କାର ଫିଲ୍ଡ ଗୋଲ ଦେଇଥିଲେ ସୁଖଜିତ ସିଂ। ସମାନ କ୍ୱାର୍ଟରର ୪୨ ତମ ମିନିଟରେ ସୁଖଜିତ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଭାରତକୁ ୩-୦ ରେ ଆଗୁଆ କରିଥିଲେ। ତୃତୀୟ କ୍ୱାର୍ଟର ଶେଷ ହେବାକୁ ଏକ ମିନିଟ ରହିଥିବା ବେଳେ ଜର୍ମାନୀ ପକ୍ଷରୁ ୪୪ ତମ ମିନିଟରେ କୌଫମାନ୍ ପଲ୍ ଫିଲିପ୍ ଗୋଲ୍ ପରିଶୋଧ କରିଥିଲେ। ଅନ୍ତିମ କ୍ୱାର୍ଟରର ୫୭ ତମ ମିନିଟରେ ଷ୍ଟ୍ରୁଥୋଫ୍ ମାଇକେଲ ଏକ ଗୋଲ ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲେ। ଶନିବାର ଦ୍ୱିତୀୟ ମ୍ୟାଚ ଅଷ୍ଟ୍ରେଲିଆ ଓ ଜର୍ମାନୀ ମଧ୍ୟରେ ଖେଳାଯିବ।



ଭାରତ-ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଅଙ୍କିତା, ରତୁଜା ସେମିଫାଇନାଲରେ

ବେଙ୍ଗାଲୁରୁ, ୧୦ା୩ (ପି.ଟି.)

ଭାରତ ଅଙ୍କିତା ରାଇନା ଓ ରତୁଜା ଭୋସେଲ ଏଠାରେ ଚାଲିଥିବା ଆଇଟିଏଫ୍ ଓମେନ୍ସ ଓପନ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଟୁର୍ନାମେଣ୍ଟରେ ଚତୁର୍ଥ ସିଡ୍ ରାଇନା ବୋସନିଆ ହର୍ଜଗୋଭିନାର ଦିଆ ହର୍ଜେଲାସ୍‌ଙ୍କୁ୬-୧,୬-୭(୭), ୭-୫ରେ ପରାସ୍ତ କରିଥିବା ବେଳେ କେଏସ୍‌ଏଲ୍‌ଟିଏ ଷ୍ଟାଡିୟମରେ ଭୋସଲେ ୮ମ ସିଡ୍ ବ୍ରିଟେନର ଇଡେନ୍ ସିଲ୍‌ଭାଙ୍କୁ ୩-୬, ୭-୬ (୫), ୬-୪ରେ ହରାଇ ଦେଇଛନ୍ତି। ରାଇନା ଶନିବାର ଏକ ଅଲ୍ ଇଣ୍ଡିଆନ ସେମିଫାଇନାଲରେ ଭୋସେଲଙ୍କୁ ଭେଟିବେ। ଆଇଟିଏଫ୍ ଓମେନ୍ସ ୱାର୍ଲ୍ଡ ଟେନିସ ଟୁର୍‌ର ଏକ ଅଂଶବିଶେଷ ଏହି ଟୁର୍ନାମେଣ୍ଟର ଆୟୋଜକ ହେଉଛି କର୍ନାଟକ ରାଜ୍ୟ ଲନ୍ ଟେନିସ ଆସୋସିଏଶନ (କେଏସ୍‌ଏଲ୍‌ଟିଏ)। ପୂର୍ବରୁ ଚେକ୍ ରିପବ୍ଲିକର ବ୍ରେଣ୍ଡା ଫ୍ରୁଭିର୍ତ୍ତୋଭା ୬ଷ୍ଠ ସିଡ୍ ଇଣ୍ଡୋନେସିଆର ମେଓ୍ୱଲିନ୍ ନୁଗ୍ରୋହୋଙ୍କ ବିପକ୍ଷରେ ୬-୦, ୭-୫ରେ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟଏକ କ୍ୱାର୍ଟରଫାଇନାଲରେ ୫ମ ସିଡ୍ ଡାଲିଲା ଜାକୁପୋଭିଚ୍ ୬-୨, ୬-୦ ସିଧାସଳଖ ସେଟ୍‌ରେ ଇକୁମି ୟାମାଜାକିଙ୍କୁ ହରାଇ ଦେଇଛନ୍ତି। ପରେ ଏକ ଡବଲ୍ସ ସେମିଫାଇନାଲରେ ଭୋସେଲ୍ ଓ ତାଙ୍କ ସ୍ୱିଡିଶ ପାର୍ଟନର ଜାକ୍ୱିଲିନ୍ ଆୱାଦ ନମ୍ବର ୱାନ ସିଡ୍ ଯୋଡ଼ି ଜର୍ଜ ଫ୍ରାନ୍‌ସିକା ଓ ଜର୍ଜ ମାଗିଲ୍‌ଡିଙ୍କଠାରୁ ୬-୨, ୩-୬, ୮-୧୦ରେ ପରାଜିତ ହୋଇଛନ୍ତି।



ରତୁଜା ଭୋସେଲ

# ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍ ଆଜିଠାରୁ

ଭୁବନେଶ୍ୱର, ୧୦ା୩ (ସ୍ପୋର୍ଟ୍ସ ବ୍ୟୁରୋ)

ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍ ଟୁର୍ନାମେଣ୍ଟ କିଟ୍ ଓ କିସ୍ ପରିସରରେ ଥିବା କ୍ୟାମ୍ପସ-୧୦ ଅନ୍ତର୍ଗତ ବିଶ୍ୱନାଥନ ଆନନ୍ଦ ଇଣ୍ଟରନ୍ୟାଶନାଲ ଚେସ୍ ହଲ୍‌ରେ ଶନିବାରଠାରୁ ହେବ। ଏହି ଟୁର୍ନାମେଣ୍ଟରେ ୩୦୦ରୁ ଊର୍ଦ୍ଧ୍ୱ ରାଜ୍ୟ ଓ କେନ୍ଦ୍ର ସରକାର କର୍ମଚାରୀ ଭାଗ ନେବେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ନୂଆଦିଲ୍ଲୀସ୍ଥିତ ସେଣ୍ଟ୍ରାଲ ସିଭିଲ ସର୍ଭିସ କଲ୍‌ଚରାଲ ଆଣ୍ଡ ସ୍ପୋର୍ଟ୍ସ ବୋର୍ଡ ଏବଂ କିଟ୍‌ର ମିଳିତ ସହଯୋଗରେ ହେଉଥିବା ଏହି ଟୁର୍ନାମେଣ୍ଟ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ନିହାର ରଞ୍ଜନ ସାସ୍ମଲଙ୍କୁ ମୁଖ୍ୟ ଆର୍ବିଟର ଭାବେ ମନୋନୀତ କରାଯାଇଛି।

# ଶ୍ରୀଲଙ୍କାର ପ୍ରଭାବୀ ବୋଲିଂ

ଖ୍ରୀଷ୍ଟଚର୍ଚ୍ଚ, ୧୦ା୩ (ଏପି)

ସ୍ଥାନୀୟ ହାଗ୍‌ଲି ଓଭାଲଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଗୁରୁବାର ୬ ଉଇକେଟ ହରାଇ ୩୦୫ ରନ କରିଥିବା ଶ୍ରୀଲଙ୍କା ୩୫୫ ରନରେ ଅଲଆଉଟ ହୋଇଯାଇଛି। ନ୍ୟୁଜିଲାଣ୍ଡର ନୂଆ ବଲ୍ ଯୋଡ଼ି ଟିମ୍ ସୌଦି ଓ ମ୍ୟାଟ୍ ହେନ୍‌ରୀ ଅବଶିଷ୍ଟ ୪ ଉଇକେଟ ବାଣ୍ଟି ନେଇଥିଲେ। ସୌଦି ଏହି ଇନିଂସରେ ୬୪ ରନ ବିନିମୟରେ ୫ ଉଇକେଟ ନେଇଥିଲେ। ଏହାଥିଲା ତାଙ୍କର ୧୫ ତମ ୫ ଉଇକେଟ ସଫଳତା। ହେନ୍‌ରୀ ୮୦ ରନ ବିନିମୟରେ ୪ଉଇକେଟ ହାସଲ କରିଥିଲେ। ପରେ ଶ୍ରୀଲଙ୍କାର ପ୍ରଭାବୀ ବୋଲିଂ ଯୋଗୁ ଟମ୍ ଲଥାମଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ସତ୍ତ୍ୱେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୫ ଉଇକେଟ ବିନିମୟରେ ୧୬୨ ରନ କରିଛି। ଲଥାମ ୧୪୪ ବଲ୍ ସାମ୍ନା କରି ୭ ଚୌକା ସହ ୬୭ ରନ କରିଛନ୍ତି। ତାଙ୍କ ଓପନିଂ ପାର୍ଟନର ଡେଭନ କନୱେ ୩୦ ରନ କରିଛନ୍ତି।

# ସାମୁଏଲଙ୍କୁ ସିଙ୍ଗଲ୍ସ ଟାଇଟଲ

**ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ ଟେନିସ୍**

ଭୁବନେଶ୍ୱର, ୧୦ା୩ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ମେଣ୍ଢାଶାଳସ୍ଥିତ ଟେନିସ କମ୍ପ୍ଲେକ୍ସଠାରେ ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ ଟେନିସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ନାଟକର ରଶିନ୍ ସାମୁଏଲ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ସେ ତାମିଲନାଡୁର ଭୂପତି ସାକଥିଭେଲ୍‌ଙ୍କୁ ୭-୬ (୫), ୬-୧ରେ ହରାଇ ଦେଇଛନ୍ତି। ପୂର୍ବରୁ ଅନୁଷ୍ଠିତ ଡବଲ୍ସ ଫାଇନାଲରେ ମହାରାଷ୍ଟ୍ର ଯୋଡ଼ି ପ୍ରସାଦ ଇଙ୍ଗାଲେ ଓ ପାରିତୋଷ ପାୱାର ୬-୪, ୬-୪ରେ ଓଡ଼ିଶାର ଅମୃତଜୟ ମହାନ୍ତି ଓ ଶୁଭ୍ରନିଲ୍ ବର୍ମନଙ୍କୁ ହରାଇ ଦେଇଥିଲେ। ପ୍ରତିଯୋଗିତା ଶେଷରେ ସିଙ୍ଗଲ୍ସ ବିଜେତା ଓ ରନରଅପ୍‌କୁ ଟ୍ରଫି ସହ ଯଥାକ୍ରମେ ୧୨,୫୦୦ ଟଙ୍କା ଓ ୮,୪୦୦ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଡବଲ୍ସ ବିଜେତା ଓ ରନରଅପ୍‌ଙ୍କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ବାବଦରେ ଯଥାକ୍ରମେ ୬,୨୦୦ ଟଙ୍କା ଓ ୩,୮୦୦ ଟଙ୍କା ପ୍ରଦାନ କରାଯାଇଥିଲା। ସିଙ୍ଗଲ୍ସର ବିଜେତା ଓ ରନରଅପ୍ ଯଥାକ୍ରମେ ୨୦ ଓ ୧୫ ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ (ଆଇଟା) ର୍‍ୟାଙ୍କିଙ୍ଗ ପଏଣ୍ଟ ଅର୍ଜନ କରିଛନ୍ତି। ଚାମ୍ପିୟନଶିପ୍‌ରେ ଦେଶର ୧୪ଟି ବିଭିନ୍ନ ରାଜ୍ୟରୁ ମୋଟ ୬୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସ୍ୱର୍ଗତ ମେଜର ସନ୍ଦୀପ ମହାପାତ୍ରଙ୍କ ପିତା ଜଗଦାନନ୍ଦ ମହାପାତ୍ର ଟୁର୍ନାମେଣ୍ଟର ପ୍ରମୁଖ ପ୍ରାୟୋଜକ ରହିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ସେ ଫାଇନାଲିଷ୍ଟଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁକୁଳ ରିସୋର୍ଟସର ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ ଓ ଟୁର୍ନାମେଣ୍ଟ ରେଫରି ଯତୀନ ବସ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ।



ରଶିନ୍ ସାମୁଏଲ

# ଭାରତ ୪୪୪ ରନ ପଛରେ

ଅହମଦାବାଦ,୧୦ା୩(ପି.ଟି.)

ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ବର୍ଡର-ଗାଭାସ୍କର ଟ୍ରଫିର ଅନ୍ତିମ ଟେଷ୍ଟରେ ଦୃଢ଼ ସ୍ଥିତିରେ ରହିଛି ଅଷ୍ଟ୍ରେଲିଆ। ଓପନର ଉସ୍‌ମାନ ଖ୍ୱାଜା ଓ କାମେରୁନ୍ ଗ୍ରୀନ୍‌ଙ୍କ ଶତକ ବଳରେ ଅଷ୍ଟ୍ରେଲିଆ ୪୮୦ ରନ୍ କରିଥିବା ବେଳେ ଦ୍ୱିତୀୟ ଦିନର ଖେଳ ସମାପ୍ତ ସୁଦ୍ଧା ଭାରତ ବିନା କ୍ଷତିରେ ୩୬ ରନ୍ ସଂଗ୍ରହ କରି ୪୪୪ ରନ୍ ପଛରେ ରହିଛି।

**ଗାଭାସ୍କର ଟ୍ରଫି ଅନ୍ତିମ ଟେଷ୍ଟର ଦ୍ୱିତୀୟ ଦିନ**

**ଖ୍ୱାଜା ଓ ଗ୍ରୀନ୍‌ଙ୍କ ଶତକ**

ପ୍ୟାଟ୍ କମିନ୍ସଙ୍କ ମାତୃ ବିୟୋଗ କାରଣରୁ ଅଷ୍ଟ୍ରେଲୀୟ ଖେଳାଳିମାନେ ବ୍ଲାକ୍ ଆର୍ମ୍‌ବ୍ୟାଣ୍ଡ ପିନ୍ଧିଥିଲେ। ପ୍ରଥମ ଦିନର ଅସମାପ୍ତ ସ୍କୋର ୨୫୫/୪ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଅବଶିଷ୍ଟ ୬ ଉଇକେଟ ହରାଇ ଆଉ ୨୧୫ ରନ କରିଥିଲା। ଉସମାନ୍ ଖ୍ୱାଜା ୧୮୦ ଓ କାମେରୁନ୍ ଗ୍ରୀନ୍ ୧୧୪ ରନ୍‌ର ଇନିଂସ ଖେଳିଥିଲେ। ଦ୍ୱିତୀୟ ଦିନରେ ୬ ଉଇକେଟର ପତନ ଘଟିଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନ୍ ୫ ଓ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଥିଲେ। ଉଭୟ ଖ୍ୱାଜା ଓ ଗ୍ରୀନ୍ ଆଉ ୧୨୩ ରନ୍ ଯୋଡିଥିଲେ। ଗ୍ରୀନ୍ ସାମାନ୍ୟ ଆକ୍ରମଣାତ୍ମକ ବ୍ୟାଟିଂ କରିବା ସହିତ ନିଜର ଦ୍ୱିତୀୟ ଟେଷ୍ଟ ଶତକ ପୂରଣ କରିଥିଲେ। ୧୭୦ ବଲ୍ ଖେଳି ଗ୍ରୀନ୍ ୧୮ ଚୌକା ସହିତ ୧୧୪ ରନ୍ କରିଥିଲେ। ଅଶ୍ୱିନଙ୍କ ଲେଗ୍ ଷ୍ଟମ୍ପ ବାହାରର ବଲ୍ ଖେଳିବାକୁ ଗ୍ରୀନ୍ ପ୍ରୟାସ କରିଥିବା ବେଳେ ଶ୍ରୀକର ଭରତ ନେଇଥିଲେ ଚମତ୍କାର କ୍ୟାଚ୍। ଏହାର ୫ ଓଭର ମଧ୍ୟରେ ଆଲେକ୍ସ କେରୀ(୦) ଓ ମିଚେଲ୍ ଷ୍ଟାର୍କ(୬)ଙ୍କୁ ଆଉଟ କରିଥିଲେ ଅଶ୍ୱିନ୍। ଦଳୀୟ ସ୍କୋର ୪୦୯ରେ ଅଷ୍ଟ୍ରେଲିଆ ଖ୍ୱାଜାଙ୍କ ଉଇକେଟ ହରାଇଥିଲା। ୪୨୨ ବଲ୍‌ର ମାରାଥନ ଇନିଂସରେ ଖ୍ୱାଜା ୨୧ ଚୌକା ମାରି ଅକ୍ଷର ପଟେଲଙ୍କ ବଲରେ ଲେଗ୍ ବିଫୋର ହୋଇଥିଲା। ସେ ୧୦ ଘଣ୍ଟା ୧୧ ମିନିଟ ଧରି ବ୍ୟାଟିଂ କରିଥିଲେ। ଅଷ୍ଟ୍ରେଲିଆ ଇନିଂସ ଶୀଘ୍ର ଶେଷ ହେବା ନେଇ ଆଶା କରାଯାଉଥିଲେ ମଧ୍ୟ ନାଥନ ଲିୟନ ୩୪ ଓ ଟଡ୍ ମର୍ଫି ୪୧ ନବମ ଉଇକେଟରେ ୭୦ ରନ୍ ଯୋଡି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଉଭୟ ୧୯ ଓଭର ଧରି ବ୍ୟାଟିଂ କରିଥିଲେ। ଅଶ୍ୱିନ୍ ଉଭୟ ଖେଳାଳିଙ୍କୁ ଆଉଟ କରିବା ସହିତ ଅଷ୍ଟ୍ରେଲିଆ ଇନିଂସର ମୁଣ୍ଡି ମାରିଥିଲେ। ଭାରତୀୟ ବୋଲର ୧୬୭.୨ ଓଭର ବୋଲିଂ କରିଥିବା ବେଳେ ଅଷ୍ଟ୍ରେଲିଆ ୪୮୦ ରନ୍‌ର ବିଶାଳ ସ୍କୋର କରିଥିଲା। ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ୯୧ ରନ୍ ଦେଇ ୬ ଉଇକେଟ ନେଇଥିବା ବେଳେ ମହମ୍ମଦ ଶାମି ୨, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦ୍ୱିତୀୟ ଦିନରେ ଆଉ ୧୦ ଓଭର ଖେଳ ବାକି ରହିଥିବା ବେଳେ ଦୁଇ ଓପନର ରୋହିତ ଶର୍ମା ଓ ଶୁବମାନ ଗିଲ୍ ବିନା କ୍ଷତିରେ ୩୬ ରନ୍ ଯୋଡିଥିଲେ। ରୋହିତ ଶର୍ମା ୩୩ ବଲରୁ ୧୭ ଓ ଶୁବମାନ ଗିଲ୍ ୨୭ ବଲରୁ ୧୮ ରନ୍ କରି ବ୍ୟାଟିଂ କରୁଛନ୍ତି। ଦୁଇ ଦିନର ଖେଳ ସମାପ୍ତ ହୋଇଥିବା ବେଳେ ମାତ୍ର ୧୦ ଉଇକେଟର ପତନ ଘଟିଥିବା ବେଳେ ଭାରତର ପ୍ରଥମ ଇନିଂସ ଉପରେ ମ୍ୟାଚର ଫଳାଫଳ ନିର୍ଭର କରିବ।



୬ ଉଇକେଟ ହାସଲ କରିଥିବା ରବିଚନ୍ଦ୍ରନ ଅଶ୍ୱିନ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୧୬୭.୨ ଓଭରରେ ୪୮୦/୧୦ (ଉସ୍‌ମାନ ଖ୍ୱାଜା-୧୮୦, କାମେରୁନ୍ ଗ୍ରୀନ୍-୧୧୪ , ଟଡ୍ ମର୍ଫି-୪୧, ଆର. ଅଶ୍ୱିନ-୬/୯୧, ମହମ୍ମଦ ଶାମି-୨/୧୩୪, ରବୀନ୍ଦ୍ର ଜାଡେଜା-୧/୮୯,ଅକ୍ଷରପଟେଲ-୧/୪୭)। ଭାରତ ପ୍ରଥମ ଇନିଂସ-୧୦ ଓଭରରେ ୩୬/୦ (ରୋହିତ ଶର୍ମା-୧୭*, ଶୁବମାନ ଗିଲ୍-୧୮*)।

## କୁମ୍ବଲେଙ୍କ ରେକର୍ଡ ଭାଙ୍ଗିଲେ ଅଶ୍ୱିନ

ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଅନ୍ୟତମ ଭାରତୀୟ କିମ୍ବଦନ୍ତୀ ଅନିଲ କୁମ୍ବଲେଙ୍କ ରେକର୍ଡ ଭାଙ୍ଗିଛନ୍ତି। ବର୍ଡର-ଗାଭାସ୍କର ଟ୍ରଫିରେ କୁମ୍ବଲେ ୧୧୧ ଉଇକେଟ ନେଇଥିବା ବେଳେ ୧୧୩ ଉଇକେଟ ସହିତ ଅଶ୍ୱିନ ତାଙ୍କୁ ଅତିକ୍ରମ କରିଛନ୍ତି। ଟଡ୍ ମର୍ଫି ଓ ନାଥାନ ଲିୟନଙ୍କୁ ସେ ନିଜର ୪୧୨ ଓ ୪୧୩ ତମ ସଫଳତା ଭାବରେ ଅକ୍ତିଆର କରିଥିଲେ। ୩୬ ବର୍ଷୀୟ ଅଶ୍ୱିନ ନିଜ ଟେଷ୍ଟ କ୍ୟାରିୟରରେ ୩୨ତମ ୫ ଉଇକେଟ ସଫଳତା ହାସଲ କରିଛନ୍ତି। ଭାରତ ମାଟିରେ ଏହା ତାଙ୍କର ୨୬ତମ ୫ ଉଇକେଟ ସଫଳତା ହୋଇଥିବା ବେଳେ ଏହା ସର୍ବାଧିକ। ଟେଷ୍ଟରେ ଭାରତୀୟଙ୍କ ମଧ୍ୟରେ ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ରହିଥିବା ଅଶ୍ୱିନ ଆଇସିସି ର୍‍ୟାଙ୍କିଙ୍ଗରେ ଯୁଗ୍ମ ପ୍ରଥମ ସ୍ଥାନରେ ରହିଛନ୍ତି। ବର୍ଡର-ଗାଭାସ୍କର ଟ୍ରଫିରେ ନାଥାନ ଲିୟନ୍ ଓ ଆର. ଅଶ୍ୱିନ ୧୧୩ ଉଇକେଟ ସହିତ ଯୁଗ୍ମ ଭାବରେ ପ୍ରଥମ ସ୍ଥାନରେ ରହିଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ